# ଧରିତ୍ରୀ DHARITRI

ଧରିତ୍ରୀ 51 Years

ପୃଷ୍ଠା–୧୨+୮

ଭୁବନେଶ୍ୱର, ରବିବାର, ଜାନୁଆରୀ ୨୬/୨୦୨୫ (୧୨+୮=୨୦ ପୃଷ୍ଠା+ଛୁଟିଦିନ) | Bhubaneswar, Sunday, January 26/2025 | Page 20 | ₹ 7.00 | SAMBALPUR

୫୧ଶ ଭାଗ ୬୪ ସଂଖ୍ୟା | www.orissakhabar.com/www.dharitri.com | Printed at Sambalpur, Bhubaneswar, Rayagada & Angul | VOLUME 51 ISSUE 64 | ମୂଲ୍ୟ ₹୭/-




## କିଜ୍‌ଙ୍କୁ ଅଷ୍ଟ୍ରେଲିଆନ ଓପନ ଟାଇଟଲ

ଅଷ୍ଟ୍ରେଲିଆନ ଓପନ ମହିଳା ସିଙ୍ଗଲ୍ସ ଟାଇଟଲ ହାସଲ କରିଛନ୍ତି ଆମେରିକାର ମାଡିସନ କିଜ୍।

୧୨

୦୪

## ୨୫ ବର୍ଷ ପରେ ଅକ୍ଷୟ-ତବୁଙ୍କ ରିୟୁନିୟନ

ପ୍ରାୟ ୨୫ ବର୍ଷ ପରେ 'ଭୂତ ବଙ୍ଗଲା' ଫିଲ୍ମ ମାଧ୍ୟମରେ ଅଭିନେତା ଅକ୍ଷୟ କୁମାର ଓ ଅଭିନେତ୍ରୀ ତବୁଙ୍କର ରିୟୁନିୟନ ହେବାକୁ ଯାଉଛି।



# ପୁରୀ ବିମାନବନ୍ଦର ଭାଗ୍ୟ ଡେଲୋଇଟ୍ ହାତରେ

ଓଡ଼ିଶାକୁ ଅଧିକ ପର୍ଯ୍ୟଟକ ଆସିବା କ୍ଷେତ୍ରରେ ଭିତ୍ତିଭୂମି ସୁଦୃଢ଼ କରିବା ନେଇ ରାଜ୍ୟ ସରକାର ଯୋଜନା କରିଛନ୍ତି। ସେହି କ୍ରମରେ ଭୁବନେଶ୍ୱର ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନବନ୍ଦରର ଉନ୍ନତୀକରଣ ସାଙ୍ଗକୁ ରାଜ୍ୟରେ ଅଧିକ ୫ଟି ବିମାନବନ୍ଦର କରିବା ନେଇ ଆଗକୁ ବଢ଼ିଛନ୍ତି। ଇତିମଧ୍ୟରେ ଜୟପୁର, ଝାରସୁଗୁଡ଼ା, ରଙ୍ଗେଇଲୁଣ୍ଡା, କଳାହାଣ୍ଡିର ଉତ୍କେଲାଠାରେ ବିମାନ ଚଳାଚଳ ଆରମ୍ଭ ହୋଇସାରିଛି। ହେଲେ ପୁରୀରେ ହେବାକୁ ଥିବା ବିମାନବନ୍ଦରର ଭାଗ୍ୟ ଅନିଶ୍ଚିତତା ଘେରକୁ ଚାଲିଯାଇଛି। ଭୁବନେଶ୍ୱର ସତ୍ୟନଗରସ୍ଥିତ ବିଏମ୍‌ସି (ଭୁବନେଶ୍ୱର ମ୍ୟୁନିସିପାଲ କର୍ପୋରେଶନ)ର ନୂତନ ବିଲ୍ଡିଂରେ ଭଡ଼ାରେ ରହି କାର୍ଯ୍ୟ କରୁଥିବା ଡେଲୋଇଟ୍ ନାମକ ଏକ ଘରୋଇ ସଫ୍ଟୱେର ସଂସ୍ଥା ହାତରେ ପୁରୀରେ ପ୍ରସ୍ତାବିତ ବିମାନବନ୍ଦରର ପ୍ରତିଷ୍ଠା ସମ୍ପର୍କିତ କାର୍ଯ୍ୟ ରହିଛି। ପୁରୀ ବିମାନବନ୍ଦର ପ୍ରତିଷ୍ଠା କ୍ଷେତ୍ରରେ ରହିଥିବା ଜମି ଅଧିଗ୍ରହଣ ଓ ଅନ୍ୟାନ୍ୟ ସମସ୍ୟାର ତଥ୍ୟ ଡେଲୋଇଟ୍ ସଂଗ୍ରହ କରି ରାଜ୍ୟ ସରକାରଙ୍କୁ ଜଣାଇବ। ତେବେ ଏକ ସଫ୍ଟୱେର ସଂସ୍ଥା କିପରି ଜମି ଅଧିଗ୍ରହଣ ଭଳି ଗୁରୁତ୍ୱପୂର୍ଣ୍ଣ ସମସ୍ୟାର ତଥ୍ୟ ସଂଗ୍ରହ କରିବ ଏବଂ ଏହି ସଂସ୍ଥାର ଏଭଳି କାମ ପାଇଁ କି ଅଭିଜ୍ଞତା ରଖିଛି ତାହା ବଡ଼ ପ୍ରଶ୍ନବାଚୀ।

**ଭୁବନେଶ୍ୱର,୨୫।୧(ସୁନିତ୍ ମିଶ୍ର)**

ଏୟାରପୋର୍ଟ ଅଥରିଟି ଅଫ୍ ଇଣ୍ଡିଆ ପୁରୀ ବିମାନବନ୍ଦର ନିର୍ମାଣଠାରୁ ଆରମ୍ଭକରି ବିମାନ ଚଳାଚଳ ପର୍ଯ୍ୟନ୍ତ ସବୁ ଦାୟିତ୍ୱ ନେବ। ଯେପରିକି ଭୁବନେଶ୍ୱର ଏବଂ ଝାରସୁଗୁଡ଼ା ବିମାନବନ୍ଦର ଦାୟିତ୍ୱ ଏୟାରପୋର୍ଟ ଅଥରିଟି ଅଫ୍ ଇଣ୍ଡିଆ ଚଳାଉଛି। ହେଲେ ଜୟପୁର, ରଙ୍ଗେଇଲୁଣ୍ଡା ଏବଂ ଉତ୍କେଲା ବିମାନବନ୍ଦରର ସବୁ ଦାୟିତ୍ୱ ରାଜ୍ୟ ସରକାରଙ୍କ ହାତରେ ରହିଛି। ତେବେ ପୁରୀଠାରେ ହେବାକୁ ଥିବା ବିମାନବନ୍ଦର ଲାଗି ଜମି ଅଧିଗ୍ରହଣ ସବୁଠୁ ବଡ଼ ସମସ୍ୟା। ରାଜ୍ୟ ସରକାର ଜମି ଅଧିଗ୍ରହଣ ସମ୍ପର୍କିତ ସମସ୍ତ ତଥ୍ୟ ଡେଲୋଇଟ୍‌ଠାରୁ ନେବେ। ଆସନ୍ତା ଫେବୃଆରୀ ପ୍ରଥମ ସପ୍ତାହରେ ଡେଲୋଇଟ୍ ଏବଂ ରାଜ୍ୟ ସରକାରଙ୍କ ପରିବହନ ବିଭାଗ ମଧ୍ୟରେ ପୁରୀ ବିମାନବନ୍ଦର ପ୍ରତିଷ୍ଠା ସମ୍ପର୍କିତ ସମସ୍ୟାଗୁଡ଼ିକର ବିସ୍ତୃତ ଆଲୋଚନା ହେବ। ଏଭଳି ସ୍ଥିତିରେ ରାଜ୍ୟ ପରିବହନ ବିଭାଗର ଜଣେ ବରିଷ୍ଠ ଅଧିକାରୀ ☞ପୃଷ୍ଠା–୪









## ଧରିତ୍ରୀର ଛୁଟି

ସାଧାରଣତନ୍ତ୍ର ଦିବସ ଉପଲକ୍ଷେ ଧରିତ୍ରୀ କାର୍ଯ୍ୟାଳୟ ୨୬ ତାରିଖ ବନ୍ଦ ରହିବ। ଏହାର ପରବର୍ତ୍ତୀ ସଂଖ୍ୟା ୨୮ ତାରିଖ ସକାଳେ ପ୍ରକାଶ ପାଇବ।

## ଆଜିର ସମ୍ପାଦକୀୟ

**ଆଜାଦ୍‌ଙ୍କ ଯୋଜନା**

# ବଡ଼ବାପା, ବଡ଼ ମା'ଙ୍କୁ ହତ୍ୟାକଲେ ପୁତୁରା

**ଗୋଲାମୁଣ୍ଡା,୨୫।୧(ବଟକୃଷ୍ଣ ପଣ୍ଡା)**

କଳାହାଣ୍ଡି ଜିଲା ଗୋଲାମୁଣ୍ଡା ଥାନା ଅଧୀନ କାର୍ଲିଗାଁରୁ ଶନିବାର ଏକ ଅଭାବନୀୟ ଘଟଣା ସାମ୍ନାକୁ ଆସିଛି। ଜମିବାଡ଼ିକୁ କେନ୍ଦ୍ର କରି ବଡ଼ ବାପା ଓ ବଡ଼ ମା'ଙ୍କୁ ଟାଙ୍ଗିଆ ଓ ପଥରରେ ଆକ୍ରମଣ କରି ହତ୍ୟା କରିଛନ୍ତି ପୁତୁରା। ମୃତକ ଦ୍ୱୟ ହେଲେ ବଡ଼ ବାପା ବୁଦ୍ଧୁ ବାଗ ଓ ବଡ ମା' ସଜନେ ବାଗ। ଅଭିଯୁକ୍ତ ପୁତୁରା ବସନ୍ତ ବାଗ ହତ୍ୟାକାଣ୍ଡ ଘଟାଇବା ପରେ ନିକଟସ୍ଥ ଜଙ୍ଗଲକୁ ☞ପୃଷ୍ଠା–୪










## ସଂକ୍ଷେପରେ

### ୟୁକ୍ରେନ୍ ସମେତ ବିଭିନ୍ନ ଦେଶକୁ ସହାୟତା ବନ୍ଦକଲା ଆମେରିକା

ନୂଆଦିଲ୍ଲୀ,୨୫।୧

କେବଳ ଇସ୍ରାଏଲ୍ ଏବଂ ତୁର୍କୀକୁ ବାଦ୍‌ଦେଲେ ୟୁକ୍ରେନ୍ ସମେତ ଅଧିକାଂଶ ଦେଶକୁ ଆମେରିକା ବିଦେଶୀ ସହାୟତା ବନ୍ଦ କରିଦେଇଛି। ରାଷ୍ଟ୍ରପତି ଭାବେ ଡୋନାଲ୍ଡ ଟ୍ରମ୍ପ୍ ଦାୟିତ୍ୱ ଗ୍ରହଣ କରିବା ପରେ ଆମେରିକା ପରରାଷ୍ଟ୍ର ସଚିବ ମାର୍କୋ ରୁବିଓ ଏକ ଆଭ୍ୟନ୍ତରୀଣ ନିର୍ଦ୍ଦେଶନାମା ଜାରି କରିଥିଲେ, ଯେଉଁଥିରେ ବିଦେଶୀ ସହାୟତାକୁ ନେଇ 'ଆମେରିକା ଫାଷ୍ଟ' ଆଭିମୁଖ୍ୟକୁ ପ୍ରାଧାନ୍ୟ ଦିଆଯାଇଛି। ଏଣିକି ଦେଶଗୁଡ଼ିକୁ ନୂଆ ପାଣ୍ଠି ମଞ୍ଜୁର କରାଯିବ ନାହିଁ କିମ୍ବା ନବୀକରଣ କରାଯିବ ନାହିଁ ବୋଲି ଉକ୍ତ ନିର୍ଦ୍ଦେଶନାମାରେ କୁହାଯାଇଛି। କେବଳ ଇସ୍ରାଏଲ୍ ଏବଂ ଇଜିପ୍ଟକୁ ଜରୁରୀ ଖାଦ୍ୟ ଓ ସାମରିକ ପାଣ୍ଠି ଯୋଗାଇ ଦିଆଯିବ। ଆମେରିକା ପ୍ରଶାସନର ଏହି ନିର୍ଦ୍ଦେଶନାମା ବିକାଶ ଓ ସାମରିକ ସହାୟତା ଆଦି ବିଭିନ୍ନ ବର୍ଗର ସହାୟତାକୁ ପ୍ରଭାବିତ କରିବ, ବିଶେଷକରି ୟୁକ୍ରେନ୍ ଅଧିକ ପ୍ରଭାବିତ ହେବ। ରୁଷିଆ ବିରୋଧରେ ଯୁଦ୍ଧ କରିବାକୁ ୟୁକ୍ରେନ୍‌କୁ ପୂର୍ବତନ ରାଷ୍ଟ୍ରପତି ଜୋ ବାଇଡେନ୍‌ଙ୍କ ପ୍ରଶାସନ ପର୍ଯ୍ୟାପ୍ତ ଅସ୍ତ୍ରଶସ୍ତ୍ର ଓ ସହାୟତା ଯୋଗାଇ ଦେଇଥିଲା। ସହାୟତା ବନ୍ଦ ଯୋଗୁ ଆଫ୍ରିକାର ବିକାଶଶୀଳ ଦେଶଗୁଡ଼ିକରେ ଏଚ୍‌ଆଇଭି/ଏଡ୍ସ ଚିକିତ୍ସା ପ୍ରଭାବିତ ହେବ।

#### ସୈଫ୍‌ଙ୍କୁ ଆକ୍ରମଣ ମାମଲା

### ଏକାଧିକ ବ୍ୟକ୍ତିଙ୍କ ସମ୍ପୃକ୍ତି ଥିବା ସନ୍ଦେହ କରୁଛି ମୁମ୍ବାଇ ପୋଲିସ

ମୁମ୍ବାଇ, ୨୫।୧

ଅଭିନେତା ସୈଫ୍ ଅଲୀ ଖାନ୍‌ଙ୍କୁ ଆକ୍ରମଣ ମାମଲାରେ ଏକାଧିକ ବ୍ୟକ୍ତିଙ୍କର ସମ୍ପୃକ୍ତି ଥିବା ନେଇ ମୁମ୍ବାଇ ପୋଲିସ ସନ୍ଦେହ କରୁଛି। ଜଣେ ବରିଷ୍ଠ ଅଧିକାରୀ ଏହି ସୂଚନା ଦେଇଛନ୍ତି। ଏହି ମାମଲାରେ ଜଣେ ୩୦ ବର୍ଷୀୟ ବାଂଲାଦେଶୀ ନାଗରିକ ଶରିଫୁଲ ଇସଲାମ ଶେହଜାଦଙ୍କୁ ପୋଲିସ ଗିରଫ କରିଛି। ଉକ୍ତ ପୋଲିସ ଅଧିକାରୀ ଜଣକ କହିଛନ୍ତି, ଗତ ୧୬ରେ ସୈଫ୍‌ଙ୍କୁ ତାଙ୍କ ବାନ୍ଦ୍ରାସ୍ଥିତ ବାସଭବନରେ ଆକ୍ରମଣ ପରେ ପୋଲିସ ତାଙ୍କ କର୍ମଚାରୀଙ୍କ ରକ୍ତ ନମୁନା ଏବଂ ବସ୍ତ୍ରକୁ ଏକତ୍ର କରି ଯାଞ୍ଚ ପାଇଁ ଫୋରେନସିକ ଲାବୋରେଟୋରିକୁ ପଠାଇଛି। ସେହିପରି ସୈଫ୍‌ଙ୍କ ପୋଷାକ ଓ ଶରିଫୁଲଙ୍କ ପୋଷାକରେ ଲାଗିଥିବା ରକ୍ତଛିଟା ସମାନ ନା ଅଲଗା ସେନେଇ ଜାଣିବା ପାଇଁ ଉଭୟଙ୍କର ପୋଷାକକୁ ପୋଲିସ ଫୋରେନସିକ ଲାବୋରେଟୋରକୁ ପଠାଇଛି। ସୈଫ୍‌ଙ୍କ ଆପାର୍ଟମେଣ୍ଟରୁ ମିଳିଥିବା ଫିଙ୍ଗରପ୍ରିଣ୍ଟ ଶରିଫୁଲଙ୍କ ଫିଙ୍ଗରପ୍ରିଣ୍ଟ ସହ ମିଶୁଥିବା ପୋଲିସ କହିଛି। ଶରିଫୁଲ ତଦନ୍ତକାରୀ ଦଳ ସହ ସହଯୋଗ କରୁ ନ ଥିବା ସେ କହିଛନ୍ତି। ସୈଫ୍‌ଙ୍କୁ ଆକ୍ରମଣ କରିଥିବା ଛୁରି ସେ କେଉଁଠାରୁ କିଣିଥିଲେ ତାହା ମଧ ଶରିଫୁଲ କହୁନାହାନ୍ତି।

# ଏକ ରାଷ୍ଟ୍ର ଏକ ନିର୍ବାଚନକୁ ରାଷ୍ଟ୍ରପତିଙ୍କ ସମର୍ଥନ

ନୂଆଦିଲ୍ଲୀ,୨୫।୧


ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ

୭୬ତମ ସାଧାରଣତନ୍ତ୍ର ଦିବସର ପୂର୍ବ ସନ୍ଧ୍ୟାରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ରାଷ୍ଟ୍ରକୁ ସମ୍ବୋଧନ କରିବା ଅବସରରେ ଦେଶବାସୀଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ଭାରତ ଆଜି ବିଶ୍ୱର ନେତୃତ୍ୱ ନେଉଛି। ସମ୍ବିଧାନ ଭାରତୀୟ ଭାବରେ ଆମର ସାମୂହିକ ପରିଚୟର ଆଧାର ପ୍ରଦାନ କରୁଛି ବୋଲି ରାଷ୍ଟ୍ରପତି କହିବା ସହ 'ଏକ ରାଷ୍ଟ୍ର, ଏକ ନିର୍ବାଚନ' ଯୋଜନାକୁ ସମର୍ଥନ ଜଣାଇଛନ୍ତି। ସରକାର ନିର୍ବାଚନ ପ୍ରକ୍ରିୟାରେ ଆଣିବାକୁ ଯାଉଥିବା ସଂସ୍କାର ସୁଶାସନର ନୂଆ ସଂଜ୍ଞା ନିରୂପଣ କରିବ। ଏହା ନୀତି ପ୍ରଣୟନରେ ସ୍ଥାଣୁତା ରୋକିବା ସହ ସମ୍ବଳ ବିଭାଜନ ଦୂର କରିବ ଏବଂ ଆର୍ଥିକ ବୋଝ କମାଇବ ବୋଲି ରାଷ୍ଟ୍ରପତି କହିଛନ୍ତି।

ଦେଶରେ ବହୁ ଦଶନ୍ଧି ଧରି ରହିଆସିଥିବା ଉପନିବେଶୀୟ ମନୋଭାବର ଅବସୋସ ଦୂର କରିବା ପାଇଁ ସରକାର ଉଦ୍ୟମ ଚଳାଇଛନ୍ତି। ବ୍ରିଟିଶ ଅମଳର ଆପରାଧିକ ଆଇନ ପରିବର୍ତ୍ତେ ସରକାର ୩ଟି ନୂଆ ତଥା ଆଧୁନିକ ଆଇନ ଆଣିଛନ୍ତି। ଇଣ୍ଡିଆନ୍ ପୋଲ କୋଡ୍, କୋଡ୍ ଅଫ୍ କ୍ରିମିନାଲ ପ୍ରୋସିଜିଓର ଏବଂ ଇଣ୍ଡିଆନ୍ ଏଭିଡେନ୍ସ ଆକ୍ଟ ହଟିବାର ଆବଶ୍ୟକ ଥିଲା। ଏହା ବଦଳରେ ଅଣାଯାଇଥିବା ଭାରତୀୟ ନ୍ୟାୟ ସଂହିତା, ଭାରତୀୟ ନାଗରିକ ସୁରକ୍ଷା ସଂହିତା ଏବଂ ଭାରତୀୟ ସାକ୍ଷ୍ୟ ଅଧିନିୟମ ଦଣ୍ଡ ତୁଳନାରେ ନ୍ୟାୟ ପ୍ରଦାନକୁ ଅଧିକ ପ୍ରାଥମିକତା ଦେବା ସହ ମହିଳା ଓ ପିଲାମାନଙ୍କ ବିରୋଧରେ ଅପରାଧ ରୋକିବା ଉପରେ ଅଧିକ ଗୁରୁତ୍ୱ ଦେଉଛି।

ଏହି ଅବସରରେ ରାଷ୍ଟ୍ରପତି ଗତ ୭୫ ବର୍ଷ ମଧ୍ୟରେ ଦେଶରେ ହୋଇଥିବା ପ୍ରଗତି ସମ୍ପର୍କରେ ଅବତାରଣା କରିଛନ୍ତି। ସ୍ୱାଧୀନତା ସମୟରେ ଦେଶର ଅଧିକାଂଶ ଭାଗରେ ଅତ୍ୟଧିକ ଦାରିଦ୍ର୍ୟ ଓ କ୍ଷୁଧା ଭରିରହିଥିଲା। ଆମେ ନିଜ ଭିତରେ ଏକ ବିଶ୍ୱାସ ଆଣିଛୁ ଓ ଅଭିବୃଦ୍ଧି ପାଇଁ ସ୍ଥିତି ସୃଷ୍ଟି କରିଛୁ ବୋଲି ରାଷ୍ଟ୍ରପତି କହିଛନ୍ତି। ଭାରତୀୟ ଅର୍ଥନୀତିରେ କୃଷକ ଓ ଶ୍ରମିକମାନଙ୍କୁ ଅବଦାନ ସମ୍ପର୍କରେ ରାଷ୍ଟ୍ରପତି କହିବା ସହ ବୈଶ୍ୱିକ ଅର୍ଥନୈତିକ ଧାରାରେ ଭାରତ ଗୁରୁତ୍ୱପୂର୍ଣ୍ଣ ଭୂମିକା ନେଉଥିବା କହିଛନ୍ତି। ଏହି ପରିବର୍ତ୍ତନର ଆଧାର ସମ୍ବିଧାନ ଦ୍ୱାରା ସ୍ଥାପିତ ରୂପରେଖ। ଗତ କିଛିବର୍ଷ ମଧ୍ୟରେ ଭାରତ ସର୍ବାଧିକ ଆର୍ଥିକ ଅଭିବୃଦ୍ଧି ହାସଲ କରିଥିବାରୁ ନିଯୁକ୍ତି ସୁଯୋଗ ସୃଷ୍ଟି ହେବା ସହ କୃଷକ ଓ ଶ୍ରମିକଙ୍କ ଆୟ ବଢ଼ିଛି ଓ ଅନେକଙ୍କୁ ଦାରିଦ୍ର୍ୟରୁ ମୁକ୍ତ କରାଯାଇପାରିଛି ବୋଲି ରାଷ୍ଟ୍ରପତି କହିଛନ୍ତି।

# ୱାଇଏସ୍‌ଆର୍‌ସିପି ରାଜ୍ୟ ସଭା ସଦସ୍ୟଙ୍କ ଇସ୍ତଫା

ନୂଆଦିଲ୍ଲୀ, ୨୫।୧


ବିଜୟ ସାଇ ରେଡ୍ଡୀ

ୱାଇଏସ୍‌ଆର୍‌ସିପି ରାଜ୍ୟ ସଭା ସଦସ୍ୟ ବିଜୟ ସାଇ ରେଡ୍ଡୀ ଶନିବାର ରାଜ୍ୟ ସଭା ସଦସ୍ୟତାରୁ ଇସ୍ତଫା ଦେଇଛନ୍ତି। ଏହାସହ ସେ ରାଜନୀତିରୁ ସନ୍ନ୍ୟାସ ନେବେ ବୋଲି ଘୋଷଣା କରିଛନ୍ତି। ଏନେଇ ସୋସିଆଲ ମିଡିଆରେ ଏକ ପୋଷ୍ଟ କରି ସେ ଲେଖିଛନ୍ତି, ରାଜ୍ୟ ସଭା ସଦସ୍ୟତାରୁ ଇସ୍ତଫା ଦେଇଛି। କୌଣସି ରାଜନୈତିକ ଦଳରେ ସାମିଲ ହେବି ନାହିଁ। ଏହା ତାଙ୍କର ନିଜସ୍ୱ ନିଷ୍ପତ୍ତି। କୌଣସି ରାଜନୈତିକ ବା ଆର୍ଥିକ ଫାଇଦା କିମ୍ବା କୌଣସି ଚାପରେ ସେ ଇସ୍ତଫା ଦେଇନାହାନ୍ତି। ୨୦୨୪ ଆନ୍ଧ୍ରପ୍ରଦେଶ ବିଧାନସଭା ଓ ଲୋକ ସଭା ନିର୍ବାଚନ ପରଠାରୁ ବର୍ତ୍ତମାନ ସୁଦ୍ଧା ୱାଇଏସ୍‌ଆର୍‌ସିପିର ୪ ଜଣ ରାଜ୍ୟ ସଭା ସଦସ୍ୟ ଇସ୍ତଫା ଦେଇ ସାରିଲେଣି। ୱାଇଏସ୍‌ଆର୍‌ସିପି ରାଜ୍ୟ ସଭା ସଦସ୍ୟ ଏମ୍ ଭେଙ୍କଟ ରମଣ, ବି. ମସ୍ତାନ ରାଓ ଯାଦବ ଓ ଆର୍. କୃଷ୍ଣେୟା ଏହି ଅବଧି ମଧ୍ୟରେ ଇସ୍ତଫା ଦେଇଛନ୍ତି। ସେମାନଙ୍କ ମଧ୍ୟରୁ ଆର୍. କୃଷ୍ଣେୟା ଓ ବି. ମସ୍ତାନ ରାଓ ଯାଦବ ଯଥାକ୍ରମେ ଭାଜପା ଓ ଟିଡିପିକୁ ଯାଇ ପୁନର୍ବାର ରାଜ୍ୟ ସଭା ସଦସ୍ୟ ଭାବେ ନିର୍ବାଚିତ ହୋଇଛନ୍ତି।


ସାଧାରଣତନ୍ତ୍ର ଦିବସ ଅବ୍ୟବହିତ ପୂର୍ବରୁ ଆଗ୍ରାର ତାଜମହଲ କମ୍ପ୍ଲେକ୍ସରେ ଏକ ମେକ୍‌ଅପ୍ ଶିକ୍ଷାନୁଷ୍ଠାନର ଛାତ୍ରୀମାନେ ଫଟୋ ପୋଜ୍ ଦେଉଛନ୍ତି।

# ୧୪ ଜଣଙ୍କୁ ଶୌର୍ଯ୍ୟ ଚକ୍ର, ୨ଙ୍କୁ କୀର୍ତ୍ତି ଚକ୍ର

ମୁମ୍ବାଇ, ୨୫।୧


ମେଜର ମଞ୍ଜିତ


ନାୟକ ଦିଲୱର ଖାନ୍

ସାଧାରଣତନ୍ତ୍ର ଦିବସର ପୂର୍ବ ସନ୍ଧ୍ୟାରେ ସଶସ୍ତ୍ର ବାହିନୀ ଓ କେନ୍ଦ୍ରୀୟ ସଶସ୍ତ୍ର ପୋଲିସ ବାହିନୀର ୯୩ ଜଣ କର୍ମଚାରୀଙ୍କୁ ବୀରତା ପୁରସ୍କାର ପ୍ରଦାନ ପାଇଁ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ମଞ୍ଜୁରୀ ପ୍ରଦାନ କରିଛନ୍ତି। ମେଜର ମଞ୍ଜିତଙ୍କୁ କୀର୍ତ୍ତି ଚକ୍ର ସମ୍ମାନ ପ୍ରଦାନ କରାଯିବ। ସେହିପରି ମେଜର ନାୟକ ଦିଲୱର ଖାନ୍‌ଙ୍କୁ କୀର୍ତ୍ତି ଚକ୍ର (ମରଣୋତ୍ତର)ରେ ସମ୍ମାନିତ କରାଯିବ। ରାଷ୍ଟ୍ରପତିଙ୍କ ପକ୍ଷରୁ ଘୋଷଣା ହୋଇଥିବା ୯୩ ବୀରତା ପୁରସ୍କାର ମଧ୍ୟରୁ ୨ କୀର୍ତ୍ତି ଚକ୍ର, ୧୪ ଶୌର୍ଯ୍ୟ ଚକ୍ର, ଗୋଟିଏ ୱାର ଟୁ ସେନା ମେଡାଲ, ୬୬ ସେନା ମେଡାଲ (ବୀରତା), ୨ ନୌସେନା ମେଡାଲ, ୮ ନୌସେନା ମେଡାଲ ରହିଛି। ୬୬ ସେନା ମେଡାଲ ମଧ୍ୟରୁ ୭ ଜଣଙ୍କୁ ମରଣୋତ୍ତର ସମ୍ମାନ ମିଳିବ। ୨୦୨୪ରେ ପଞ୍ଜାବ ରେଜିମେଣ୍ଟର ମେଜର ମଞ୍ଜିତ ଜମ୍ମୁ-କଶ୍ମୀରର ସୋପୋର ଜିଲାରେ ଏକ ଗୋଇନ୍ଦାଭିତ୍ତିକ ଅପରେଶନ ସମୟରେ ଆତଙ୍କବାଦୀଙ୍କୁ ହତ୍ୟା କରି ଫସି ରହିଥିବା ସାଧାରଣ ନାଗରିକଙ୍କ ଜୀବନ ରକ୍ଷା କରିଥିବାରୁ ତାଙ୍କୁ କୀର୍ତ୍ତି ଚକ୍ର ସମ୍ମାନ ପ୍ରଦାନ କରାଯିବ। ସେହିପରି ଭାରତୀୟ ସେନାର ଆର୍ଟିଲେରୀ ରେଜିମେଣ୍ଟରେ କାର୍ଯ୍ୟରତ ନାୟକ ଦିଲୱର ଖାନ୍ ଗତ ବର୍ଷ ଜୁଲାଇରେ ଜମ୍ମୁ-କଶ୍ମୀରର କୁପ୍‌ୱାରାର ଲୋଗାନ ଅଞ୍ଚଳରେ ଏକ ଅପରେଶନ ବେଳେ ସାହସିକତାର ସହ ଜଣେ ଆତଙ୍କବାଦୀଙ୍କୁ ମାରିଥିଲେ।

# ୪ ଇସ୍ରାଏଲୀ ମହିଳା ସୈନ୍ୟଙ୍କୁ ମୁକ୍ତକଲା ହମାସ୍




ତେଲ୍ ଆଭିଭ୍,୨୫।୧

ଯୁଦ୍ଧବିରତି ଚୁକ୍ତିନାମା ଅନୁଯାୟୀ ଗାଜାର ଶାସକ ହମାସ୍ ଆତଙ୍କବାଦୀମାନେ ଶନିବାର ଦ୍ୱିତୀୟ ପର୍ଯ୍ୟାୟରେ ଇସ୍ରାଏଲ୍‌ର ୪ ଜଣ ମହିଳା ସୈନ୍ୟଙ୍କୁ ମୁକ୍ତ କରିଛନ୍ତି। ମୁକ୍ତ ହୋଇଥିବା ସୈନ୍ୟମାନେ ହେଲେ କରିନା ଆରିଭ୍, ଡାନିଏଲା ଗିଲ୍‌ବୋଆ, ନାମା ଲେଭି ଏବଂ ଲିରି ଆଲ୍‌ବାଗ। ହମାସ୍ ସେମାନଙ୍କୁ ଆଣି ରେଡ୍‌କ୍ରସ୍‌କୁ ହସ୍ତାନ୍ତର କରିବା ପରେ ସେମାନଙ୍କ ଗାଡ଼ି ଗାଜା ଛାଡ଼ିଛି। ଏହା ବଦଳରେ ଇସ୍ରାଏଲ୍ ୨୦୦ ପାଲେଷ୍ଟିନୀୟ ବନ୍ଦୀଙ୍କ ମଧ୍ୟରୁ ପ୍ରଥମ ଦଫାରେ ୭୦ ଜଣଙ୍କୁ ମୁକ୍ତ କରିଦେଇଛି। ଗତ ଶନିବାର ଯୁଦ୍ଧବିରତିର ପ୍ରଥମ ଦିନରେ ହମାସ୍ ୩ ମହିଳା ପଣବନ୍ଦୀଙ୍କୁ ମୁକ୍ତ କରିଥିଲା ଏବଂ ଏହା ବଦଳରେ ଇସ୍ରାଏଲ୍ ୯୦ ପାଲେଷ୍ଟିନୀୟ ବନ୍ଦୀଙ୍କୁ ଛାଡ଼ିଦେଇଥିଲା।

ମୁକ୍ତ ହୋଇଥିବା ଇସ୍ରାଏଲୀ ମହିଳା ସୈନ୍ୟ ଗାଜା ସିଟି ପାଲେଷ୍ଟାଇନ୍ ସ୍କୋୟାରରେ ଏକ ମଞ୍ଚ ଉପରେ ଛିଡ଼ାହୋଇ ଉପସ୍ଥିତ ଲୋକମାନଙ୍କୁ ହାତ ହଲାଉଥିବା ଦେଖାଯାଇଛି। ସେମାନେ ସେନା ପୋଷାକରେ ଥିଲେ। ଇସ୍ରାଏଲ୍ ୭୦ ବନ୍ଦୀଙ୍କୁ ମୁକ୍ତ କରିଥିଲେ ମଧ ସେମାନଙ୍କୁ ଗାଜା ଷ୍ଟ୍ରିପ୍ କିମ୍ବା ୱେଷ୍ଟବ୍ୟାଙ୍କ ଯିବାକୁ ଅନୁମତି ମିଳିନାହିଁ। ସେମାନେ ଇଜିପ୍ଟ ପାର୍ଶ୍ୱର ରାଫାହ ସୀମାରେ ପହଞ୍ଚିଛନ୍ତି। ହମାସ୍ ଏବଂ ଇସ୍ରାଏଲ୍ ମଧ୍ୟରେ ଯୁଦ୍ଧବିରତି ପାଇଁ ଇଜିପ୍ଟ ଅନ୍ୟତମ ମୁଖ୍ୟ ମଧ୍ୟସ୍ଥ ଭାବେ ବର୍ଷେ ହେଲା ଉଦ୍ୟମ ଚଳାଇଥିଲା।

# ଇଣ୍ଡୋନେସିଆ-ଭାରତ ପ୍ରତିରକ୍ଷା, ବାଣିଜ୍ୟ ସମ୍ପର୍କ ବଢ଼ିବ

## ରାଷ୍ଟ୍ରପତି ସୁବିଆନ୍ତୋଙ୍କ ସହ ଆଲୋଚନା ବେଳେ ବାଲିଯାତ୍ରା କଥା କହିଲେ ମୋଦି

ନୂଆଦିଲ୍ଲୀ,୨୫।୧


ଇଣ୍ଡୋନେସିଆ ରାଷ୍ଟ୍ରପତି ପ୍ରାବୋୱୋ ସୁବିଆନ୍ତୋଙ୍କ ସହ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି।

୭୬ତମ ସାଧାରଣତନ୍ତ୍ର ଦିବସର ମୁଖ୍ୟ ଅତିଥି ହେବାକୁ ୩ ଦିନିଆ ଭାରତ ଗସ୍ତରେ ଆସିଥିବା ଇଣ୍ଡୋନେସିଆ ରାଷ୍ଟ୍ରପତି ପ୍ରାବୋୱୋ ସୁବିଆନ୍ତୋଙ୍କ ସହ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଶନିବାର ବିଭିନ୍ନ ଦ୍ୱିପାକ୍ଷିକ ଆଲୋଚନା କରିଛନ୍ତି। ପ୍ରତିରକ୍ଷା ଉତ୍ପାଦନ ଏବଂ ଯୋଗାଣ ଶୃଙ୍ଖଳ କ୍ଷେତ୍ରରେ ଦ୍ୱିପାକ୍ଷିକ ସମ୍ପର୍କ ବଢ଼ାଇବା ଲାଗି ଦୁଇ ଦେଶ ଏକାଠି କାର୍ଯ୍ୟ କରିବାକୁ ସହମତ ହୋଇଛନ୍ତି।

ନୂଆଦିଲ୍ଲୀର ହାଇଦ୍ରାବାଦ ହାଉସ୍‌ରେ ହୋଇଥିବା ଏହି ଆଲୋଚନା ଭାରତ-ଇଣ୍ଡୋନେସିଆ ସମ୍ପର୍କକୁ ସୁଦୃଢ଼ କରିବା ଦିଗରେ ଏକ ଉଲ୍ଲେଖନୀୟ ପଦକ୍ଷେପ। ସ୍ୱାସ୍ଥ୍ୟସେବା ସହଯୋଗ, ଡିଜିଟାଲ ଭିତ୍ତିଭୂମି ଏବଂ ପ୍ରତିରକ୍ଷା ସମେତ ବିଭିନ୍ନ କ୍ଷେତ୍ରରେ ସହଯୋଗ ବୃଦ୍ଧି ଲାଗି ୨ ଦେଶର ଅଧିକାରୀଙ୍କ ମଧ୍ୟରେ ଅନେକ ବୁଝାମଣାପତ୍ର ବିନିମୟ ହୋଇଛି। ଏହି ଅବସରରେ ପ୍ରଧାନମନ୍ତ୍ରୀ ରାମାୟଣ, ମହାଭାରତ ସମେତ ଓଡ଼ିଶାର ବାଲିଯାତ୍ରାର ଉଦାହରଣ ଦେଇ ଭାରତ-ଇଣ୍ଡୋନେସିଆ ମଧ୍ୟରେ ରହିଥିବା ସାଂସ୍କୃତିକ ଓ ଐତିହାସିକ ସମ୍ପର୍କର ଅବତାରଣା କରିଥିଲେ। ଏସିଆନ୍ ଏବଂ ଭାରତ-ପ୍ରଶାନ୍ତ ମହାସାଗରୀୟ ଅଞ୍ଚଳରେ ଇଣ୍ଡୋନେସିଆ ଏକ ଗୁରୁତ୍ୱପୂର୍ଣ୍ଣ ଭାଗୀଦାର। ଭାରତର 'ଆକ୍ଟ ଇଷ୍ଟ' ନୀତିରେ ଏସିଆନ୍ କେନ୍ଦ୍ରୀୟତା ଓ ଏକତା ପାଇଁ ପ୍ରତିଶ୍ରୁତିବଦ୍ଧତାକୁ ପ୍ରଧାନମନ୍ତ୍ରୀ ଦୋହରାଇଥିଲେ। ୨୦୨୫ ବର୍ଷକୁ ଭାରତ-ଏସିଆନ୍ ପର୍ଯ୍ୟଟନ ବର୍ଷ ଭାବେ ପାଳନ କରାଯିବ। ଏହା ଭାରତ ଓ ଇଣ୍ଡୋନେସିଆ ମଧ୍ୟରେ ସାଂସ୍କୃତିକ ବିନିମୟ ବଢ଼ାଇବା ସହ ପର୍ଯ୍ୟଟନର ପ୍ରସାର କରିବ। ଅନ୍ତର୍ଜାତୀୟ ଆଇନ ଅନୁଯାୟୀ ଭାରତ-ପ୍ରଶାନ୍ତ ମହାସାଗରୀୟ ଅଞ୍ଚଳରେ ଜାହାଜ ଚଳାଚଳ ସ୍ୱାଧୀନତାକୁ ସୁନିଶ୍ଚିତ କରିବାକୁ ଆମେ ରାଜି ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି। ସେହିପରି ଭାରତର ଦୀର୍ଘଦିନର ସହଯୋଗ ପାଇଁ ଇଣ୍ଡୋନେସିଆ ରାଷ୍ଟ୍ରପତି ସୁବିଆନ୍ତୋ ଅଭିନନ୍ଦନ ଜଣାଇଛନ୍ତି। ଭାରତର ପ୍ରଥମ ସାଧାରଣତନ୍ତ୍ର ଦିବସ ପରେଡ୍‌ରେ ତତ୍କାଳୀନ ଇଣ୍ଡୋନେସିଆ ରାଷ୍ଟ୍ରପତି ସୁକର୍ନୋ ପ୍ରଥମ ମୁଖ୍ୟ ଅତିଥି ହୋଇଥିଲେ। ୭୬ତମ ସାଧାରଣତନ୍ତ୍ର ଦିବସରେ ସୁବିଆନ୍ତୋ ମୁଖ୍ୟ ଅତିଥି ହୋଇଥିବାରୁ ଗର୍ବ ଅନୁଭବ କରୁଥିବା କହିବା ସହ ଭାରତକୁ ଅଭିନନ୍ଦନ ଜଣାଇଛନ୍ତି।

## ଫୁର୍‌ସତ୍

# ସିଗାରେଟରୁ ମୁକ୍ତି ପାଇଁ ପିଞ୍ଜରାରେ ମୁଣ୍ଡ ବନ୍ଦ

ଆଙ୍କରା


ଇବ୍ରାହିମ୍ ୟୁସେଲ୍

ଧୂମପାନ ସ୍ୱାସ୍ଥ୍ୟ ପ୍ରତି ହାନିକାରକ ହୋଇଥିଲେ ବି ଲୋକମାନେ ଏହି ଅଭ୍ୟାସକୁ ଛାଡ଼ିପାରନ୍ତି ନାହିଁ। ୧୨ ବର୍ଷ ପୂର୍ବେ ଜଣେ ବ୍ୟକ୍ତି ଧୂମପାନରୁ ମୁକ୍ତି ପାଇବା ପାଇଁ ଏକ ନିଆରା ଉପାୟ ଆପଣାଇଥିଲେ, ଯାହାର କିଛି ଫଟୋ ଏବେ ଭାଇରାଲ ହେବାରେ ଲାଗିଛି।

୨୦୧୩ରେ ତୁର୍କୀର ଇବ୍ରାହିମ୍ ୟୁସେଲ୍ ଧୂମପାନ ଛାଡ଼ିବା ପାଇଁ ତାଙ୍କ ପୂରା ମୁଣ୍ଡକୁ ଏକ ପିଞ୍ଜରାରେ ବନ୍ଦ କରି ରଖିଥିଲେ। ଏହି ଖବର ସେତେବେଳେ ସାରା ବିଶ୍ୱରେ ଚର୍ଚ୍ଚା ସୃଷ୍ଟି କରିଥିଲା। ସେତେବେଳେ ଇବ୍ରାହିମଙ୍କ ବୟସ ୪୨ ହୋଇଥିଲା ଓ ସେ ୨୬ ବର୍ଷ ଧରି ଧୂମପାନ କରିଆସୁଥିଲେ। ଅନେକ ଚେଷ୍ଟା ସତ୍ତ୍ୱେ ମଧ ସେ ନିଜ ଧୂମପାନ ଅଭ୍ୟାସକୁ ଛାଡ଼ିପାରି ନ ଥିଲେ। ସେ ଦିନକୁ ଅନ୍ୟୂନ ୨ଟି ସିଗାରେଟ ପ୍ୟାକେଟ ଟାଣୁଥିଲେ। ପ୍ରତିବର୍ଷ ସେ ତାଙ୍କ ୩ ସନ୍ତାନଙ୍କ ଜନ୍ମଦିନରେ ଏବଂ ତାଙ୍କ ବିବାହ ବାର୍ଷିକୀରେ ଧୂମପାନ ତ୍ୟାଗ କରିବାକୁ ପ୍ରତିଜ୍ଞା କରୁଥିଲେ ମଧ ପରିଶେଷରେ ଧୂମପାନ ଛାଡ଼ିବାରେ ବିଫଳ ହୋଇଥିଲା। ଶେଷରେ ସେ ନିଜ ମୁଣ୍ଡକୁ ଏକ ପିଞ୍ଜରାରେ ବନ୍ଦ କରିବା ପାଇଁ ନିଷ୍ପତ୍ତି ନେଇଥିଲେ। ହେଲ୍‌ମେଟ୍ ଆକୃତିର ଧାତୁ ଖଣ୍ଡରେ ନିର୍ମିତ ଏକ ପିଞ୍ଜରା ଇବ୍ରାହିମ ନିଜ ପୂରା ମୁଣ୍ଡକୁ ଆଚ୍ଛାଦନ କରିଥିଲେ। ଏହାପରେ ସେ ଏହାର ଚାବି ନିଜ ସ୍ତ୍ରୀଙ୍କୁ ଦେଇଥିଲେ। କେବଳ ଖାଦ୍ୟ ଖାଇବା ସମୟରେ ହିଁ ସ୍ତ୍ରୀ ଇବ୍ରାହିମଙ୍କ ମୁଣ୍ଡରୁ ପିଞ୍ଜରାର ତାଲା ଖୋଲୁଥିଲେ। ଖାଇବା ସରିଲା ପରେ ସେ ପୁଣି ତାଙ୍କ ସ୍ୱାମୀଙ୍କ ମୁଣ୍ଡକୁ ପିଞ୍ଜରା ମଧ୍ୟରେ ବନ୍ଦ କରି ରଖୁଥିଲେ। ତେବେ ସମ୍ପ୍ରତି ଉକ୍ତ ଘଟଣାକୁ ୧୨ ବର୍ଷ ବିତିଯିବା ପରେ ଇବ୍ରାହିମ ଧୂମପାନରୁ ମୁକ୍ତି ପାଇଛନ୍ତି କି ନାହିଁ ତାହା ଜଣାପଡ଼ିନାହିଁ।

ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ (ଡବ୍ଲ୍ୟୁଏଚ୍‌ଓ) ଅନୁଯାୟୀ, ପ୍ରତିବର୍ଷ ବିଶ୍ୱରେ ୮୦ ଲକ୍ଷରୁ ଅଧିକ ଲୋକ ତମାଖୁ ସେବନ ଯୋଗୁ ପ୍ରାଣ ହରାଉଛନ୍ତି। ସେଥିମଧ୍ୟରୁ ଅଧିକାଂଶ ମୃତ୍ୟୁ ସ୍ୱଳ୍ପ ଏବଂ ମଧ୍ୟମ ଆୟ ଦେଶଗୁଡ଼ିକରେ ଘଟୁଛି। ତେବେ ଯେଉଁମାନେ ଧୂମପାନ କରନ୍ତି ନାହିଁ ସେମାନଙ୍କ ପାଇଁ ମଧ ତମାଖୁ ହାନିକାରକ। ଧୂମପାନକାରୀଙ୍କ ସଂସ୍ପର୍ଶରେ ଆସିବା ଫଳରେ ମଧ ମଣିଷର ସ୍ୱାସ୍ଥ୍ୟ ଉପରେ ପ୍ରତିକୂଳ ପ୍ରଭାବ ପଡ଼ିଥାଏ, ଯାହାଦ୍ୱାରା ପ୍ରତିବର୍ଷ ୧୨ ଲକ୍ଷ ଲୋକଙ୍କର ମୃତ୍ୟୁ ମଧ ଘଟିଥାଏ। ସେହିପରି ଅଧାରୁ ଅଧିକ ପିଲା ତମାଖୁ ଧୂଆଁ ଦ୍ୱାରା ପ୍ରଦୂଷିତ ବାୟୁକୁ ନିଃଶ୍ୱାସରେ ନେଉଛନ୍ତି ଏବଂ ପ୍ରତିବର୍ଷ ବିଶ୍ୱବ୍ୟାପୀ ୬୫ ହଜାର ପିଲା ଧୂଆଁର ସଂସ୍ପର୍ଶରେ ଆସି ବିଭିନ୍ନ ରୋଗରେ ମୃତ୍ୟୁବରଣ କରୁଛନ୍ତି। ଏହାସହ ଗର୍ଭାବସ୍ଥାରେ ଧୂମପାନ କରିବା ଦ୍ୱାରା କିମ୍ବା ଧୂମପାନକାରୀଙ୍କ ସଂସ୍ପର୍ଶରେ ମା' ଆସିବା ଦ୍ୱାରା ଜୀବନସାରା ଶିଶୁମାନଙ୍କର ସ୍ୱାସ୍ଥ୍ୟ ସମସ୍ୟା ଲାଗିରହିଥାଏ ବୋଲି ଡବ୍ଲ୍ୟୁଏଚ୍‌ଓ କହିଛି।

# ସବୁଠୁ ଗଭୀର ଅଣ୍ଡରୱାଟର ମଡେଲ ଫଟୋ ଶୁଟ୍

ୱାଶିଂଟନ



କାନାଡାର ଫଟୋଗ୍ରାଫର ଷ୍ଟିଭନ ହେନିଂ ସମୁଦ୍ରର ସବୁଠାରୁ ଗଭୀର ସ୍ଥାନରେ ଅଣ୍ଡରୱାଟର ମଡେଲ ଫଟୋଶୁଟ କରି ନୂତନ ଗିନିଜ ୱାର୍ଲ୍ଡ ରେକର୍ଡ (ଜିଡବ୍ଲ୍ୟୁଆର୍) ସ୍ଥାପନ କରିଛନ୍ତି। ଏହି ଫଟୋଶୁଟ୍ ଆମେରିକାର ଫ୍ଲୋରିଡା ରାଜ୍ୟ ବୋକା ରେଟନ ଉପକୂଳରେ ସମୁଦ୍ର ପଉନଠାରୁ ପ୍ରାୟ ୫୦ ମିଟର (୧୬୩.୩୮ ଫୁଟ) ତଳେ କରାଯାଇଛି। ହେନିଂ ପୂର୍ବରୁ ମଧ ୨ ଥର ସମୁଦ୍ର ପଉନଠାରୁ ୨୧ ଫୁଟ (୨୦୨୧ ଜୁନ୍) ଓ ୩୦ ମିଟର (ସେପ୍ଟେମ୍ବର ୨୦୨୩) ଗଭୀରରେ ଫଟୋଶୁଟ୍ କରି ରେକର୍ଡ କରିଥିଲେ। ତେବେ ଜିଡବ୍ଲ୍ୟୁଆର୍ ୱେବସାଇଟ୍ ଅନୁଯାୟୀ, ୨୦୨୩ ଡିସେମ୍ବରରେ କାରବିଆନ ଦେଶ ବାହାମାସ'ର ଉପକୂଳରେ ୧୩୧ ଫୁଟ ଗଭୀର ମଧ୍ୟରେ କାନାଡୀୟ ଫଟୋଗ୍ରାଫର କିମ ବ୍ରୁନୋ ଓ ପିଆ ଓ୍ୟାରଜୁନ ମଡେଲ ଫଟୋଶୁଟ୍ କରି ହେନିଂଙ୍କ ରେକର୍ଡକୁ ଭାଙ୍ଗିଥିଲେ। ଏବେ ହେନିଂ ଉକ୍ତ ରେକର୍ଡକୁ ଭାଙ୍ଗି ପୁଣିଥରେ ଜିଡବ୍ଲ୍ୟୁଆର୍‌ରେ ନିଜ ନାମ ଲେଖାଇଛନ୍ତି। ସମୁଦ୍ରର ୧୬୩.୩୮ ଫୁଟ୍ ଗଭୀରତାରେ ସୁରକ୍ଷିତ ଭାବରେ ପହଞ୍ଚିବା ପାଇଁ ମଡେଲ ସିଆରା ଆଣ୍ଟୋନୋସ୍କି ଓ ହେନିଂଙ୍କ ପୂରା ଟିମ୍ କଠୋର ତାଲିମ ନେଇଥିଲେ। ଫଟୋ ଶୁଟ ସମୟରେ ଆଣ୍ଟୋନୋସ୍କି ଏକ ଧଳା ପୋଷାକ ଏବଂ କଳା ଜୋତା ପିନ୍ଧିଥିଲେ। ପ୍ରାରମ୍ଭରେ ୨୦ ମିନିଟର ଶୁଟ୍ ପାଇଁ ଧାର୍ଯ୍ୟ ହୋଇଥିବା ଏହି ଫଟୋଶୁଟ୍‌କୁ ହେନିଂ ୧୫ ମିନିଟରେ ଶେଷ କରିଥିଲେ। ଏତେ ଗଭୀରତାରେ ସଙ୍କୁଚିତ ବାୟୁ ଏବଂ ଉଚ୍ଚ ଚାପ ଯୋଗୁ ନିଃଶ୍ୱାସ ନେବା କଷ୍ଟକର ହେଉଥିବା କାରଣରୁ ସେ ଧାର୍ଯ୍ୟ ସମୟ ପୂର୍ବରୁ ଫଟୋଶୁଟ୍‌କୁ ଶେଷ କରିଥିଲେ ବୋଲି ହେନିଂ କହିଛନ୍ତି।

# ଓଡ଼ିଶା ଉପକୂଳର ୧୦ ଦ୍ୱୀପରେ ଉଡ଼ିଲା ତ୍ରିରଙ୍ଗା

**ଭୁବନେଶ୍ୱର,୨୫।୧(ସୂର୍ଯ୍ୟକାନ୍ତ ବେହେରା)**

ସାରା ଭାରତ ୭୬ତମ ସାଧାରଣତନ୍ତ୍ର ଦିବସ ପାଳନ କରୁଛି। ରାଜ୍ୟରେ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରାଯାଇଛି। ଗଣତନ୍ତ୍ରର ଏହି ମହାନ ପର୍ବରେ ଚଳିତବର୍ଷ ପ୍ରଥମଥର ଓଡ଼ିଶା ଉପକୂଳରେ ଥିବା ୧୦ ଜନବସତିବିହୀନ ଦ୍ୱୀପରେ ତ୍ରିରଙ୍ଗା ଉଡିଛି। ବାଲେଶ୍ୱରର ସୁବର୍ଣ୍ଣ ଦ୍ୱୀପ, ଭଦ୍ରକର ନୟାଟାପୁ, ଉଡାବାଲି, କନିକା ଦ୍ୱୀପ, ଲଙ୍ଗ୍ ହୁଇଲର ଦ୍ୱୀପ, ଶର୍ଟ ଆଇଲାଣ୍ଡ ଓ ସ୍ମଲ ହୁଇଲର ଦ୍ୱୀପ, ଜଗତ୍‌ସିଂହପୁରର ବୋଇତରକୁଦ, ଜଟାଧାରୀ ତଣ୍ଡା ଓ ବରକୁଦରେ ଭାରତର ଜାତୀୟ ପତାକା ଉଡିଥିବା ଆଇନ ଶୃଙ୍ଖଳା ଏଡିଜି ସଞ୍ଜୟ କୁମାର ସୂଚନା ଦେଇଛନ୍ତି। ସେ କହିଛନ୍ତି, ଡିଜିପି-ଆଇଜି ସମ୍ମିଳନୀରେ ପ୍ରଧାନମନ୍ତ୍ରୀ ଏ ପ୍ରସଙ୍ଗରେ କହିବା ପରେ କୋଷ୍ଟଗାର୍ଡ ପକ୍ଷରୁ ଜାଗା ଚିହ୍ନଟ କରାଯାଇଥିଲା। ଏହାସହ ସେସବୁ ଦ୍ୱୀପରେ ପୋଲିସ ପକ୍ଷରୁ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରାଯାଇଛି। ଆଖପାଖ ଅଞ୍ଚଳ ସିସିଟିଭି ନିୟନ୍ତ୍ରଣରେ ରହିଛି। ଅପରପକ୍ଷେ ନକ୍ସଲ ଅଧୁଷିତ ଅଞ୍ଚଳରେ ମଧ୍ୟ ସୁରକ୍ଷା ବ୍ୟବସ୍ଥାକୁ ବଢ଼ାଇ ଦିଆଯାଇଛି। ସେହିପରି ଆଭ୍ୟନ୍ତରୀଣ ଅଞ୍ଚଳରେ ସିଆର୍‌ପିଏଫ୍ ଏବଂ ଓଡ଼ିଶା ପୋଲିସ ମୁତୟନ କରାଯାଇଛି। ଏପଟେ ଭୁବନେଶ୍ୱର ମହାତ୍ମାଗାନ୍ଧୀ ମାର୍ଗରେ ରାଜ୍ୟସ୍ତରୀୟ ପରେଡ୍ ପାଇଁ ପୋଲିସ ଡିଜି ଯୋଗେଶ ବାହାଦୁର ଖୁରାନିଆ ସୁରକ୍ଷା ବ୍ୟବସ୍ଥା ଯାଞ୍ଚ କରିବା ସହ ସ୍ଥିତି ସମୀକ୍ଷା କରିଛନ୍ତି। ଏଥର ରାଜ୍ୟସ୍ତରୀୟ ପରେଡରେ ସେନା, ସିଆର୍‌ପିଏଫ୍, ବିଏସ୍‌ଏଫ୍ ଏବଂ ପୋଲିସର ୪୯ଟି ମାର୍ଚ୍ଚିଂ କଣ୍ଟିଜେଣ୍ଟ ସାମିଲ ହେଉଥିବା ଏଡିଜି ସୂଚନା ଦେଇଛନ୍ତି।



# ପଦ୍ମଶ୍ରୀ ବିଜେତାଙ୍କୁ ଭେଟିଲେ ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର,୨୫।୧(ଅନିଲ ଦାସ)**

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଶନିବାର ପଦ୍ମଶ୍ରୀ ବିଜେତାଙ୍କୁ ସାକ୍ଷାତ କରିବା ସହ ସେମାନଙ୍କ ଅବଦାନକୁ ପ୍ରଶଂସା କରିଛନ୍ତି। ଏ ନେଇ ମୁଖ୍ୟମନ୍ତ୍ରୀ ତାଙ୍କ ସୋସିଆଲ ମିଡିଆ ଏକ୍ସ'ରେ ସୂଚନା ଦେଇଛନ୍ତି। ମୁଖ୍ୟମନ୍ତ୍ରୀ ପଦ୍ମଶ୍ରୀ ଜିତେନ୍ଦ୍ର ହରିପାଲ, ଚତୁର୍ଭୁଜ ମେହେର, ପ୍ରମୋଦ ଭଗତ, ସୁଦର୍ଶନ ସାହୁ ଓ ଅନ୍ୟମାନଙ୍କୁ ସାକ୍ଷାତ କରିବା ସହ ବାର୍ତ୍ତାଳାପ କରିଛନ୍ତି। ରାଜ୍ୟ ସରକାର ସେମାନଙ୍କ ଅବଦାନକୁ ସମ୍ମାନ ଜଣାଇ ପ୍ରତ୍ୟେକ ମାସରେ ୩୦ ହଜାର ଟଙ୍କାର ଭତ୍ତା ଦେବାକୁ ଘୋଷଣା କରିଛନ୍ତି। ଓଡ଼ିଶାର ସମୃଦ୍ଧ ସଂସ୍କୃତି ଓ ଐତିହ୍ୟକୁ ଆଗାମୀ ଦିନ ପାଇଁ କିପରି ସଂରକ୍ଷଣ ରଖାଯାଇ ପାରିବ ସେ ନେଇ ଆଲୋଚନା କରିଛନ୍ତି।






# ପୋଲିସ ବିଭାଗରେ ଓଡ଼ିଶାରୁ ୧୯ ଜଣଙ୍କୁ ପଦକ

**ଭୁବନେଶ୍ୱର,୨୫।୧ (ସୂର୍ଯ୍ୟକାନ୍ତ ବେହେରା)**

- **ସାହସିକତା ପାଇଁ ୬, ବିଶିଷ୍ଟ ସେବା ଲାଗି ୨ ଏବଂ ଉଲ୍ଲେଖନୀୟ ସେବା ପାଇଁ ୧୧ ମନୋନୀତ**
- **ଏସ୍‌ପି ସରୋଜ କୁମାର ସାମଲ, କନ୍‌ଷ୍ଟେବଲ ସତ୍ୟବାଦୀ ମଲ୍ଲିକ ପାଇବେ ରାଷ୍ଟ୍ରପତି ପଦକ**

ସାଧାରଣତନ୍ତ୍ର ଦିବସର ଅବ୍ୟବହିତ ପୂର୍ବରୁ ଶନିବାର ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ପକ୍ଷରୁ ସାହାସିକତା, ଉଲ୍ଲେଖନୀୟ କାର୍ଯ୍ୟ ଓ ବିଶିଷ୍ଟ ସେବା ପାଇଁ ବିଭିନ୍ନ ସେବା ବର୍ଗରେ ପଦକ ଘୋଷଣା କରାଯାଇଛି। ପୋଲିସ ସେବା ବର୍ଗରେ ଓଡ଼ିଶାରୁ ମୋଟ ୧୯ ଜଣ ପଦକ ପାଇବାକୁ ମନୋନୀତ ହୋଇଛନ୍ତି। ବିଶିଷ୍ଟ ସେବା ସେବା ପାଇଁ ଦୁଇ ପୋଲିସ ଅଧିକାରୀ ରାଷ୍ଟ୍ରପତି ପଦକ ପାଇବେ। ସେମାନେ ହେଲେ ଏସ୍‌ପି ସରୋଜ କୁମାର ସାମଲ ଓ କନ୍‌ଷ୍ଟେବଲ ସତ୍ୟବାଦୀ ମଲ୍ଲିକ। ସେହିପରି ସାହାସିକତା ପାଇଁ ପଦକ ପାଇବାକୁ ମନୋନୀତ ୬ଜଣ ହେଲେ ଏସ୍‌ଆଇ ଗିରୀଶ ଚନ୍ଦ୍ର ମାଝୀ, ହାବିଲଦାର ପବିତ୍ର କୁମାର ସାହୁ ଓ ଉମେଶ ମୁଣ୍ଡା, କନ୍‌ଷ୍ଟେବଲ ପୀତାମ୍ବର ସତନାମୀ ଓ କବି ଚନ୍ଦ୍ର ରାଉତ ଏବଂ ସୁଶାନ୍ତ କୁମାର ସାଗର। ଉଲ୍ଲେଖନୀୟ ସେବା ପାଇଁ ପଦକ ପାଇଁ ମନୋନୀତ ୧୧ଜଣ ପୋଲିସ ଅଫିସର ହେଲେ ସବ-ଇନ୍ସପେକ୍ଟର ଏସ୍‌କେ ଅବଦୁଲ ଫୟାଜ,ଏଏସ୍‌ଆଇ ଶରତ ଚନ୍ଦ୍ର ବେହେରା, ଏଏସ୍‌ଆଇ ତେଜ ବାହାଦୁର ଗୁରୁଙ୍ଗ, କନ୍‌ଷ୍ଟେବଲ ପରିତୋଷ ମଣ୍ଡଳ, ମହମ୍ମଦ ତୋଷିପ ରବାନୀ, ତ୍ରିଲୋଚନ ବୁଦ୍ଧିଆ, ନରେଶ କୁମାର ଚୌଧୁରୀ ଏବଂ ହାବିଲଦାର ଅତୁଲ କୁମାର ବିଶ୍ୱାଳ, ମନୋଜ କୁମାର ଜେନା ଓ ଦେବ ପ୍ରସାଦ ମହାନ୍ତି। ତେବେ ପଦକ ପାଇବାକୁ ମନୋନୀତ ସମସ୍ତ ଅଧିକାରୀ ଓ କର୍ମଚାରୀଙ୍କୁ ରାଜ୍ୟ ପୋଲିସ ପକ୍ଷରୁ ଅଭିନନ୍ଦନ ଜ୍ଞାପନ କରାଯାଇଛି।







# ଆଜି କ'ଣ କେଉଁଠି

## ଭୁବନେଶ୍ୱର

- ସାଧାରଣତନ୍ତ୍ର ଦିବସ ଅବସରରେ ରାଜ୍ୟସ୍ତରୀୟ ପରେଡ୍, ସ୍ଥାନ: ମହାତ୍ମା ଗାନ୍ଧୀ ମାର୍ଗ, ସମୟ: ସକାଳ ୮ଟା ୩୦ ।
- ସାଧାରଣତନ୍ତ୍ର ଦିବସ ପାଳନ, ସ୍ଥାନ: ନହରକଣ୍ଟାସ୍ଥିତ ଶ୍ରୀଜୟଦେବ କଲେଜ , ସରସ୍ୱତୀ ଶିକ୍ଷା ମନ୍ଦିର ପରିସର, ସମୟ: ସକାଳ ୮ଟା ।
- ପ୍ରଚଳିତ ଅର୍ଥନୈତିକ ବ୍ୟବସ୍ଥାର ସଙ୍କଟ ଏବଂ ଏହାର ବିକଳ୍ପ ଅର୍ଥନୀତି ସମ୍ପର୍କରେ ଆଲୋଚନାଚକ୍ର, ସ୍ଥାନ: ଆଖଣ୍ଡଳମଣି ମନ୍ଦିର ସଭାଗୃହ, ଗ୍ରୀଡକୋ କଲୋନୀ ଭୋଇନଗର, ସମୟ: ପୂର୍ବାହ୍ନ ୧୧ଟା ।
- କମନ ପିପୁଲ୍ସ ଫେଷ୍ଟିଭାଲ-୨୦୨୫, ସ୍ଥାନ: ବୁଲନ ଭାଇ ସେବା ସଦନ, ମାଷ୍ଟର କ୍ୟାଣ୍ଟିନ, ସମୟ: ଅପରାହ୍ନ ୪ଟା ।

## ବାଲେଶ୍ୱର

- ଜିଲାସ୍ତରୀୟ ସାଧାରଣତନ୍ତ୍ର ଦିବସ, ସ୍ଥାନ: ପୋଲିସ ପରେଡ୍ ପଡ଼ିଆ, ବାଲେଶ୍ୱର, ସମୟ: ସକାଳ ୮ଟା ୩୦ ।
- ସାଧାରଣତନ୍ତ୍ର ଦିବସ ଉପଲକ୍ଷେ ପତାକା ଉତ୍ତୋଳନ, ପରେଡ, ସ୍ଥାନ: କାଳିଖାଟି ପଡ଼ିଆ, ଲଙ୍ଗଳେଶ୍ୱର, ସମୟ: ସକାଳ ୯ଟା ।
- ବିଦ୍ୟୁତ ଆଇନ ସଚେତନତା ଶିବିର, ସ୍ଥାନ: ରୁଗୁଡ଼ୀ, ସିମୁଳିଆ, ସମୟ: ପୂର୍ବାହ୍ନ ୧୦ଟା ।
- ଏକ୍ସପୋ ଓଡ଼ିଶା-୨୦୨୫ ଉଦ୍‌ଯାପନୀ ସନ୍ଧ୍ୟା, ସ୍ଥାନ: ଆଇଟିଆଇ ପଡ଼ିଆ, ବାଲେଶ୍ୱର, ସମୟ: ସନ୍ଧ୍ୟା ୭ଟା ।

## ଭଦ୍ରକ

- ସାଧାରଣତନ୍ତ୍ର ଦିବସ ଉପଲକ୍ଷେ ରାମଧୂନ୍ ପରିକ୍ରମା, ସ୍ଥାନ: ଭଦ୍ରକ ପୌରପାଳିକା, ସମୟ: ପ୍ରାତଃ ୪ଟା ୩୦ ।
- ପୌରପାଳିକାସ୍ତରୀୟ ଜନରାଜ୍ୟ ଦିବସ ସମାରୋହ, ସ୍ଥାନ: ଏବି ହାଇସ୍କୁଲ ପଡ଼ିଆ, ବାସୁଦେବପୁର, ସମୟ: ସକାଳ ୮ଟା ।
- ଜିଲାସ୍ତରୀୟ ଜାତୀୟ ପତାକା ଉତ୍ତୋଳନ ଓ ପରେଡ୍ କାର୍ଯ୍ୟକ୍ରମ, ସ୍ଥାନ: ଭଦ୍ରକ କଲେଜ ପଡ଼ିଆ, ସମୟ: ସକାଳ ୮ଟା ୩୦ ।

## କେନ୍ଦୁଝର

- ଜିଲାସ୍ତରୀୟ ସାଧାରଣତନ୍ତ୍ର ଦିବସ ପାଳନ, ସ୍ଥାନ: କେନ୍ଦୁଝର ଷ୍ଟାଡ଼ିୟମ, ସମୟ: ସକାଳ ୮ ଟା ୩୦ ।
- ସାଧାରଣତନ୍ତ୍ର ଦିବସ ପାଳନ, ସ୍ଥାନ: ହାଟଡ଼ିହୀ, ବ୍ଲକ୍ କାର୍ଯ୍ୟାଳୟ, ଛେନାପଦି। ଯୋଡ଼ା କେନ୍ଦ୍ରୀୟ ଖେଳପଡ଼ିଆ, ଯୋଡ଼ା ଉଚ୍ଚ ବିଦ୍ୟାଳୟ। ମୁକ୍ତିଆର ମଣ୍ଡପ, ନୀଳାଦ୍ରି, ବଡ଼ବିଲ, ସମୟ: ସକାଳ ୮ ଟା ।

## ମୟୂରଭଞ୍ଜ

- ସାଧାରଣତନ୍ତ୍ର ଦିବସ ପାଳନ, ସ୍ଥାନ: ବ୍ଲକ୍ କାର୍ଯ୍ୟାଳୟ, ଜବାହର ବିଦ୍ୟାପୀଠ, ରୁରାଲ ଏକାଡେମୀ, ଚିତ୍ରଡା, ମୋରଡ଼ା, ସମୟ ; ସକାଳ ୭ ଟା ।
- ଗୋପବନ୍ଧୁ ନଗର ବ୍ଲକସ୍ତରୀୟ ସାଧାରଣତନ୍ତ୍ର ଦିବସ ପାଳନ, ସ୍ଥାନ: ଖୁଣ୍ଟା ମିନିଷ୍ଟାଡିୟମ, ସମୟ: ସକାଳ ୭ଟା ।
- ସାଧାରଣତନ୍ତ୍ର ଦିବସ ପାଳନ, ସ୍ଥାନ: ଭଞ୍ଜପୁରସ୍ଥିତ ପୋଲିସ ପରେଡ୍ ପଡ଼ିଆ, ବାରିପଦା, ସମୟ: ସକାଳ ୮ଟା ।

## ବ୍ରହ୍ମପୁର

- ସାଧାରଣତନ୍ତ୍ର ଦିବସ ପାଳନ, ସ୍ଥାନ: ଖଲିକୋଟ ବିଶ୍ୱବିଦ୍ୟାଳୟ ଖେଳ ପଡ଼ିଆ, ସମୟ: ସକାଳ ୮ଟା ୨୫ ।
- ଭାରତ ବିକାଶ ପରିଷଦ ପକ୍ଷରୁ ସ୍ୱାଧୀନତା ଦିବସ, ସ୍ଥାନ: ଭାରତ ବିକାଶ ପରିଷଦ କାର୍ଯ୍ୟାଳୟ, ସମୟ: ସକାଳ ୮ଟା ୩୦ ।

## ଗଞ୍ଜାମ

- ସାଧାରଣତନ୍ତ୍ର ଦିବସ ଉପଲକ୍ଷେ ମିଳିତ ପ୍ୟାରେଡ, ସ୍ଥାନ: ମିନିଷ୍ଟାଡିୟମ ବୁଗୁଡ଼ା, ସମୟ: ସକାଳ ୯ ଟା ।
- ଆସିକା ସବ୍‌ଡିଭିଜନ୍ ହସ୍ପିଟାଲରେ ଡାଇଲିସିସ୍ ବ୍ୟବସ୍ଥା ଉଦ୍‌ଘାଟନ, ସ୍ଥାନ: ଡାକ୍ତରଖାନା ପରିସର, ସମୟ: ପୂର୍ବାହ୍ନ ୧୦ଟା ।

## କନ୍ଧମାଳ

- ଉପଖଣ୍ଡସ୍ତରୀୟ ସାଧାରଣତନ୍ତ୍ର ଦିବସ ପାଳନ, ସ୍ଥାନ: ମିନି ଷ୍ଟାଡିଅମ ବାଲିଗୁଡ଼ା, ସମୟ: ସକାଳ ୮ଟା ୩୦ ।

## ଢେଙ୍କାନାଳ

- ୭୬ତମ ସାଧାରଣତନ୍ତ୍ର ଦିବସ, ସ୍ଥାନ: ମୁଖ୍ୟ ଷ୍ଟାଡ଼ିୟମ, ଢେଙ୍କାନାଳ, ସମୟ: ସକାଳ ୮ଟା୩୦ ।
- ପୁଷ୍ପ ପ୍ରଦର୍ଶନୀ, ସ୍ଥାନ: ମିନି ଷ୍ଟାଡିୟମ, ଢେଙ୍କାନାଳ, ସମୟ: ପୂର୍ବାହ୍ନ ୧୧ଟା ୨୦ ।

## ଅନୁଗୋଳ

- ରାମଧୁନ ସହର ପରିକ୍ରମା, ସ୍ଥାନ: ଅନୁଗୋଳ ଜିଲାପାଳଙ୍କ ଅଫିସ ପରିସରରୁ ଆରମ୍ଭ, ସମୟ: ପ୍ରାତଃ ୪ଟା ୩୦ ।
- ପ୍ରଭାତଫେରି କାର୍ଯ୍ୟକ୍ରମ, ସ୍ଥାନ: ଅନୁଗୋଳ ସହର, ସମୟ: ସକାଳ ୬ଟା ୩୦ ।
- ଜାତୀୟ ପତାକା ଉତ୍ତୋଳନ ଓ ସମ୍ମିଳିତ ପରେଡ ସହ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀ, ମାର୍ଚ୍ଚପାଷ୍ଟର ଶ୍ରେଷ୍ଠ ବିବେଚିତ ଦଳକୁ ପୁରସ୍କାର ବିତରଣ, ସ୍ଥାନ: ଅନୁଗୋଳ ପିଟିସି ପଡ଼ିଆ, ସମୟ: ସକାଳ ୯ଟା ୧୫ ।
- ସାଧାରଣତନ୍ତ୍ର ଦିବସ ପାଳନ, ସ୍ଥାନ: ଆଠମଲ୍ଲିକ ମିନି ଷ୍ଟାଡିୟମ ଖେଳପଡ଼ିଆ, ସମୟ: ସକାଳ ୯ଟା ୩୦ ।
- ସ୍ୱେଚ୍ଛାକୃତ ରକ୍ତଦାନ ଶିବିର, ସ୍ଥାନ: ଅନୁଗୋଳ ପିଟିସି ପଡ଼ିଆ, ସମୟ: ପୂର୍ବାହ୍ନ ୧୦ଟା ୧୫ ।
- ରୋଗୀମାନଙ୍କୁ ଫଳ ବଣ୍ଟନ, ସ୍ଥାନ: ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟ, ସମୟ: ପୂର୍ବାହ୍ନ ୧୧ଟା ।
- କଏଦୀମାନଙ୍କୁ ମିଷ୍ଟାନ ବଣ୍ଟନ, ସ୍ଥାନ: ଅନୁଗୋଳ ଜେଲ, ସମୟ: ପୂର୍ବାହ୍ନ ୧୧ଟା ୧୫ ।
- ବନ୍ଧୁତ୍ୱପୂର୍ଣ୍ଣ କ୍ରିକେଟ ମ୍ୟାଚ, ସ୍ଥାନ: ଆଠମଲ୍ଲିକ ଖେଳପଡ଼ିଆ, ସମୟ: ଅପରାହ୍ନ ୩ଟା ୩୦ ।
- ଜିଲା ସଂସ୍କୃତି ପରିଷଦ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: ଅନୁଗୋଳ ବ୍ଲକ ଡାଇମଣ୍ଡ, ସମୟ: ସନ୍ଧ୍ୟା ୬ଟା ।

## ଜଗତ୍‌ସିଂହପୁର

- ପାରାଦୀପ ବନ୍ଦର ପ୍ରଶାସନ ପକ୍ଷରୁ ସାଧାରଣତନ୍ତ୍ର ଦିବସ ପାଳନ ଓ ସମୂହ ପରେଡ୍, ସ୍ଥାନ: ଗୋପବନ୍ଧୁ ଷ୍ଟାଡିୟମ, ନୂଆବଜାର, ପାରାଦୀପ, ସମୟ: ସକାଳ ୮ଟା ।
- ପାରାଦୀପ ତୈଳବିଶୋଧନାଗାର ପକ୍ଷରୁ ସାଧାରଣତନ୍ତ୍ର ଦିବସ ପାଳନ, ସ୍ଥାନ:
- ସୁଭାଷ ବୋଷ ଷ୍ଟାଡିୟମ, ଟାଉନଶିପ ତୈଳବିଶୋଧନାଗାର, ପାରାଦୀପ,ସ୍ଥାନ: ସକାଳ ୮ଟା ।
- ଇଫ୍‌କୋ ପରିସରରେ ସାଧାରଣତନ୍ତ୍ର ଦିବସ ପାଳନ, ସ୍ଥାନ: ଇଫ୍‌କୋ, ପାରାଦୀପ, ସମୟ: ସକାଳ ୮ଟା ।
- ପିପିଏଲ ପକ୍ଷରୁ ସାଧାରଣତନ୍ତ୍ର ଦିବସ ପାଳନ, ସ୍ଥାନ: ସଂସ୍କୃତି ଭବନ ପଡ଼ିଆ ପିପିଏଲ୍ ଟାଉନଶିପ, ପାରାଦୀପ, ସମୟ: ସକାଳ ୮ଟା ।
- ଏଏମ୍‌ଏନ୍‌ଏସ୍ ପକ୍ଷରୁ ସାଧାରଣତନ୍ତ୍ର ଦିବସ ପାଳନ,ସ୍ଥାନ: ମୂଷାଡ଼ିଆ, ପାରାଦୀପ ସମୟ: ସକାଳ ୮ଟା ।

## କେନ୍ଦ୍ରାପଡ଼ା

- ଜିଲାସ୍ତରୀୟ ସାଧାରଣତନ୍ତ୍ର ଦିବସ ପାଳନ, ସ୍ଥାନ:କେନ୍ଦ୍ରାପଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟ, କେନ୍ଦ୍ରାପଡ଼ା ସହର, ସମୟ: ସକାଳ ୯ଟା ।
- କେନ୍ଦ୍ରାପଡ଼ା ସାଇକେଲ କ୍ଲବ ପକ୍ଷରୁ ସ୍ୱାସ୍ଥ୍ୟ ସଚେତନତା କାର୍ଯ୍ୟକ୍ରମ, ସ୍ଥାନ: ପୁରୁଣା ବସ୍‌ଷ୍ଟାଣ୍ଡ, ସମୟ:ସକାଳ ୬ଟା ।
- ଲକି ସ୍ପୋର୍ଟିଂ କ୍ଲବ ପକ୍ଷରୁ ଅବଦୁଲ କରିମ ଖାନ ମେମୋରିଆଲ ଟ୍ରଫି, ସ୍ଥାନ: ଟାଉନ ହାଇସ୍କୁଲ ଖେଳପଡ଼ିଆ, କେନ୍ଦ୍ରାପଡ଼ା ସହର, ସମୟ:ଅପରାହ୍ନ ୨ଟା ।
- ଶାରଳା ସ୍ପୋର୍ଟସ କ୍ଲବ ପକ୍ଷରୁ ମାନସ ମେମୋରିଆଲ ଚାଲେଞ୍ଜ କପ୍, ସ୍ଥାନ: ରଙ୍କାଳ, ମାର୍ଶାଘାଇ, ସମୟ:ସକାଳ ୯ଟା ।

## ଯାଜପୁର

- ଓଲାଶୁଣୀ ଗୁମ୍ଫା ମେଳାରେ ପଲ୍ଲୀଶ୍ରୀ ମେଳା ଉଦ୍‌ଘାଟନ ଓ ଓଲାଶୁଣୀ ଫାଉଣ୍ଡେଶନର ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ, ସ୍ଥାନ: ଯାଜପୁର ଜିଲା ବଡ଼ଚଣା ବ୍ଲକ ଅନ୍ତର୍ଗତ ଓଲାଶୁଣୀ ଗୁମ୍ଫା ମେଳା ପରିସର, ସମୟ: ଅପରାହ୍ନ ୪ଟା ।

## ନୟାଗଡ଼

- ରାମଚରିତ ମାନସ ପାରାୟଣର ଷଷ୍ଠ ଦିବସ, ସ୍ଥାନ:ଖଣ୍ଡପଡ଼ା ବ୍ଲକ ଖଲିସାହି ତୋଟା ହନୁମାନ ପୀଠ, ସମୟ:ସକାଳ ୮ଟା ।
- ଓଡ଼ଗାଁ ବ୍ଲକସ୍ତରୀୟ ସାଧାରଣତନ୍ତ୍ର ଦିବସ, ସ୍ଥାନ: ଓଡ଼ଗାଁ ମିନି ଷ୍ଟାଡିୟମ, ସମୟ:ସକାଳ ୮ଟା ।
- ଖଣ୍ଡପଡ଼ା ବ୍ଲକ୍‌ସ୍ତରୀୟ ସାଧାରଣତନ୍ତ୍ର ଦିବସ, ସ୍ଥାନ:ଖଣ୍ଡପଡ଼ା ମଧୁବନ ମିନି ଷ୍ଟାଡିୟମ, ସମୟ:ସକାଳ ୮ଟା ।
- ରଣପୁର ବ୍ଲକସ୍ତରୀୟ ସାଧାରଣତନ୍ତ୍ର ଦିବସ, ସ୍ଥାନ:ରଣପୁର ପଞ୍ଚୁଦୋଳ ପଡ଼ିଆ, ସମୟ:ସକାଳ ୮ଟା ।
- ମହାତ୍ମାଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ, ସ୍ଥାନ:ନୟାଗଡ଼ ତ୍ରିନାଥ ଛକ, ସମୟ:ସକାଳ ୮ଟା ।
- ନୟାଗଡ଼ ଜିଲାସ୍ତରୀୟ ସାଧାରଣତନ୍ତ୍ର ଦିବସ, ସ୍ଥାନ:ନୟାଗଡ଼ ପିଟିଏସ, ସମୟ:ପୂର୍ବାହ୍ନ ୯ଟା ।
- ନୟାଗଡ଼ ଜିଲା ମୁଖ୍ୟ ଚିକିତ୍ସାଳୟରେ ରକ୍ତଦାନ ଶିବିର, ସ୍ଥାନ:ନୟାଗଡ଼ ଜିଲା ମୁଖ୍ୟ ଚିକିତ୍ସାଳୟ, ସମୟ:ପୂର୍ବାହ୍ନ ୧୦ଟା୪୫ ।
- ରବୀନ୍ଦ୍ର ମେମୋରିଆଲ କ୍ରିକେଟ ଟୁର୍ନାମେଣ୍ଟର ଉଦ୍‌ଯାପନ ଦିବସ, ସ୍ଥାନ:କଣ୍ଟିଲୋ ନୀଳମାଧବ ମହାବିଦ୍ୟାଳୟ ଖେଳପଡ଼ିଆ , ସମୟ:ପୂର୍ବାହ୍ନ ୧୧ଟା ।
- ନୟାଗଡ଼ ଜିଲା ମୁଖ୍ୟ ଚିକିତ୍ସାଳୟରେ ଫଳ ବଣ୍ଟନ, ସ୍ଥାନ:ନୟାଗଡ଼ ଜିଲା ମୁଖ୍ୟ ଚିକିତ୍ସାଳୟ, ସମୟ:ପୂର୍ବାହ୍ନ ୧୧ଟା ।
- ଷଷ୍ଠ ଓଡ଼ଗାଁ କପ୍ ଫୁଟବଲ ଟୁର୍ନାମେଣ୍ଟର ଫାଇନାଲ ମ୍ୟାଚରେ ସ୍କୁଲ ଛାତ୍ରୀଛାତ୍ରଙ୍କ ଦ୍ୱାରା ସାମୂହିକ ମନୋରଞ୍ଜନ କାର୍ଯ୍ୟକ୍ରମ, ସ୍ଥାନ:ଓଡ଼ଗାଁ ମିନି ଷ୍ଟାଡିୟମ, ସମୟ:ଅପରାହ୍ନ ୨ଟା ।
- ଷଷ୍ଠ ଓଡ଼ଗାଁ କପ୍ ଫୁଟବଲ ଟୁର୍ନାମେଣ୍ଟର ଫାଇନାଲ ମ୍ୟାଚ, ସ୍ଥାନ:ଓଡ଼ଗାଁ ମିନି ଷ୍ଟାଡିୟମ, ସମୟ:ଅପରାହ୍ନ ୩ଟା୩୦ ।

## ରାୟଗଡ଼ା

- ଜାତୀୟ ପତାକା ଉତ୍ତୋଳନ, ସ୍ଥାନ: କୋଲନରା ପଞ୍ଚାୟତ ସମିତି କାର୍ଯ୍ୟାଳୟ, ସମୟ: ସକାଳ ୭ଟା ୩୦ ।
- ଜିଲାସ୍ତରୀୟ ସାଧାରଣତନ୍ତ୍ର ଦିବସ ସହ ଜାତୀୟ ପତାକା ଉତ୍ତୋଳନ, ସ୍ଥାନ: ରାୟଗଡ଼ା ଜିସିଡି ଉଚ୍ଚ ବିଦ୍ୟାଳୟ ଖେଳପଡ଼ିଆ, ସମୟ: ସକାଳ ୮ଟା ୩୦ ।
- ଉପଖଣ୍ଡସ୍ତରୀୟ ସାଧାରଣତନ୍ତ୍ର ଦିବସ, ସ୍ଥାନ: ଗୁଣପୁର ମିନି ଷ୍ଟାଡିୟମ୍, ସମୟ: ସକାଳ ୮ଟା ୩୦ ।
- ଜିଲା ପ୍ରଶାସନ ପକ୍ଷରୁ ଫଳ, ମିଷ୍ଟାନ ବଣ୍ଟନ, ସ୍ଥାନ: ଜିଲା ମୁଖ୍ୟ ଚିକିତ୍ସାଳୟ, ସେବା ସମାଜ, ସ୍ୱଧାର ଗୃହ, ଉପଖଣ୍ଡ କାରାଗାର, ବରିଷ୍ଠ ନାଗରିକ ଗୃହ, ସମୟ: ସକାଳ ୯ଟା ୪୫ ।
- ଅସଡ଼ା ଗ୍ରାମପଞ୍ଚାୟତର ମାସିକ ବୈଠକ, ସ୍ଥାନ: ଗୁଡାରି ବ୍ଲକ ଅସଡ଼ା ପଞ୍ଚାୟତ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ ଟା ।
- ବଂଶଧାରା ବସନ୍ତ ମୋହତ୍ସବ ପାଇଁ ଶେଷ ପର୍ଯ୍ୟାୟ ପ୍ରସ୍ତୁତି ବୈଠକ, ସ୍ଥାନ: ବାଗୁଆ ଦେଉଳ ପଛପଟ ଉତ୍ସବ ପଡ଼ିଆ, ଗୁଣପୁର, ସମୟ: ଅପରାହ୍ନ ୪ଟା ।

## ନବରଙ୍ଗପୁର

- ଜିଲାସ୍ତରୀୟ ସାଧାରଣତନ୍ତ୍ର ଦିବସରେ ମନ୍ତ୍ରୀ ବିଭୁତି ଭୂଷଣ ଜେନାଙ୍କ ଦ୍ୱାରା ଜାତୀୟ ପତାକା ଉତ୍ତୋଳନ, ସ୍ଥାନ: ନବରଙ୍ଗପୁର ଷ୍ଟାଡିୟମ୍, ସମୟ: ସକାଳ ୮ଟା ୩୦ ।
- ରୋଗୀଙ୍କୁ ଫଳ ବଣ୍ଟନ, ସ୍ଥାନ: ନବରଙ୍ଗପୁର ଜିଲା ସଦର ମହାକୁମ୍ଭା ଡାକ୍ତରଖାନା, ସମୟ: ପୂର୍ବାହ୍ନ ୧୦ଟା ୧୦ ।
- ଅନ୍ତେବାସୀଙ୍କୁ ଫଳ ଓ ମିଷ୍ଟାନ ବଣ୍ଟନ, ସ୍ଥାନ: ନବରଙ୍ଗପୁର ଉପକାରାଗାର, ସମୟ: ପୂର୍ବାହ୍ନ ୧୦ଟା ୩୦ ।
- କ୍ରିକେଟ ମ୍ୟାଚ, ସ୍ଥାନ: ନବରଙ୍ଗପୁର ମହାବିଦ୍ୟାଳୟ ଖେଳପଡ଼ିଆ, ସମୟ: ପୂର୍ବାହ୍ନ ୧୧ଟା ।
- ଜିଲାସ୍ତରରେ ବିଭିନ୍ନ ପ୍ରତିଯୋଗିତାର ପୁରସ୍କାର ବିତରଣ ଉତ୍ସବ, ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: ଆର୍‌ସିଡି ହାଇସ୍କୁଲ ସମୟ: ସନ୍ଧ୍ୟା ୬ଟା ।
- ବାର୍ଷିକ ଉତ୍ସବ, ସ୍ଥାନ: ସରକାରି ଆଶ୍ରମ ବିଦ୍ୟାଳୟ ପାତ୍ରୀ, ସମୟ: ସନ୍ଧ୍ୟା ୬ଟା ।

## କୋରାପୁଟ

- ଜାତୀୟ ପତାକା ଉତ୍ତୋଳନ କାର୍ଯ୍ୟକ୍ରମ, ସ୍ଥାନ: ସରକାରୀ ଅବସରପ୍ରାପ୍ତ ସଂଘ କାର୍ଯ୍ୟାଳୟ, ପଟ୍ଟାଙ୍ଗି, ସମୟ: ସକାଳ ୮ଟା ।
- ଜାତୀୟ ପତାକା ଉତ୍ତୋଳନ କାର୍ଯ୍ୟକ୍ରମ, ସ୍ଥାନ: କୋଟିଆ ପଞ୍ଚାୟତର ୨୧ ସୀମାନ୍ତ ଗ୍ରାମ, ପଟ୍ଟାଙ୍ଗି, ସମୟ: ସକାଳ ୮ଟା ।
- ଉପଖଣ୍ଡସ୍ତରୀୟ ସାଧାରଣତନ୍ତ୍ର ଦିବସ, ସ୍ଥାନ: ଦଶହରା ପଡ଼ିଆ, ଜୟପୁର, ସମୟ: ସକାଳ ୮ଟା ୩୦ ।
- ୭୬ତମ ଜିଲାସ୍ତରୀୟ ସାଧାରଣତନ୍ତ୍ର ଦିବସ ପାଳନ, ସ୍ଥାନ: କୋରାପୁଟ ପୋଲିସ ପଡିଆ, ସମୟ: ସକାଳ ୮ଟା ୩୦ ।
- ଜାତୀୟ ପତାକା ଉତ୍ତୋଳନ, ସ୍ଥାନ: ମିନି ଷ୍ଟାଡିୟମ ପରିସର, ପଟ୍ଟାଙ୍ଗି, ସମୟ: ସକାଳ ୯ଟା ।
- ସ୍ୱାଧୀନତା ସଂଗ୍ରାମୀ ଗଦାଧର ମହାପାତ୍ରଙ୍କ ପ୍ରତିମୂର୍ତ୍ତି ସ୍ଥାପନ, ସ୍ଥାନ: ସରକାରୀ ଉଚ୍ଚ ବିଦ୍ୟାଳୟ, ଜୟପୁର, ସମୟ: ମଧ୍ୟାହ୍ନ ୧୨ଟା ।
- ସାଧାରଣତନ୍ତ୍ର ଦିବସ ଉପଲକ୍ଷେ ଜିଲାସ୍ତରୀୟ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: ସାଂସ୍କୃତିକ ଭବନ, କୋରାପୁଟ, ସମୟ : ଅପରାହ୍ନ ୫ ଟା ।

## ମାଲକାନଗିରି

- ଜିଲାସ୍ତରୀୟ ସାଧାରଣତନ୍ତ୍ର ଦିବସ, ସ୍ଥାନ: ଡିଏନ୍‌କେ ଖେଳପଡିଆ, ସମୟ: ସକାଳ ୯ଟା ।

## ସମ୍ବଲପୁର

- ମେଗା ରକ୍ତଦାନ ଶିବିର , ସ୍ଥାନ : ହୀରାକୁଦ ଶକ୍ତି କ୍ଲବ ନିକଟସ୍ଥ ଜଗନ୍ନାଥ ମନ୍ଦିର, ସମୟ : ସକାଳ ୮ଟା ।
- ୭୬ତମ ଜିଲାସ୍ତରୀୟ ସାଧାରଣତନ୍ତ୍ର ଦିବସ ସମାରୋହ, ସ୍ଥାନ : ରିଜର୍ଭ ପୋଲିସ ଲାଇନ ପଡିଆ, ସମୟ : ୮ଟା ୩୦ ।
- ସମ୍ପର୍କ ଫାଉଣ୍ଡେଶନ ପକ୍ଷରୁ ନିଃଶୁଳ୍କ ସ୍ୱାସ୍ଥ୍ୟ ପରୀକ୍ଷା ଶିବିର, ସ୍ଥାନ : ଧନକଉଡା ହସ୍ପିଟାଲ ନିକଟ ସୁବାଷିନୀ କଲୋନୀ, ସମୟ : ସକାଳ ୯ଟା ୩୦ ।
- ଜିଲା ପ୍ରଶାସନ ପକ୍ଷରୁ ଶୃଙ୍ଖଳା ଖାଦ୍ୟ ବଣ୍ଟନ କାର୍ଯ୍ୟକ୍ରମ, ସ୍ଥାନ : ମଣ୍ଡଳ କାରାଗାର, ନାରୀବନ୍ଦୀ ନିକେତନ ଓ ଜିଲା ସଦର ଚିକିତ୍ସାଳୟ, ସମୟ ପୂର୍ବାହ୍ନ ୧୦ଟା ୩୦ ।
- ଜିଲା ପ୍ରଶାସନ ଆୟୋଜିତ ପ୍ରଶାସନ ଏକାଦଶ ବନାମ ନାଗରିକ ଏକାଦଶ ମଧ୍ୟରେ ଫୁଟବଲ ମ୍ୟାଚ, ସ୍ଥାନ : ହାୱା ମଇଦାନ, ସମୟ : ପୂର୍ବାହ୍ନ ୧୧ଟା ୩୦ ।
- ବିଭିନ୍ନ ଅନୁଷ୍ଠାନ ଆୟୋଜିତ ରକ୍ତଦାନ ଶିବିର, ସ୍ଥାନ : ଓଡ଼ିଶା ସାଂସ୍କୃତିକ ସମାଜ ଭବନ, ସମୟ: ସକାଳ ୯ଟା ୩୦ ।
- ଏନ୍‌ବିଟି ଓ ସେତୁ ଅନୁଷ୍ଠାନ ଆୟୋଜିତ ସମ୍ବଲପୁର ପୁସ୍ତକ ମେଳା ଉଦ୍‌ଯାପନୀ ଉତ୍ସବ, ସ୍ଥାନ : ଅଇଁଠାପାଲି ନିକଟସ୍ଥ ପିଏଚ୍‌ଡି ପଡିଆ, ସମୟ: ସନ୍ଧ୍ୟା ୬ଟା ।
- ଜେଏସ୍‌ଡବ୍ଲୁଆୟୋଜିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ସ୍ପେକଟ୍ରା-୨୫, ସ୍ଥାନ : ଝସକେତନ ସାହୁ ସନ୍ତରଣାଗାର, ସମୟ ସନ୍ଧ୍ୟା ୬ଟା ।

## ବଲାଙ୍ଗୀର

- ଜିଲାସ୍ତରୀୟ ସାଧାରଣତନ୍ତ୍ର ଦିବସ ପାଳନ, ସ୍ଥାନ: ମନୋହରପୁର ପୋଲିସ ପଡିଆ, ବଲାଙ୍ଗୀର, ସମୟ: ୮ଟା ୩୦ ମିନିଟ ।
- ଭୀମଭୋଇ ମେଡିକାଲ କଲେଜ ହସ୍ପିଟାଲରେ ଫଳ ବଣ୍ଟନ,ସ୍ଥାନ: ଭୀମଭୋଇ ମେଡିକାଲ କଲେଜ ହସ୍ପିଟାଲ, ବଲାଙ୍ଗୀର,ସମୟ: ପୂର୍ବାହ୍ନ ୧୦ଟା ୩୦ ମିନଟ ।
- ଜିଲା କାରାଗାର ଅନ୍ତେବାସୀଙ୍କୁ ଫଳ ବଣ୍ଟନ, ସ୍ଥାନ: ଜିଲା କାରାଗାର, ବଲାଙ୍ଗୀର, ସମୟ: ୧୧ଟା ।
- ପୁଇଁନ୍ତଲା କୁଷ୍ଠ କଲୋନୀ ଅନ୍ତେବାସୀଙ୍କୁ ବସ୍ତ୍ର ବଣ୍ଟନ, ସ୍ଥାନ: ପୁଇଁନ୍ତଲା ବ୍ଲକ ପରିସର, ପୁଇଁନ୍ତଲା ବଲାଙ୍ଗୀର, ସମୟ: ୧୧ଟା ୩୦ ମିନିଟ ।

## ସୁବର୍ଣ୍ଣପୁର

- ଚିତ୍ତ ଜ୍ଞାନୀ ଚାରିଟେବୁଲ ଟ୍ରଷ୍ଟ ପକ୍ଷରୁ ମାଗଣା ସ୍ୱାସ୍ଥ୍ୟ ଚିକିତ୍ସା ଶିବିର, ସ୍ଥାନ: ସୁବର୍ଣ୍ଣପୁର ସହର ମାହାରଣପଡା, ସମୟ: ସକାଳ ୮ଟା ।
- ଜିଲାସ୍ତରୀୟ ୭୬ତମ ସାଧାରଣତନ୍ତ୍ର ଦିବସ ପାଳନ, ସ୍ଥାନ: ରାମେଶ୍ୱର ଷ୍ଟାଡିୟମ, ସମୟ: ସକାଳ ୮ଟା ୩୦ ।
- ସର୍ବଭାରତୀୟ ଲାଲମନି କ୍ରିକେଟ୍ ଟୁର୍ନାମେଣ୍ଟର ଫାଇନାଲ ମ୍ୟାଚ୍, ସ୍ଥାନ: ସୋନପୁର ଗାନ୍ଧୀ ଷ୍ଟାଡିୟମ, ସମୟ: ସକାଳ ୯ଟା ।
- ଉପଖଣ୍ଡସ୍ତରୀୟ ସାଧାରଣତନ୍ତ୍ର ଦିବସ ପାଳନ, ସ୍ଥାନ: ବିଜୁ ପଟ୍ଟନାୟକ ମିନି ଷ୍ଟାଡିୟମ, ବୀରମହାରାଜପୁର, ସମୟ: ସକାଳ ୯ଟା ।
- ନବାନ୍ନ ପାରାୟଣର ଦ୍ୱିତୀୟ ଦିବସ, ସ୍ଥାନ: ମେଟାକାନି ଛକ, ଘିଚାପାଲି ବୀରମହାରାଜପୁର ବ୍ଲକ, ସମୟ: ସକାଳ ୯ଟା ।
- ନୃସିଂହ ପୁରାଣ ପଠନ, ସ୍ଥାନ: ଭାଲୁଡୁଙ୍ଗୁରି, ବୀରମହାରାଜପୁର ବ୍ଲକ, ସମୟ: ସନ୍ଧ୍ୟା ୬ଟା ।
- ଗ୍ୟାଲେକ୍ସି ବ୍ୟାଡମିଣ୍ଟନ ଟୁର୍ନାମେଣ୍ଟ ଉଦ୍‌ଯାପନୀ ଉତ୍ସବ, ସ୍ଥାନ: ସାମ୍ବାଦିକ ଭବନ ପରିସର ,ବୀରମହାରାଜପୁର, ସମୟ: ସନ୍ଧ୍ୟା ୭ଟା ।

## ବରଗଡ଼

- ଜିଲାସ୍ତରୀୟ ସାଧାରଣତନ୍ତ୍ର ଦିବସ,ସ୍ଥାନ: ପଞ୍ଚାୟତ କଲେଜ ପଡ଼ିଆ, ବରଗଡ଼, ସମୟ: ସକାଳ ୮ଟା ୩୦ମିନିଟ୍
- ସ୍ୱେଚ୍ଛାକୃତ ରକ୍ତଦାନ ଶିବିର, ସ୍ଥାନ: ସାହୁଟିକ୍ରା(ତୋରା), ବରଗଡ଼, ସମୟ: ସକାଳ ୯ଟା ।
- ରାମାୟଣ ପାରାୟଣ, ସ୍ଥାନ: କଲଙ୍ଗାପାଲି, ଗାଇସିଲେଟ୍,ସମୟ: ସକାଳ ୯ଟା ।
- ଶୌର୍ଯ୍ୟ ଜାଗରଣ ମହୋତ୍ସବ, ସ୍ଥାନ:ନିଶାମଣି ହାଇସ୍କୁଲ ପଡ଼ିଆ, ବରଗଡ଼,ସମୟ: ଅପରାହ୍ନ ୧ଟା ୩୦ମିନିଟ୍ ।

## ଝାରସୁଗୁଡ଼ା

- ଜିଲାସ୍ତରୀୟ ସାଧାରଣତନ୍ତ୍ର ଦିବସ ପାଳନ ଓ ପରେଡ, ସ୍ଥାନ: ମନମୋହନ ଖେଳପଡିଆ, ସମୟ: ସକାଳ ୮ଟା ।
- ସାଧାରଣତନ୍ତ୍ର ଦିବସ ପାଳନ, ସ୍ଥାନ: ଲକ୍ଷ୍ମୀ ନାରାୟଣ କଲେଜ, ସମୟ: ସକାଳ ୮ ଟା ।
- ଶ୍ରୀଶ୍ରୀ ସିରିଡି ସାଇ ବାବାଙ୍କ ନବ ନିର୍ମିତ ମନ୍ଦିରରେ ରତ୍ନମୁଦ ପ୍ରତିଷ୍ଠା ଉତ୍ସବ, ସ୍ଥାନ: ଖେରୁଆଲ, ସମୟ: ସକାଳ ୯ଟା ।
- ରାମଚରିତ ମାନସ ନବାନ୍ନ ପାରାୟଣ ଓ ପୂଜା, ସ୍ଥାନ: ବନ୍ଧବାହାଲ ଦୀନବାନ୍ଧବ କ୍ଷେତ୍ର, ସମୟ: ପୂର୍ବାହ୍ନ ୧୦ଟା ।
- ଅଲେଖ ନିରଞ୍ଜନଙ୍କ ପୁଣ୍ୟ ପୁରାଣ ପଠନ, ସ୍ଥାନ: ପଣ୍ଡ୍ରି ମହିମା ମଠ, ସମୟ: ପୂର୍ବାହ୍ନ ୧୦ଟା ।

## ରାଉରକେଲା

- ବେଦବ୍ୟାସ ସଂସ୍କୃତ କଲେଜର ୪୦ତମ ବାର୍ଷିକୋତ୍ସବ ଉଦ୍‌ଯାପନୀ ଦିବସ, ସ୍ଥାନ: ବେଦବ୍ୟାସ, ସମୟ: ସକାଳ ୭ଟା ।
- ଆର୍‌ଏସ୍‌ପି ପକ୍ଷରୁ ୭୬ତମ ଗଣତନ୍ତ୍ର ଦିବସ ପାଳନ, ସ୍ଥାନ: ସେକ୍ଟର-୬, ଇସ୍ପାତ ଷ୍ଟାଡିୟମ, ସମୟ: ସକାଳ ୮ଟା ୩୦ ।
- ପ୍ରଶାସନ ପକ୍ଷରୁ ଗଣତନ୍ତ୍ର ଦିବସ ପାଳନ, ସ୍ଥାନ: ଉଦିତନଗର ପରେଡ ପଡିଆ, ସମୟ: ସକାଳ ୮ଟା ୩୦ ।
- ରାଇଜିଂ କ୍ରିକେଟ୍ ଫାଇନାଲ ମ୍ୟାଚ୍, ସ୍ଥାନ: ସେକ୍ଟର-୨୦ ରାଇଜିଂ ପଡିଆ, ସମୟ: ପୂର୍ବାହ୍ନ ୧୧ଟା ।
- ଦୀପିକା ଇସ୍ପାତ ସ୍କୁଲ ପକ୍ଷରୁ ଆନ୍ତଃ ସ୍କୁଲସ୍ତରୀୟ ଚେସ୍ ପ୍ରତିଯୋଗିତାର ପୁରସ୍କାର ବିତରଣୀ, ସ୍ଥାନ: ସେକ୍ଟର-୫, ସମୟ: ସନ୍ଧ୍ୟା ୭ଟା ।

## ଦେବଗଡ଼

- ବିଧାୟକଙ୍କ ଅଭିଯୋଗ ଶୁଣାଣି, ସ୍ଥାନ: ତିଲେଇବନି ବ୍ଲକ କଲ୍ୟାଣ ମଣ୍ଡପ, ସମୟ: ପୂର୍ବାହ୍ନ ୧୦ଟା ।
- ଉନ୍ନତ ପ୍ରଣାଳୀରେ ସୋରିଷ ଚାଷର ତାଲିମ ଶିବିର, ସ୍ଥାନ: ତିଲେଇବନି ବ୍ଲକ ଜମୁନାଲି କଲୋନୀ, ସମୟ: ପୂର୍ବାହ୍ନ ୧୧ଟା ।
- ତ୍ରିନାଥ ମେଳା, ସ୍ଥାନ: ବାବୁସାହି, ଦେବଗଡ଼ ସହର, ସମୟ: ସନ୍ଧ୍ୟା ୬ଟା ।
- ମା' କନକ ଦୁର୍ଗାଙ୍କ ସନ୍ଧ୍ୟା ଆରତୀ, ସ୍ଥାନ: ମଠସାହି, ମା' କନକ ଦୁର୍ଗା ମନ୍ଦିର, ଦେବଗଡ, ସମୟ: ସନ୍ଧ୍ୟା ୭ଟା ।

## ନୂଆପଡ଼ା

- ଷୋହଳପ୍ରହର ଅଖଣ୍ଡ ନାମଯଜ୍ଞ ପୂର୍ଣ୍ଣାହୁତି, ସ୍ଥାନ: କୋମନା ବ୍ଲକ ତରବୋଡ଼ ଗାଁ କଲୋନି ବଙ୍ଗଳାପଡ଼ା, ସମୟ: ପୂର୍ବାହ୍ନ ୧୦ଟା ୧୫ ।
- ୧୮ତମ ନ୍ୟୁଇୟର କପ କ୍ରିକେଟ ଟୁର୍ନାମେଣ୍ଟ ଚତୁର୍ଥ ଦିବସ, ସ୍ଥାନ: କୋମନା ବ୍ଲକ ତରବୋଡ ରାଜୀବ ଗାନ୍ଧୀ ମିନି ଷ୍ଟାଡିୟମ, ସମୟ: ସକାଳ ୯ଟା ।
- ଜିଲାସ୍ତରୀୟ ସାଧାରଣତନ୍ତ୍ର ଦିବସ ପତାକା ଉତ୍ତୋଳନ, ସ୍ଥାନ: ମିନି ଷ୍ଟାଡିୟମ ନୂଆପଡ଼ା, ସମୟ: ସକାଳ ୯ଟା ।
- ୧୧ତମ ମର୍ନିଂ କପ କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଯାପନ, ସ୍ଥାନ: ଶିବଶକ୍ତି ନଗର ଖେଳପଡିଆ ନୂଆପଡ଼ା, ସମୟ: ଅପରାହ୍ନ ୨ଟା ।
- ୧୫ତମ ଗୁରୁକୁଳ ହରିପୁର ବାର୍ଷିକ ଉତ୍ସବର ଦ୍ୱିତୀୟ ଦିବସ, ସ୍ଥାନ: ସଦର ବ୍ଲକ ଗୋଡଫୁଲା ପଞ୍ଚାୟତ ଗୁରୁକୁଳ ହରିପୁର ଜୁନାନୀ ଗାଁ, ସମୟ: ସକାଳ ୯ଟା ।
- ସାଧାରଣତନ୍ତ୍ର ଦିବସ ଉପଲକ୍ଷେ ରକ୍ତଦାନ ଶିବିର, ସ୍ଥାନ: ଜିଲା ମୁଖ୍ୟ ଚିକିତ୍ସାଳୟ ନୂଆପଡା, ସମୟ: ସକାଳ ୯ଟା ।
- ଜିଲାପାଳ ଏକାଦଶ ଓ ସାମ୍ବାଦିକ ଏକାଦଶ ମଧ୍ୟରେ ବନ୍ଧୁତ୍ୱପୂର୍ଣ୍ଣ କ୍ରିକେଟ, ସ୍ଥାନ: ମିନି ଷ୍ଟାଡିୟମ ନୂଆପଡ଼ା, ସମୟ: ଅପରାହ୍ନ ୨ଟା ।
- ପୂର୍ବତନ ମନ୍ତ୍ରୀ ସ୍ୱର୍ଗତ ଘାସିରାମ ମାଝି ଓ ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ, ସ୍ଥାନ: ଗାନ୍ଧୀ ପ୍ରମୋଦ ଉଦ୍ୟାନ ଓ ଏକତା ଛକ ନୂଆପଡ଼ା, ସମୟ: ସକାଳ ୮ଟା ୫୦ ।

## ବୌଦ୍ଧ

- ଜିଲାସ୍ତରୀୟ ସାଧାରଣତନ୍ତ୍ର ଦିବସ, ସ୍ଥାନ: ଜିଲା ଷ୍ଟାଡିୟମ ପଡିଆ, ବୌଦ୍ଧ, ସମୟ: ସକାଳ ୮ଟା ।
- ଶ୍ରୀ ଜଗନ୍ନାଥ ମନ୍ଦିର ଓ ଶ୍ରୀରାମଚନ୍ଦ୍ରଙ୍କ ନୂତନ ମନ୍ଦିର ପ୍ରତିଷ୍ଠା ଅବସରରେ ନାମ ଅଧିବାସ, ସ୍ଥାନ: ନାରାୟଣନଗର, ବୌଦ୍ଧ, ସମୟ: ସକାଳ ୯ଟା ।
- ଅସୁରଗଡ଼ ଲୋକ ମହୋତ୍ସବର ଦ୍ୱିତୀୟ ସନ୍ଧ୍ୟା, ସ୍ଥାନ: ମନମୁଣ୍ଡା, କନ୍ଧମାଳ, ସମୟ: ଅପରାହ୍ନ ୪ଟା ।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଆଜି ଚନ୍ଦ୍ର ନୀଚ ରାଶିରେ ଥିବାରୁ ଦୈହିକ ଓ ମାନସିକ ସ୍ଥିତି ଭଲ ରହିବ ନାହିଁ। ପାରିବାରିକ କ୍ଷେତ୍ରରେ ଅତ୍ୟଧିକ ଖର୍ଚ୍ଚ ଟେନ୍‌ସନର କାରଣ ହେବ। ଆଲୋଚନା ପରିସରରେ ବନ୍ଧୁଙ୍କ ସହ ଯୁକ୍ତିତର୍କ ଦ୍ୱାରା ସମସ୍ୟା ସୃଷ୍ଟି ଆଶଙ୍କା ରହିଛି। ସ୍ଥଗିତ ରହିଯାଇଥିବା ଆନୁଷ୍ଠାନିକ କାମ ପାଇଁ ଅନ୍ୟମାନଙ୍କର ସାହାଯ୍ୟ ଅବଶ୍ୟ ପାଇବେ।

**ବୃଷ** ଚନ୍ଦ୍ରଙ୍କ କେନ୍ଦ୍ରରେ ଗୁରୁ ଗଜକେଶରୀ ଯୋଗ ସୃଷ୍ଟି କରି ସାମଗ୍ରିକ ସୁଖ, ସୁବିଧା ପ୍ରଦାନ କରିବେ। ବିବାଦୀୟ ପରିସ୍ଥିତିରେ ବନ୍ଧୁ କିମ୍ବା ସହକର୍ମୀଙ୍କ ପରାମର୍ଶ କାର୍ଯ୍ୟ ହାସଲରେ ସହାୟକ ହେବ। ପାରିବାରିକ କ୍ଷେତ୍ରରେ ବିଭିନ୍ନ ସମସ୍ୟା ରହିଥିଲେ ମଧ୍ୟ କୌଣସି କାମ ଅଟକିବ ନାହିଁ। ଅଜଣା ଅଶୁଣା ବ୍ୟକ୍ତିମାନଙ୍କୁ ବିଶ୍ୱାସ କରି ପ୍ରତାରିତ ହୋଇପାରନ୍ତି।

**ମିଥୁନ** ଷଷ୍ଠ ଏକାଦଶାଧିପତି ମଙ୍ଗଳ ରାଶିରେ ରହିଥିବାରୁ ଶତ୍ରୁବାଧା ମନକୁ ବିଚଳିତ କରିବ। ବନ୍ଧୁଙ୍କୁ ଆର୍ଥିକ ସାହାଯ୍ୟ କରି କିମ୍ବା ଆନୁଷ୍ଠାନିକ କାର୍ଯ୍ୟ ସକାଶେ ବ୍ୟୟବରାଦ କରିବାକୁ ପଡ଼ିପାରେ। ଆନୁଷଙ୍ଗିକ ସାହାଯ୍ୟ ଲାଭ କରି ନିର୍ମାଣର ଅପୂର୍ଣ୍ଣ କାମକୁ ସମ୍ପୂର୍ଣ୍ଣ କରିବେ। ଧର୍ମକାର୍ଯ୍ୟରେ ଅଗ୍ରଣୀ ଭୂମିକା ଗ୍ରହଣ କରି ପ୍ରଶଂସିତ ହେବେ।

**କର୍କଟ** ରାଶ୍ୟାଧିପତି ଗୁରୁଦୃଷ୍ଟିରେ ଥିବାରୁ ପୁରାତନ ରୋଗ ଜନିତ ନିରୁତ୍ସାହିତ ହୋଇପାରନ୍ତି। ପରିବାରରେ ଆର୍ଥିକ ଅନଟନ ଲାଗି ରହିଲେ ମଧ୍ୟ ଆପଣ ପରିସ୍ଥିତିକୁ ସମ୍ଭାଳି ନେବେ। ଭଡ଼ାସୂତ୍ରରୁ କିମ୍ବା ପାଇବାକୁ ଥିବା ବକେୟା ଟଙ୍କା ପାଇ ସାମୟିକ ଖୁସି ହେବେ। ଆତ୍ମୀୟମାନେ ଶତ୍ରୁଭାବ ପୋଷଣ କରୁଥିଲେ ମଧ୍ୟ ମୁହଁ ସାମ୍ନାରେ କିଛି କହି ନ ପାରନ୍ତି।

**ସିଂହ** ଶତ୍ରୁ କ୍ଷେତ୍ରରେ ରାଶ୍ୟାଧିପତି ଅବସ୍ଥାନ କରିଥିବାରୁ ପାରିବାରିକ ସ୍ଥିତି କିମ୍ବା ଚେଷ୍ଟା କରୁଥିବା କାମ ବାଧାପ୍ରାପ୍ତ ହେବ। ଖର୍ଚ୍ଚ ପରିମାଣ ବଢ଼ିପାରେ। ନିକଟସ୍ଥ ବନ୍ଧୁ କିମ୍ବା ସହକର୍ମୀମାନେ ଅସହଯୋଗ ମନୋଭାବ ପୋଷଣ କରିବେ। ବନ୍ଧୁ ସମ୍ପର୍କ କ୍ଷୁଣ୍ଣ ହେବା କାରଣରୁ ମାନସିକ ଅବସାଦ ଯୋଗୁ କୌଣସି କାମ ଉତ୍ସାହପ୍ରଦ ନ ହୋଇପାରେ।

**କନ୍ୟା** ଭାଗ୍ୟସ୍ଥାନରେ ବକ୍ରୀ ବୃହସ୍ପତି ଆପଣଙ୍କର ବହୁତ ଦିନର ଆଶା ଓ ଅଭିଳାଷକୁ ପୂରଣ କରିପାରିବ। ବନ୍ଧୁମିଳନ ସହ ଆନୁଷ୍ଠାନିକ କ୍ଷେତ୍ରରୁ ପୁରସ୍କୃତ ହେବାର ସୂଚନା ରହିଛି। ଅଫିସ୍‌ରୁ ଫେରିବା ରାସ୍ତାରେ ଠିକଣା ଜାଗାରେ ବନ୍ଧୁଙ୍କୁ ନ ପାଇ ବ୍ୟସ୍ତ ହେବେ। ବିଶିଷ୍ଟ ବ୍ୟକ୍ତିଙ୍କ ସଙ୍ଗଲାଭ ସହ ଭ୍ରମଣଜନିତ ଆନନ୍ଦ ଅନୁଭବ କରିବେ।

**ତୁଳା** ଶୁକ୍ର କୋଣଭାବରେ ଅବସ୍ଥାନ କରିଥିବାରୁ ସକାଳୁ ବନ୍ଧୁଙ୍କ ଆହ୍ୱାନକ୍ରମେ କାମରେ ଲାଗିପଡ଼ିବେ। ସାମାଜିକ ସ୍ତରରେ ବନ୍ଧୁବର୍ଗଙ୍କ ସହାନୁଭୂତି ଯୋଗୁ କର୍ମମୁଖର ହେବେ। ପରିବାରର ଆବଶ୍ୟକତାକୁ ଦୃଷ୍ଟିରେ ରଖି ବିଶିଷ୍ଟ ବ୍ୟକ୍ତିଙ୍କ ସାହାଯ୍ୟରୁ ମୂଲ୍ୟବାନ୍ ଦ୍ରବ୍ୟ ପାଇପାରନ୍ତି। କୌଣସି ବ୍ୟକ୍ତି ଫାଇଦା ହାସଲ ପାଇଁ ଫନ୍ଦିଫିକର କରିବେ।

**ବିଛା** ମଙ୍ଗଳଙ୍କ ଦୁର୍ବଳତାଜନିତ ନିଜ ଲୋକଙ୍କ ଉପରେ ପୂର୍ଣ୍ଣ ଭରସା କରିବା ଠିକ୍ ନ ହୋଇପାରେ। ଅନ୍ୟର ସହମତି ପ୍ରାପ୍ତ ହୋଇ ଇଚ୍ଛିତ କାମକୁ ସମ୍ପନ୍ନ କରିପାରିବେ। ଆର୍ଥିକ କ୍ଷେତ୍ର, ରାଜନୈତିକ ସ୍ଥିତି, ପ୍ରଶାସନିକ କ୍ଷେତ୍ରର ସମସ୍ୟା, ବ୍ୟବସାୟିକ ଅପକର୍ଷ ଦୂରେଇ ଯିବ। ଅସାବଧାନତା ହେତୁ ଦ୍ରବ୍ୟ ନଷ୍ଟ ଯୋଗୁ କ୍ଷୋଭ ପ୍ରକାଶ କରିପାରନ୍ତି।

**ଧନୁ** ପ୍ରାପ୍ୟ ଲାଭର ଶେଷ ମୁହୂର୍ତ୍ତରେ କୌଣସି ବ୍ୟକ୍ତିଙ୍କ ବିରୋଧ ପରିସ୍ଥିତିକୁ ଓଲଟାଇ ଦେଇପାରେ। ଶନି ଓ ଶୁକ୍ରଙ୍କ ସଂଯୋଗରୁ ଅତୀତ ଘଟଣାକୁ ମନରେ ସ୍ଥାନ ଦେଇ ଶାନ୍ତିରେ ମଧ୍ୟ ଶୋଇ ପାରିବେ ନାହିଁ। ପୂର୍ବ ରାଗ ଶୁଝାଇବାକୁ ଯାଇ ନିଜ ଲୋକ ଧୋକା ଦେବେ। ବନ୍ଧୁଙ୍କ ପରାମର୍ଶରେ ଆରମ୍ଭ କରିଥିବା ଯୋଜନାରେ ଚୁକ୍ତିପତ୍ର ସ୍ୱାକ୍ଷରିତ ହେବ।

**ମକର** ଷଷ୍ଠ ଓ ଅଷ୍ଟମାଧିପତିଙ୍କ ରାଶ୍ୟାବସ୍ଥାନ ଯୋଗୁ ସମୟର ପ୍ରତିକୂଳ ପ୍ରଭାବରେ ଦେହ ଓ ମନ ସୁସ୍ଥ ରହିବ ନାହିଁ। ବିଶୃଙ୍ଖଳିତ ପରିସ୍ଥିତି ଆର୍ଥିକ, ପାରିବାରିକ ଓ ସାମାଜିକ କ୍ଷେତ୍ର ପାଇଁ ଅନୁକୂଳ ରହିବ ନାହିଁ। ଦୂରଦର୍ଶିତା ହେତୁ ପୂର୍ବରୁ ନିଜକୁ ସଜାଡ଼ି ନେବେ। ପ୍ରତିବେଶୀଙ୍କ ସୌହାର୍ଦ୍ଦ୍ୟରୁ ଜମିଜମା କାରବାରରେ ଉପକୃତ ହେବେ।

**କୁମ୍ଭ** କେନ୍ଦ୍ରସ୍ଥ ବୃହସ୍ପତି ପ୍ରଭାବରେ ସମସ୍ୟା ସମାଧାନ ପୂର୍ବକ କାର୍ଯ୍ୟହାସଲରେ ସମର୍ଥ ହେବେ। ଆକସ୍ମିକ ଭାବରେ ସମ୍ମାନ, ବନ୍ଧୁମିଳନ କିମ୍ବା ଉପଢୌକନାଦି ପାଇବା ଯୋଗ ରହିଛି। ଆତ୍ମୀୟଙ୍କ ବ୍ୟବହାର, ଚାଲିଚଳନ ଏପରିକି ପ୍ରତ୍ୟେକ ଘଟଣାକୁ ସନ୍ଦେହ ଦୃଷ୍ଟିରେ ଦେଖିପାରନ୍ତି। ଆଜିର ଯାତ୍ରା, ବ୍ୟବସାୟ, ସଭାସମିତିରେ ଲକ୍ଷ୍ୟ ହାସଲ ହୋଇପାରିବ।

**ମୀନ** ଧନଭାଗ୍ୟାଧିପତିଙ୍କ ସ୍ଥାନାବସ୍ଥାନରୁ ବନ୍ଧୁଙ୍କ ନିମନ୍ତ୍ରଣ ପାଇ ଦୂରଯାତ୍ରା କରିପାରନ୍ତି। କଳା, କ୍ରୀଡ଼ା, ସାହିତ୍ୟ, ସଙ୍ଗୀତ କ୍ଷେତ୍ରରୁ ସମ୍ମାନିତ ହେବାର ଯୋଗ ରହିଛି। ସ୍ୱାସ୍ଥ୍ୟ ସମସ୍ୟା, ପାରିବାରିକ ବୁଝାମଣା, ଏକଜିଦିଆ ମନୋବୃତ୍ତି ସମସ୍ୟାର କାରଣ ହୋଇପାରେ। କଳା, ସାହିତ୍ୟ, ସାମ୍ବାଦିକତା, ଫଟୋଗ୍ରାଫି, ବ୍ୟବସାୟ ଓ ପରିବହନ ଦିଗରୁ ଉପକୃତ ହେବେ।

ଆଜି ସାଧାରଣତନ୍ତ୍ର ଦିବସ, ଜାନୁଆରୀ ୨୬ ତାରିଖ, ଅନ୍ତର୍ଜାତୀୟ ସୀମାଶୁଳ୍କ ଦିବସ, ବିଶ୍ୱ କୁଷ୍ଠ ଉନ୍ମଳନ ଦିବସ, (ଜାନୁଆରୀ ଶେଷ ରବିବାର), ମାଘ କୃଷ୍ଣ ଦ୍ୱାଦଶୀ ରବିବାର, ଦିବା ଘ.୦୮।୨୫ମି. ଗତେ ରାଶି-ନକ୍ଷତ୍ର-ମୂଳା/ଧନୁ, ଦ୍ୱାଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଘ.୦୬।୨୭ ଗତେ ୧୦।୦୮ ମଧ୍ୟେ, ଘ.୦୧।୨୨ ଗତେ ଘ.୦୧।୫୦ ମଧ୍ୟେ ଶୁଦ୍ଧ ଶୁଭବେଳା। ଦିବା ଘ. ୦୪।୦୮ ଗତେ ଘ.୦୫।୩୧ ମଧ୍ୟେ ରାହୁକାଳ ।।

## ପୁରୀ ବିମାନବନ୍ଦର...

ପ୍ରଥମ ପୃଷ୍ଠାରୁ...

ନିଜର ନାମ ଗୋପନ ରଖି କହିଛନ୍ତି, ପୁରୀ ବିମାନବନ୍ଦରର କାର୍ଯ୍ୟ ଅନ୍ଧାର ଭିତରେ ରହିଛି। କେନ୍ଦ୍ର ସରକାର ଏନେଇ ଆବଶ୍ୟକ ଆଗ୍ରହ ଦେଖାଉନାହାନ୍ତି। ନ ହେଲେ ଡେଲୋଇଟ୍ ଭଳି ଏକ ଅନଭିଜ୍ଞ ସଫ୍ଟୱେର ସଂସ୍ଥା ହାତରେ ଏହି ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟର ଦାୟିତ୍ୱ ହସ୍ତାନ୍ତର କରି ନ ଥାନ୍ତେ। ଡେଲୋଇଟ୍ କ'ଣ ତଥ୍ୟ ସଂଗ୍ରହ କରିଛି ସେ ନେଇ ପୂର୍ବରୁ ୨ ଥର ବୈଠକ ହେବାର ଥିଲା। ହେଲେ ଏପର୍ଯ୍ୟନ୍ତ ତାହା ହୋଇପାରିନାହିଁ ବୋଲି ସେ କହିଛନ୍ତି।

ରାଜ୍ୟ ସରକାର ଓଡ଼ିଶାରେ ଆଉ ୮ଟି ବିମାନବନ୍ଦର ପ୍ରତିଷ୍ଠା କରିବା ନେଇ ଯୋଜନା ରଖିଛନ୍ତି। ମୟୂରଭଞ୍ଜର ଦଣ୍ଡବୋଷ, ବଲାଙ୍ଗୀରର ତୁଷୁରା, ଢେଙ୍କାନାଳର ବିରାଶାଳ, ରାଉରକେଲା, ମୟୂରଭଞ୍ଜର ଅମର୍ଦା ରୋଡ୍, ନୂଆପଡ଼ାର ଗୋଟମା, ରାୟଗଡ଼ର ଗୁଡ଼ାରି ଏବଂ ପଦ୍ମପୁରର ସତୀଭଟାଠାରେ ବିମାନବନ୍ଦର ପ୍ରତିଷ୍ଠା ନେଇ ଯୋଜନା ରଖିଛନ୍ତି। ସେଥିମଧ୍ୟରୁ ମୟୂରଭଞ୍ଜର ଦଣ୍ଡବୋଷଠାରେ ବିମାନବନ୍ଦର ହେବା ନେଇ ନିକଟରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଶିଳାନ୍ୟାସ କରିଥିଲେ। ଏହାଛଡ଼ା ଢେଙ୍କାନାଳର ବିରାଶାଳଠାରେ ପୂର୍ବରୁ ଥିବା ଏୟାରଷ୍ଟ୍ରିପ୍‌କୁ ଆଭିଏଶନ ଟ୍ରେନିଂ ସେଣ୍ଟର ଭାବେ ନିର୍ମାଣ କରାଯିବ ଏବଂ ତୁଷୁରାଠାରେ ଯେଉଁ ବିମାନବନ୍ଦର ହେବାକୁ ଅଛି, ତାହା ଏକ ପ୍ରକାର ସ୍ଥିର। ବାକି ୫ଟି ସ୍ଥାନରେ ବିମାନବନ୍ଦର ହେବ ନା ନାହିଁ ତାହା ପ୍ରଶ୍ନବାଚୀ ଭିତରେ ରହିଛି। ରାଉରକେଲାଠାରେ ସେଲ୍ ସହ ମିଶି ବିମାନବନ୍ଦର ପ୍ରତିଷ୍ଠା କରାଯିବା ଯୋଜନା ଅଛି। ରାୟଗଡ଼ାର ଗୁଡ଼ାରିଠାରେ ଯଦି ବିମାନବନ୍ଦର ହୁଏ ତାହାକୁ ଏୟାରପୋର୍ଟ ଅଥରିଟି ଅଫ୍ ଇଣ୍ଡିଆ ଦାୟିତ୍ୱ ନେଇ ଚଳାଇବ ବୋଲି ଜଣେ ପରିବହନ ବିଭାଗର ଅଧିକାରୀ ସୂଚନା ଦେଇଛନ୍ତି। ଏସବୁ ଭିତରେ ପୁରୀ ଭଳି ବଡ଼ ପର୍ଯ୍ୟଟନସ୍ଥଳରେ ହେବାକୁ ଥିବା ବିମାନବନ୍ଦର ଚର୍ଚ୍ଚାର ସର୍ବାଗ୍ରେ ରହିଥିବାବେଳେ ଉକ୍ତ କାର୍ଯ୍ୟ ଡେଲୋଇଟ୍ କେତେ ତୁଲାଉଛି ତାହା ସମୟ ସ୍ପଷ୍ଟ କରିବ ବୋଲି ଶୁଣିବାକୁ ମିଳୁଛି। ଜମି ଅଧିଗ୍ରହଣ ଏବଂ ବିମାନବନ୍ଦର କାର୍ଯ୍ୟ ସମ୍ପର୍କରେ ଡେଲୋଇଟ୍ କମ୍ପାନୀର ପୂର୍ବରୁ କିଛି ଅଭିଜ୍ଞତା ରହିଛି କି ନାହିଁ, ତାହା ଇଣ୍ଟରନେଟ୍‌ରୁ ଜାଣିବାକୁ ଚେଷ୍ଟା କରିଥିଲୁ। ହେଲେ ଉକ୍ତ କମ୍ପାନୀର ଜମି ଅଧିଗ୍ରହଣ ଓ ବିମାନବନ୍ଦର ନିର୍ମାଣ କାର୍ଯ୍ୟ ନେଇ ସମ୍ପୂର୍ଣ୍ଣ ଅନଭିଜ୍ଞ ଥିବା ଜାଣିବାକୁ ମିଳିଛି।

## ବଡ଼ବାପା, ବଡ଼ ମା'ଙ୍କୁ...

ଫେରାର ହୋଇଯାଇଥିଲେ। ଖବର ପାଇ ଗୋଲାମୁଣ୍ଡା ଥାନା ଓ ସ୍ଥାନୀୟ ଦଶପୁର ଫାଣ୍ଡି ପୋଲିସ ଘଟଣାସ୍ଥଳରେ ପହଞ୍ଚି ସନ୍ଧାନୀ କୁକୁର ଓ ସାଇଣ୍ଟିଫିକ ଟିମ୍ ସାହାଯ୍ୟରେ ତଦନ୍ତ ଆରମ୍ଭ କରିଥିଲେ। ପରେ ଜଙ୍ଗଲରୁ ଅଭିଯୁକ୍ତ ପୁତୁରାଙ୍କୁ ପୋଲିସ ଧରି ଥାନାକୁ ଆଣି ଅଟକ ରଖି ପଚରାଉଚୁରା ଜାରି ରଖିଛି। ସେହିପରି ମୃତଦେହ ପୋଲିସ ଜବତ କରିଛି। ଧର୍ମଗଡ଼ ଉପଖଣ୍ଡ ପୋଲିସ ଅଧିକାରୀ ମନୋଜ କୁମାର ବେହେରା ଘଟଣାସ୍ଥଳରେ ଉପସ୍ଥିତ ରହି ତଦନ୍ତ ଜାରି ରଖିଛନ୍ତି।

## ୨୫ ବର୍ଷ ପରେ ଅକ୍ଷୟ୍-ତବୁଙ୍କ ରିୟୁନିୟନ



ତବୁ

**ମୁମ୍ବାଇ:** ପ୍ରାୟ ୨୫ ବର୍ଷ ପରେ 'ଭୂତ ବଙ୍ଗଲା' ଫିଲ୍ମ ମାଧ୍ୟମରେ ଅଭିନେତା ଅକ୍ଷୟ କୁମାର ଓ ଅଭିନେତ୍ରୀ ତବୁଙ୍କର ରିୟୁନିୟନ ହେବାକୁ ଯାଉଛି। ଶେଷଥର ପାଇଁ ୨୦୦୦ ମସିହାରେ ରିଲିଜ୍ ହୋଇଥିବା ସୁପର ହିଟ୍ ଫିଲ୍ମ 'ହେରାଫେରି'ରେ ଏହି ଯୋଡ଼ି ଏକାଠି ନଜରକୁ ଆସିଥିଲେ। ଦୀର୍ଘ ୨୫ ବର୍ଷ ପରେ ପୁଣିଥରେ ଅକ୍ଷୟ ଏବଂ ତବୁଙ୍କୁ ଏକାଠି ଦେଖିବା ପାଇଁ ଉଭୟଙ୍କ ପ୍ରଶଂସକ ଅନାଇ ବସିଛନ୍ତି। ରାଜସ୍ଥାନରେ ସମ୍ପ୍ରତି 'ଭୂତ ବଙ୍ଗଲା'ର ଶୁଟିଂ ଜାରି ରହିଛି। ତବୁ ତାଙ୍କ ଇନ୍‌ଷ୍ଟାଗ୍ରାମରେ ଫିଲ୍ମ ଶୁଟିଂ ସେଟ୍‌ର ଏକ ଫଟୋ ଶେୟାର କରିଛନ୍ତି। ଏହି ଫଟୋରେ ତବୁ 'ଭୂତ ବଙ୍ଗଲା'ରେ ନିଜ ସାଥୀ କୋ ଷ୍ଟାରମାନଙ୍କ ସହ ଏକ ସେଲ୍ଫି ଶେୟାର କରିଛନ୍ତି। ଫିଲ୍ମର ଗୋଟିଏ ଶୁଟିଂ କାର୍ଯ୍ୟସୂଚୀ ସମାପ୍ତ ହୋଇଥିବା ନେଇ ତବୁ ଏହି ପୋଷ୍ଟରେ ସୂଚନା ଦେଇଛନ୍ତି। ପ୍ରିୟଦର୍ଶନଙ୍କ ନିର୍ଦ୍ଦେଶିତ 'ଭୂତ ବଙ୍ଗଲା'ରେ ଅକ୍ଷୟ ଓ ତବୁଙ୍କ ବ୍ୟତୀତ ଅଭିନେତା ପରେଶ ରାୱଲ, ଗୋବର୍ଦ୍ଧନ ଅସ୍‌ରାନୀ, ରାଜପାଲ ଯାଦବ, ୱମିକା ଗାବି ପ୍ରମୁଖ ନଜରକୁ ଆସିବେ। ଆସନ୍ତା ବର୍ଷ ଏପ୍ରିଲ ୨ରେ ଏହି ଫିଲ୍ମ ରିଲିଜ ହେବାକୁ ଯାଉଛି। ନିର୍ଦ୍ଦେଶକ ପ୍ରିୟଦର୍ଶନଙ୍କ ସହ ଅକ୍ଷୟଙ୍କ ଯୋଡ଼ିକୁ ବଲିଉଡ୍‌ର ହିଟ୍ ଯୋଡ଼ି ଭାବେ ଧରାଯାଇଥାଏ। ଉଭୟ ପୂର୍ବରୁ ଅନେକ ହିଟ୍ ଚଳଚ୍ଚିତ୍ର 'ହେରାଫେରି', 'ଭାଗମଭାଗ', 'ଗରମ ମସାଲା', 'ଦେ ଦନା ଦନ୍', 'ଭୁଲ୍ ଭୁଲୈୟା' ଆଦିରେ ଏକାଠି କାର୍ଯ୍ୟ କରିଥିଲେ।




# ଭିତରକନିକାରେ ୩୩ ଧଳା କୁମ୍ଭୀର

**କେନ୍ଦ୍ରାପଡ଼ା,୨୫।୧(ଜଗନ୍ନାଥ ଧଳ)**



ଭିତରକନିକା ଜାତୀୟ ଉଦ୍ୟାନରେ ଚଳିତ ବର୍ଷର କୁମ୍ଭୀର ଗଣନା ପରିବେଶବିତ୍‌ଙ୍କ ପାଇଁ ଭଲ ଖବର ଆଣିଛି । ପୂର୍ବଥରଠାରୁ ଅଳ୍ପସଂଖ୍ୟକ ଲୁଣା ବଉଳା କୁମ୍ଭୀର ସଂଖ୍ୟା ବୃଦ୍ଧି ହୋଇଥିବା ବେଳେ ଧଳା କୁମ୍ଭୀର ସଂଖ୍ୟା ୩୩ରେ ପହଞ୍ଚିଛି । ୨୦୨୩- ୨୪ ଗଣନାରେ ଧଳା କୁମ୍ଭୀରଙ୍କ ସଂଖ୍ୟା ୨୦ ଥିଲା । ୨୦୨୪- ୨୫ରେ ଭିତରକନିକା ବନାଞ୍ଚଳରେ ୩୩ଟି ଧଳା କୁମ୍ଭୀର ଗଣନା କରାଯାଇଛି । ଏମାନଙ୍କ ମଧ୍ୟରୁ ୧୦ ଫୁଟରୁ ଅଧିକ ଲମ୍ବର ୨ଟି ଧଳା କୁମ୍ଭୀର କନିକା ରେଞ୍ଜ ବନାଞ୍ଚଳରେ ଅଛି । ଏଥିସହିତ ଡାଙ୍ଗମାଳରେ ବହୁଚର୍ଚ୍ଚିତ ୪୯ ବର୍ଷୀୟ ଗୋରୀ, ୨୧ ବର୍ଷୀୟ ମଲ୍ଲୀ ଓ ୬ ବର୍ଷୀୟ ସୁନ୍ଦରୀ ଧଳା କୁମ୍ଭୀର ରହିଥିବା ଏସିଏଫ୍ ମାନସ ଦାସ ଶନିବାର ସୂଚନା ଦେଇଛନ୍ତି ।

ବନ ବିଭାଗ ପକ୍ଷରୁ ଜାତୀୟ ଉଦ୍ୟାନ ଭିତରକନିକା ଓ ଆଖପାଖ ନଦୀ ନାଳ ଅଞ୍ଚଳରେ ୨୦୨୪- ୨୫ କୁମ୍ଭୀର ଗଣନା ଗତ ୧୯ରୁ ୨୧ ତାରିଖ ପର୍ଯ୍ୟନ୍ତ ହୋଇଥିଲା । ବଉଳା କୁମ୍ଭୀର ସଂରକ୍ଷଣ ପାଇଁ ଭୂସ୍ୱର୍ଗ ପାଲଟିଥିବା ଏହି ଅଞ୍ଚଳରେ ଗତ ଗଣନା ସମୟରେ ୧୮୧୧ କୁମ୍ଭୀର ଥିବା ବେଳେ ଚଳିତ ଥର ତାହା ୧୫କୁ ବୃଦ୍ଧି ପାଇ ୧୮୨୬ରେ ପହଞ୍ଚିଛି । ସେହି ତୁଳନାରେ ଧଳା କୁମ୍ଭୀର ସଂଖ୍ୟା ୧୩ଟି ଅଧିକ ହୋଇଛି । ଦେଶର ଆର୍ଦ୍ରଭୂମିଗୁଡ଼ିକ ମଧ୍ୟରୁ ଭିତରକନିକାରେ ସର୍ବାଧିକ ଧଳା କୁମ୍ଭୀର ରହିଛନ୍ତି । ଅପରପକ୍ଷେ ୱାର୍ଲ୍ଡ ୱାଇଡ ଫଣ୍ଡ ଫର୍ ନେଚର (ଡବ୍ଲ୍ୟୁଡବ୍ଲ୍ୟୁଏଫ୍) ବମ୍ବେ ନ୍ୟାଚୁରାଲ ହିଷ୍ଟ୍ରି ସୋସାଇଟି ଓ ନ୍ୟୁୟର୍କ ଜୁଲୋଜିକାଲ ସୋସାଇଟି ପକ୍ଷରୁ ହୋଇଥିବା ସର୍ଭେ ଅନୁଯାୟୀ ପ୍ରାୟ ୯୦ ପ୍ରତିଶତ ଧଳା କୁମ୍ଭୀର ଦେଶର ବିଭିନ୍ନ ଆର୍ଦ୍ରଭୂମିରୁ ଲୋପ ପାଇଛନ୍ତି । କୁମ୍ଭୀର ସଂରକ୍ଷଣ ସମ୍ପର୍କରେ ଏସିଏଫ୍ ଦାସ କହିଛନ୍ତି, ୧୯୭୪ ମେ-ଜୁନ ମାସରେ ଅନ୍ତର୍ଜାତୀୟ ଖ୍ୟାତିସମ୍ପନ୍ନ ପ୍ରାଣୀ ବିଶେଷଜ୍ଞ ଡ. ଏଚ. ଆର. ବଷ୍ଟାର୍ଡ ଭିତରକନିକାକୁ ଆସିଥିଲେ । ୧୯୭୫ରେ ଜାତୀୟ ଉଦ୍ୟାନ ଅନ୍ତର୍ଗତ କାଳିଭଞ୍ଜଡିହା କୁମ୍ଭୀର ବସାରୁ ୨୫ଟି ଅଣ୍ଡା ସଂଗ୍ରହ କରି ଏଠାରେ କୃତ୍ରିମ ପ୍ରଜନନ କରାଯାଇଥିଲା । ଏଥିରୁ ପ୍ରଥମ ଧଳା କୁମ୍ଭୀର ଗୋରୀ ଜନ୍ମ ନେଇଥିଲା ।

# ବିପଦରେ ବନ୍ୟପ୍ରାଣୀ

**ସୁନ୍ଦରଗଡ଼, ନରସିଂହପୁରରେ ଦନ୍ତାହାତୀର ମୃତଦେହ ଠାବ, ତେଲକୋଇରେ କଲରାପତରିଆ ବାଘର ମୃତଦେହ ଜବତ**

**ସୁନ୍ଦରଗଡ, ନରସିଂହପୁର,କେନ୍ଦୁଝର, ୨୫।୧ (ଜୟ ନାରାୟଣ ମେଣ୍ଡୁଲି/ ନିରଞ୍ଜନ ଦେବ କୁମାର/ ନରେଶ ଚନ୍ଦ୍ର ପଟ୍ଟନାୟକ)**










ସୁନ୍ଦରଗଡ଼ ବନଖଣ୍ଡ ଓ କଟକ ଜିଲା ନରସିଂହପୁର ବନାଞ୍ଚଳରେ ଦୁଇଟି ଦନ୍ତାହାତୀର ମୃତଦେହ ଠାବ କରାଯାଇଥିବା ବେଳେ କେନ୍ଦୁଝର ବନଖଣ୍ଡ ତେଲକୋଇ ବନାଞ୍ଚଳରେ ଏକ କଲରାପତରିଆ ବାଘର ମୃତଦେହ ଠାବ କରାଯାଇଛି। ତେବେ କୌଣସି ଶିକାରୀଙ୍କ ଦ୍ୱାରା ଦନ୍ତାହାତୀ ଓ ବାଘର ମୃତ୍ୟୁ ଘଟିଛି କି ଅନ୍ୟ କେଉଁ କାରଣରୁ, ତାହାର ତଦନ୍ତ ବନବିଭାଗ ଜାରି ରଖିଛି। ସୁନ୍ଦରଗଡ଼ ଅନ୍ତର୍ଗତ ବି.କରୁଆବାହାଲ ଗ୍ରାମ ନିକଟ ଜଙ୍ଗଲରେ ଶନିବାର ପୂର୍ବାହ୍ଣରେ ଏକ ଦନ୍ତାହାତୀର ମୃତଦେହ ଠାବ ହୋଇଛି। ମୃତ ହାତୀର ବୟସ ୨୦ରୁ ୨୫ ବର୍ଷ ହେବ ବୋଲି ଡିଏଫ୍‌ଓ ପ୍ରଦୀପ ମିରାସେ କହିଛନ୍ତି। ଦନ୍ତାହାତୀ ପଡ଼ୋଶୀ ରାଜ୍ୟ ଛତିଶଗଡ଼ ଅଞ୍ଚଳରୁ ଅନ୍ୟ ଏକ ଦନ୍ତା ସହିତ ଲଢ଼େଇ ବେଳେ ଆହତ ହୋଇ ସୁନ୍ଦରଗଡ଼ ଜଙ୍ଗଲକୁ ଚାଲିଆସିଥିବା ଆଶଙ୍କା କରାଯାଉଛି ବୋଲି ଡିଏଫ୍‌ଓ ମିରାସେ କହିଛନ୍ତି। ହାତୀର ମୁଣ୍ଡ, କାନପଛ, ଶୁଣ୍ଢରେ କ୍ଷତଚିହ୍ନ ଥିବା ବେଳେ ଗୋଟିଏ ଦାନ୍ତ ମଧ୍ୟ ସାମାନ୍ୟ ଭାଙ୍ଗିଛି। ଏହି କ୍ଷତ ପ୍ରାୟ ୪ରୁ ୫ଦିନର ହେବ ବୋଲି ସେ କହିଛନ୍ତି। ଆହତ ଅବସ୍ଥାରେ ବୁଲୁଥିବା ବେଳେ ତା'ର ମୃତ୍ୟୁ ଘଟିଥିବା ଅନୁମାନ କରାଯାଉଛି। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ପ୍ରକୃତ କାରଣ ଜଣାପଡ଼ିବ ବୋଲି ମିରାସେ କହିଛନ୍ତି। ବ୍ୟବଚ୍ଛେଦ ପରେ ହାତୀର ମୃତଦେହ ଜଙ୍ଗଲରେ ପୋତି ଦିଆଯାଇଛି।

ସେହିପରି କଟକ ଜିଲା ନରସିଂହପୁର ବନାଞ୍ଚଳ ପୂର୍ବ ରେଞ୍ଜ ପାଞ୍ଚଗୋଛିଆ ବିଟ୍ ଅଧୀନସ୍ଥ ରଙ୍ଗଡାବ ଗ୍ରାମ ନିକଟ ଜଣେ ବ୍ୟକ୍ତିଙ୍କ ବଗିଚାରୁ ଏକ ଦନ୍ତାହାତୀର ମୃତଦେହ ଠାବ କରାଯାଇଛି। ହାତୀର ବୟସ ପ୍ରାୟ ୧୦ରୁ ୧୨ ବର୍ଷ ହେବ ବୋଲି ଅନୁମାନ କରାଯାଉଛି। ଆଠଗଡ଼ ଡିଏଫ୍‌ଓ ଯଜ୍ଞଦତ୍ତ ପତି, ଏସିଏଫ୍ ମନୋଜ ପାତ୍ର ସ୍ଥାନୀୟ ପ୍ରାଣୀ ଡାକ୍ତର ଟିମ୍ ସହ ଘଟଣାସ୍ଥଳକୁ ଯାଇ ତଦନ୍ତ କରିଛନ୍ତି। ହାତୀର ମୃତଦେହ ବ୍ୟବଚ୍ଛେଦ କରାଯିବା ପରେ ସେହି ସ୍ଥାନରେ ପୋତି ଦିଆଯାଇଛି। ଏଥିସହ ଦାନ୍ତ ଦ୍ୱୟକୁ ଜବତ କରାଯାଇଛି ବୋଲି ପୂର୍ବାଞ୍ଚଳ ରେଞ୍ଜ ଅଧିକାରୀ ସୁବାସ ଚନ୍ଦ୍ର ରାଉତ ସୂଚନା ଦେଇଛନ୍ତି। ହାତୀ ମୃତ୍ୟୁର କାରଣ ଜାଣିବା ପାଇଁ ତଦନ୍ତ ଜାରି ରହିଛି ବୋଲି ଆଠଗଡ଼ ଡିଏଫ୍‌ଓ ପତି କହିଛନ୍ତି।

ସେହିପରି କେନ୍ଦୁଝର ବନଖଣ୍ଡ ତେଲକୋଇ ବନାଞ୍ଚଳ ତାଳପଦା ଫରେଷ୍ଟ ବିଟ ବଡ଼ଖମଣ ଗ୍ରାମ କଳାପାଟ ସଂରକ୍ଷିତ ଜଙ୍ଗଲରୁ ଏକ କଲରାପତରିଆ ବାଘର ଗଳିତ ମୃତଦେହ ଜବତ ହୋଇଛି। ବନ୍ୟପ୍ରାଣୀ ସୁରକ୍ଷା କର୍ମୀ ହାତୀ ନିରୀକ୍ଷଣ କରୁଥିବା ବେଳେ ବାଘର ମୃତଦେହ ଠାବ କରିଥିଲେ। ୨୦ରୁ ୨୫ ଦିନ ପୂର୍ବରୁ ବାଘର ମୃତ୍ୟୁ ହୋଇଥିବା ଅନୁମାନ କରାଯାଉଛି। ବାଘର ବୟସ ପାଖାପାଖି ଦେଢ଼ରୁ ଦୁଇ ବର୍ଷ ହେବ ବୋଲି ବନ ବିଭାଗ ପ୍ରାଥମିକ ତଦନ୍ତରୁ ଜାଣିବାକୁ ପାଇଛି। ଜିଲା ବନଖଣ୍ଡ ଅଧିକାରୀ ଏଚ୍‌ଡି ଧନ୍‌ରାଜ, ତେଲକୋଇ ବନାଞ୍ଚଳ ଅଧିକାରୀ ଶିବାଜୀ ମୋହନ ରାଓ, ବନ୍ୟପ୍ରାଣୀ ବିଶେଷଜ୍ଞ ଓ ଡାକ୍ତରୀ ଦଳ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ବିଭିନ୍ନ ଦିଗକୁ ନେଇ ତଦନ୍ତ ଆରମ୍ଭ କରିଛନ୍ତି। ମୃତ ବାଘର ଚମଡ଼ା ଏବଂ ନଖ ସୁରକ୍ଷିତ ଥିବାରୁ ଏହା ଶିକାର ନୁହଁ, ଅନ୍ୟ କେଉଁ କାରଣରୁ ମୃତ୍ୟୁ ହୋଇଥିବା ବନବିଭାଗ ଅନୁମାନ କରୁଛି। ମୃତଦେହ ବ୍ୟବଚ୍ଛେଦ ପରେ ମୃତଶରୀରର ବିଭିନ୍ନ ଅଙ୍ଗପ୍ରତ୍ୟଙ୍ଗରୁ ନମୁନା ସଂଗ୍ରହ କରାଯାଇ ଓୟୁଏଟିସ୍ଥିତ ଫୋରେନ୍ସିକ ଲାବରେଟୋରୀକୁ ପରୀକ୍ଷା ନିମନ୍ତେ ପଠାଯାଇଛି। ରିପୋର୍ଟ ଆସିବା ପରେ ମୃତ୍ୟୁର କାରଣ ସ୍ପଷ୍ଟ ହେବ ବୋଲି ବନଖଣ୍ଡ ଅଧିକାରୀ ସୂଚନା ଦେଇଛନ୍ତି।

# କୃଷ୍ଣପ୍ରସାଦରେ କାଉ ମଡ଼କ

**କୃଷ୍ଣପ୍ରସାଦ,୨୫।୧(କୈଳାସ ଚନ୍ଦ୍ର ପଟ୍ଟନାୟକ):** ପୁରୀ ଜିଲା କୃଷ୍ଣପ୍ରସାଦ ବ୍ଲକ ଅଞ୍ଚଳରେ କାଉ ମଡ଼କ ଦେଖାଦେଇଛି। ସିଆଳର ଚିଲିକା କୂଳରେ ଥିବା ଖାଉଁବଣ, ମାଲୁଦ, କୃଷ୍ଣପ୍ରସାଦ, ଚାରିଛକ, ନୂଆପଡ଼ା ଆଦି ଅଞ୍ଚଳରେ ବହୁ କାଉ ମରି ପଡ଼ିଥିବା ଦେଖିବାକୁ ମିଳିଛି। ଏତେ ସଂଖ୍ୟକ କାଉ କାହିଁକି ମରୁଛନ୍ତି, ତାହାର କାରଣ ଜଣାପଡ଼ି ନ ଥିବାବେଳେ ବାର୍ଡ ଫ୍ଲୁ ହୋଇଥିବା ସନ୍ଦେହ କରାଯାଉଛି। ଏହାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଭୟର ବାତାବରଣ ଖେଳିଯାଇଛି। ଏ ସମ୍ପର୍କରେ ଜିଲା ପ୍ରାଣୀ ମୁଖ୍ୟ ଚିକିତ୍ସା ଅଧିକାରୀ ଶରତ କୁମାର ବେହେରା କହିଛନ୍ତି, ଗଣମାଧ୍ୟମରୁ କାଉ ମଡ଼କ ନେଇ ସୂଚନା ପାଇଲି। ନମୁନା ସଂଗ୍ରହ କରାଯାଇ ପରୀକ୍ଷା ପାଇଁ ପଠାଯିବ। ରିପୋର୍ଟ ଆସିବା ପରେ ପଦକ୍ଷେପ ନିଆଯିବ। ସୂଚନାଥାଉ କି, ଏହି ବ୍ଲକ ଅଧୀନ ସିଆଣ୍ଡି ପଞ୍ଚାୟତର ରତାମାଟି, ବଳରାମପୁର ଅଞ୍ଚଳର କୁକୁଡ଼ା ଫାର୍ମରେ ଶତାଧିକ କୁକୁଡ଼ା ମରି ପଡ଼ିଥିବା ନେଇ ଗତ ୭ତାରିଖରେ ବିଭିନ୍ନ ଗଣମାଧ୍ୟମରେ ଖବର ପ୍ରକାଶ ପାଇଥିଲା।












ଈଶ୍ୱର ଯଦି ମୋ ପାଇଁ ନରକବାସର ବ୍ୟବସ୍ଥା କରନ୍ତି– ତେବେ ମୁଁ ଜାଣେ ନା– ମୁଁ ବା କାହିଁକି ସ୍ୱର୍ଗରେ ବାସ କରିବା ପାଇଁ ଅଭିଳାଷ କରିବି? କାରଣ– ମୋ ଲାଗି କ'ଣ ଶୁଭ ବା ଭଲ ତାହା କେବଳ ତାଙ୍କୁ ହିଁ ଭଲ ଭାବେ ଜଣା। –ଶ୍ରୀଅରବିନ୍ଦ

# ଆଜାଦ୍‌ଙ୍କ ଯୋଜନା



ଆକାର ପଟେଲ

୧୯୪୬ରେ କଂଗ୍ରେସ ଅଧ୍ୟକ୍ଷ ଭାବରେ ଅବୁଲ କଲାମ ଆଜାଦ୍ ସିଦ୍ଧାନ୍ତ ନେଇଥିଲେ ଯେ ଅବିଭକ୍ତ ଭାରତରେ ସମ୍ବିଧାନ ସଂଘୀୟ ହେବା ଆବଶ୍ୟକ। ଅର୍ଥାତ୍ ଜାତୀୟ ଏକତାକୁ ସମ୍ବୋଧନ କଲାବେଳେ ଯଥାସମ୍ଭବ ବିଷୟଗୁଡ଼ିକରେ ପ୍ରଦେଶକୁ ସମ୍ପୂର୍ଣ୍ଣ ସ୍ୱତନ୍ତ୍ରତା ପ୍ରଦାନ କରିବା ଉଚିତ ବୋଲି ସେ ବୁଝାଇଥିଲେ। ସଂଘୀୟବାଦ ହେବ ପ୍ରଦେଶଗୁଡ଼ିର ସ୍ୱାୟତ୍ତତାର ମୂଳ ଏବଂ ପ୍ରତିରକ୍ଷା, ବୈଦେଶିକ ବ୍ୟାପାର ଓ ଯୋଗାଯୋଗକୁ ସଂଘୀୟ ସରକାର ବାଧ୍ୟତାମୂଳକ ଭାବେ ନିୟନ୍ତ୍ରଣ କରିବେ। ତେବେ ପ୍ରଦେଶଗୁଡ଼ିକ ପାଇଁ ଯାହା ରହିଲା ତାହା ହେଉଛି ରାଜ୍ୟଗୁଡ଼ିକର ସଂରକ୍ଷଣ ଯାହାକୁ ପାରସ୍ପରିକ ସହମତିରେ ରାଜ୍ୟ ଓ କେନ୍ଦ୍ର ମଧ୍ୟରେ ବାଣ୍ଟିହେବ। ଆଜାଦ୍ ଲେଖିଛନ୍ତି, ଭାରତରେ ତାଙ୍କ ଯୋଜନାର ବାସ୍ତବତା ଥିବା ଉପଲବ୍ଧି କରିଥିଲେ। ତେବେ ଅଧ୍ୟକ୍ଷ ଭାବରେ ଏ ସମ୍ପର୍କରେ କଂଗ୍ରେସର ଅନ୍ୟ ସଦସ୍ୟଙ୍କ ସହ ଆଲୋଚନା କରିବାକୁ ତାଙ୍କର ସମ୍ପୂର୍ଣ୍ଣ କ୍ଷମତା ଥିଲେ ମଧ୍ୟ ସେ ତାହା କରି ନ ଥିଲେ। ସେ ଶନିବାର ୬ ଏପ୍ରିଲ ୧୯୪୬ରେ କ୍ୟାବିନେଟ୍ ମିଶନଙ୍କୁ ଭେଟିଲେ ଏବଂ ତା'ପର ଶୁକ୍ରବାର ଅର୍ଥାତ୍ ଏପ୍ରିଲ ୧୨ରେ କଂଗ୍ରେସ କାର୍ଯ୍ୟକାରୀ କମିଟିକୁ ସୂଚନା ଦେଇଥିଲେ। ଏଥିରେ ଆଜାଦ୍ ଲେଖିଥିଲେ , ସେ ତାଙ୍କ ଯୋଜନା ସମ୍ପର୍କରେ ସେମାନଙ୍କୁ ବିଶେଷକରି ଗାନ୍ଧିଜୀଙ୍କୁ ଭଲ ଭାବେ ଅବଗତ କରିଥିଲେ, ଯିଏ କି ଏଥିରେ ସମ୍ପୂର୍ଣ୍ଣ ସହମତ ଥିଲେ। ସର୍ଦ୍ଦାର ପଟେଲ ପଚାରିଥିଲେ ଯେ, ବିତ୍ତୀୟ ଏବଂ ମୁଦ୍ରା କ୍ଷେତ୍ରରେ କ'ଣ ହେବ। ଆଜାଦ୍‌ଙ୍କ ତରଫରୁ ଗାନ୍ଧିଜୀ ଉତ୍ତର ଦେଇଥିଲେ, ଏହିସବୁ ବିଷୟରେ ରାଜ୍ୟଗୁଡ଼ିକ ଏକୀକୃତ ନୀତି ନ ଚାହିଁବାର କୌଣସି କାରଣ ନାହିଁ। ନେହେରୁ ଯାହା କହିଛନ୍ତି ତାହାକୁ ଆଜାଦ୍ ତାଙ୍କ ପୁସ୍ତକରେ ଉଲ୍ଲେଖ କରିନାହାନ୍ତି। ୩ ଦିନ ପରେ ଅର୍ଥାତ୍ ଏପ୍ରିଲ ୧୫ରେ ଆଜାଦ୍ ଏକ ବିବୃତି ଜାରି କରିଥିଲେ। ଏହାର ଅଧିକାଂଶ ଭାଗରେ ସେ ପାକିସ୍ତାନ ଦାବିକୁ ପ୍ରତ୍ୟାଖ୍ୟାନ କରିବାକୁ ଚେଷ୍ଟା କରିଥିଲେ ଏବଂ ଏହା ତ୍ରୁଟିପୂର୍ଣ୍ଣ ବୋଲି ଦର୍ଶାଇଥିଲେ। ହିନ୍ଦୁଙ୍କ ପ୍ରାଧାନ୍ୟ ଥିବା ଏକ କେନ୍ଦ୍ରରେ ମୁସଲମାନବହୁଳ ଅଞ୍ଚଳର ବିରୋଧ ଭୟକୁ ଆଞ୍ଚଳିକ ସ୍ୱାୟତ୍ତତା ମାଧ୍ୟମରେ ସେ ସମାଧାନ କରିବାକୁ ଚେଷ୍ଟା କରିଥିଲେ। ତାଙ୍କ ପାଖରେ ଦୁଇଟି ବିଷୟର ତାଲିକା ଥିଲା। ଗୋଟିଏ କେନ୍ଦ୍ର ପାଇଁ ବାଧ୍ୟତାମୂଳକ ହୋଇଥିବାବେଳେ ଅନ୍ୟଟି ଇଚ୍ଛାଧୀନ, ଯାହା ପ୍ରଦେଶ କେନ୍ଦ୍ରକୁ ଦେବା ପାଇଁ ବାଛିପାରେ। ସେ ସତର୍କ କରିଦେଇଥିଲେ ଯେ, ଉଭୟ ସାର୍ବଭୌମ ଦେଶ ଓ ଦୁଇଟି ଦେଶ ଗଠନ ଲକ୍ଷ୍ୟ ବିଫଳ ହେବ। ଆଜାଦ୍ ଲେଖିଛନ୍ତି, ସାର୍ବଭୌମ ଦେଶ ଭାବେ ଭାରତ ବିଫଳହେବ, କାରଣ ବିଭାଜିତ ଭାରତରେ ଅଧିକ ସଂଖ୍ୟକ ମୁସଲମାନ ରହିଯିବେ। ତେବେ ଏ ବିଷୟରେ ସେ ଆଉ ଅଧିକ କିଛି କହିନାହାନ୍ତି। ଯେଉଁମାନେ ସାମ୍ପ୍ରଦାୟିକ ତିକ୍ତତା ଏବଂ ପ୍ରଭେଦ ବିଷୟକୁ ଭାରତୀୟ ଜୀବନର ଏକ କ୍ଷଣସ୍ଥାୟୀ ପର୍ଯ୍ୟାୟ ଭାବରେ ବିବେଚନା କରୁଛନ୍ତି ସେମାନଙ୍କ ମଧ୍ୟରୁ ମୁଁ ମଧ୍ୟ ଜଣେ ବୋଲି ସେ ଉଲ୍ଲେଖ କରିଥିଲେ।

ବ୍ରିଟିଶମାନେ ୧ ମାସ ପରେ ଅର୍ଥାତ୍ ୧୬ ମେ'ରେ କ୍ୟାବିନେଟ୍ ମିଶନ ଯୋଜନା ପ୍ରକାଶ କରିଥିଲେ। ଆଜାଦ୍‌ଙ୍କ ଯୋଜନାଠାରୁ ଏଥିରେ ଅଧିକ କିଛି ଭିନ୍ନତା ନ ଥିଲା। ପ୍ରଦେଶ କିମ୍ବା ରାଜ୍ୟସ୍ତରୀୟ ସ୍ୱାୟତ୍ତତା ପରିବର୍ତ୍ତେ ଏଥିରେ ଆଞ୍ଚଳିକ ସ୍ୱାୟତ୍ତତାକୁ ଦର୍ଶାଯାଇ ଥିଲା। ସ୍ଥାନୀୟ ସଂଖ୍ୟାଗରିଷ୍ଠତାକୁ ପ୍ରତିଫଳିତ କରିବା ପାଇଁ ଭାରତକୁ ୩ଭାଗରେ ବିଭକ୍ତ କରାଯିବ (ଯାହା ଏବକାର ପାକିସ୍ତାନ, ଭାରତ ଏବଂ ବାଂଲାଦେଶ) ଏବଂ ଏହି ତିନୋଟି ଭାଗରେ ଏକ କେନ୍ଦ୍ର ଅଧୀନରେ ପ୍ରାଦେଶିକ ସ୍ୱାଧୀନତା ରହିବ। କେନ୍ଦ୍ରକୁ ଦିଆଯାଇଥିବା କ୍ଷମତା ବ୍ୟତୀତ ପ୍ରିନ୍ସଲେ ଷ୍ଟେଟ୍‌ଗୁଡ଼ିକର ସ୍ୱାଧୀନତା ବଜାୟ ରହିବ। କଂଗ୍ରେସ ଏହି ପ୍ରସ୍ତାବକୁ ଗ୍ରହଣ କରିବା ଉଚିତ ବୋଲି ଆଜାଦ୍ ଅନୁଭବ କରିଥିଲେ। ଜିନ୍ନା ପ୍ରଥମେ ଏହାକୁ ବିରୋଧ କରିଥିଲେ, କାରଣ ପାକିସ୍ତାନ ଦାବି ପାଇଁ ବହୁ ଆଗକୁ ଚାଲିଯାଇଥିଲେ ବୋଲି ସେ ଲେଖିଛନ୍ତି। କିନ୍ତୁ ଆଜାଦ୍ ଅନୁଭବ କରିଥିଲେ, ଜିନ୍ନା ଉତ୍ତମ ସର୍ତ୍ତାବଳୀର ବୁଝାମଣା କରିପାରିବେ ନାହିଁ ଏବଂ ତଥାପି ତାଙ୍କ ପରାମର୍ଶରେ ମୁସ୍‌ଲିମ ଲିଗ୍ ପରିଷଦ କ୍ୟାବିନେଟ୍ ମିଶନ ଯୋଜନା ସପକ୍ଷରେ ଭୋଟ ଦେଲା। ୧୬ ଜୁନ୍‌ରେ କଂଗ୍ରେସ କାର୍ଯ୍ୟକାରୀ କମିଟି ମଧ୍ୟ ଏହି ଯୋଜନାକୁ ସମର୍ଥନ କରିଥିଲା। ଆଜାଦ୍ ଲେଖିଛନ୍ତି, ଉଭୟ କଂଗ୍ରେସ ଏବଂ ମୁସ୍‌ଲିମ ଲିଗ୍ ଦ୍ୱାରା କ୍ୟାବିନେଟ୍ ମିଶନ ଯୋଜନା ଗ୍ରହଣ ହେବା ଭାରତର ସ୍ୱାଧୀନତା ସଂଗ୍ରାମ ଇତିହାସରେ ଏକ ଗୌରବମୟ ଘଟଣା। ଅର୍ଥାତ୍ ଭାରତୀୟ ସ୍ୱାଧୀନତାର କଠିନ ପ୍ରଶ୍ନ ହିଂସା ଏବଂ ବିବାଦର ପଦ୍ଧତି ଦ୍ୱାରା ନୁହେଁ ବରଂ ବୁଝାମଣା ଏବଂ ଚୁକ୍ତି ଦ୍ୱାରା ସମାଧାନ ହୋଇଥିଲା। ଏହା ମଧ୍ୟ ମନେହେଉଥିଲା ଯେ, ଶେଷରେ ସାମ୍ପ୍ରଦାୟିକ ଅସୁବିଧାଗୁଡ଼ିକ ପଛରେ ରହିଯିବ। ସମଗ୍ର ଦେଶରେ ଆନନ୍ଦ ଉଲ୍ଲାସର ଭାବନା ରହିଥିଲା ଏବଂ ସ୍ୱାଧୀନତା ଦାବିରେ ସମସ୍ତ ଲୋକ ଏକଜୁଟ ହୋଇଥିଲେ। ୭ ଜୁଲାଇରେ ଏଆଇସିସି ଏହାକୁ ସମର୍ଥନକଲା। ଆମେ ଖୁସି ହେଲୁ, କିନ୍ତୁ ସେତେବେଳେ ଜାଣି ନ ଥିଲୁ ଯେ ଆମର ଆନନ୍ଦ କ୍ଷଣସ୍ଥାୟୀ ଥିଲା ଏବଂ ତିକ୍ତ ନିରାଶା ଆମକୁ ଅପେକ୍ଷା କରିଥିଲା। ସେହି ମାସରେ କଂଗ୍ରେସ ଅଧ୍ୟକ୍ଷଙ୍କ ଉପରେ ପ୍ରଶ୍ନ ଉଠିଲା। ଆଜାଦ୍ ୧୯୩୯ରେ ୧ ବର୍ଷ ପାଇଁ ନିର୍ବାଚିତ ହୋଇଥିଲେ ମଧ୍ୟ ୧୯୪୬ ପର୍ଯ୍ୟନ୍ତ ଏହି ପଦବୀରେ ରହିଥିଲେ। କାରଣ ଦ୍ୱିତୀୟ ବିଶ୍ୱଯୁଦ୍ଧ ଆରମ୍ଭ ହେବା ପରେ କଂଗ୍ରେସ ଉପରେ ପ୍ରତିବନ୍ଧକ ଲଗାଯାଇଥିଲା ଏବଂ ଏହାର ଅନେକ ନେତା ଜେଲରେ ଥିଲେ। ସେ ପ୍ରତିଦ୍ୱନ୍ଦ୍ୱିତା ନ କରି ପଟେଲଙ୍କ ବଦଳରେ ନେହେରୁଙ୍କୁ ପଦବୀ ଛାଡ଼ିବାକୁ ପସନ୍ଦ କରିଥିଲେ, ଯାହା ପାଇଁ ତାଙ୍କୁ ଅନୁତାପ କରିବାକୁ ପଡ଼ିଛି। ଆଜାଦ୍‌ଙ୍କ ଯୋଜନାକୁ ପଟେଲ ଭଲଭାବେ ଦେଖିଥାନ୍ତେ, କିନ୍ତୁ ନେହେରୁ, ଆଜାଦ୍‌ଙ୍କ ମତରେ, ଜିନ୍ନାଙ୍କୁ ଗଡ଼ବଡ଼ କରିବାର ସୁଯୋଗ ଦେଇଥିଲେ। ଜୁଲାଇ ୧୦ରେ ଏକ ସାମ୍ବାଦିକ ସମ୍ମିଳନୀରେ ନେହେରୁ କହିଥିଲେ, କ୍ୟାବିନେଟ୍ ମିଶନ ଯୋଜନାକୁ ନେଇ କଂଗ୍ରେସ ଅସନ୍ତୁଷ୍ଟ ଏବଂ ଏହା ସଂଖ୍ୟାଗରିଷ୍ଠତା ହାସଲ କରିଥିବା ସାମ୍ବିଧାନିକ ସଭାରେ ଯାହା ଚାହିଁବ ତାହା କରିପାରିବ। ପରେ ଏହି ସୁଯୋଗରେ ଜୁଲାଇ ୨୭ରେ ଜିନ୍ନାଙ୍କ ନେତୃତ୍ୱରେ ମୁସ୍‌ଲିମ୍ ଲିଗ୍ କାଉନସିଲ ବୈଠକ ହୋଇଥିଲା ଏବଂ କ୍ୟାବିନେଟ୍ ମିଶନ ଯୋଜନାକୁ ପ୍ରତ୍ୟାଖ୍ୟାନକରି ପାକିସ୍ତାନ ପାଇଁ ଏହାର ଦାବିକୁ ଦୋହରାଇଥିଲା। ଏହା ପରେ କ'ଣ ଘଟିଛି ଆମେ ଜାଣୁ।

Email:aakar.patel@gmail.com

# ଗୁଣାତ୍ମକ ହେଉ ଆମ ଗଣତନ୍ତ୍ର



ଡ. ଅଜୟ କୁମାର ନନ୍ଦ

ଦେଶକୁ ଇଂରେଜ କବଳରୁ ମୁକ୍ତ କରିବାରେ ଜାତିର ପିତା ମହାତ୍ମା ଗାନ୍ଧୀଙ୍କ ଅହିଂସା ପ୍ରଚେଷ୍ଟା ସହ ଅଗଣିତ ସ୍ୱାଧୀନତା ସଂଗ୍ରାମୀଙ୍କ ଅଦମ୍ୟ ସାହସ ପାଇଁ ଆମେ ବିଶ୍ୱର ସର୍ବବୃହତ୍ ଗଣତାନ୍ତ୍ରିକ ରାଷ୍ଟ୍ରର ଜଣେ ଜଣେ ସ୍ୱାଧୀନ ନାଗରିକ ଭାବେ ପରିଚିତ। ୧୫ ଅଗଷ୍ଟ ୧୯୪୭ରେ ଦେଶ ସ୍ୱାଧୀନତା ପାଇଲେ ମଧ୍ୟ ବିଦେଶୀ ଶାସନ ଖସଡ଼ାରୁ ସମ୍ପୂର୍ଣ୍ଣ ମୁକୁଳି ପାରିନଥିଲା। ଦୀର୍ଘ ୨୦୦ ବର୍ଷର ବ୍ରିଟିଶ୍ ଶାସନ ଅବସାନ ପରେ ସମସ୍ତ ଭାରତୀୟଙ୍କ ମୁକ୍ତିର ଜୟଗୀତି ଥିଲା 'ଆମେ ଚଳାଇବୁ ଦେଶ ଆମରି, ଆମରି ନାଆରେ ଆମେ ନାଉରୀ', ଯାହା ପରବର୍ତ୍ତୀ ସମୟରେ ଶାସନ ସଂହିତା ପ୍ରସ୍ତୁତି ପାଇଁ ଅନେକ ଖୋରାକ ଯୋଗାଇଥିଲା। ସେହି ସମୟରେ ବିଶ୍ୱର ପ୍ରତ୍ୟେକ ସ୍ୱାଧୀନ ରାଷ୍ଟ୍ରର ନିଜସ୍ୱ ନୀତି ନିୟମ ଥିଲେ ମଧ୍ୟ ଭାରତରେ ଏହା ପ୍ରଣୟନ ହୋଇନଥିଲା। ଏହାର ଆବଶ୍ୟକତାକୁ ଉପଲବ୍ଧି କରି ମହାତ୍ମା ଗାନ୍ଧୀଙ୍କ ପରାମର୍ଶରେ ପଣ୍ଡିତ ଜବାହରଲାଲ ନେହେରୁଙ୍କ ସମେତ ଅନ୍ୟାନ୍ୟ ନେତୃବୃନ୍ଦ ୧୯୪୯ ନଭେମ୍ବର ୨୬ରେ ଦସ୍ତଖତ ସମ୍ବଳିତ ଏକ ଚିଠା ଭାରତ ସମ୍ବିଧାନ ସଭା ଦ୍ୱାରା ଗୃହୀତ ହୋଇଥିଲା। ଭାରତର ପ୍ରଶାସନ ସଂରଚନା, କାର୍ଯ୍ୟଶୈଳୀ, ନୀତିନିୟମ, ଅଧିକାର, କର୍ତ୍ତବ୍ୟକୁ ଗଣତାନ୍ତ୍ରିକ ଶାସନ ପଦ୍ଧତିରେ ବାନ୍ଧି ରଖିବା ପାଇଁ ଯେଉଁ କେତେକ ଶାସନ ଖସଡ଼ା ପ୍ରସ୍ତୁତ ହୋଇଥିଲା, ତାହାକୁ ଆମେ ସମ୍ବିଧାନ କହୁଛେ। ଭାରତୀୟ ସମ୍ବିଧାନର ପ୍ରଥମ ଅସ୍ଥାୟୀ ସଭାପତି ଥିଲେ ଡ. ସଚ୍ଚିଦାନନ୍ଦ ସିହ୍ନା ଓ ପରେ ଡ.ରାଜେନ୍ଦ୍ର ପ୍ରସାଦ ସଭାପତି ରୂପେ ନିର୍ବାଚିତ ହୋଇଥିଲେ। ସାତଜଣିଆ ଡ୍ରାଫ୍ଟିଙ୍ଗ୍ କମିଟି ପକ୍ଷରୁ ଡ. ଭୀମରାଓ ରାମ୍‌ଜୀ ଆମ୍ବେଡକରଙ୍କୁ ସମ୍ବିଧାନର ମୁଖ୍ୟ ସ୍ଥପତି ରୂପେ ଅଳଂକୃତ କରାଗଲା। ପରେ ପରେ ଭାରତ ପାର୍ଲାମେଣ୍ଟରେ ଏହି ସମ୍ବିଧାନ ୧୯୫୦ ଜାନୁଆରୀ ୨୬ରେ ଗୃହୀତ ହୋଇ କାର୍ଯ୍ୟକାରୀ କରାଗଲା।

ଭାରତ ଭଳି ବୃହତ୍ ରାଷ୍ଟ୍ରରେ ଏକତା ଓ ଅଖଣ୍ଡତାକୁ ବଜାୟ ରଖିବାରେ ସାମ୍ବିଧାନିକ ବିଧି, ବ୍ୟବସ୍ଥା ଯେ କେତେ ଜରୁରୀ ଏ କଥାକୁ ବେଶ୍ ଉପଲବ୍ଧି କରିଥିଲେ ଆମ ସମ୍ବିଧାନ ପ୍ରଣେତା ଡ. ଆମ୍ବେଡକର। ସମ୍ବିଧାନର ମୂଳ ଲକ୍ଷ୍ୟ ହେଉଛି ଭାରତକୁ ଏକ ସାର୍ବଭୌମ, ସମାଜବାଦ, ଧର୍ମନିରପେକ୍ଷ ରାଷ୍ଟ୍ର ରୂପେ ଗଢ଼ି ତୋଳିବା। ଏହାସହ ଗଣତାନ୍ତ୍ରିକ ବ୍ୟବସ୍ଥାରେ ସାଧାରଣ ଲୋକଙ୍କୁ ଶାସନ ବିକେନ୍ଦ୍ରୀକରଣ ଜରିଆରେ ସର୍ବନିମ୍ନ ମୌଳିକ ସୁବିଧା ଯୋଗାଇଦେବା। ଅପରପକ୍ଷେ ସମ୍ବିଧାନ ସଂଶୋଧନ ପରେ, ଉଲ୍ଲେଖ ଥିବା ମୋଟ ୪୪୮ ଧାରାର ସମସ୍ତ ସୁଫଳ ଭାରତୀୟଙ୍କ କଲ୍ୟାଣ ଲାଗି ଏକ ବିଧିବଦ୍ଧ ବ୍ୟବସ୍ଥା, ଯେଉଁଥିପାଇଁ ସମ୍ବିଧାନର ବୈଶିଷ୍ଟ୍ୟ ହେଉଛି ଲୋକମାନଙ୍କର, ଲୋକମାନଙ୍କ ଦ୍ୱାରା ଏବଂ ଲୋକମାନଙ୍କ ପାଇଁ। ବଡ଼ କଥା ହେଲା, ଆମ ଦେଶର ଶାସନ ଭାର ଜନତାଙ୍କ ହାତରେ ନ୍ୟସ୍ତ, ଯାହାଦ୍ୱାରା ସେମାନେ ନିର୍ବାଚନ ମାଧ୍ୟମରେ ଲୋକପ୍ରତିନିଧି ଚୟନ କରି ସାମ୍ବିଧାନିକ ମର୍ଯ୍ୟାଦାକୁ ସୁଦୃଢ଼ କରିବା ସହିତ ସ୍ୱଚ୍ଛ ଓ ଦୁର୍ନୀତିମୁକ୍ତ ଶାସନ କରିବାରେ ପ୍ରତ୍ୟକ୍ଷ ଭାବରେ ସହଭାଗୀ ହୋଇଥାନ୍ତି।



ସ୍ୱାଧୀନତା ପୂର୍ବରୁ ଯେଉଁ ଦେଶ ଗୋଟିଏ ପିନ୍ କଣ୍ଟା ଉତ୍ପାଦନ କରିବାରେ ସକ୍ଷମ ନ ଥିଲା, ସେ ଦେଶ ଏବେ ଆତ୍ମନିର୍ଭରଶୀଳ ପଥରେ ଅଗ୍ରସର। ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ, କାରିଗରି, ବିଜ୍ଞାନ, ଅର୍ଥନୀତିରେ ସଂସ୍କାର ଆଣିବା ସହିତ ଅନେକ କୀର୍ତ୍ତିମାନ ରଚିବାରେ ସକ୍ଷମ ହୋଇଛି। ପରିତାପର ବିଷୟ, ଦେଶ ସ୍ୱାଧୀନତା ପାଇବାରେ ଅନେକ ବର୍ଷ ବିତିଯାଇଥିଲେ ମଧ୍ୟ ଦେଶର ୭୦% ସମ୍ପତ୍ତି ଶିଳ୍ପପତି ଓ ଧନିକ ଗୋଷ୍ଠୀଙ୍କ ହାତରେ ବନ୍ଧା ପଡ଼ିଛି। ଏପରି ଅସମାନତାରେ ସୁଧାର ନ ଆସିଲେ ତାହା ଦେଶର ପ୍ରଗତି ପାଇଁ ଶୁଭଙ୍କର ହେବନାହିଁ। ବର୍ତ୍ତମାନ ଧନିକ ବର୍ଗର ଲୋକମାନେ ସରକାରୀ ଯୋଜନାର ଦୁରୁପଯୋଗ କରି ଅନେକ ସମ୍ପତ୍ତି ଓ ସୁବିଧା ହାତଉ ଥିବାବେଳେ, ଗରିବମାନେ ରାଜନୈତିକ ଉଦ୍ଦେଶ୍ୟରେ ପ୍ରଣୟନ ହେଉଥିବା ବହୁସଂଖ୍ୟକ ମାଗଣା ଯୋଜନା ସାମିଲ ହୋଇ ଅନେକ ଫାଇଦା ପାଉଛନ୍ତି। ବିଚରା ମଧ୍ୟବିତ୍ତ ବର୍ଗ ଲୋକମାନେ ଆୟକର ସମେତ ବିଭିନ୍ନ ଉତ୍ସରୁ ଉପଲବ୍ଧ ଆୟରୁ ଟିକସ ଭରଣା କରି ଦେଶ ଅର୍ଥନୀତି ସୁଦୃଢ଼ କରିବାରେ ପ୍ରମୁଖ ଭାଗୀଦାର ଥିବାବେଳେ ସରକାରଙ୍କ ବିଭିନ୍ନ ସୁବିଧାରୁ ବଞ୍ଚିତ ହେଉଛନ୍ତି। ଏବେ ଦେଖାଯାଉଛି, ରାଜନୀତିରେ ବିଭିନ୍ନ ବର୍ଗର ମୁଷ୍ଟିମେୟ ଲୋକଙ୍କ ସମେତ ଅପରାଧ ପୃଷ୍ଠଭୂମିରେ ଲିପ୍ତ ଅନେକ ଅପରାଧୀ ଗୋଷ୍ଠୀ ନିଜକୁ ସୁରକ୍ଷିତ ରଖିବା ସହିତ ଆଇନକାନୁନ ଜାଲରୁ ମୁକ୍ତ ହେବା ପାଇଁ ରାଜନୀତିକୁ ଢାଲ କରୁଛନ୍ତି। ସେମାନେ ଅର୍ଥବଳ, ବାହୁବଳ ସହିତ ବିଭିନ୍ନ ଅସଦ୍ ପନ୍ଥାରେ ଅକ୍ଳେଶରେ ରାଜନୈତିକ ପୃଷ୍ଠଭୂମିରେ ନିଜକୁ ସାମିଲ କରି ରାତାରାତି ରାଜନେତା ବନିଯାଉଛନ୍ତି, ଯାହା ସଂଘୀୟ ବ୍ୟବସ୍ଥାରେ ସଂସ୍କାର ଆଣିବାରେ ପ୍ରତିବନ୍ଧକ ସୃଷ୍ଟି କରୁଛି। ଅପରପକ୍ଷେ ବିଭିନ୍ନ ରାଜନୈତିକ ଦଳ ଶାସନକୁ ନିଜ ସପକ୍ଷରେ ଆଣିବା କିମ୍ବା ଶାସନକୁ ଦୀର୍ଘ ସମୟ ଧରି ନିଜ ଆୟତ୍ତରେ ରଖିବା ପାଇଁ ବର୍ତ୍ତମାନ ନାନାଦି ପ୍ରକାରର ମାଗଣା ଯୋଜନାରେ ଜନସାଧାରଣଙ୍କୁ ପ୍ରଲୋଭିତ କରି ନିର୍ବାଚନ ବୈତରଣୀ ପାର ହେଉଛନ୍ତି। ମନେରଖିବାକୁ ହେବ ଯେ, ମାଗଣା ଯୋଜନାରେ ମୋଟ ବ୍ୟୟଭାର, ଦରଦାମ ବୃଦ୍ଧିର ଅନ୍ୟତମ କାରଣ, ଯାହା ଜନସାଧାରଣଙ୍କଠାରୁ ବିଭିନ୍ନ ଉପାୟରେ ଭରଣା କରାଯାଏ। ଦେଖାଯାଉଛି ନିର୍ବାଚିତ ପ୍ରତିନିଧି ସଂସଦ ବା ବିଧାନସଭାରେ ବିନା କାରଣରେ ହୋହଲ୍ଲା କରି ଅପ୍ରୀତିକର ପରିସ୍ଥିତି ସୃଷ୍ଟି କରି ପୂର୍ଣ୍ଣକାଳୀନ ଅଧିବେଶନକୁ ଚଳାଇ ନ ଦେବା ବର୍ତ୍ତମାନର ସାଂସଦ ଓ ବିଧାୟକଙ୍କ ଏକ ରୀତିମତ ଅଭ୍ୟାସ। ଏହାଦ୍ୱାରା ସାମ୍ବିଧାନିକ ବ୍ୟବସ୍ଥା କ୍ଷୁଣ୍ଣ ହେବାରେ ଲାଗିଛି। ଏଥିରେ ସୁଧାର ଆଣିବା ଅପରିହାର୍ଯ୍ୟ।

ସମ୍ବିଧାନ ନିୟମ ଅନୁଯାୟୀ ଲୋକପ୍ରତିନିଧିମାନେ ଦେଶ ବା ରାଜ୍ୟର ବିଭିନ୍ନ ପ୍ରସଙ୍ଗ ଉପସ୍ଥାପନ ସହ ଆଇନ ପ୍ରଣୟନ କରିବାରେ ନିର୍ଣ୍ଣାୟକ ଭୂମିକା ଗ୍ରହଣ କରିବା ହେଉଛି ସଂଘୀୟ ବ୍ୟବସ୍ଥାର ମୁଖ୍ୟ ପ୍ରସଙ୍ଗ। ଏହା ଅତ୍ୟନ୍ତ ପ୍ରଭାବଶାଳୀ ହେବା ଆମ ସମ୍ବିଧାନ ପ୍ରତି ଶୁଭଙ୍କର। ଅପରପକ୍ଷେ ସାଂସଦ ବା ବିଧାୟକମାନେ ଲୋକଙ୍କ ପ୍ରକୃତ ସମସ୍ୟାକୁ ସଂସଦ ବା ବିଧାନସଭାରେ ଉପସ୍ଥାପନ ତଥା ପୁରୁଣା ନିୟମ ସଂଶୋଧନ ବା ନୂତନ ନିୟମ ପ୍ରଣୟନ କରିବାରେ ସହଯୋଗ କରି ଲୋକାଭିମୁଖୀ ନିୟମ ପ୍ରସ୍ତୁତ କରିବା ହେବ ଗୁଣାତ୍ମକ ଅବଦାନ। ନିର୍ବାଚନରେ ପ୍ରାର୍ଥିତ୍ୱ ଜାରି ରଖିବା ପାଇଁ ଲୋକ ପ୍ରତିନିଧିଙ୍କ ପାଇଁ ଥିବା ବ୍ୟବସ୍ଥାରେ ପୁନଃ ସଂସ୍କାର ସହ ସ୍ୱତନ୍ତ୍ର ମାନଦଣ୍ଡ ନିର୍ଦ୍ଧାରଣ କରାଯାଉ। ଏହାଦ୍ୱାରା ଉପଯୁକ୍ତ ରାଜନେତା ଚୟନ ହେବା ସହ ସଂଘୀୟ ବ୍ୟବସ୍ଥାରେ ବିରାଟ ପରିବର୍ତ୍ତନ ଆସିପାରିବ। ଅନ୍ୟପଟେ ମଧ୍ୟବିତ୍ତବର୍ଗ ପରିବାର ପାଇଁ ସରକାର ଯତ୍ନବାନ ହୋଇ ଅନ୍ତତଃପକ୍ଷେ ସ୍ୱାସ୍ଥ୍ୟ ଓ ଶିକ୍ଷା କ୍ଷେତ୍ରରେ ବିଭିନ୍ନ ସାହାଯ୍ୟ ସୁବିଧା ଯୋଗାଇଦେବା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ମାଗଣା ଯୋଜନାଗୁଡ଼ିକରେ ରାଜନୈତିକ ଅଭିସନ୍ଧି ନ ରଖି ପ୍ରକୃତ ଉପଭୋକ୍ତା ଚୟନ କରାଗଲେ ଦେଶରେ ଉପୁଜୁଥିବା ଅର୍ଥନୈତିକ ଅସମତାରେ ଅନେକ ସଂସ୍କାର ଆସିପାରିବ। ସୁତରାଂ ଆମ ଦୁର୍ବଳ ମାନସିକତାର ପରିବର୍ତ୍ତନ ହିଁ ଆଣିପାରିବ ଗଣତନ୍ତ୍ରରେ ଗୁଣାତ୍ମକ ସହଭାଗିତା।

(ସହକାରୀ ପ୍ରଧାପକ ଓ ଉପ ବିତ୍ତ ଅଧିକାରୀ)
କିସ୍ ବିଶ୍ୱବିଦ୍ୟାଳୟ, ଭୁବନେଶ୍ୱର

# ପୋଷ୍ୟ ପ୍ରାଣୀ କମାନ୍ତି ମାନସିକ ପୀଡ଼ା



ଡା. ସମ୍ରାଟ କର

କୁହୁଡ଼ିଭରା ସକାଳୁ ସେଦିନ ବନ୍ଧୁ ବିରଞ୍ଚି ସୁଦୂର ଜାପାନରୁ ଫୋନ୍ କରିଥିଲେ। ସେ ତାଙ୍କର ଜଣେ ପରିଚିତଙ୍କ ମାନସିକ ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ପ୍ରସଙ୍ଗ ନେଇ ମୋ ସହ ପରାମର୍ଶ ଚାହିଁଥିଲେ। ତାଙ୍କ କହିବା ମୁତାବକ ସେ ରହୁଥିବା ଆପାର୍ଟମେଣ୍ଟରେ ତାଙ୍କର ଜଣେ ପରିଚିତ ବନ୍ଧୁ , ଯାହାଙ୍କର ଦୀର୍ଘ ଦିନ ଧରି ମାନସିକ ସମସ୍ୟା ଥିଲା ସେ କିଛି ଦିନ ହେବ କିଛି ଘରୋଇ ପୋଷା କୁକୁରଙ୍କ ସହ ଆଶ୍ଚର୍ଯ୍ୟଜନକ ଭାବେ ସମୟ କାଟୁଛନ୍ତି ଏବଂ ଏହାର ପରବର୍ତ୍ତୀ ସମୟରେ ତାଙ୍କୁ ମାନସିକ ଭାବେ ସୁସ୍ଥକର ଲାଗୁଛି ବୋଲି ତାଙ୍କ ପରିବାରବର୍ଗ ଅନୁଭବ ମଧ୍ୟ କରୁଛନ୍ତି। ମୁଁ ବନ୍ଧୁ ବିରଞ୍ଚିଙ୍କୁ ବ୍ୟସ୍ତ ନ ହୋଇ କହିଲି ଆମ ମାନସିକ ଚିକିତ୍ସା ବିଜ୍ଞାନ ଭାଷାରେ ଏହାକୁ କୁହାଯାଏ 'ଆନିମଲ ଆସିଷ୍ଟେଡ୍ ଥେରାପି'। ଏହାକୁ ଅଷ୍ଟାଦଶ ଶତାବ୍ଦୀର ଶେଷ ଭାଗରେ ଇଂଲଣ୍ଡର ଇୟର୍କ ରିଟ୍ରିଟ୍ ମନୋରୋଗ ପୁନର୍ବାସନ କେନ୍ଦ୍ରରେ ପରୀକ୍ଷାମୂଳକ ଭାବେ ଆରମ୍ଭ କରାଯାଇ ବେଶ୍ ସଫଳତା ପାଇବା ପରେ ଉନବିଂଶ ଶତକରେ ଇଂଲଣ୍ଡ ଓ ଆମେରିକାର କେବଳ ସରକାରୀ ନୁହେଁ ଘରୋଇ ମାନସିକ ଚିକିତ୍ସା ପ୍ରତିଷ୍ଠାନ ଓ ନିରାମୟ କେନ୍ଦ୍ରରେ ଏହା କାର୍ଯ୍ୟକାରୀ ହେଲା। ପରେ ଅର୍ଥାତ୍ ୧୯୪୪ ବେଳକୁ ଦ୍ୱିତୀୟ ବିଶ୍ୱଯୁଦ୍ଧ ସମୟରେ ରେଡ଼କ୍ରସ ସଂସ୍ଥାର ଆମେରିକାନ ପ୍ରଶିକ୍ଷଣପ୍ରାପ୍ତ ପୋଷ୍ୟ ପ୍ରାଣୀମାନେ ଡାକ୍ତରଖାନାରେ ମାନସିକ ଭାବେ ଗୁରୁତର ହୋଇଥିବା ଓ ଅସୁସ୍ଥ ହୋଇଥିବା ବର୍ଗଙ୍କ ପାଇଁ ଉପଶମର ସହାୟକ ପାଲଟିଥିଲେ।

୧୯୭୭ରେ ମନୋବିଜ୍ଞାନୀ ଲିଓ କେ ବୁଷ୍ଟାର୍ଡ଼ ଏବଂ ମାଇକେଲ ଡିଜ ମ୍ୟାକୁଲକ ଆମେରିକାର ଓରିଗନ ରାଜ୍ୟର ପୋର୍ଟଲାଣ୍ଡ ସହରରେ ପ୍ରତିଷ୍ଠା କରିଥିଲେ ଡେଲା ସୋସାଇଟି, ଯାହାର ଉଦ୍ଦେଶ୍ୟ ହେଲା ପୋଷ୍ୟ ପ୍ରାଣୀଙ୍କୁ ଉପଯୁକ୍ତ ପ୍ରଶିକ୍ଷଣ ଦେଇ ସେମାନଙ୍କ ସାହାଯ୍ୟରେ ମାନସିକ ଭାରସାମ୍ୟହୀନ ରୋଗୀମାନଙ୍କୁ ଆରୋଗ୍ୟ କରାଇବା। ବିଂଶ ଶତାବ୍ଦୀରେ ଏହା ଥିଲା ଡିମେନସିଆ ବା ସ୍ମୃତିହୀନ, ଆଲଜିମରସ୍ ଭଳି ମାନସିକ ରୋଗ ଆକ୍ରାନ୍ତ ବୟସ୍କ ବ୍ୟକ୍ତି, ପୋଷ୍ଟ ଟ୍ରମାଟିକ ଷ୍ଟ୍ରେସ ଡିସଅର୍ଡର, ଗୁରୁତର ଆଘାତ ପ୍ରାପ୍ତିର ପରବର୍ତ୍ତୀ ଅବସ୍ଥାରେ ମାନସିକ ଚାପ ବୃଦ୍ଧି ଜଡ଼ିତ ବ୍ୟାଧିରେ ଆକ୍ରାନ୍ତ ଏବଂ ଅବସରପ୍ରାପ୍ତ ସୈନିକ ଓ ଅଟିଜମ୍ ଆକ୍ରାନ୍ତ ଶିଶୁମାନଙ୍କଠାରେ ମନୋରୋଗ ଉପଶମର ଅନ୍ୟତମ ବୃହତ୍ ପ୍ରତିଷ୍ଠାନ, ଯାହାକି ୨୦୧୨ ମସିହାରେ ପୋଷ୍ୟ ସାଥୀ ବା ପେଟ୍ ପାର୍ଟନର୍ସ ଭାବେ ନୂଆ ନାମରେ ନାମିତ ହୋଇଥିଲା। ତେବେ କାଲିଫର୍ନିଆ ବିଶ୍ୱବିଦ୍ୟାଳୟର ବିଖ୍ୟାତ ଗବେଷକ କୋଲେଙ୍କ ମତରେ ମାନସିକ, ଶାରୀରିକ ଏପରିକି ମନୋ ସାମାଜିକ ଅବସ୍ଥାର ଉପଶମ ଓ ଉନ୍ନତି ବିଧାନ ପାଇଁ ପୋଷ୍ୟଭିତ୍ତିକ ଥେରାପି ଚିକିତ୍ସା ବିଜ୍ଞାନର ଏକ ଗୁରୁତ୍ୱପୂର୍ଣ୍ଣ ତଥା ଅବିଚ୍ଛେଦ୍ୟ ଅଙ୍ଗ। ଆମେ ସାଧାରଣରେ ଦେଖିଛେ ବିରାଡି ହୁଅନ୍ତୁ ବା କୁକୁର, ଗୋରୁଗାଈଙ୍କଠାରୁ ପକ୍ଷୀ, ଘୋଡ଼ା ହୁଅନ୍ତୁ ବା ଠେକୁଆ ଏପରିକି ଡଲଫିନମାନଙ୍କୁ ସ୍ୱତନ୍ତ୍ର ଭାବେ ପ୍ରଶିକ୍ଷିତ କରି ସେମାନଙ୍କୁ ମାନସିକ ପୀଡ଼ିତଙ୍କ ଶାରୀରିକ ସୁସ୍ଥତା ଓ ସମୟ ଅତିବାହିତ କରି ସେମାନଙ୍କୁ ମାନସିକ ଭାବେ ଆନନ୍ଦ ପ୍ରଦାନ କରିବା ପାଇଁ ପ୍ରୋତ୍ସାହନ ଦିଆଯାଉଛି। ଏହି ମର୍ମରେ ଓୟେସ୍କ ଜର୍ନାଲ ଅଫ୍ ନର୍ସିଂ ରିସର୍ଚ୍ଚ



ପତ୍ରିକାରେ ଉଲ୍ଲେଖ ରହିଛି ଯେ, ମାନସିକ ରୋଗାକ୍ରାନ୍ତ ହୁଅନ୍ତୁ ବା ପୀଡ଼ିତ ସେମାନଙ୍କର ପୁନର୍ବାସ କେନ୍ଦ୍ରରେ ରହିଥିବା ଆକ୍ୱାରିୟମର ରଙ୍ଗିନ ମାଛ ହେଉ ବା ଡଲଫିନର ଆନନ୍ଦମୟ ସନ୍ତରଣ ଦୃଶ୍ୟ ସେମାନଙ୍କୁ ଆନନ୍ଦିତ କରିଥାଏ। ସମ୍ପ୍ରତି ଆମେରିକା ବ୍ୟତୀତ ନେଦରଲାଣ୍ଡ, ସୁଇଜରଲାଣ୍ଡ ଓ ବେଲଜିୟମରେ ପଶୁମାନଙ୍କ ସହିତ ଆଲିଙ୍ଗନ ଜନିତ ଚିକିତ୍ସା ପଦ୍ଧତିକୁ ପ୍ରୋତ୍ସାହିତ କରାଯାଉଛି ଓ ଏହାକୁ ମାନସିକ ଉପଶମ ପାଇଁ ବିଶେଷକରି ପ୍ରିଜନ ପେଟ୍ ପାର୍ଟନରଶିପ ପ୍ରୋଗ୍ରାମ ମାଧ୍ୟମରେ କାରାଗାରର ବନ୍ଦୀମାନେ ପୋଷ୍ୟପ୍ରାଣୀଙ୍କୁ ପ୍ରଶିକ୍ଷଣ ଦେଇ ମାନସିକ ରୋଗୀମାନଙ୍କ ରୋଗ ନିରାମୟରେ ସାହାଯ୍ୟ କରୁଛନ୍ତି।

ଭାରତ ମଧ୍ୟ ଏ କ୍ଷେତ୍ରରେ ପଛୁଆ ନାହିଁ। ପ୍ରଶିକ୍ଷିତ ପୋଷ୍ୟଜନ୍ତୁମାନଙ୍କ ସାହାଯ୍ୟରେ ମାନସିକ ସ୍ୱାସ୍ଥ୍ୟ ପୁନରୁଦ୍ଧାର ପରି ସେବା ପ୍ରଚଳନ ପାଇଁ କାର୍ଯ୍ୟରତ ରହିଛି ଆନିମଲ ଆଞ୍ଜେଲସ ଫାଉଣ୍ଡେଶନ ଓ ମାନିବ ଫାଉଣ୍ଡେଶନ, ମୁମ୍ବାଇ, ଓୟେରାଭିଲେ, ବେଙ୍ଗାଲୁରୁ ଏବଂ ଫାର ବଲ ଷ୍ଟୋରି, ଦିଲ୍ଲୀ। ପ୍ରଥମ ଓ ଚତୁର୍ଥ କେନ୍ଦ୍ରରେ ପୋଷ୍ୟ ପ୍ରାଣୀ କୁକୁର, ଦ୍ୱିତୀୟ କେନ୍ଦ୍ରରେ ବିରାଡ଼ି ଏବଂ ତୃତୀୟ କେନ୍ଦ୍ରରେ ପୋଷ୍ୟ ହେଉଛି ଘୋଡ଼ା। ଜର୍ନାଲ ଅଫ ସାଇକୋସୋମାଟିକ ରିସର୍ଚ୍ଚ ପତ୍ରିକାରେ ୨୦୦୦ରେ ପ୍ରକାଶିତ ଗବେଷଣା ନିବନ୍ଧରେ ମନୋବିଜ୍ଞାନୀ ଜେ.ଏସ୍. ଓଡେଣ୍ଡାଲ ଉଲ୍ଲେଖ କରିଛନ୍ତି ମାନସିକ ରୋଗୀ ଏବଂ ପୋଷ୍ୟମାନଙ୍କ ଶାରୀରିକ ସାକ୍ଷାତରେ ସେମାନଙ୍କ ଉଭୟଙ୍କର ଦେହରେ ନିଉରୋକେଶିକାଲ କ୍ଷରଣରେ ତାତ୍ପର୍ଯ୍ୟପୂର୍ଣ୍ଣ ପରିବର୍ତ୍ତନ ସଂଘଟିତ ହୋଇଥାଏ, ଯାହା ସେମାନଙ୍କ ମଧ୍ୟରେ ପାରସ୍ପରିକ ସୌହାର୍ଦ୍ଦ୍ୟପୂର୍ଣ୍ଣ ସମ୍ପର୍କ ସ୍ଥାପନରେ ସହାୟକ ଏବଂ ରୋଗୀର ରୋଗମୁକ୍ତରେ ଅତ୍ୟନ୍ତ ଫଳପ୍ରଦ। ମାସାଚୁସେଟସ ଜେନେରାଲ ହସ୍ପିଟାଲର ଗବେଷକ ଡା. ଲରିସ ଏସ୍ ପଲ୍‌ଙ୍କ ମତରେ ସିଜୋଫ୍ରେନିଆ, ଅଲଜିମରସ, ଡିମେନସିଆ, ମ୍ୟାନିକ ଡିପ୍ରେସନ ପ୍ରଭୃତି ମାନସିକ ରୋଗାକ୍ରାନ୍ତ ବ୍ୟକ୍ତିମାନଙ୍କ ସହିତ ପ୍ରଶିକ୍ଷଣ ପ୍ରାପ୍ତ ପ୍ରାଣୀମାନଙ୍କର ନିବିଡ଼ ସଂଯୋଗ ଫଳରେ ସେମାନଙ୍କ ଶରୀରରେ ନ୍ୟୁରୋଟ୍ରାନ୍ସମିଟର ସିରୋଟାନିନ୍ ଏବଂ ଏଣ୍ଡୋରଫିନର କ୍ଷରଣ ମାତ୍ରା ବୃଦ୍ଧି ହେବା ସଙ୍ଗେ ସଙ୍ଗେ ଷ୍ଟ୍ରେସହରମୋନ କର୍ଟିସଲ ଓ ଆଡ୍ରେନାଲିନର କ୍ଷରଣ ମାତ୍ରା ହ୍ରାସ ପାଏ। ଫଳରେ ସେମାନଙ୍କଠାରେ ଅନେକାଂଶରେ ଦୂରୀଭୂତ ହୋଇଯାଏ ମାନସିକ ଅବସାଦ ଓ ଶାରୀରିକ ଅବସନ୍ନତା।

ସାଧାରଣତଃ ପୋଷ୍ୟ ପ୍ରାଣୀମାନଙ୍କ ସହ ମାନସିକ ପୀଡ଼ିତମାନେ ସମୟ ଅତିବାହିତ କରିବା ଦ୍ୱାରା ସେମାନଙ୍କଠାରେ ଇମୁନୋଗ୍ଲୋବୁଲିନର ମାତ୍ରା ବଢ଼ିଥାଏ। ଆମେରିକାନ ହାର୍ଟ ଆସୋସିଏଶନର ତଥ୍ୟ ଅନୁଯାୟୀ ପୋଷ୍ୟ ପ୍ରାଣୀ ଭିତ୍ତିକ ଚିକିତ୍ସା ଫଳପ୍ରଦ ହୋଇଥାଏ। ରିପୋର୍ଟ ଅନୁଯାୟୀ ପୋଷ୍ୟପ୍ରାଣୀଙ୍କ ସହ ସମୟ ଅତିବାହିତ କରିବା ଦ୍ୱାରା ରକ୍ତରେ ଆଡ୍ରେଲିନ ହରମୋନର ମାତ୍ରା ୧୭ ଶତାଂଶ କମିଯାଉଛି, ହୃତ୍‌ପିଣ୍ଡ ସ୍ଥିତ ବାମ ଅଳିନ୍ଦର ରକ୍ତଚାପ ଦଶ ଶତାଂଶ ପ୍ରଶମିତ ହୋଇଯାଉଛି, ଯାହାଦ୍ୱାରା ହୃଦରୋଗରେ ଆକ୍ରାନ୍ତ ବ୍ୟକ୍ତିଙ୍କଠାରେ ରୋଗ ଜନିତ ଉଦ୍‌ବେଗ ୨୪ ଶତାଂଶ ହ୍ରାସ ଘଟୁଛି। ଏହି ମର୍ମରେ ବିଶ୍ୱ ସ୍ୱାସ୍ଥ୍ୟ ସଂସ୍ଥାର ତଥ୍ୟ ଅନୁଯାୟୀ ଦେଢ଼ଶହ ମିନିଟର ହାଲୁକା ଶାରୀରିକ ପରିଶ୍ରମ ଦ୍ୱାରା ଜଣେ ଯେଉଁ ସ୍ୱାସ୍ଥ୍ୟଗତ ଫାଇଦା ବା ଉପଶମ ପାଇଥାଏ ତାହା ଦିନକୁ ଦୁଇଥର ନିଜ ପୋଷା କୁକୁର ସହ ପ୍ରଶସ୍ତ ଜାଗାରେ ଚଲାବୁଲା କଲେ ସମାନ ଫଳପ୍ରଦ କରିଥାଏ।

ମାନସିକ ରୋଗ ବିଶେଷଜ୍ଞ, ଦି' ବ୍ରେନ୍,
ମୋ: ୯୧୩୨୪୩୩୩୩୩

## ଏଇ ଭାରତରେ

ହେନ୍ତାଳ ବଣ ବା ମ୍ୟାନ୍‌ଗ୍ରୋଭ ସୁରକ୍ଷା ଓ ସଂରକ୍ଷଣ କ୍ଷେତ୍ରରେ କାର୍ଯ୍ୟ କରି ଦକ୍ଷତାର ପରିଚୟ ଦେଇଛନ୍ତି ଅକୁଲ ବିଶ୍ୱାସ। ସେ ଜଣେ ଦିବ୍ୟାଙ୍ଗ। ଅକୁଲ ପଶ୍ଚିମବଙ୍ଗ ଦକ୍ଷିଣ ୨୪ ପ୍ରଗଣା ଜିଲାରେ ଝାରଖାଲି ସବୁଜ ବାହିନୀ ଗଠନ କରି ସୁନ୍ଦରବନର ହେନ୍ତାଳ ବନ ସଂରକ୍ଷଣ କାର୍ଯ୍ୟ ସଞ୍ଚାଳନ କରୁଛନ୍ତି। ବଡ଼ କଥା ହେଉଛି ୨୩ଟି ଗାଁର ୨୦୦ରୁ ଊର୍ଦ୍ଧ୍ୱ ଗୃହିଣୀଙ୍କୁ ସେ ଏହି ସଂଗଠନରେ ସାମିଲ କରିଛନ୍ତି। ଅକୁଲ ୨୦୦୫ରେ ହେନ୍ତାଳ ବନ ସୁରକ୍ଷା ଅଭିଯାନ ଆରମ୍ଭ କରିଥିଲେ। ସେ ପ୍ରଥମେ ଏକୁଟିଆ ବିଦ୍ୟାଧରି ନଦୀ ତଟରେ ମ୍ୟାନଗ୍ରୋଭ ଚାରା ରୋପଣ କରିଥିଲେ। ପରେ ଅକୁଲଙ୍କର ଏଭଳି କାର୍ଯ୍ୟ ଦେଖି ସ୍ଥାନୀୟ ଲୋକେ ତାଙ୍କ ସହ ସାମିଲ ହୋଇଥିଲେ। ଝାରଖାଲି ସବୁଜ ବାହିନୀର ମହିଳାମାନେ ପ୍ରତିଦିନ ମ୍ୟାନଗ୍ରୋଭ ମଞ୍ଜି ସଂଗ୍ରହ କରି ତାହାକୁ ନର୍ସରି ବ୍ୟାଗରେ ଲଗାଉଛନ୍ତି। ଗଛ ହେବା ପରେ ସେଗୁଡ଼ିକୁ ଲଗାଉଛନ୍ତି। ଏଥିପାଇଁ ପ୍ରତିଦିନ ସେମାନେ ୨ ଘଣ୍ଟା ସମୟ ଦେଇ ପାଖାପାଖି ୨୦୦–୨୫୦ ଚାରା ଲଗାଉଛନ୍ତି। ସୁନ୍ଦର ବନରେ ରହୁଥିବା ଲୋକଙ୍କୁ ମଧ୍ୟ ଜଙ୍ଗଲ ସୃଷ୍ଟି କରିବା ପାଇଁ ପ୍ରୋତ୍ସାହିତ କରୁଛନ୍ତି।

## ୫୦ ବର୍ଷ ତଳର ଧରିତ୍ରୀ

### ୨୬ ଜାନୁଆରୀ ୧୯୭୬

- ଚୀନ ୩ ମେଗାଟନ୍ କ୍ଷମତା ବିଶିଷ୍ଟ ଏକ ପରମାଣୁ ବିସ୍ଫୋରଣ କରିଛି।
- ଲେବାନନର ପ୍ରଧାନମନ୍ତ୍ରୀ ରସିଦ କରାମି ଦେଇଥିବା ତାଙ୍କର ଇସ୍ତଫା ପ୍ରତ୍ୟାହାର କରିନେଇଛନ୍ତି।
- ରାଜ୍ୟ ସରକାର ରାଜ୍ୟର ଦ୍ୱିତୀୟ ବୃହତ୍ତମ ସ୍ୱାୟତ୍ତଶାସନ ଅନୁଷ୍ଠାନ ବ୍ରହ୍ମପୁର ପୌର ପରିଷଦକୁ ସସ୍‌ପେଣ୍ଡ ବା ଅସ୍ଥାୟୀ ଭାବେ ବାତିଲ କରିଦେଇଛନ୍ତି।

## ଚିରନ୍ତନୀ

ସନ୍ଧ୍ୟା–ରାଗିଣୀ ରକତ ରାଗରେ
ବଢ଼ିଛି ଏ ମୋର ବାସନା
(ତୁମେ) ଅଳତାର ରାଗ ଚରଣେ ଲେଖି ଗୋ
ଆସନା, ମୋ ପାଶେ ଆସନା।
(ବିଶ୍ୱର ଆହ୍ୱାନ)
–କାଳିନ୍ଦୀ ଚରଣ ପାଣିଗ୍ରାହୀ

## sudoku ସୁ–ଡୋ–କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| 3 | | 6 | | | | | 4 | |
| | | 4 | | | | | 9 | 7 |
| | 8 | 1 | | 7 | | 5 | | |
| | 5 | | | 9 | | | 8 | |
| | | | 5 | | | 3 | | 4 |
| 7 | | | | | | | | |
| | 1 | | | | 4 | | | 2 |
| | | | | | | 1 | | |
| | | | 9 | | 1 | | | |

ଏହାର ଉତ୍ତର ପରବର୍ତ୍ତୀ ସଂସ୍କରଣରେ ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 8 | 6 | 4 | 5 | 9 | 2 | 3 | 7 | 1 |
| 3 | 7 | 2 | 4 | 8 | 1 | 6 | 9 | 5 |
| 1 | 5 | 9 | 6 | 3 | 7 | 4 | 2 | 8 |
| 6 | 9 | 8 | 7 | 5 | 4 | 2 | 1 | 3 |
| 5 | 3 | 1 | 8 | 2 | 9 | 7 | 4 | 6 |
| 4 | 2 | 7 | 1 | 6 | 3 | 5 | 8 | 9 |
| 2 | 8 | 3 | 9 | 4 | 6 | 1 | 5 | 7 |
| 7 | 4 | 5 | 3 | 1 | 8 | 9 | 6 | 2 |
| 9 | 1 | 6 | 2 | 7 | 5 | 8 | 3 | 4 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ପୁରୀରେ ବୁଲାକୁକୁର ଆତଙ୍କ

ମହାଶୟ,

କିଛିଦିନ ତଳେ ପୁରୀ ଏସ୍‌ସିଏସ୍(ସ୍ୱୟଂଶାସିତ) କଲେଜ ଛକରୁ ବାହାରି ଅପରାହ୍ନ ୪ଟାରେ ଦତ୍ତତୋଟା ଅଭିମୁଖେ ଯିବା ସମୟରେ ଛକର ଅନତି ଦୂରରେ ଜଣେ ଟ୍ୟୁଶନ ଯାଉଥିବା ଛାତ୍ରୀ ୪/୫ଟି ବୁଲାକୁକୁର ଘେରରେ ପଡ଼ି ଆତଙ୍କିତ ଅବସ୍ଥାରେ ଥିବା ଲକ୍ଷ୍ୟକଲି। ଜୀବେ ଦୟା ନୀତି ଦୃଷ୍ଟିରୁ ଛୋଟ ଚିପ୍‌ଟିଏ ଧରି ଆକ୍ସନ ମୋଡ୍‌ରେ କୁକୁରଙ୍କୁ ଭୟଭୀତ କରିବାକୁ ଚେଷ୍ଟା କରିବାରୁ ସମ୍ଭାବ୍ୟ ଆତଙ୍କରୁ ମୁକୁଳିବା ସତ୍ତ୍ୱେ ଛାତ୍ରୀ ମୋତେ ଅଙ୍କଲ ଟିକେ ରହନ୍ତୁ କହି ସୁରକ୍ଷା ମାଗିଥିଲେ ଓ ମୁଁ ମଧ୍ୟ ସାହାଯ୍ୟ କରିଥିଲି। ପୁରୀରେ ମର୍ଣ୍ଣିଂୱର୍କ ବେଳେ ବହୁ ବୁଲାକୁକୁର ହାବୁଡ଼ରେ ପଡ଼ିଲେ ୱାକିଂ ଷ୍ଟିକ୍ ଅଭାବରୁ ଇଷ୍ଟ ସୁମରଣା କରେ। ଏଥିରୁ ବୁଝିବାକୁ ହେବ ଯେ, ସହରରେ କୁକୁର ବନ୍ଧ୍ୟାକରଣ କିମ୍ବା ସ୍ଥାନାନ୍ତର ପ୍ରକ୍ରିୟାରେ ପୁରୀ ମ୍ୟୁନିସିପାଲିଟି ଉଦାସୀନ। ଚାରିଆଡ଼େ ମାଳ ମାଳ କୁକୁର।

– ଡି.ପି. ତ୍ରିପାଠୀ, ପୁରୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ସଂକ୍ଷେପରେ

### ରାଷ୍ଟ୍ରପତି ପୋଲିସ ପଦକ ପାଇବେ କମାଣ୍ଡାଣ୍ଟ ପଙ୍କଜ




**ଭବାନୀପାଟଣା,୨୫।୧ (ଉତ୍ତମ କୁମାର ଦାଶ):** କଳାହାଣ୍ଡି ଜିଲା ଭବାନୀପାଟଣା ୬୪ ବାଟାଲିୟନ ସିଆର୍‌ପିଏଫ୍ କମାଣ୍ଡାଣ୍ଟ ପଙ୍କଜ ଚୌଧୁରୀ ଉଲ୍ଲେଖନୀୟ ସେବା ପାଇଁ ରାଷ୍ଟ୍ରପତି ପୋଲିସ ପଦକ ପାଇଁ ଚୟନ ହୋଇଛନ୍ତି। ସାଧାରଣତନ୍ତ୍ର ଦିବସରେ ତାଙ୍କୁ ଏହି ସମ୍ମାନ ପ୍ରଦାନ କରାଯିବ। ପ୍ରକାଶ ଯେ, ଗତ ୨୫ବର୍ଷ ଧରି କମାଣ୍ଡାଣ୍ଟ ଚୌଧୁରୀ ସିଆର୍‌ପିଏଫ୍‌ରେ କାର୍ଯ୍ୟରତ ଅଛନ୍ତି। ୨ବର୍ଷ ହେଲା ସେ ୬୪ ବାଟାଲିୟନରେ କମାଣ୍ଡାଣ୍ଟ ଭାବେ ନେତୃତ୍ୱ ନେଇ ରାଜ୍ୟର ମାଓବାଦୀ ଦମନରେ ପ୍ରମୁଖ ଭୂମିକା ତୁଲାଉଛନ୍ତି।

### କମଲେଶ ଦୀକ୍ଷିତ ଭାଜପା ଜିଲା ସଭାପତି

**ନୂଆପଡ଼ା,୨୫।୧ (ମକାରୁ ବେମାଲ):** ଭାଜପାର ନୂଆପଡ଼ା ଜିଲା ସଭାପତି ଭାବରେ କମଲେଶ ଦିକ୍ଷିତ ମନୋନୀତ ହୋଇଛନ୍ତି। ଦଳୀୟ କାର୍ଯ୍ୟାଳୟଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଜିଲା ନିର୍ବାଚନ ଅଧିକାରୀ ଗୋବିନ୍ଦ ଜୈନ ତାଙ୍କ ନାମ ଘୋଷଣା କରିଛନ୍ତି । ଏହି ସମୟରେ ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ, କଳାହାଣ୍ଡି ଏମ୍‌ପି ମାଳବିକା ଦେବୀ, ପୂର୍ବତନ ଏମ୍‌ପି ବସନ୍ତ ପଣ୍ଡା, ଲୋକ ସଭା ପ୍ରଭାରୀ ରମେଶ ସାହୁ, ହିତେଶ ବଗର୍ତ୍ତି, ସରୋଜ କୁମାର ସାହୁ, ଯଦୁମଣି ପାଣିଗ୍ରାହୀ, ସୁବ୍ରତ ଠାକୁର, ଅଭିନନ୍ଦନ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।

### ଯୁଗଳ ପୋଢ଼ କଳାହାଣ୍ଡି ଭାଜପା ସଭାପତି

**୮ ଜଣ ରାଜ୍ୟ ପରିଷଦ ସଦସ୍ୟ ମନୋନୀତ**

**ଭବାନୀପାଟଣା,୨୫।୧(ଉତ୍ତମ କୁମାର ଦାଶ):** କଳାହାଣ୍ଡି ଜିଲାର ନୂତନ ଭାଜପା ଜିଲା ସଭାପତି ଭାବେ ବରିଷ୍ଠ ନେତା ଯୁଗଳ କିଶୋର ପୋଢ ମନୋନୀତ ହୋଇଛନ୍ତି। ଶନିବାର ଅପରାହ୍ନରେ ଭବାନୀପାଟଣା ସର୍କିଟ ହାଉସରେ ଜିଲା ଉପସଭାପତି ମୁକେଶ ଅଗ୍ରୱାଲଙ୍କ ଅଧ୍ୟକ୍ଷତାରେ ରାଜ୍ୟ ସାଧାରଣ ସମ୍ପାଦିକା ପୂର୍ଣ୍ଣିମା କେର୍କେଟା ଯୋଗଦେଇ ନୂତନ ଜିଲା ସଭାପତିଙ୍କ ନାମ ଘୋଷଣା କରିଥିଲେ। ଏହି ସମୟରେ ମୁଖ୍ୟଅତିଥି ଭାବେ ସ୍ୱାସ୍ଥ୍ୟ ମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ, ସମ୍ମାନିତ ଅତିଥି ଭାବେ କଳାହାଣ୍ଡି ଲୋକ ସଭା ଏମ୍‌ପି ମାଳବିକା ଦେବୀ, ଧର୍ମଗଡ ବିଧାୟକ ସୁଧିର ରଞ୍ଜନ ପଟ୍ଟଯୋଷୀ, ପୂର୍ବତନ ଜିଲା ସଭାପତି ଦେବେନ୍ଦ୍ର ମହାନ୍ତି, ଜିଲା ସାଧାରଣ ସମ୍ପାଦକ ଜୟଶଙ୍କର ନାଏକ ଯୋଗଦେଇଥିଲେ। ଜିଲାର ୮ କାର୍ଯ୍ୟକର୍ତ୍ତା ରାଜ୍ୟ ପରିଷଦ ସଦସ୍ୟ ଭାବେ ମନୋନୀତ ହୋଇଛନ୍ତି। ସେମାନେ ହେଲେ ଭବାନୀପାଟଣା ନିର୍ବାଚନ ମଣ୍ଡଳୀର ଇନ୍ଦୁ ଭୂଷଣ ସାହୁ, ଶରତ ଚନ୍ଦ୍ର ନାଏକ, ଧର୍ମଗଡ ଅପ୍ରେସ ସ୍ୱାଇଁ, ଜୁନାଗଡ କାଳିନ୍ଦ୍ରୀ ପାଣିଗ୍ରାହୀ, ଲାଞ୍ଜିଗଡ ବିଜୟ କୁମାର ଦିଶାରୀ, ସନ୍ତୋଷୀ ଦାସ, ନର୍ଲା ସୁରେଶ କୁମାର ଭୋଇ ଓ ମନମୟ ଚାନ୍ଦ ରହିଥିବା ରାଜ୍ୟ ନିର୍ବାଚନ ଅଧିକାରୀ ପ୍ରତାପ ଚନ୍ଦ୍ର ଷଡଙ୍ଗୀ ଘୋଷଣା କରିଛନ୍ତି।

# ଉଚ୍ଚଶିକ୍ଷା କ୍ଷେତ୍ରରେ ବୈପ୍ଳବିକ ପରିବର୍ତ୍ତନ ଆଣିବା ଆମ ଲକ୍ଷ୍ୟ

**ନୂଆପଡ଼ା/ଖଡିଆଳ/କୋମନା/ବୋଡେନ,୨୫।୧ (ମକାରୁ ବେମାଲ/ସୁଜିତ କୁମାର ପ୍ରଧାନ/ସୋବିନ ଛତ୍ରିଆ/ଟିକେଶ୍ୱର ନାଗ)**

**ଉଚ୍ଚଶିକ୍ଷା ମନ୍ତ୍ରୀଙ୍କ ୨ ଦିନିଆ ନୂଆପଡ଼ା ଜିଲା ଗସ୍ତ**

ନୂଆପଡ଼ା ଜିଲାକୁ ଦୁଇ ଦିନିକିଆ ଗସ୍ତରେ ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ ଶନିବାର ଆସି ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗ ଦେଇଛନ୍ତି। ଏହି ଅବସରରେ ଖଡ଼ିଆଳ ସ୍ୱୟଂଶାସିତ ମହାବିଦ୍ୟାଳୟରେ ମନ୍ତ୍ରୀ ଯୋଗଦେଇ ପିଏମ-ଉଷା ଯୋଜନା ମାଧ୍ୟମରେ ୫ କୋଟି ଟଙ୍କା ବିନିମୟରେ ହେବାକୁଥିବା ପ୍ରକଳ୍ପର ଶିଳାନ୍ୟାସ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ଉଚ୍ଚଶିକ୍ଷା କ୍ଷେତ୍ରରେ ଏକ ବୈପ୍ଳବିକ ପରିବର୍ତ୍ତନ ଆଣିବା ହେଉଛି ଆମର ଲକ୍ଷ୍ୟ ବୋଲି କହିଥିଲେ। ପିଏମ୍-ଉଷା ଯୋଜନା ଅଧୀନରେ କାର୍ଯ୍ୟକାରୀ ହେବାକୁ ଥିବା ପ୍ରକଳ୍ପ ଖଡ଼ିଆଳ ସ୍ୱୟଂଶାସିତ ମହାବିଦ୍ୟାଳୟକୁ ଆହୁରି ସୁଦୃଢ଼ କରିବା ସହ ଛାତ୍ରୀଛାତ୍ରଙ୍କ ସ୍ୱର୍ଣ୍ଣିମ ଭବିଷତ୍ୟ ନିର୍ମାଣ କରିବା ଦିଗରେ ସହାୟକ ହେବ ବୋଲି ମନ୍ତ୍ରୀ କହିଛନ୍ତି। ଦୀର୍ଘ ୪୭ବର୍ଷ ପରେ ଖଡ଼ିଆଳ ସ୍ୱୟଂଶାସିତ ମହାବିଦ୍ୟାଳୟରେ ଉଚ୍ଚଶିକ୍ଷା ମନ୍ତ୍ରୀଙ୍କ ଉପସ୍ଥିତି ଦେଖି ମହାବିଦ୍ୟାଳୟ ପରିସର ଉତ୍ସବମୁଖର ହୋଇଉଠିଥିଲା। ମନ୍ତ୍ରୀ ସୁରଜ ପୁରୀ-ଦୁର୍ଗ ସୁପରଫାଷ୍ଟ ଟ୍ରେନରେ ଖରିଆର ରୋଡ୍‌ରେ ଓହ୍ଲାଇବା ପରେ ନୂଆପଡ଼ା ସର୍କିଟ ହାଉସଠାରେ ଭାଜପା ପକ୍ଷରୁ ସ୍ୱାଗତ କରାଯାଇଥିଲା। ଏହା ପରେ କୋମନାଠାରେ ୪୬ ତମ ନିଖିଳ ଉତ୍କଳ ଶ୍ରୀଅରବିନ୍ଦ ମହିଳା ପାଠଚକ୍ର ସମ୍ମଳନୀରେ ଯୋଗ ଦେଇଥିଲେ । କୋମନା ବ୍ଲକ କାର୍ଯ୍ୟାଳୟଠାରେ ଭୂମିପୂଜନ ଉତ୍ସବରେ ସାମିଲ ହୋଇଥିଲେ। ଉତ୍ସବରେ ଖଡିଆଳ ବିଧାୟକ ଅଧିରାଜ ମୋହନ ପାଣିଗ୍ରାହୀ, ପୂର୍ବତନ ଏମ୍‌ପି ବସନ୍ତ କୁମାର ପଣ୍ଡା, କଲେଜ ଅଧ୍ୟକ୍ଷ ପ୍ରଶାନ୍ତ ପଣ୍ଡା ଓ ପରିଚାଳନା ସଭାପତି ବିଶ୍ୱଜିତ ପାଢୀ ପ୍ରମୁଖ ଉପସ୍ଥିତ ଥିଲେ । ଖଡିଆଳ ଅଗ୍ରେସନ ଧର୍ମଶାଳାଠାରେ ମନ୍ତ୍ରୀ ଜନସାଧାରଣଙ୍କ ଅଭିଯୋଗ ଗ୍ରହଣ କରି ସିନାପାଲି, ବୋଡେନରେ କର୍ମକର୍ତ୍ତା ସମ୍ମିଳନୀରେ ଯୋଗ ଦେଇଥିଲେ। ସେଠାରୁ ଯାଇ ସେ ଖରିଆରରୋଡ ଏନ୍‌ଏସିଠାରେ ସ୍ମାର୍ଟ ପାର୍କ ଉଦ୍‌ଘାଟନ, ଟ୍ରଫ କ୍ରିକେଟ ଗ୍ରାଉଣ୍ଡ, ଲାଇବ୍ରେରି, ସୁଇମିଂ ପୁଲ ଭୂମିପୂଜନ କରିଥିଲେ । ସେଠାରୁ ନୂଆପଡା ପାର୍ଟି କାର୍ଯ୍ୟାଳୟରେ କର୍ମକର୍ତ୍ତା ସମ୍ମିଳନୀରେ ଯୋଗ ଦେଇଥିଲେ ।



କ୍ରିକେଟ ଟୁର୍ନାମେଣ୍ଟରେ ଖେଳାଳିମାନଙ୍କୁ ଉତ୍ସାହିତ କରୁଛନ୍ତି ମନ୍ତ୍ରୀ।

# ଦାୟିତ୍ୱରେ ଅବହେଳା, ୪ ଶିକ୍ଷକ ନିଲମ୍ବିତ

**ଜୁନାଗଡ଼,୨୫।୧ (ସୁନୀଲ କୁମାର ସିଂହ)**

କଳାହାଣ୍ଡି ଜିଲା ଜୁନାଗଡ଼ ବ୍ଲକ ଶିକ୍ଷା ବିଭାଗ ଅଧୀନ ୩ ସ୍କୁଲରେ କାର୍ଯ୍ୟରତ ଥିବା ୪ ଜଣ ଶିକ୍ଷକଙ୍କୁ ଦାୟିତ୍ୱରେ ଅବହେଳା ପାଇଁ ନିଲମ୍ବିତ କରାଯାଇଛି। ସେମାନେ ହେଲେ ଲଖନାପଡ଼ା ସ୍କୁଲର ପ୍ରଧାନ ଶିକ୍ଷକ କନ୍ଦର୍ପ ନାଏକ, ବିଜରାଦର ସ୍କୁଲର ସହକାରୀ ଶିକ୍ଷକ କୌଶିକ ବେମାଲ ଓ ସୋମନାଥ ପ୍ରଧାନ ଏବଂ ବେହେରାଗୁଡ଼ା ସ୍କୁଲର ସହକାରୀ ଶିକ୍ଷକ ସୁନାସିର ପାନ। ପ୍ରକାଶ ଯେ, ଉପରୋକ୍ତ ସ୍କୁଲର ଶିକ୍ଷକମାନେ ସ୍କୁଲକୁ ଯାଉ ନ ଥିବା ଅଭିଯୋଗ ହୋଇଥିଲା। ଅଭିଯୋଗ ଆଧାରରେ ଗତ ୨୦ ତାରିଖରେ ଜୁନାଗଡ ବିଇଓ ତପନ ମାଝୀ ଅଚାନକ ଉପରୋକ୍ତ ସ୍କୁଲ ଗସ୍ତରେ ଯାଇଥିଲେ। ଏହି ସମୟରେ ସମ୍ପୃକ୍ତ ଶିକ୍ଷକ ଉପସ୍ଥିତ ନ ଥିବା ଦେଖିଥିଲେ। ଏହାପରେ ସମସ୍ତ ୪ ଜଣ ଶିକ୍ଷକଙ୍କୁ ନିଲମ୍ବିତ କରାଯାଇଥିବା ବିଇଓ ମାଝୀ ପ୍ରକାଶ କରିଛନ୍ତି।

# ସୁଦୃଢ଼ ଗଣତନ୍ତ୍ର ପାଇଁ ନିରପେକ୍ଷ ମତଦାନର ଆବଶ୍ୟକତା ରହିଛି




ପୌରପାଳିକା ନିର୍ବାହୀ ଅଧିକାରୀଙ୍କୁ ସମ୍ମାନିତ କରାଯାଉଛି।

**ଜିଲାସ୍ତରୀୟ ଜାତୀୟ ମତଦାତା ଦିବସ**

**ଭବାନୀପାଟଣା,୨୫।୧୦(ଉତ୍ତମ କୁମାର ଦାଶ)**

କଳାହାଣ୍ଡି ଜିଲା ଭବାନୀପାଟଣାସ୍ଥିତ ଜିଲାପାଳ କାର୍ଯ୍ୟାଳୟର ସଦ୍‌ଭାବନା ସଭାଗୃହରେ ଶନିବାର ପଞ୍ଚଦଶ ଜିଲାସ୍ତରୀୟ ଜାତୀୟ ମତଦାତା ଦିବସ ପାଳିତ ହୋଇଯାଇଛି। ଅତିରିକ୍ତ ଜିଲାପାଳ (ସାଧାରଣ) ତନ୍ମୟ କୁମାର ଦରୱାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଭବାନୀପାଟଣା ଉପଜିଲାପାଳ ପ୍ରଭାତ କୁମାର ପରିଡା, ଡେପୁଟି କଲେକ୍ଟର ପବିତ୍ର ସାମଲ, ଉପନିର୍ଦ୍ଦେଶକ ପ୍ଲାନିଂ ଶ୍ରୀକାନ୍ତ ଦଲେଇ, ଡେପୁଟି କଲେକ୍ଟର (ନିର୍ବାଚନ) ଦୀପ୍ତିମୟୀ ପ୍ରଧାନ, ଜିଲା ସଂସ୍କୃତି ଅଧିକାରୀ ବିବେକାନନ୍ଦ ମହାନନ୍ଦ, ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ହଳଧର ନିଆଲ, ସ୍ଥାନୀୟ ପୌରପାଳିକା ନିର୍ବାହୀ ଅଧିକାରୀ ଡ଼. ସତ୍ୟ ସମ୍ପର୍ଣ୍ଣା ରାଉତ, ସହକାରୀ ଜିଲାପାଳ ସୁଶାନ୍ତ କୁମାର ନାୟକ, ଜିଲା ଶାରୀରିକ ଶିକ୍ଷା ଅଧିକାରୀ ରୂପସିଂ ରାଉତ ପ୍ରମୁଖ ଯୋଗଦେଇ ଏହି ଦିବସ ପାଳନର ତାତ୍ପର୍ଯ୍ୟ ଉପରେ ଆଲୋକପାତ କରିଥିଲେ। ଏକ ସୁସ୍ଥ ଓ ସୁଦୃଢ଼ ଗଣତନ୍ତ୍ର ପାଇଁ ନିର୍ଭୀକ ଓ ନିରପେକ୍ଷ ମତଦାନର ଆବଶ୍ୟକତା ଥିବା ଓ ଏଥିରେ ବିଶେଷ କରି ଯୁବ ଭୋଟରଙ୍କ ପ୍ରମୁଖ ଭୂମିକା ରହିଥିବା ଅତିରିକ୍ତ ଜିଲାପାଳ ଦରୱାନ ମତବ୍ୟକ୍ତ କରିଥିଲେ। ଏହି ଅବସରରେ ବିଭିନ୍ନ ଶିକ୍ଷାନୁଷ୍ଠାନର ଛାତ୍ରୀଛାତ୍ରଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା କରାଯାଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଭୋଟର ତାଲିକା ପ୍ରସ୍ତୁତିରେ ସର୍ବୋତ୍ତମ କାର୍ଯ୍ୟ ଦକ୍ଷତା ପ୍ରଦର୍ଶନ କରିଥିବା ଅଧିକାରୀମାନଙ୍କୁ ସମ୍ମାନିତ କରାଯାଇଥିଲା। ଏଥିରେ ଭବାନୀପାଟଣା ଉପଜିଲାପାଳ ପ୍ରଭାତ କୁମାର ପରିଡା, ଭବାନୀପାଟଣା ପୌରପାଳିକା ନିର୍ବାହୀ ଅଧିକାରୀ ଡ. ସତ୍ୟ ସମ୍ପର୍ଣ୍ଣା ରାଉତ, କଲମପୁର ବିଡିଓ ବିଜୟ କୁମାର ମାଣ୍ଡାଙ୍ଗି ଓ ବିଏଲଓ ରହିଛନ୍ତି। କାର୍ଯ୍ୟକ୍ରମକୁ ଜିଲା ସଂସ୍କୃତି ଅଧିକାରୀ ବିବେକାନନ୍ଦ ମହାନନ୍ଦ ପରିଚାଳନା କରିଥିଲେ। ଏହି ଅବସରରେ ସକାଳେ ବିଭିନ୍ନ ଶିକ୍ଷାନୁଷ୍ଠାନର ଛାତ୍ରୀଛାତ୍ର, ଶିକ୍ଷକ ଶିକ୍ଷୟିତ୍ରୀ, ଅଧିକାରୀ, କର୍ମଚାରୀ, ଗଣମାଧ୍ୟମ ପ୍ରତିନିଧିଙ୍କୁ ନେଇ ସହରରେ ସଚେତନତା ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା।

# ଶ୍ରମିକଙ୍କ ବିଭିନ୍ନ ସମସ୍ୟା ନେଇ ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର

**ନୂଆପଡ଼ା,୨୫।୧ (ମକାରୁ ବେମାଲ)**

ନୂଆପଡ଼ା ଜିଲାର କେନ୍ଦୁପତ୍ର ତୋଳାଳି ଓ ବନ୍ଧାଳି ଶ୍ରମିକଙ୍କ ବିଭିନ୍ନ ସମସ୍ୟା ସାମାଧାନ ପାଇଁ ଭାଜପା ରାଜ୍ୟ କାର୍ଯ୍ୟକାରିଣି ସଦସ୍ୟ ଯଦୁମଣି ପାଣିଗ୍ରାହୀ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝିଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ତୋଳାଳିଙ୍କୁ ଶହେ ପ୍ରତିଶତ ବୋନସ, ଚାକିରି ସର୍ତ୍ତାବଳୀ ଲାଗୁ କରିବା, ପତ୍ର କେରି ପିଛା ୨ ଟଙ୍କାକୁ ବୃଦ୍ଧି, ସିଜନାଲ ଷ୍ଟାଫଙ୍କ ଦରମା ବୃଦ୍ଧି, ଜିଲା ଶ୍ରମିକ ମହାସଂଘ ପକ୍ଷରୁ ନୂଆପଡାକୁ ଦାଦନ ମୁକ୍ତ କରିବା ପାଇଁ ପଦକ୍ଷେପ, ଶ୍ରମିକଙ୍କ ପାଇଁ ସ୍ୱତନ୍ତ୍ର ପ୍ୟାକେଜ, ଜିଲା ଶ୍ରମ କାର୍ଯ୍ୟାଳୟକୁ ଖରିଆର ରୋଡରୁ ନୂଆପଡ଼ା ଜିଲା ସଦର ମହକୁମାକୁ ସ୍ଥାନାନ୍ତର, ତୃତୀୟ ଓ ଚତୁର୍ଥ ଶ୍ରେଣୀ କର୍ମଚାରୀ ନିଯୁକ୍ତିରେ ରାଜ୍ୟ କ୍ୟାଡର ବ୍ୟବସ୍ଥା ହଟାଇ ଜିଲା କ୍ୟାଡର ଲାଗୁ କରିବା, ଶ୍ରମିକଙ୍କୁ ଭୂମି ଓ ପ୍ରଧାନମନ୍ତ୍ରୀ ଆବାସ ଗୃହ ଯୋଗାଇଦେବା, ଯୋଗ୍ୟ ହିତାଧିକାରୀଙ୍କୁ ରାଶନ କାର୍ଡ ଯୋଗାଣ ଆଦି ଦାବିପତ୍ରରେ ଉଲ୍ଲେଖ କରାଯାଇଛି। ବିଭିନ୍ନ ବର୍ଗର ଶ୍ରମିକ, କେନ୍ଦୁପତ୍ର ତୋଳାଳି ଓ ସିଜନାଲ ଷ୍ଟାଫଙ୍କ ଦାବି ଉପରେ ଅନେକ ପଦକ୍ଷେପ ଗ୍ରହଣ କରାଯାଇଛି ବୋଲି ମୁଖ୍ୟମନ୍ତ୍ରୀ ପ୍ରକାଶ କରିଥିଲେ। ଦାବିପତ୍ର ପ୍ରଦାନ ସମୟରେ ପୂର୍ବତନ ବିରୋଧୀ ଦଳ ନେତା ପ୍ରଦୀପ୍ତ ନାଏକ ଉପସ୍ଥିତ ଥିଲେ।



ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।

### ରେଳଲାଇନରୁ ମହିଳାଙ୍କ ମୃତଦେହ ଜବତ

**ନୂଆପଡ଼ା,୨୫।୧ (ମକାରୁ ବେମାଲ):** ନୂଆପଡ଼ା ଜିଲା ଖରିଆର ରୋଡ ସହରର ଆମସେନା ରାସ୍ତା ଆମନାଲାଠାରେ ଶନିବାର ରେଳ ଲାଇନରୁ ଜଣେ ମହିଳାଙ୍କ ମୃତଦେହ ପଡିଥିବା ଦେଖି ସ୍ଥାନୀୟ ଲୋକେ ରେଲୱେ ପୋଲିସକୁ ଖବର ଦେଇଥିଲେ। ରେଲୱେ ପୋଲିସ ମୃତଦେହର ଫଟୋ ଉଠାଇ ହ୍ୱାଟ୍‌ସଆପ ଗ୍ରୁପରେ ଛାଡିବା ପରେ ପରିବାର ଲୋକେ ଏହାକୁ ଚିହ୍ନଟ କରି ଘଟଣାସ୍ଥଳରେ ପହଞ୍ଚିଥିଲେ। ମୃତା ମହିଳା ହେଲେ କୋମନା ବ୍ଲକ ଠିକପାଲି ପଞ୍ଚାୟତ ଶୁକ୍ଳିମୁଣ୍ଡି ଗାଁର ହିରାଞ୍ଜଳି ଦାସ (୩୫)। ସେ ବେଲଗୁଣ୍ଡୁରି ଥାନା ବିଶୋରା ପଞ୍ଚାୟତ ସରଦାପୁର ଗାଁର ସାମାଜିକ ରୀତିରେ ଶୁକ୍ଳିମୁଣ୍ଡି ଗାଁର ଭରତ ଦାସଙ୍କୁ ବିବାହ କରିଥିଲେ। ତାଙ୍କର ୨ ପୁଅ, ୨ ଝିଅ ଅଛନ୍ତି। ସୂଚନା ଅନୁଯାୟୀ ହିରାଞ୍ଜଳି ଶୁକ୍ଳିମୁଣ୍ଡି ଗାଁରେ ଓଡିଶା ମିଶନ ଶକ୍ତି ଅଧୀନରେ ସିଆର୍‌ପି ଭାବରେ କାର୍ଯ୍ୟରତ ଥିଲେ। ଶନିବାର ସକାଳେ କୋମନା ବ୍ଲକକୁ ଯାଉଛି ବୋଲି ପରିବାର ଲୋକଙ୍କୁ କହି ବାହାରିଥିଲେ। ହେଲେ ରେଳଲାଇନରେ ମୃତଦେହ ପଡିଥିବା ସ୍ଥାନୀୟ ଲୋକେ ଦେଖି ଷ୍ଟେଶନ ମାଷ୍ଟରଙ୍କୁ ଖବର କରିଥିଲେ। ମୃତ୍ୟୁର କାରଣ ଜଣାପଡି ନ ଥିବାବେଳେ ମହିଳାଙ୍କ ମା'ବାପା ହତ୍ୟା ଅଭିଯୋଗ ଆଣି ମୃତଦେହ ଉଠାଇ ଦେଉନାହାନ୍ତି । ଖବର ଲେଖାହେବା ପର୍ଯ୍ୟନ୍ତ ମୃତଦେହ ରେଳ ଧାରଣାରେ ପଡି ରହିଥିଲା।

# ଘୁଡୁକା ଓ ରସରକେଲିରେ ଝୁମିଲେ ଦର୍ଶକ

**ଦେଓଗାଁ,୨୫।୧(କୃଷ୍ଣ ପ୍ରସାଦ ପାଣିଗ୍ରାହୀ)**

**ଆଞ୍ଚଳିକ ଲୋକ ମହୋତ୍ସବ ଦ୍ୱିତୀୟ ସନ୍ଧ୍ୟା**

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ କୁଲୁତାପଡା ପଞ୍ଚାୟତ ଅନ୍ତର୍ଗତ ଶୁଲିଆପିଠ କୁମୁରିଆ ସାନଖଳାରେ ଚାଲିଥିବା ଆଞ୍ଚଳିକ ଲୋକ ମହୋତ୍ସବର ଶନିବାର ଥିଲା ଦ୍ୱିତୀୟ ସନ୍ଧ୍ୟା । ଏହି ସନ୍ଧ୍ୟାରେ ପୂର୍ବତନ ବ୍ଲକ ଅଧ୍ୟକ୍ଷା ରୀନା ମେହେରଙ୍କ ସଭାପତିତ୍ୱରେ ସଭା ଅନୁଷ୍ଠିତ ହୋଇଥିଲା । ଏଥିରେ ମୁଖ୍ୟଅତିଥି ଭାବେ ଜିଲା ପରିଷଦ ଅଧ୍ୟକ୍ଷା ଦେବକୀ ସାହୁ ଯୋଗଦେଇ ମହୋତ୍ସବ ଆୟୋଜନ ଲୋକଙ୍କୁ ଏକତାର ବନ୍ଧନରେ ବାନ୍ଧିବା ସହ ଅଞ୍ଚଳର ବିକାଶରେ ବେଶ ସହାୟକ ହୋଇଥାଏ ବୋଲି ମତବ୍ୟକ୍ତ କରିଥିଲେ । ସମ୍ମାନିତ ଅତିଥି ଭାବେ ବଲାଙ୍ଗୀର ପୌରାଧ୍ୟକ୍ଷା ଲିକା ସାହୁ, ଜିଲା ପରିଷଦ ସଭ୍ୟ ସୁମତୀ ସେଠ, ମମତା କୁମୁରା ପ୍ରମୁଖ ଯୋଗ ଦେଇଥିଲେ । ମହୋତ୍ସବର ଆବାହକ ତଥା ପୂର୍ବତନ ବ୍ଲକ ଅଧ୍ୟକ୍ଷ ଲକ୍ଷ୍ମଣ କୁମାର ମେହେର ଅତିଥି ପରିଚୟ ପ୍ରଦାନ କରିଥିଲେ । ସମିତି ସଭ୍ୟ ଅଭିମନ୍ୟୁ ମାଝୀ ଧନ୍ୟବାଦ ଅର୍ପଣ କରିଥିଲେ । ପରେ ତୁଷୁରା କୃଷ୍ଣପ୍ରିୟା କଳା ପରିଷଦ ସାନବଡଙ୍କ ଘୁଡୁକା ନୃତ୍ୟ, ଭାଲେରର ସମଲେଶ୍ୱରୀ କଳା ପରିଷଦ ଦ୍ୱାରା ପାରମ୍ପରିକ ରସଲକେଲି ନୃତ୍ୟ, ସୁଦପଡାର ମୟୁରୀ କଳା ପରିଷଦ ଦ୍ୱାରା ନୃତ୍ୟ ଓ ଗୌରଗୋଠରର କଳାକାରମାନଙ୍କ ଦ୍ୱାରା ରାମଲୀଳା ପରିବେଷିତ ହୋଇଥିଲା । ଏହି ଅବସରରେ ନବୀନ କୁଅଁରଙ୍କୁ କଳାକାର ସମ୍ମାନ ଓ ଜରାସିଂହାର ବିଏନଏଏକୁ ସମ୍ମାନିତ କରାଯାଇଥିଲା। ଏହାସହ ପ୍ରତ୍ୟହ କଂସ ଦରବାର ଓ ମୀନା ବଜାର ମୁଖ୍ୟ ଆକର୍ଷଣ ସାଜିଛି ।

### ରାଜ୍ୟ ସମ୍ମିଳନୀରେ ବ୍ଲକ୍ ଅଧ୍ୟକ୍ଷ ପୁରସ୍କୃତ

**ଗୋଲାମୁଣ୍ଡା,୨୫।୧(ବଟକୃଷ୍ଣ ପଣ୍ଡା):** ଭୁବନେଶ୍ୱରସ୍ଥିତ ବୁଦ୍ଧବିହାରଠାରେ ଶୁକ୍ରବାର ଆୟୋଜିତ ଓଡିଶା ସୂଚନା ଅଧିକାର ଅଭିଯାନର ୧୫ ତମ ରାଜ୍ୟ ସମ୍ମିଳନୀରେ ସୂଚନା ଅଧିକାର କର୍ମୀ ତଥା ଗୋଲାମୁଣ୍ଡା ବ୍ଲକ ଅଧ୍ୟକ୍ଷ ବିନ୍ଦୁ ମହାନନ୍ଦ ପୁରସ୍କୃତ ହୋଇଛନ୍ତି। ଏହି ସମ୍ମିଳନୀରେ ମୁଖ୍ୟ ଅତିଥି ଭାବରେ ଆଇନ, ପୂର୍ତ୍ତ ଓ ଅବକାରୀ ବିଭାଗ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ପୂର୍ବତନ ମୁଖ୍ୟ ଶାସନ ସଚିବ ସହଦେବ ସାହୁ, ଏନ୍‌ସିପିଆର୍‌ଆଇ ଆବାହକ ଅଞ୍ଜଳି ଭରଦ୍ୱାଜ ଓ ସହ ଆବାହକ ଅମ୍ରିତା ଲୋରି ପ୍ରମୁଖ ମଞ୍ଚାସୀନ ହୋଇଥିଲେ। ମହାନନ୍ଦ ଓଡିଶା ସୂଚନା ଅଧିକାର ଅଭିଯାନ ମାଧ୍ୟମରେ ପ୍ରଶାସନ ଓ ସରକାରଙ୍କୁ ଅନେକ ତଥ୍ୟ ମାଗିବା ସହ ଦୁର୍ନୀତିର ପର୍ଦ୍ଦାଫାଶ କରିଥିଲେ। ପୁରସ୍କୃତ ହେବା ପରେ ତାଙ୍କୁ ବିଭିନ୍ନ ମହଲରୁ ଶୁଭେଚ୍ଛାର ସୁଅ ଛୁଟୁଛି।

# ଡୁମେରପଦର ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ



**ଥୁଆମୂଳ ରାମପୁର,୨୫।୧(ଦୁର୍ଗା କୀର୍ତ୍ତି)**

କଳାହାଣ୍ଡି ଜିଲା ଥୁଆମୂଳ ରାମପୁର ବ୍ଲକ ଅନ୍ତର୍ଗତ ଡୁମେରପଦର ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ ଶୁକ୍ରବାର ପାଳିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ସୁଶାନ୍ତ କୁମାର ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ଥୁଆମୂଳ ରାମପୁର ବିଡିଓ ଧ୍ରୁବ ଚରଣ ମୁଦୁଲି ମୁଖ୍ୟ ଅତିଥି, ଏମ୍‌ଏମ୍‌ପିଏସ୍ ମହାବିଦ୍ୟାଳୟ ଅଧ୍ୟକ୍ଷ ସତ୍ୟ ନାରାୟଣ ମୁଣ୍ଡଛିନା ମୁଖ୍ୟ ବକ୍ତା ଓ ଗୋପାଳପୁର (ଡ଼ାକକୋଟା) ବାଳକ ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଭରତ ନାଏକ, ସ୍ଥାନୀୟ ସିଆର୍‌ସିସି ଯଦୁମଣି ନାଏକ, ସ୍କୁଲ ପରିଚାଳନା କମିଟି ସଭାପତି ପ୍ରଧନୀ ନାଏକ, ମା' ମାଣିକେଶ୍ୱରୀ ଯୁକ୍ତ ୩ ମହାବିଦ୍ୟାଳୟ ଅଧ୍ୟକ୍ଷ ସମୀର ରଞ୍ଜନ ସାହୁ, କାଠକୁରା ସେବାଶ୍ରମ ପ୍ରଧାନ ଶିକ୍ଷକ ଡମ୍ବରୁଧର ଗଡତିଆ, ଗୋପାଳପୁର ବାଳିକା ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ ମିନାକ୍ଷୀ ସାମଲ ପ୍ରମୁଖ ସମ୍ମାନିତ ଅତିଥି ଭାବେ ମଞ୍ଚାସୀନ ଥିଲେ। ପ୍ରଧାନ ଶିକ୍ଷକ ସାହୁ ବିବରଣୀ ପଠନ କରିବା ପରେ ଛାତ୍ରୀଛାତ୍ରଙ୍କୁ ନେଇ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ବିଭିନ୍ନ ପ୍ରତିଯୋଗିତାରେ କୃତୀ ପ୍ରତିଯୋଗୀଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। କିଶୋର ଚନ୍ଦ୍ର ସାହୁ ମଞ୍ଚ ପରିଚଳନା କରିଥିବା ବେଳେ କୃଷ୍ଣ ଚନ୍ଦ୍ର ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।

# ସଡ଼କ ସୁରକ୍ଷା ସପ୍ତାହ: ଶପଥ ନେଲେ ଅଭିଭାବକ

**ଲାଠୋର,୨୫।୧(ଭୁବନେଶ୍ୱର ବାରିକ)**

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ କରୁଆଁଝର ପଞ୍ଚାୟତ ସଦର ଗ୍ରାମ ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଅଚ୍ୟୁତାନନ୍ଦ ସାହୁଙ୍କ ତତ୍ତ୍ୱାବଧାନରେ ଜୁନିୟର ରେଡକ୍ରସ ପରାମର୍ଶଦାତା ଆକାଶ କୁମାର ସାହୁଙ୍କ ନେତୃତ୍ୱରେ ଛାତ୍ରୀଛାତ୍ର ,ଅଭିଭାବକମାନଙ୍କୁ ନେଇ ଶନିବାର ସଡ଼କ ସୁରକ୍ଷା ସପ୍ତାହ ପାଳନ ହୋଇଯାଇଛି । ସଡ଼କ ସୁରକ୍ଷା ସଂପର୍କରେ ସଚେତନତା ସୃଷ୍ଟି କରିବା ଏହି କାର୍ଯ୍ୟକ୍ରମର ଲକ୍ଷ୍ୟ ବୋଲି ପରାମର୍ଶଦାତା କହିଛନ୍ତି । ଏହି କାର୍ଯ୍ୟକ୍ରମରେ ଜୁନିୟର ରେଡକ୍ରସର ସଦସ୍ୟମାନେ ସଡ଼କ ସୁରକ୍ଷା ବାର୍ତ୍ତା ସମ୍ବଳିତ ପ୍ଲାକାର୍ଡ ହାତରେ ଧରି ଗାଡି ଚାଳକମାନଙ୍କୁ ହେଲମେଟ ପିନ୍ଧିବା, ସିଟ ବେଲ୍ଟ ବ୍ୟବହାର କରିବା ତଥା ଦ୍ରୁତ ଗତିରେ ଗାଡି ଚାଳନାକୁ ଏଡ଼ାଇବା ପାଇଁ ଅନୁରୋଧ କରିଥିଲେ । ଏହି ଅବସରରେ ପ୍ରାୟ ୨ ଶହରୁ ଊର୍ଦ୍ଧ୍ୱ ଅଭିଭାବକ ସଡ଼କ ସୁରକ୍ଷା ଶପଥ ଗ୍ରହଣରେ ଅଂଶଗ୍ରହଣ କରିଥିଲେ ।



# ଏମ୍‌ଏସ୍ ମେଡାକ୍ସ ହସ୍ପିଟାଲରେ ନିଃସନ୍ତାନତା ପରାମର୍ଶ ଶିବିର

**ଭବାନୀପାଟଣା,୨୫।୧(ଉତ୍ତମ କୁମାର ଦାଶ)**

କଳାହାଣ୍ଡି ଜିଲା ଭବାନୀପାଟଣାସ୍ଥିତ ଏମ୍‌ଏସ୍ ମେଡାକ୍ସ ହସ୍ପିଟାଲରେ ଶନିବାର ମାଗଣା ନିଃସନ୍ତାନତା ପରାମର୍ଶ ଶିବିର ଅନୁଷ୍ଠିତ ହୋଇଥିଲା। ହସ୍ପିଟାଲର ଏମ୍‌ଡି ଡା. ପ୍ରଦୀପ ପାଣିଗ୍ରାହୀଙ୍କ ଅଧ୍ୟକ୍ଷତାରେ ଶିବିରରେ ମୁଖ୍ୟ ପରାମର୍ଶଦାତା ଭାବେ ଭୁବନେଶ୍ୱର ଫ୍ୟୁଚର ଫର୍ଟିଲିଟି ସେଣ୍ଟରର ପ୍ରତିଷ୍ଠାତା ପ୍ରଫେସର ଡାକ୍ତର ବବିତା ପଣ୍ଡା ଯୋଗଦେଇ ସନ୍ତାନ ପ୍ରାପ୍ତି ପାଇଁ ଉପଯୁକ୍ତ ପରାମର୍ଶ ଦେଇଥିଲେ। ସେହିପରି ବନ୍ଧ୍ୟା ଦମ୍ପତିଙ୍କ ପାଇଁ ଏହି କ୍ଲିନିକ ଉପଯୁକ୍ତ ହେବା ସହ ସମାଜର ଏହିପ୍ରକାର ଦମ୍ପତିଙ୍କୁ ତାଙ୍କ ଦ୍ୱାର ଦେଶରେ ଉପଯୁକ୍ତ ସେବା ଓ ପରାମର୍ଶ ସୁଲଭ ମୂଲ୍ୟରେ ଯୋଗେଇ ଦେବା ଆମର ଲକ୍ଷ୍ୟ ବୋଲି ସ୍ଥାନୀୟ ହସ୍ପିଟାଲର ମ୍ୟାନେଜିଂ ଡାଇରେକ୍ଟର ପ୍ରଦୀପ ପାଣିଗ୍ରାହୀ ପ୍ରକାଶ କରିଛନ୍ତି। ଭୁବନେଶ୍ୱର ଫ୍ୟୁଚର ଫର୍ଟିଲିଟି ସେଣ୍ଟର ଓ ଏମ୍‌ଏସ୍ ମେଡାକ୍ସ ହସ୍ପିଟାଲର ମିଳିତ ଉଦ୍ୟମରେ ହୋଇଥିବା ଶିବିରରେ ଜିଲା ତଥା ଜିଲା ବାହାରର ଅନେକ ନିଃସନ୍ତାନ ଦମ୍ପତି ଯୋଗଦେଇଥିଲେ।



### ଲକ୍ଷାଧିକ ଟଙ୍କାର ଗଞ୍ଜେଇ ଜବତ

**କୋମନା,୨୫।୧(ସୋବିନ ଛତ୍ରିଆ)**

ନୂଆପଡ଼ା ଜିଲା କୋମନା ପୋଲିସ ପ୍ରତିଦିନ ଭଳି ଶନିବାର ପାଟ୍ରୋଲିଂ କରୁଥିବା ବେଳେ କୌଣସି ସୂତ୍ରରୁ ଖବର ପାଇ ଯେଠୁପାଲି ହରେକୃଷ୍ଣ ପଡ଼ା ଅଙ୍ଗନୱାଡି କେନ୍ଦ୍ର ନିକଟସ୍ଥ ଏକ ଜମିରୁ ପ୍ରାୟ ଏକ କୁଇଣ୍ଟାଲ ଗଞ୍ଜେଇ ଜବତ କରିଛି। ଏହି ଟିମ୍‌ରେ କୋମନା ଥାନା ଅଧିକାରୀ ସୁମନ୍ତ କୁମାର ନାଏକଙ୍କ ସମେତ ତାଙ୍କ ସହକର୍ମୀ ସାମିଲ ଥିଲେ। ୫ଟି ବସ୍ତାରେ ଥିବା ଏହି ଗଞ୍ଜେଇର ମୂଲ୍ୟ ଲକ୍ଷାଧିକ ଟଙ୍କା ହେବ ବୋଲି ଜଣାପଡିଛି। ଜବତ ହୋଇଥିବା ଗଞ୍ଜେଇ କିଏ ଏବଂ କାହିଁକି ରଖିଥିଲେ ତାହା ଜଣାପଡି ନାହିଁ। ଏ ବିଷୟରେ ତଦନ୍ତ ଚାଲିଛି, ବହୁତ ଶୀଘ୍ର ଘଟଣାର ପର୍ଦ୍ଦାଫାଶ ହେବ ବୋଲି ଥାନା ଅଧିକାରୀ ନାଏକ କହିଛନ୍ତି।

# ବ୍ଲକ୍ ଘୋଷଣା ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର



**ଭବାନୀପାଟଣା,୨୫।୧(ଉତ୍ତମ କୁମାର ଦାଶ)**

କଳାହାଣ୍ଡି ଜିଲା ଭବାନୀପାଟଣା ବ୍ଲକ ମିଲକୀ ଅଞ୍ଚଳର ବୋର୍ଡାକୁ ନୂତନ ବ୍ଲକ ଘୋଷଣା କରିବା ପାଇଁ ଦାବି କରିଛି ପ୍ରସ୍ତାବିତ ବୋର୍ଡା ବ୍ଲକ କ୍ରିୟାନୁଷ୍ଠାନ କମିଟି। ଏ ନେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀଙ୍କୁ କମିଟି କର୍ମକର୍ତ୍ତା ଭୁବନେଶ୍ୱରରେ ସାକ୍ଷାତ କରି ଦାବିପତ୍ର ପ୍ରଦାନ କରିଛନ୍ତି। ବୋର୍ଡା ଅଞ୍ଚଳର ୧୧ ପଞ୍ଚାୟତରେ ୫୦ଟି ରାଜସ୍ୱ ଗ୍ରାମ ରହିଥିବାବେଳେ ପ୍ରାୟ ୭୦ ହଜାର ଲୋକ ବସବାସ କରୁଛନ୍ତି। ୨୫ ଶତକଡ଼ା ହରିଜନ, ୩୭ ଶତକଡ଼ା ଆଦିବାସୀ ସମ୍ପ୍ରଦାୟର। ଭବାନୀପାଟଣା ସଦର ମହକୁମା ଓ ବ୍ଲକଠାରୁ ଅନେକ ଗ୍ରାମର ଦୂରତା ୭୦ କିମିରୁ ଅଧିକ। କୃଷିକ୍ଷେତ୍ରରେ ଅଞ୍ଚଳର ପାଖାପାଖି ୫୦ କୋଟି ଟଙ୍କାର ଅବଦାନ ଜିଲା ଅର୍ଥନୀତିରେ ଯୋଗଦାନ ରହିଛି। ତେଣୁ ଏଠାରେ ଏକ ବ୍ଲକ ହେବା ପାଇଁ ଆବଶ୍ୟକ ରହିଛି ବୋଲି କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ଦାବି କରାଯାଇଛି। ଦାବିପତ୍ର ପ୍ରଦାନ ସମୟରେ ପୂର୍ବତନ ବିରୋଧୀ ଦଳ ନେତା ପ୍ରଦୀପ୍ତ ନାଏକ, ଭବାନୀପାଟଣା ବ୍ଲକ ଅଧ୍ୟକ୍ଷ ପ୍ରଫୁଲ୍ଲ ସାହୁ, ଭାଜପା ନେତା ଡ଼. ଭବାନୀ ଶଙ୍କର ନିଆଲ, ବିଭିଷଣ ସାହୁ, ସାମାଜିକ କର୍ମୀ ରୋଶନ ଲାଲ ଛତର, ଡୁମୁରିଆ ସରପଞ୍ଚ ସଞ୍ଜୀବ କୁମାର ମିଶ୍ର, ବୋର୍ଡା ସରପଞ୍ଚ ରୀନା ରାଣୀ ଜାଲ ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ମର୍ନିଂୱାକ୍ ବେଳେ ଟ୍ରେନ୍ ମାଡ଼ିଗଲା, ବୃଦ୍ଧ ମୃତ

**ରାଉରକେଲା,୨୫।୧(ସଙ୍ଗୀତା ଜେନା):** ପାନପୋଷ ରେଳଷ୍ଟେଶନ ନିକଟରେ ଜଣେ ବୃଦ୍ଧ ଶନିବାର ସକାଳ ସାଢ଼େ ୭ଟାରେ ମର୍ନିଂ ୱାକ୍ କରୁଥିବା ବେଳେ ଟ୍ରେନ ଧକ୍କା ଦେବାରୁ ତାଙ୍କର ମୃତ୍ୟୁ ଘଟିଛି। ମୃତକ ହେଲେ ପାନପୋଷ ଅଞ୍ଚଳର ବ୍ରିଜଲାଲ ସାହୁ(୭୩)। ଖଣ୍ଡବିଖଣ୍ଡିତ ଅବସ୍ଥାରେ ବାସନ୍ତୀ ଓଭରବ୍ରିଜ ନିକଟରୁ ମୃତଦେହକୁ ଉଦ୍ଧାର କରାଯାଇଛି। ବ୍ୟବଚ୍ଛେଦ ପରେ ଅପରାହ୍ନ ୫ଟାରେ ଜିଆର୍‌ପି ପୋଲିସ ପରିବାର ଲୋକଙ୍କୁ ମୃତଦେହ ହସ୍ତାନ୍ତର କରିଛି। ଏ ନେଇ ଏକ ମାମଲା (ନଂ.୧୦/୨୫) ରୁଜୁ ହୋଇଛି। ଭିନ୍ନ ଭିନ୍ନ ସ୍ଥାନରେ ମୃତଦେହ ମିଳିଥିବାରୁ ଏହା ଏକ ହତ୍ୟାକାଣ୍ଡ ବୋଲି ଚର୍ଚ୍ଚା ହେଉଛି।

### ଟି-୨୦ କ୍ରିକେଟ: ଫାଇନାଲରେ ଆଶ୍ରୁ ଇଲେଭେନ

**ରାଉରକେଲା,୨୫।୧(ଦିନେଶ ମିଶ୍ର):** ରାଉରକେଲା ସେକ୍ଟର-୨୦ ସ୍ଥିତ ରାଇଜିଂ ଖେଳ ପଡିଆରେ ୧୪ତମ ରାଇଜିଂ କ୍ରିକେଟ ଟୁର୍ନାମେଣ୍ଟର ଦ୍ୱିତୀୟ ସେମିଫାଇନାଲ ମ୍ୟାଚ୍ ଶନିବାର ପୂର୍ବାହ୍ନ ସାଢେ ୧୧ଟାରେ ଅନୁଷ୍ଠିତ ହୋଇଥିଲା। ଏହି ମ୍ୟାଚ୍ ସେକ୍ଟର-୮ ଆଶ୍ରୁ ଇଲେଭେନ୍ ଓ ଇଲେଭେନ୍ ଷ୍ଟାର ମଧ୍ୟରେ ଖେଳାଯାଇଥିଲା। ମ୍ୟାଚ୍‌ରେ ଆଶ୍ରୁ ଇଲେଭେନ ଦଳ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୨୦ ଓଭରରେ ୯ ଉଇକେଟ୍ ହରାଇ ୧୮୨ ରନ ସଂଗ୍ରହ କରିଥିଲା। ଦଳ ପକ୍ଷରୁ ଶୁଭମ ରାଉତରାୟ ମାତ୍ର ୪୧ ବଲ ଖେଳି ସର୍ବାଧିକ ୯୦ ରନ କରିଥିଲେ। ଏହି ରନ୍ ଲକ୍ଷ୍ୟ ନେଇ ଇଲେଭେନ୍ ଷ୍ଟାର ଦଳ ୯ ଉଇକେଟ୍ ହରାଇ ୧୫୩ ରନ ସଂଗ୍ରହ କରି ମ୍ୟାଚ୍‌ରେ ପରାଜିତ ହୋଇଥିଲା । ଦଳ ପକ୍ଷରୁ ରୋସନ ଜେନା ସର୍ବାଧିକ ୫୨ ରନ ସଂଗ୍ରହ କରିଥିଲେ। ଆଜିର ଏହି ମ୍ୟାଚ୍‌ରେ ଆଶ୍ରୁ ଇଲେଭେନ ଦଳର ଶୁଭମ ରାଉତରାୟଙ୍କୁ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ପୁରସ୍କାର ପ୍ରଦାନ କରାଯାଇଥିଲା। ଓସିଏ ପ୍ୟାନେଲ ଓମ୍ପାୟାର ପ୍ରଶାନ୍ତ ମହାନ୍ତି ଓ ଗୋବିନ୍ଦ ତାଣ୍ଡିଆ ମ୍ୟାଚ୍ ପରିଚାଳନା କରିଥିଲେ। ରବିବାର ଆଶ୍ରୁ ଇଲେଭେନ୍ ଓ ସନ୍‌ରାଇଜର ଦଳ ମଧ୍ୟରେ ଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହେବ ବୋଲି ସଭାପତି ଈଶ୍ୱର ପଟ୍ଟନାୟକ ସୂଚନା ଦେଇଛନ୍ତି।

# ଅତ୍ୟାଧୁନିକ ଟ୍ରାଫିକ୍ ପରିଚାଳନା କରିବ ଡିପ୍ ଲର୍ନିଂ ମଡେଲ

**ରାଉରକେଲା,୨୫।୧(ସଙ୍ଗୀତା ଜେନା)**

ବିକାଶଶୀଳ ଦେଶମାନଙ୍କରେ ଟ୍ରାଫିକ୍ ପରିଚାଳନାରେ ଉନ୍ନତି ଆଣିବା ଉଦ୍ଦେଶ୍ୟରେ ରାଉରକେଲା ଜାତୀୟ ପ୍ରଯୁକ୍ତି ପ୍ରତିଷ୍ଠାନ (ଏନ୍‌ଆଇଟି)ର ଗବେଷକମାନେ ଏଆଇ ଆଧାରିତ ମଲ୍ଟି କ୍ଲାସ୍ ଭେହିକିଲ୍ ଡିଟେକ୍ସନ ମଡେଲ ଓ ଲାଇଟ୍ ଫ୍ୟୁଜନ୍ ବାଇଡାଇରେକ୍ସନାଲ ଫିଚର ପିରାମିଡ୍ ନେଟ୍‌ୱର୍କ (ଏଲ୍‌ଏଫ୍‌ଏପ୍‌ପିଏନ୍) ଟୁଲ ବିକଶିତ କରିଛନ୍ତି। ଇଲେକ୍ଟ୍ରୋନିକ୍ସ ଓ କମ୍ୟୁନିକେଶନ ଇଞ୍ଜିନିୟରିଂ ବିଭାଗର ଆସୋସିଏଟ୍ ପ୍ରଫେସର ସନ୍ତୋଷ ଦାସଙ୍କ ନେତୃତ୍ୱରେ ଗବେଷକ ଦଳ ଏକ ଇଣ୍ଟେଲିଜେନ୍ସ ଭେହିକିଲ୍ ଡିଟେକ୍ସନ (ଆଇଭିଡି) ସିଷ୍ଟମର ଉପଯୋଗ କରିଛନ୍ତି। ଏଥିରେ କମ୍ପ୍ୟୁଟର ଭିଜନ ବ୍ୟବହାର କରି ଫଟୋ ଏବଂ ଭିଡ଼ିଓରେ ଗାଡ଼ି ଚିହ୍ନଟ କରାଯାଇଛି। ଟ୍ରାଫିକ ପ୍ରବାହକୁ ଅପ୍ଟିମାଇଜ୍ କରିବା, ଭିଡ଼ ହ୍ରାସ କରିବା,



ଏନ୍‌ଆଇଟି ଗବେଷକ ଦଳ ବିକଶିତ କରିଥିବା ମଡେଲ।

ଭବିଷ୍ୟତର ସଡ଼କ ଯୋଜନାରେ ସାହାଯ୍ୟ କରିବା ପାଇଁ ଏହି ବ୍ୟବସ୍ଥା ରିୟଲ୍ ଟାଇମ୍ ତଥ୍ୟ ସଂଗ୍ରହ କରିବ। ଉକ୍ତ ଗବେଷଣାର ଫଳାଫଳ ଡ. ସନ୍ତୋଷ ଦାସଙ୍କ ମିଳିତ ଭାବେ ଲିଖିତ ଏକ ଗବେଷଣାପତ୍ର ଆଇଇଇଇ ଟ୍ରାନ୍ସନ ଅନ୍ ଇଣ୍ଟେଲିଜେନ୍ସ ଟ୍ରାନ୍ସପୋର୍ଟ ସିଷ୍ଟମରେ ପ୍ରକାଶ ପାଇଛି। ଏଥିରେ ଗବେଷକ ପ୍ରଶାନ୍ତ ଦେଶମୁଖ, କ୍ରିଷ୍ଣା ଚୈତନ୍ୟ ରାୟସମ୍ ଏବଂ ଏନ୍‌ଆଇଟିର ପ୍ରଫେସର ଉପେନ୍ଦ୍ର କୁମାର ସାହୁ, ଆଇଆଇଏସ୍‌ସି ବାଙ୍ଗାଲୋରର ପ୍ରଫେସର ସୁଧନ ମାଝୀ ଅଛନ୍ତି। ଟ୍ରାଫିକ୍ ସମସ୍ୟାର ମୁକାବିଲା ପାଇଁ ପ୍ରଫେସର ସନ୍ତୋଷ ଦାସ ଓ ତାଙ୍କ ଦଳ ନୂତନ ଏମ୍‌ସିଭିଡ଼ି ମଡେଲ ବିକଶିତ କରିଛନ୍ତି। ସେହିପରି ଉତ୍ତୋଳନ ବିବରଣୀକୁ ଆହୁରି ସଂଶୋଧନ କରିବା ପାଇଁ ସ୍ୱତନ୍ତ୍ର ଉପକରଣ ପ୍ରଚଳନ କରାଯାଇଛି। ସୂଚନାଯୋଗ୍ୟ, ଗବେଷକ ଦଳ ଏହି ଧାରଣାକୁ ଆଧାର କରି ଟ୍ରାଫିକ୍ ନିୟନ୍ତ୍ରଣ ବ୍ୟବସ୍ଥାରେ ବିକଶିତ କରିବା ଉପରେ କାର୍ଯ୍ୟ କରୁଛନ୍ତି ଏବଂ ଏକ ଷ୍ଟାର୍ଟଅପ୍ ମାଧ୍ୟମରେ ଏହାକୁ ବ୍ୟବସାୟୀକରଣ କରିବାକୁ ଯୋଜନା କରୁଥିବା ଏନ୍‌ଆଇଟି ପ୍ରଦତ୍ତ ପ୍ରେସ୍‌ବିବୃତ୍ତିରେ କୁହାଯାଇଛି।

# ନାବାଳିକା ବଳାତ୍କାରୀଙ୍କୁ ୨୦ବର୍ଷ ଜେଲଦଣ୍ଡ

**ସୁନ୍ଦରଗଡ,୨୫।୧(ଜୟ ନାରାୟଣ ମେଣ୍ଟୁଳି)**

ସୁନ୍ଦରଗଡ଼ ପୋକ୍‌ସୋ କୋର୍ଟର ଜଜ୍ ଜ୍ଞାନରଞ୍ଜନ ପଟ୍ଟନାୟକ ଶନିବାର ଏକ ନାବାଳିକା ବଳାତ୍କାର ମାମଲାର ଶୁଣାଣି କରି ଅଭିଯୁକ୍ତ ଶିବଶଙ୍କର ବରୁଆ(୩୨)ଙ୍କୁ ୨୦ବର୍ଷ ସଶ୍ରମ ଜେଲଦଣ୍ଡରେ ଦଣ୍ଡିତ କରିଛନ୍ତି। ଏଥିସହ ୧ ଲକ୍ଷ ଟଙ୍କା ଜରିମାନା ଓ ଅନାଦେୟ ଅଧିକ ୧ବର୍ଷ ଜେଲଦଣ୍ଡ ପାଇଁ ଜଜ୍ ତାଙ୍କ ରାୟରେ ଆଦେଶ କରିଛନ୍ତି। ମାମଲାର ରାୟ ବିବରଣୀରୁ ପ୍ରକାଶ ଯେ, ୨୦୨୧ ମେ ୫ତାରିଖ ଅପରାହ୍ନ ପ୍ରାୟ ୫ଟା ବେଳେ କିଞ୍ଜିରିକେଲା ଥାନା ଅଞ୍ଚଳର ୯ ବର୍ଷୀୟା ନାବାଳିକା ଜଣକ ତାଙ୍କ ସାଙ୍ଗଙ୍କ ସହିତ ଖେଳୁଥିଲେ। ଏହି ସମୟରେ ଅଭିଯୁକ୍ତ ଶିବଶଙ୍କର ତାଙ୍କୁ ଟେକିନେଇ ପାଖରେ ଥିବା ବୁଦାମୂଳେ ବଳାତ୍କାର କରି ଫେରାର ହୋଇଯାଇଥିଲେ। ଏହାପରେ ପୀଡ଼ିତାଙ୍କ ଜଣେ ପିଉସୀ ତାଙ୍କୁ ଦେଖି ତାଙ୍କ ମା'ଙ୍କୁ ଖବର ଦେଇଥିଲେ। ଖବର ପାଇ ତାଙ୍କ ମା' ସେଠାରେ ପହଞ୍ଚିଥିଲେ। ଝିଅ ଘଟଣା ସମ୍ପର୍କରେ ମା'ଙ୍କୁ କହିଥିଲେ। ପରଦିନ ପୀଡ଼ିତା ନାବାଳିକାଙ୍କ ମା' ଏ ସମ୍ପର୍କରେ କିଞ୍ଜିରିକେଲା ଥାନାରେ ରିପୋର୍ଟ କରିଥିଲେ। ପୋଲିସ ଥାନାରେ କେସ୍ ନଂ.୪୫/୨୦୨୧ରେ ଏକ ମାମଲା ରୁଜୁ କରି ନାବାଳିକାଙ୍କ ଡାକ୍ତରୀମାଇନା ଓ ବୟାନ ରେକର୍ଡ ପରେ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ଜଜ୍ ୧୯ଜଣ ସାକ୍ଷ୍ୟ ଓ କୋର୍ଟ ନିଜ ତରଫରୁ ଜଣଙ୍କର ବୟାନ ଗ୍ରହଣ ପରେ ଶନିବାର ଏହି ମାମଲାର ଶୁଣାଣି କରିଥିଲେ। ସ୍ୱତନ୍ତ୍ର ପୋକ୍‌ସୋ କୋର୍ଟର ଜଜ୍ ପୀଡ଼ିତାଙ୍କୁ ୭ଲକ୍ଷ ଟଙ୍କା ଅନୁକମ୍ପାମୂଳକ ସହାୟତା ରାଶି ପ୍ରଦାନ ସକାଶେ ଜିଲା ଆଇନସେବା ପ୍ରାଧିକରଣଙ୍କୁ ଆଦେଶ କରିଛନ୍ତି। ସ୍ୱତନ୍ତ୍ର ପୋକ୍‌ସୋ କୋର୍ଟର ପବ୍ଲିକ ପ୍ରସିକ୍ୟୁଟର ଦେବାଶିଷ ମିଶ୍ର ସରକାରଙ୍କ ତରଫରୁ ମାମଲାର ପରିଚାଳନା କରୁଥିଲେ।

# ନିରନ୍ତର ପରିଶ୍ରମ କେବେ ବୃଥା ଯାଏନି





ବାର୍ଷିକୋତ୍ସବ ସଭାରେ ମଞ୍ଚାସୀନ ଅତିଥିଗଣ।

**ରାଉରକେଲା,୨୫।୧(ଦିନେଶ ମିଶ୍ର)**

### ବିର୍ସା ମୁଣ୍ଡା ସରକାରୀ ଉଚ୍ଚ ବିଦ୍ୟାଳୟର ବାର୍ଷିକୋତ୍ସବ

ଛେଣ୍ଡ ଟିସ୍କୋସ୍ଥିତ ବିର୍ସା ମୁଣ୍ଡା ସରକାରୀ ଉଚ୍ଚ ବିଦ୍ୟାଳୟର କ୍ୱାରି ସାଇଡିଂ ରାଉରକେଲାର ୪୨ତମ ବାର୍ଷିକୋତ୍ସବ ଶନିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ପାନପୋଷ ସ୍ପୋର୍ଟସ ହଷ୍ଟେଲର ଡେପୁଟି ନିର୍ଦ୍ଦେଶକ ସୁଦୀପ୍ତ କୁମାର ନାଏକ ମୁଖ୍ୟ ଅତିଥି, ଶିକ୍ଷାବିତ୍ ରାଜକିଶୋର ମହାନ୍ତି ମୁଖ୍ୟ ବକ୍ତା, ଇଣ୍ଡିଆନ ଓଭରସିଜ୍ ବ୍ୟାଙ୍କର ଶାଖା ପରିଚାଳକ ଫିରୋଜ କୁମାର ବାକ୍ସଲା, ମନୋଜ କୁମାର ମହାକୁଡ, ସ୍କୁଲ ପ୍ରତିଷ୍ଠାତା ଜଗନ୍ନାଥ ଦାସଭାୟା ପ୍ରମୁଖ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ବିଦୂର ସ୍ୱାଇଁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବକୁ ଶିକ୍ଷକ ହେମନ୍ତ ବେହେରା ପରିଚାଳନା କରିଥିଲେ। ପରେ ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ଉତ୍ସବର ଦ୍ୱିତୀୟ ପର୍ଯ୍ୟାୟରେ ବିଶ୍ରା ବ୍ଲକ ଶିକ୍ଷାଧିକାରୀ ସଦାନନ୍ଦ ପ୍ରଧାନ ମୁଖ୍ୟ ଅତିଥି ଭାବେ ଯୋଗଦେଇ ନିରନ୍ତର ପରିଶ୍ରମ କେବେ ବୃଥା ଯାଏନାହିଁ ବୋଲି ମତପ୍ରକାଶ କରିଥିଲେ। ରାଉରକେଲା ସ୍ପୋର୍ଟସ ହଷ୍ଟେଲ ଅଧିକାରୀ କାହ୍ନୁଚରଣ ଚୌଧୁରୀ ମୁଖ୍ୟ ବକ୍ତା ଓ ଏବିଇଓ ପ୍ରଫୁଲ କୁମାର ଜେନା ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ। ପରେ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ଦ୍ୱାରା ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ବିଦ୍ୟାଳୟ ପରିଚାଳନା କମିଟି ସଭାପତି ନାଜମୁନ୍ ନିଶା, ବିଜୟ କୁମାର ପ୍ରଧାନ, ଉର୍ମିଳା ଲାକ୍ରା, ଆରତୀ ଦାସ, ସୁଷମା ପଣ୍ଡା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଶିକ୍ଷକ ପ୍ରଦୀପ କୁମାର ବିଶ୍ୱାଳ ଧନ୍ୟବାଦ ଅର୍ପଣ କରିଥିଲେ।

# ବାଇକ୍ ଜବତ, ୩ ଯୁବକ କୋର୍ଟ ଚାଲାଣ

**କୁଆଁରମୁଣ୍ଡା,୨୫।୧(ମହେନ୍ଦ୍ର କୁମାର ସାହୁ)**

ସୁନ୍ଦରଗଡ଼ ଜିଲା ବୀରମିତ୍ରପୁର ଥାନା କୁଆଁରମୁଣ୍ଡା ଫାଣ୍ଡି ଅନ୍ତର୍ଗତ ସୁଖାବନ୍ଧ ଗ୍ରାମର କାଲୁ ଓରାମ(୪୫)ଙ୍କ ଏକ ବାଇକ ଶୁକ୍ରବାର ରାତିରେ ଚୋରି ହୋଇଥିବା ନେଇ ସେ ଶନିବାର ଫାଣ୍ଡିରେ ଅଭିଯୋଗ କରିଥିଲେ। ଏହି ଘଟଣାରେ ପୋଲିସ ୩ ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲେ ରାମପାଲ ଗ୍ରାମର ରୋନି ଖାଲଖୋ(୨୩), ଜଏଡେଗାର ମଞ୍ଜିତ ଲାକ୍ରା(୨୨) ଓ ଗୋବୀରା ଗ୍ରାମର ମାଙ୍ଗା କିସପଟ୍ଟା(୨୪)। ସମସ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି। ଏନେଇ ଏକ ମାମଲା(ନଂ.୩୧/୨୫) ରୁଜୁ ହୋଇଛି। ସୂଚନା ଥାଉକି,ଶୁକ୍ରବାର ରାତିରେ କାଲୁ ନିଜ ବାଇକ ନେଇ ସୁଖାବନ୍ଧ ଗ୍ରାମର ଏକ ବିବାହ ଭୋଜିକୁ ଯାଇଥିଲେ। ସେଠାରେ ବାଇକ ରଖି ବିବାହ ଭୋଜିରେ ଯୋଗ ଦେଇ ଫେରିବା ବେଳକୁ ବାଇକ ଆଉ ସେଠାରେ ନ ଥିଲା। ବହୁ ଖୋଜାଖୋଜି କରିବା ପରେ ବାଇକ ନ ପାଇ କାଲୁ ଚାଲି ଚାଲି ନିଜ ଘରକୁ ଫେରିଥିଲେ। ଏହା ପରେ ଶନିବାର ଫାଣ୍ଡିରେ ଲିଖିତ ଅଭିଯୋଗ ଦେଇଥିଲେ।

# ୩ ମୃତ୍ତିକା ସଂରକ୍ଷଣ କର୍ମଚାରୀ ଭିଜିଲାନ୍ସ କୋର୍ଟରେ ଦଣ୍ଡିତ

**ସୁନ୍ଦରଗଡ଼,୨୫।୧(ଜୟନାରାୟଣ ମେଣ୍ଟୁଳି)**

ମୃତ୍ତିକା ସଂରକ୍ଷଣ ବିଭାଗର ୩ଜଣ କର୍ମଚାରୀ ଦୁର୍ନୀତି ମାମଲାରେ ସୁନ୍ଦରଗଡ଼ ଭିଜିଲାନ୍ସ କୋର୍ଟ ଦ୍ୱାରା ଦୋଷୀ ସାବ୍ୟସ୍ତ ହୋଇଛନ୍ତି। ଶନିବାର ଭିଜିଲାନ୍ସ କୋର୍ଟର ସ୍ୱତନ୍ତ୍ର ଜଜ୍ ଦୋଷୀମାନଙ୍କୁ ୨ ବର୍ଷ ପାଇଁ ଜେଲଦଣ୍ଡ ଏବଂ ୧୫ ହଜାର ଟଙ୍କା ଲେଖାଏ ଜରିମାନା ନିର୍ଦ୍ଦେଶ ଦେଇଛନ୍ତି। ଦୋଷୀ ସାବ୍ୟସ୍ତ କର୍ମଚାରୀମାନେ ହେଲେ ପୂର୍ବତନ ମୃତ୍ତିକା ସଂରକ୍ଷଣ ସହାୟକ ବି. କାମରାଜ ବେହେରା, ରସାନନ୍ଦ ଚୌଧୁରୀ ଓ ପୂର୍ବତନ ଜୁନିୟର ମୃତ୍ତିକା ସଂରକ୍ଷଣ ସହାୟକ ନରେନ୍ଦ୍ର କାଲୋ। ସମସ୍ତ ଅଭିଯୁକ୍ତଙ୍କୁ ଭିଜିଲାନ୍ସ ଧାରା ୧୩(୨) ଆରଡବ୍ଲ୍ୟୁ୧୩(୧)(ସି)(ଡି)ପିସି ଆଇନ, ୧୯୮୮/୪୦୯/୪୬୮/୪୭୭-ଏ/୩୪ ଆଇପିସି ଅନୁଯାୟୀ ଏକ ମାମଲା ରୁଜୁ ହୋଇଛି। ସୂଚନାଯୋଗ୍ୟ ଯେ, ବାଙ୍କୁରକେଲାଠାରେ ଚାରା ରୋପଣ କାର୍ଯ୍ୟରେ ସରକାରୀ ଅର୍ଥ ଅପବ୍ୟବହାର କରିବା ପାଇଁ ଚାର୍ଜଶିଟ କରାଯାଇଥିଲା।

# ପ୍ରେମ, ଶ୍ରଦ୍ଧାର ପ୍ରତୀକ ଶିରିଡ଼ି ସାଇ



ଅତିଥିମାନେ ଯଜ୍ଞରେ ଆହୁତି ପ୍ରଦାନ କରୁଛନ୍ତି।

**ରାଉରକେଲା,୨୫।୧(ଦିନେଶ ମିଶ୍ର)**

### ସାଇ ମନ୍ଦିର ପ୍ରତିଷ୍ଠା ଉତ୍ସବ ଉଦ୍‌ଯାପିତ

ରାଉରକେଲା ସେକ୍ଟର-୮ସ୍ଥିତ ଶିରିଡି ସାଇ ମନ୍ଦିରର ପ୍ରତିଷ୍ଠା ଉତ୍ସବ ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି। ଏହି ୩ ଦିନିଆ ଉତ୍ସବ ଶିରିଡି ସାଇ ଆଶ୍ରିତ ସେବା ଟ୍ରଷ୍ଟ ଅଧ୍ୟକ୍ଷ ହରିହର ରାଉତରାୟଙ୍କ ଅଧ୍ୟକ୍ଷତାରେ ଆୟୋଜିତ ହୋଇଥିଲା। ଉତ୍ସବର ପ୍ରଥମ ଦିନରେ ସ୍ଥାନୀୟ ଶ୍ରଦ୍ଧାଳୁଙ୍କ ଦ୍ୱାରା କଳସ ଯାତ୍ରା ହୋଇଥିଲା। ରଘୁନାଥପାଲୀ ବିଧାୟକ ଦୁର୍ଗାଚରଣ ତନ୍ତୀ, ପୂର୍ବତନ କେନ୍ଦ୍ରମନ୍ତ୍ରୀ ଦିଲୀପ ରାୟ, ରାଉରକେଲା ଏଡିଏମ୍ ଆଶୁତୋଷ କୁଲକର୍ଣ୍ଣି ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ । ଦ୍ୱିତୀୟ ଦିବସରେ ପଶ୍ଚିମାଞ୍ଚଳ ଡିଆଇଜି ବ୍ରିଜେଶ ରାୟ, ପାନପୋଷ ଉପଜିଲାପାଳ ବିଜୟ କୁମାର ନାୟକ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ମହାରାଷ୍ଟ୍ର ଶିରିଡି ସାଇ ମନ୍ଦିରର ୩୦ ଜଣ ପଣ୍ଡିତ ଉପସ୍ଥିତ ରହି ବାବାଙ୍କ ପ୍ରାଣ ପ୍ରତିଷ୍ଠା ଓ ହୋମଯଜ୍ଞ କରିଥିଲେ। ତୃତୀୟ ଦିବସରେ ରାଉରକେଲା ପିଡବ୍ଲ୍ୟୁଡିର ଅଧ୍ୟକ୍ଷ ଇଞ୍ଜିନିୟର ଆଲୋକ ନାୟକ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ଅବସରରେ ମନ୍ଦିରରେ ୫ ଫୁଟ୍ ୭ ଇଞ୍ଚର ସାଇବାବାଙ୍କ ମୂର୍ତ୍ତି ସ୍ଥାପନ ସହ ପ୍ରାଣ ପ୍ରତିଷ୍ଠା କରାଯାଇଥିଲା। ଶିରିଡି ସାଇ ଆଶ୍ରିତ ସେବା ଟ୍ରଷ୍ଟ ସଭାପତି ସରୋଜ ଚନ୍ଦ୍ର ପରିଡା, ସମ୍ପାଦକ ଧନଞ୍ଜୟ ବିଶ୍ୱାଳ, ଭାଗ୍ୟଲତା ଜେନା, ବି.ଏନ୍‌ଦାସ, ବିନୋଦ ପ୍ରଧାନ, ସୁଧାଂଶୁ ଶେଖର ନନ୍ଦୀ, ଅନିତା ବାରିକ, ଜ୍ୟୋତ୍ସ୍ନା ଦାସ, ନାରାୟଣ ନାୟକ, ତିଲକ ବାହାଦୁର, ଅଜିତ ସାହୁ, ବିଜୟ ପଣ୍ଡା, ମମତା ବେହେରା, ଜଗଦେଶ୍ୱର ଦାସ ପ୍ରମୁଖ ସହଯୋଗ କରିଥିଲେ।

# ଅବସରକାଳୀନ ସମ୍ବର୍ଦ୍ଧନା ସଭା

**ଲହୁଣୀପଡା,୨୫।୧(ଦାଶରଥି ପଣ୍ଡା)**

ସୁନ୍ଦରଗଡ଼ ଜିଲା ଲହୁଣୀପଡା ବ୍ଲକ ଖୁଟୁଗାଁ ପଞ୍ଚାୟତ ଜଡିବାହାଲ ପ୍ରାଥମିକ ବିଦ୍ୟାଳୟରେ ଶୁକ୍ରବାର ବ୍ଲକ ସ୍ତରୀୟ ଅବସର କାଳୀନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟ ଅତିଥିଭାବେ ଜିଲା ଶିକ୍ଷା ଅଧିକାରୀ ଅମୂଲ୍ୟ କୁମାର ପ୍ରଧାନ ମୁଖ୍ୟ ବକ୍ତା, ଗୁରୁଣ୍ଡିଆ ବିଇଓ ରବିନ୍ଦ୍ର କୁମାର ମାଝୀ ସମ୍ମାନୀତ ଅତିଥି, କୋଇଡା ବିଇଓ ଅଭିମନ୍ୟୁ ବେହେରା, ବଣାଇଁ ବିଇଓ ସୁନିଲ ମୁଣ୍ଡ, ଲହୁଣୀପଡା ଏବିଇଓ ନରହରି କିଷାନ ଯୋଗ ଦେଇଥିଲେ। ଲହୁଣୀପଡା ବିଇଓ ଭଗବାନ ବଙ୍କିରାଙ୍କ ଅଧ୍ୟକ୍ଷତାରେ ଅବସରକାଳୀନ ବିଦାୟୀ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଥିଲା। ବରିଷ୍ଠ ଶିକ୍ଷକ ରଞ୍ଜନ କୁମାର ପତି ପରିଚୟ ପ୍ରଦାନ ଓ ମଞ୍ଚ ପରିଚାଳନା କରିଥିଲେ। ସଭା ପ୍ରାରମ୍ଭରେ ଧୋବେଇ ଧର ପାତ୍ର ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଲହୁଣୀପଡା ଗୋଷ୍ଠୀ ଶିକ୍ଷା ଉପ ଅଧିକାରୀ ଇମାକ୍ରୀପା ମିଞ୍ଜ ଡିସେମ୍ବର ୩୧ ତାରିଖ ଦିନ ଚାକିରିରୁ ଅବସର ଗ୍ରହଣ କରିଥିଲେ। ଶୁକ୍ରବାର ଲହୁଣୀପଡା ବ୍ଲକ ଶିକ୍ଷୟିତ୍ରୀ ଶିକ୍ଷକଙ୍କ ତତ୍ତ୍ୱାବଧାନରେ ଏକ ବ୍ଲକ ସ୍ତରୀୟ ଅବସର କାଳୀନ ବିଦାୟୀ ସମ୍ବର୍ଦ୍ଧନା ସଭା ଆୟୋଜନ କରି ସ୍ୱତନ୍ତ୍ର ଅତିଥିଭାବେ ଇମାକ୍ରୀପା ମିଞ୍ଜଙ୍କୁ ଅବସରକାଳୀନ ବିଦାୟୀ ସମ୍ବର୍ଦ୍ଧନା ଜ୍ଞାପନ କରିବା ସହିତ ଏକ ରକ୍ତଦାନ ଶିବିର ଅନୁଷ୍ଠିତ କରାଯାଇଥିଲା। ସମ୍ବର୍ଦ୍ଧନାରେ ମିଞ୍ଜଙ୍କୁ ଉପହାର ଉପଢ଼ୌକନ ଦେଇ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା। ସଭା ଶେଷରେ ଉକ୍ତ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ବିଜୟ କୁମାର ବିଶ୍ୱାଳ ଧନ୍ୟବାଦ ଅର୍ପଣ କରିଥିଲେ। ଅବସର କାଳୀନ ବିଦାୟୀ ସମ୍ବର୍ଦ୍ଧନା ଉପଲକ୍ଷେ ଡାକ୍ତର ଅନିରୁଦ୍ଧ ବେହେରା, ଡାକ୍ତର ନେପଲ ରଘୁ ମୁର୍ମୁଙ୍କ ନେତୃତ୍ୱରେ ରକ୍ତ ସଂଗ୍ରହ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ପ୍ରାୟ ୪୦ ଜଣ ଶିକ୍ଷୟିତ୍ରୀ ଶିକ୍ଷକ ରକ୍ତଦାନ କରିଥିଲେ। ରକ୍ତଦାତାଙ୍କୁ ଆୟୋଜକଙ୍କ ପକ୍ଷରୁ ପ୍ରମାଣ ପତ୍ର ପ୍ରଦାନ କରାଯାଇଥିଲା। ଶେଷରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଏଥିରେ ସମସ୍ତ ସିଆର୍‌ସିସି ଶିକ୍ଷୟିତ୍ରୀ ଶିକ୍ଷକମାନେ ବହୁ ସଂଖ୍ୟାରେ ଯୋଗ ଦେଇଥିଲେ।

# ବୈଦିକ ସଂସ୍କୃତ, ବିଜ୍ଞାନ ଅଙ୍ଗାଅଙ୍ଗୀ ଭାବେ ଜଡ଼ିତ



କାର୍ଯ୍ୟକ୍ରମରେ ଅତିଥି ଓ କୃତୀ ଛାତ୍ରୀଛାତ୍ର ।

**ରାଉରକେଲା,୨୫।୧(ବିପ୍ଳବ ରଞ୍ଜନ ଦାଶ)**

ରାଉରକେଲା ବେଦବ୍ୟାସ ସଂସ୍କୃତ କଲେଜର ୪୦ତମ ବାର୍ଷିକୋତ୍ସବ ଶୁକ୍ରବାର ଆରମ୍ଭ ହୋଇଛି। କଲେଜ ଅଧ୍ୟକ୍ଷ ଡ. ଉମାକାନ୍ତ ପଣ୍ଡାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ଶିକ୍ଷା ବିକାଶ ସମିତି ସଭ୍ୟ ପଣ୍ଡିତ ସୁରେଶ ଚନ୍ଦ୍ର ଭୋଇ ମୁଖ୍ୟଅତିଥି ଓ ପ୍ରଫେସର ଭବାନୀ ଶଙ୍କର ଚାଣ୍ଡେଲ ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ। ବେଦ, ବେଦାନ୍ତ ଓ ଉପନିଷଦକୁ ଛାଡି ଭାରତୀୟ ସଂସ୍କୃତିର ମୂଲ୍ୟାଙ୍କନ କରିବା କଷ୍ଟକର। ସଂସ୍କୃତ ଶିକ୍ଷା ହିଁ ଭାରତୀୟ ଇତିହାସର ଆଧାର ବୋଲି ମୁଖ୍ୟଅତିଥି ତାଙ୍କ ବକ୍ତବ୍ୟରେ କହିଥିଲେ। ସେହିପରି ବୈଜ୍ଞାନିକ ଦୃଷ୍ଟିକୋଣରୁ ବୈଦିକ ସାହିତ୍ୟକୁ ଅନୁମେୟ କରିବା ବିଧେୟ। ତେଣୁ ବିଜ୍ଞାନ ଓ ସଂସ୍କୃତ ଓତଃପ୍ରୋତ ଭାବେ ଜଡିତ। ଭାରତୀୟ ନାରୀ ମଥାରେ ପିନ୍ଧୁଥିବା ସିନ୍ଦୁରରେ ମଧ୍ୟ ବହୁ ବୈଜ୍ଞାନିକ ଦୃଷ୍ଟିକୋଣ ଅଛି। ଯାହାକି ବୈଦିକ ଶାସ୍ତ୍ରରେ ରହିଛି। ଏଣୁ ସଂସ୍କୃତ ଛାତ୍ରୀଛାତ୍ରମାନଙ୍କୁ ମୁ ଅଭିଭାଦନ ଜଣାଉଛି ଯେ ସେମାନେ ସବୁ ଶାସ୍ତ୍ର ପଢୁଛନ୍ତି। ଅଧ୍ୟକ୍ଷ ଡ. ପଣ୍ଡା କହିଥିଲେ, ଦୀର୍ଘ ୪୦ବର୍ଷ ହେଲା ଆଦିବାସୀ ବହୁଳ ଅଞ୍ଚଳରେ ସଂସ୍କୃତ ଭାଷାର ପ୍ରଚାର ପ୍ରସାର କରାଇ ବହୁ ଜନଜାତିଙ୍କୁ କର୍ମକାଣ୍ଡ ଓ ଜ୍ୟୋତିଷ ଶାସ୍ତ୍ରରେ କଲେଜ ପାରଙ୍ଗମ କରାଇପାରିଛି। ପ୍ରତିଷ୍ଠାତା ସ୍ୱାମୀ ବ୍ରହ୍ମାନନ୍ଦ ସରସ୍ୱତୀ ଭଲ ମଣିଷଟିଏ ହେବା ପାଇଁ ଏ ଅନୁଷ୍ଠାନକୁ ୧୯୮୪ରେ ସ୍ଥାପନା କରିଥିଲେ। ଏହାଦ୍ୱାରା ବର୍ତ୍ତମାନ ଏହି କଲେଜର ଛାତ୍ରୀଛାତ୍ର ନା କେବଳ ରାଜ୍ୟରେ ରାଜ୍ୟ ବାହାରେ ମଧ୍ୟ ଅନେକ ସଂସ୍କୃତ ଶିକ୍ଷାନୁଷ୍ଠାନରେ ରହି ଦେଶ ଓ ଜାତିର ସେବା କାର୍ଯ୍ୟ ତୁଲାଉଛନ୍ତି ବୋଲି ପଣ୍ଡା କହିଥିଲେ। କାର୍ଯ୍ୟକ୍ରମରେ ଅନ୍ୟାନ୍ୟ ଅତିଥି ଭାବେ ପ୍ରଧାନ ଶିକ୍ଷକ ପ୍ରଫୁଲ୍ଲ ଚନ୍ଦ୍ର ବାରିକ, ଅବସରପ୍ରାପ୍ତ ଶିକ୍ଷୟିତ୍ରୀ ଅନିତା ପ୍ରିୟଦର୍ଶିନୀ, ପରମେଶ୍ୱର ଶତପଥୀ, କେଦାରନାଥ ପାଢୀ, କାଳୀ କିଙ୍କର ପଣ୍ଡା ଓ ଶିବ ପ୍ରସାଦ ପାଠୀ ପ୍ରମୁଖ ଯୋଗ ଦେଇଥିଲେ। ଏହାପରେ କଲେଜର ଛାତ୍ରୀଛାତ୍ର ମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା। ଅଧ୍ୟାପକ ଚନ୍ଦ୍ରଧ୍ୱଜ ମାଝୀ କଲେଜର ବାର୍ଷିକ ବିବରଣୀ ପଠନ କରିଥିଲେ। ସନ୍ତୋଷ କୁମାର ଲେଙ୍କା, ଶୁଭେନ୍ଦୁ ସାମଲ, ଜ୍ୟୋତ୍ସ୍ନାରାଣୀ ଦାସ ଓ ଶ୍ୟାମମାଳା ଦାସ ସହଯୋଗ କରିଥିଲେ।

# ଛାତ୍ରୀଛାତ୍ରଙ୍କୁ ପରିଶ୍ରମୀ ହେବା ପାଇଁ ପରାମର୍ଶ

**ସବ୍‌ଡେଗା,୨୫।୧(ଅନନ୍ତ ପଟେଲ)**

ସୁନ୍ଦରଗଡ଼ ଜିଲା ସବ୍‌ଡେଗା ବ୍ଲକ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ଛତାସର୍ଗୀର ବାର୍ଷିକ ଉତ୍ସବ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ତଳସରା ବିଧାୟକ ତଥା ଉପବାଚସ୍ପତି ଭବାନୀ ଶଙ୍କର ଭୋଇ ମୁଖ୍ୟ ଅତିଥିଭାବେ ଯୋଗଦେଇ ଉତ୍ସବକୁ ଉଦ୍‌ଘାଟନ କରିଥିଲେ। ସଫଳତା ପାଇବାକୁ ହେଲେ କଠିନ ପରିଶ୍ରମ କରିବାକୁ ପଡିଥାଏ। ତେଣୁ ଛାତ୍ରୀଛାତ୍ରଙ୍କୁ ପରିଶ୍ରମୀ ହେବା ପାଇଁ ଓ ସଫଳତା ହାସଲ ପାଇଁ ଦୃଢ ସଂକଳ୍ପ ନେଇ କାର୍ଯ୍ୟ କରିବା ପାଇଁ ସେ ପରାମର୍ଶ ଦେଇଥିଲେ। ସମ୍ମାନିତ ଅତିଥିଭାବେ ଜିଲା ମଙ୍ଗଳ ଅଧିକାରୀ ଭାଗିରଥି ପଟେଲ, ବ୍ଲକ ସମ୍ପ୍ରସାରଣ ଅଧିକାରୀ ରୋହିତ କୁମାର କିରୋ, ହମିରପୁର ସରପଞ୍ଚ ଦିପାଞ୍ଜଳି ଭୋଇ, ସଂଗୀତକାର ଜୟଦେବ ତନ୍ତି, ରତ୍ନାକର ପ୍ରଧାନ, ଏଲିଶାବା କୁଜୁର, ଶିକ୍ଷକ ନେତା ଶେଷଦେବ ନନ୍ଦ, ଚନ୍ଦ୍ରମଣି ତାଜନ, ପ୍ରଧାନ ଶିକ୍ଷକ ମନୋଜ ଭିତ୍ରିଆ ପ୍ରମୁଖ ଯୋଗଦେଇଥିଲେ। ବିଦ୍ୟାଳୟର କୃତି ଛାତ୍ରୀମାନଙ୍କୁ ଅତିଥିଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। ରାଜ୍ୟ ସ୍ତରୀୟ ଶିଶୁ ମହୋତ୍ସବ ସୁରଭିର ସୃଜନଶୀଳ ଲିଖନ ପ୍ରତିଯୋଗିତାରେ ପ୍ରଥମ ସ୍ଥାନ ଅଧିକାର କରିଥିବା ନିଜ ବିଦ୍ୟାଳୟ, ବ୍ଲକ ସହ ଜିଲା ତଥା ସମଗ୍ର ରାଜ୍ୟ ପାଇଁ ଗର୍ବ ଆଣିଥିବାରୁ ଅତିଥିମାନେ ପ୍ରଶଂସା କରିବା ସହ ମୁଖ୍ୟ ଅତିଥି ଭୋଇ ତାଙ୍କୁ ସ୍ୱତନ୍ତ୍ର ପୁରସ୍କୃତ କରିବା ସହ ତାଙ୍କ ଉତ୍ତରୋତ୍ତର ଉନ୍ନତି କାମନା କରିଥିଲେ। ପ୍ରଧାନ ଶିକ୍ଷକ ଶଶୀ ବାଦୀଙ୍କ ସଭାପତିତ୍ୱରେ ଏହି କାର୍ଯ୍ୟକ୍ରମ ସମ୍ପନ୍ନ ହୋଇଥିବା ବେଳେ ଶିକ୍ଷକ ବଲ୍ଲଭ ତନ୍ତୀ, ବିଶ୍ୱରଞ୍ଜନ ପଟେଲ, ଯତୀନ୍ଦ୍ର କୁମାର ଭୋଇ, ଅର୍ଜୁନ ରୋହିଦାସ, କେଦାରନାଥ ବେହେରା,ଲକ୍ଷ୍ମୀପ୍ରିୟା ସାମଲ, ସୁନନ୍ଦା ରାଣୀ ମେହେର, ପିଙ୍କି ନାଏକ, ନିରୁପା ପଟେଲ, ସୁଜାତା ସ୍ୱାଇଁ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ । ପ୍ରଧାନ ଶିକ୍ଷକ ଚିନ୍ତାମଣି ନାଏକ, କଳାଚାନ୍ଦ ପଟେଲଙ୍କ ସମେତ ବିଭିନ୍ନ ବିଦ୍ୟାଳୟର ପ୍ରଧାନ ଶିକ୍ଷକମାନେ ଉପସ୍ଥିତ ରହି ଛାତ୍ରୀମାନଙ୍କୁ ଉତ୍ସାହିତ କରିଥିଲେ। ଶିକ୍ଷକ ସୁରଦୀପ ଚନ୍ଦ୍ର ଭୋଇ ମଞ୍ଚ ପରିଚାଳନା କରିଥିବା ବେଳେ ଗୀତାଞ୍ଜଳି ରଣା ଧନ୍ୟବାଦ ଅର୍ପଣ କରିଥିଲେ।

# ଧନ୍ଦାମୂଳକ ଶିକ୍ଷା ଛାତ୍ରୀଛାତ୍ରଙ୍କ ଉଦ୍ୟୋଗ ପରିଦର୍ଶନ

**ରାଉରକେଲା,୨୫।୧(ବିପ୍ଳବ ରଞ୍ଜନ ଦାଶ)**

ରାଉରକେଲା ସହରର ପାନପୋଷସ୍ଥିତ ସରକାରୀ ଉଚ୍ଚତର ବିଦ୍ୟାଳୟର ଧନ୍ଦାମୂଳକ ଶିକ୍ଷା-ପର୍ଯ୍ୟଟନ ଓ ଆତିଥ୍ୟ ବିଭାଗ ଅନ୍ତର୍ଗତ ଛାତ୍ରୀଛାତ୍ରମାନେ ଶନିବାର ଉଦ୍ୟୋଗ ଓ ପାଠ୍ୟକ୍ରମ ସମ୍ପର୍କୀୟ ଏକଦିବସୀୟ ପରିଦର୍ଶନ କରିଛନ୍ତି। ବିଦ୍ୟାଳୟର ବରିଷ୍ଠ ସହକାରୀ ପ୍ରାଧ୍ୟାପକ ପ୍ରଶାନ୍ତ ସେଠୀଙ୍କ ନେତୃତ୍ୱ ଏବଂ ବିଭାଗୀୟ ଅଧ୍ୟାପକ ପ୍ରକାଶ ସାହୁଙ୍କ ସଂଯୋଜନାରେ ୩୩ ଛାତ୍ରୀଛାତ୍ର ରାଉରକେଲାର ମେ ଫେୟାର ହୋଟେଲର ମାନବ ସମ୍ବଳ, ଅର୍ଥ ଓ ଆତିଥ୍ୟ ପ୍ରଦାନ ଆଦି ବିଭାଗ ପରିଦର୍ଶନ କରି ସେଠାରେ ବିଭିନ୍ନ କାର୍ଯ୍ୟକଳାପ ସମ୍ପର୍କରେ ଅବଗତ ହୋଇଥିଲେ।





ଉଦ୍ୟୋଗ ପରିଦର୍ଶନ ଅବସରରେ ଛାତ୍ରୀଛାତ୍ର।

ପରିଦର୍ଶନ ସମୟରେ ଛାତ୍ରୀଛାତ୍ରମାନେ ହୋଟେଲରେ କାର୍ଯ୍ୟରତ କର୍ମଚାରୀ ଓ ଅଧିକାରୀଙ୍କ ସହିତ ମତ ବିନିମୟ କରି ହୋଟେଲ ଏବଂ ଆତିଥ୍ୟ ପ୍ରଦାନ ସମ୍ପର୍କିତ ସୂଚନା ଓ ଅଭିଜ୍ଞତା ହାସଲ କରିଥିଲେ। ଏଥିରେ ବିଦ୍ୟାଳୟର ଧନ୍ଦାମୂଳକ ଶିକ୍ଷକ ସୁବ୍ରତ ନାୟକ ସାମିଲ ହୋଇଥିଲେ।

**ବିଷ୍ଣୁ ମନ୍ଦିର ପ୍ରତିଷ୍ଠା ଉତ୍ସବ**




**ଝାରସୁଗୁଡ଼ା,(ଆଶିଷ ରଞ୍ଜନ ଦାଶ):** ଝାରସୁଗୁଡା ସହର ପାୱାର ହାଉସ, ରେଳ ଫାଟକ ନିକଟରେ ଥିବା ବିଷ୍ଣୁ ମନ୍ଦିର ପ୍ରତିଷ୍ଠାର ବାର୍ଷିକ ଉତ୍ସବ ଶନିବାର ପାଳିତ ହୋଇଯାଇଛି। ସକାଳ ୭ଟାରେ ଭକ୍ତମାନଙ୍କ ଦ୍ୱାରା କଳସଯାତ୍ରା କରାଯାଇ ପୂଜା ଆରମ୍ଭ କରାଯାଇଥିଲା। ପୂଜା ସହିତ ନାମ ସଂକୀର୍ତ୍ତନ ଓ ବିଷ୍ଣୁ ସହସ୍ର ନାମ ପଠନ କରାଯାଇଥିଲା। ଏହି ପ୍ରତିଷ୍ଠା ଉତ୍ସବରେ ବସୁମତୀ ନାଇକ କର୍ତ୍ତା ଭାବରେ ଓ ଶଶୀ ମିଶ୍ର ପୂଜକ ଭାବରେ ଦାୟିତ୍ୱ ତୁଲାଇଥିଲେ। ପୂଜା ଶେଷରେ ଭକ୍ତମାନେ ପ୍ରସାଦ ସେବନ କରିବା ସହିତ ଭଜନ ସନ୍ଧ୍ୟା କାର୍ଯ୍ୟକ୍ରମ କରାଯାଇଥିଲା।

# ହାଡ଼ିପାଲି ଫ୍ରେଣ୍ଡସ୍ କ୍ଲବ ଚାମ୍ପିୟନ

**୩ୟ କୁମ୍ଭାରମାଲ ଫୁଟ୍‌ବଲ୍ କପ**

ଝାରସୁଗୁଡା,୨୫।୧(ଆଶିଷରଞ୍ଜନ ଦାଶ)


ପୂର୍ବତନ ବିଧାୟିକା ଦୀପାଳି ଦାସଙ୍କ ସହ ଖେଳାଳି।

ଝାରସୁଗୁଡା ଜିଲା କୋଲାବିରା ବ୍ଲକ କୁମ୍ଭାରମାଲ ସ୍କୁଲ ଖେଳପଡିଆଠାରେ ଅନୁଷ୍ଠିତ ୩ୟ କୁମ୍ଭାରମାଲ କପ୍ ଫୁଟବଲ୍ ଟୁର୍ନାମେଣ୍ଟ ଶନିବାର ଅପରାହ୍ନ ୫ଟାରେ ଉଦ୍‌ଯାପିତ ହୋଇଯାଇଛି। ଅଲ ବୟେଜ କ୍ଲବ ପକ୍ଷରୁ ଏହି ଟୁର୍ନାମେଣ୍ଟ ଆୟୋଜିତ ହୋଇଥିଲା। ଏଥିରେ ୮ଟି ଫୁଟବଲ ଦଳ ଭାଗ ନେଇଥିଲେ। ଫାଇନାଲ୍ ମ୍ୟାଚ୍ ଫ୍ରେଣ୍ଡସ୍ କ୍ଲବ ହାଡିପାଲି ଓ କିଷାନପଡ଼ା ନୂଆପାଲି ମଧ୍ୟରେ ଅନୁଷ୍ଠିତ ହୋଇଥିଲା। କିଷାନପଡ଼ା ନୂଆପାଲି ଫୁଟବଲ ଦଳକୁ ପରାସ୍ତ କରି ଫ୍ରେଣ୍ଡସ୍ କ୍ଲବ ହାଡିପାଲି ଚାମ୍ପିୟନ ହୋଇଥିଲା। ଉଦ୍‌ଯାପନୀ ସମାରୋହରେ ମୁଖ୍ୟ ଅତିଥି ଭାବରେ ପୂର୍ବତନ ବିଧାୟିକା ଦୀପାଳି ଦାସ ଓ ସମ୍ମାନିତ ଅତିଥି ଭାବରେ ସାମାଜିକ କର୍ମୀ ଚିନୁ ବହିଦାର, ଛାତ୍ର ସାମ୍ମୁଖ୍ୟ ସଂଯୋଜକ ଜିତେନ୍ଦ୍ରିୟ ଧୁରୁଆ, ସହଦେବ ବାଗ, ଯୁବ ନେତା ପ୍ରଶାନ୍ତ ମହାନନ୍ଦିଆ ଯୋଗଦେଇ ବିଜେତା ତଥା ଉପବିଜେତା ଦଳକୁ ପୁରସ୍କାର ପ୍ରଦାନ କରିଥିଲେ। ବିଜେତା ଦଳକୁ ୨୦ ହଜାର ଟଙ୍କା ଓ ଉପବିଜେତା ଦଳକୁ ୧୫ ହଜାର ଟଙ୍କା ପ୍ରଦାନ କରାଯାଇଥିଲା। ଏହି ପ୍ରତିଯୋଗିତାକୁ କ୍ଲବର ସଦସ୍ୟ ସ୍ୱରୂପ କିଷାନ, ରଞ୍ଜନ ତରିଆ, ଦୀପକ କିଷାନ, ଦିଲ୍ଲୀପ କିଷାନ, ଝସକେତନ କିଷାନ, ବିଶ୍ୱ କିଷାନ, ରମେଶ କିଷାନଙ୍କ ସମେତ କ୍ଲବର ସମସ୍ତ ସଭ୍ୟ ଆୟୋଜନରେ ସହଯୋଗ କରିଥିଲେ। ରେଫରି ହୁତାସନ ବାଗ, ସପ୍ତାଦୀ ଜୟପୁରିଆ, ରାଜ ମହାପାତ୍ର, ସୁଜିତ ବାରିକ ଖେଳ ପରିଚାଳନା କରିଥିଲେ।

# ଜାତୀୟ ଭୋଟର ଦିବସ, ଯୁବ ସଂସଦ କାର୍ଯ୍ୟକ୍ରମ

ଝାରସୁଗୁଡା,୨୫।୧(ଆଶିଷ ରଞ୍ଜନ ଦାଶ)

ଝାରସୁଗୁଡ଼ା ଲକ୍ଷ୍ମୀନାରାୟଣ ମହାବିଦ୍ୟାଳୟର ରାଜନୀତି ବିଜ୍ଞାନ ବିଭାଗ ପକ୍ଷରୁ ଜାତୀୟ ଭୋଟର ଦିବସ ଓ ଯୁବ ସଂସଦ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଶନିବାର ପୂର୍ବାହ୍ନ ୧୦ଟାରେ ଅଧ୍ୟାପିକା ଡ. ସୁଚରିତା ଦାଶଙ୍କ ସଂଯୋଜନାରେ ଆୟୋଜିତ ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ପ୍ରାଧ୍ୟାପକ ତପନ କୁମାର ବାରିକ ଯୋଗଦେଇ ଏକ ନିର୍ଭିକ, ପ୍ରଲୋଭନ ବିହୀନ ଓ ସଚେତନ ଭୋଟର ଗଣତନ୍ତ୍ର ପାଇଁ ଅତ୍ୟନ୍ତ ଆବଶ୍ୟକ ବୋଲି ମତବ୍ୟକ୍ତ କରିଥିଲେ। ଏହା ସହିତ ଯୁବ ସଂସଦ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ମହାବିଦ୍ୟାଳୟର ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ଅତ୍ୟନ୍ତ ଜୀବନ୍ତ ଭାବରେ ଯୁବ ସଂସଦ କାର୍ଯ୍ୟକ୍ରମ ହୋଇଥିଲା। ଏହି କାର୍ଯ୍ୟକ୍ରମର ୫୦ରୁ ଅଧିକ ଛାତ୍ରୀଛାତ୍ର ଭାରତର ସଂସଦର କାର୍ଯ୍ୟକ୍ରମ କିପରି ଭାବରେ ଅନୁଷ୍ଠିତ ହୁଏ ତାହା ପରିବେଷଣ କରିଥିଲେ। ଏକ ଦେଶ ଏକ ନିର୍ବାଚନ ବିଷୟରେ ଉଭୟ ସରକାରୀ ଓ ବିରୋଧୀ ଦଳର କିପରି ଚିନ୍ତନ ଥିଲା ତାହା ପରିବେଷଣ କରାଯାଇଥିଲା। ଏହା ସହିତ ସାଂସଦମାନଙ୍କ ଶପଥ ଗ୍ରହଣ, ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ, ଶୂନ୍ୟକାଳ ଆଦି ଉପରେ ବିସ୍ତୃତ ଭାବରେ ପ୍ରଦର୍ଶନ କରାଯାଇଥିଲା। ଯୁବ ସଂସଦ କାର୍ଯ୍ୟକ୍ରମକୁ ଅଧ୍ୟାପକ ତପନ ସାହୁ ନିର୍ଦ୍ଦେଶନା ଦେଇଥିଲେ। ବିଚାରକ ଭାବରେ ପ୍ରାଧ୍ୟାପିକା ପୂର୍ଣ୍ଣିମାମୟୀ ଦାଶ, ଅଧ୍ୟାପିକା ସ୍ୱାଗତିକା ବାରିକ ଓ ଅଧ୍ୟାପକ ହିମାଂଶୁ ଭୁଷଣ ମହାକୁଡ଼ ଯୋଗଦେଇ ଥିଲେ। ରାଜନୀତି ବିଜ୍ଞାନ ବିଭାଗ ମୁଖ୍ୟ ଅଧ୍ୟାପକ ରକି ବିଶ୍ୱାଳ କାର୍ଯ୍ୟକ୍ରମର ପ୍ରାରମ୍ଭିକ ସୂଚନା ତଥା ଧନ୍ୟବାଦ ଅର୍ପଣ କରିଥିଲେ।

**ସଂକ୍ଷେପରେ**

## ଜିଲାସ୍ତରୀୟ ଜାତୀୟ ମତଦାତା ଦିବସ

ଦେବଗଡ଼,୨୫।୧(ଶଶାଙ୍କ ଶେଖର ଝାଙ୍କର)

ଦେବଗଡ଼ ବିଜୁ ପଟ୍ଟନାୟକ ପ୍ରେକ୍ଷାଳୟରେ ଶନିବାର ଜିଲାସ୍ତରୀୟ ଜାତୀୟ ମତଦାତା ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଜିଲାପାଳ କବିନ୍ଦ୍ର କୁମାର ସାହୁ ଯୋଗଦେଇ କାର୍ଯ୍ୟକ୍ରମର ଉଦ୍‌ଘାଟନ କରିଥିଲେ। ଉପଜିଲାପାଳ ପରିକ୍ଷିତ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ଆରକ୍ଷୀ ଅଧୀକ୍ଷକ ଅନିଲ କୁମାର ମିଶ୍ର, ଅତିରିକ୍ତ ଜିଲାପାଳ ରେବେକା ବିଲୁଙ୍ଗ ଓ ଡେପୁଟି କଲେକ୍ଟର ଲକ୍ଷ୍ମଣ ଅମାତ ପ୍ରମୁଖ ମଞ୍ଚାସୀନ ଥିଲେ।

## ସମସ୍ତଙ୍କ ପାଇଁ ଶିକ୍ଷା ବାର୍ତ୍ତା ନେଇ ମିନି ମାରାଥନ



ମିନି ମାରାଥନ କାର୍ଯ୍ୟକ୍ରମର ଶୁଭାରମ୍ଭ କରାଯାଉଛି।

ଦେବଗଡ଼,୨୫।୧(ଶଶାଙ୍କ ଶେଖର ଝାଙ୍କର)

କିସ୍ ଓ କିଟ୍ ଆନୁକୂଲ୍ୟରେ ସମସ୍ତଙ୍କ ପାଇଁ ଶିକ୍ଷା ବାର୍ତ୍ତା ନେଇ ଦେବଗଡ଼ ଇନ୍ଦିରାଗାନ୍ଧୀ ଷ୍ଟାଡିୟମରୁ ଶନିବାର ସକାଳେ ଏକ ମିନି ମାରାଥନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବିଭିନ୍ନ ଶିକ୍ଷାନୁଷ୍ଠାନର ଛାତ୍ରୀଛାତ୍ର, କ୍ରୀଡାବିତ ଏବଂ ଜନସାଧାରଣ ଷ୍ଟାଡିୟମଠାରେ ଏକତ୍ରିତ ହେବା ସହ ମିନି ମାରାଥନରେ ସାମିଲ ହୋଇଥିଲେ। ମୁଖ୍ୟ ଅତିଥି ଭାବେ ଦେବଗଡ଼ ବିଧାୟକ ରୋମାଞ୍ଚରଞ୍ଜନ ବିଶ୍ୱାଳ ଏବଂ ସମ୍ମାନିତ ଅତିଥି ଭାବେ ଆରକ୍ଷୀ ଅଧୀକ୍ଷକ ଅନିଲ କୁମାର ମିଶ୍ର ସବୁଜ ପତାକା ଦେଖାଇ ମିନି ମାରାଥନର ଶୁଭାରମ୍ଭ କରିଥିଲେ। ଇନ୍ଦିରାଗାନ୍ଧୀ ଷ୍ଟାଡିୟମରୁ ମିନି ମାରାଥନ ବାହାରି ଉପଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚିଥିଲା। ଏହାପରେ ସମସ୍ତଙ୍କ ପାଇଁ ଶିକ୍ଷା ଲକ୍ଷ୍ୟ ନେଇ ଏକ ସଭା ଆୟୋଜିତ ହୋଇଥିଲା। ଏଥିରେ ମୁଖ୍ୟଅତିଥି ଭାବେ ଦେବଗଡ଼ ବିଧାୟକ ରୋମାଞ୍ଚରଞ୍ଜନ ବିଶ୍ୱାଳ, ସମ୍ମାନିତ ଅତିଥି ଭାବେ ଦେବଗଡ଼ ଜିଲା ଆରକ୍ଷୀ ଅଧୀକ୍ଷକ ଅନିଲ କୁମାର ମିଶ୍ର, ଅତିରିକ୍ତ ଜିଲାପାଳ ରେବେକା ବିଲୁଙ୍ଗ, ଉପଜିଲାପାଳ ପରିକ୍ଷିତ ସାହୁ, ଆପ୍ରାଇଜ୍ ଇନଷ୍ଟିଚ୍ୟୁଟର ନିର୍ଦ୍ଦେଶକ ଶରତ ବେହେରା ଓ ସତ୍ୟନାରାୟଣ ମିଶ୍ର ମଞ୍ଚାସୀନ ରହି କାର୍ଯ୍ୟକ୍ରମ ଆୟୋଜନର ଲକ୍ଷ୍ୟ ଏବଂ ଉଦ୍ଦେଶ୍ୟ ଉପରେ ବକ୍ତବ୍ୟ ଉପସ୍ଥାପନ କରିଥିଲେ। କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତଙ୍କ ତ୍ୟାଗ ଓ ନିଷ୍ଠାପର ଉଦ୍ୟମ ଯୋଗୁ କିଟ ଓ କିସ ଭଳି ଶିକ୍ଷାନୁଷ୍ଠାନ ଆଜି ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିବା ସେମାନେ କହିଥିଲେ।

## ସ୍ୱତନ୍ତ୍ର ସଂକ୍ଷିପ୍ତ ସଂଶୋଧନ ସଫଳତା ପାଇଁ କୁଚିଣ୍ଡା ପୁରସ୍କୃତ

କୁଚିଣ୍ଡା,୨୫।୧(ବିରଞ୍ଚି ଦର୍କା)

ସମ୍ବଲପୁର ଜିଲା କୁଚିଣ୍ଡା ବିଧାନସଭା ନିର୍ବାଚନ ମଣ୍ଡଳୀରେ ସ୍ୱତନ୍ତ୍ର ସଂକ୍ଷିପ୍ତ ଭୋଟର ସଂଶୋଧନ କାର୍ଯ୍ୟକ୍ରମ ସଫଳତାର ସହ ସମ୍ପନ୍ନ ହୋଇଛି। ଏଥିପାଇଁ କୁଚିଣ୍ଡା ନିର୍ବାଚନ ଅଧିକାରୀ ତଥା ଉପଜିଲାପାଳ ଗୌରବମୟ ପ୍ରଧାନଙ୍କୁ ଶନିବାର ୧୫ତମ ଜାତୀୟ ମତଦାତା ଦିବସ ଅବସରରେ ରାଜ୍ୟ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା ଭୁବନେଶ୍ୱରସ୍ଥିତ ରବିନ୍ଦ୍ର ମଣ୍ଡପଠାରେ ଆୟୋଜିତ କାର୍ଯ୍ୟକ୍ରମରେ ସମ୍ମାନିତ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ନିର୍ବାଚନ ଅଧିକାରୀ ପ୍ରଧାନ ଅଧିକରୁ ଅଧିକ ଯୁବ ଭୋଟରଙ୍କୁ ସାମିଲ କରିବାରେ ସଫଳତା ହାସଲ କରିଥିବାରୁ ତାଙ୍କୁ ଏହି ସମ୍ମାନ ପ୍ରଦାନ କରାଯାଇଛି।

## ବ୍ଲକସ୍ତରୀୟ ବିଜ୍ଞାନମେଳା



ବିଜ୍ଞାନମେଳାରେ ଉପସ୍ଥିତ ଅତିଥି।

ଝାରସୁଗୁଡା,୨୫।୧(ଆଶିଷ ରଞ୍ଜନ ଦାଶ)

ଝାରସୁଗୁଡା ଜିଲା ଲଖନପୁର ପଞ୍ଚାୟତ ହାଇସ୍କୁଲରେ ବ୍ଲକସ୍ତରୀୟ ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଛି। ଶନିବାର ପୂର୍ବାହ୍ନ ୧୧ ଟାରୁ ଅପରାହ୍ନ ୪ଟା ଯାଏଁ ଅନୁଷ୍ଠିତ ଏହି ବିଜ୍ଞାନ ମେଳାରେ ଲଖନପୁର ବ୍ଲକର ବିଭିନ୍ନ ସ୍କୁଲରୁ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ଏହି ବିଜ୍ଞାନ ମେଳାରେ ସରଣ୍ଡାମାଲ ସ୍କୁଲ ପ୍ରଥମ, ଭଅଁରଖୋଲ ସ୍କୁଲ ଦ୍ୱିତୀୟ ଏବଂ ଭିଖମପାଲି ସ୍କୁଲ ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ଏହି ସ୍କୁଲଗୁଡିକ ଆଗାମୀ ୩୦ ତାରିଖ ଜିଲାସ୍ତରୀୟ ବିଜ୍ଞାନ ମେଳାରେ ଅଂଶଗ୍ରହଣ କରିବେ। ଏହି ବିଜ୍ଞାନ ମେଳା ଇକୋ ଏନର୍ଜି କ୍ଲବ ପକ୍ଷରୁ ଅନୁଷ୍ଠିତ ହୋଇଥିବାବେଳେ ବିଚାରକ ଭାବରେ ଅଧ୍ୟାପକ ସ୍ୱାଗତ ସାହୁ, ସ୍ମରଣିକା ଦେବତା, ଶୁଭଶ୍ରୀ ତ୍ରିପାଠୀ ଉପସ୍ଥିତ ରହି ପ୍ରକଳ୍ପଗୁଡିକର ମୂଲ୍ୟାଙ୍କନ କରିଥିଲେ। ଏହାସହ ବିଜ୍ଞାନର ଆବଶ୍ୟକତା, ଛାତ୍ରୀଛାତ୍ରଙ୍କ ମଧ୍ୟରେ ନୂତନ ଜ୍ଞାନକୌଶଳ ଶିଖିବା ପାଇଁ ଇଚ୍ଛା ଆଦି ବିଷୟରେ ଆଲୋକପାତ କରିଛନ୍ତି।

## ଶ୍ରଦ୍ଧାଳୁଙ୍କ ପ୍ରୟାଗରାଜ ଯାତ୍ରା ପାଇଁ ସ୍ଲିପରକୋଚ୍ ବସ୍ ଚଳାଚଳ ଦାବି

ଦେବଗଡ଼,୨୫।୧(ଶଶାଙ୍କ ଶେଖର ଝାଙ୍କର)

ଉତ୍ତର ପ୍ରଦେଶର ପ୍ରୟାଗରାଜରେ ଗତ ୧୩ ତାରିଖଠାରୁ ଆରମ୍ଭ ହୋଇଥିବା ପ୍ରସିଦ୍ଧ ମହା କୁମ୍ଭମେଳା ଆସନ୍ତା ଫେବୃଆରୀ ୨୬ ତାରିଖ ପର୍ଯ୍ୟନ୍ତ ଚାଲିବ। ଏହି ପରିପ୍ରେକ୍ଷୀରେ ସେଠାକୁ ସୁବିଧାରେ ଯିବା ପାଇଁ ଦେବଗଡ ବିଧାନସଭା ନିର୍ବାଚନମଣ୍ଡଳୀର ତୀର୍ଥଯାତ୍ରୀଙ୍କ ପାଇଁ ସ୍ଲିପରକୋଚ ବସ ଚଳାଚଳ ନିମନ୍ତେ ବିଧାୟକ ରୋମାଞ୍ଚରଞ୍ଜନ ବିଶ୍ୱାଳ ଦାବି କରିଛନ୍ତି। ବିଧାୟକ ବିଶ୍ୱାଳ ଓଡିଶା ସରକାରଙ୍କ ସଡକ ଓ ପରିବହନ ମନ୍ତ୍ରୀଙ୍କୁ ପତ୍ର ଲେଖି ଏହି ଦାବି ଜଣାଇଥିବା ସୂଚନା ମିଳିଛି। କୃଷି ଉପରେ ନିର୍ଭରଶୀଳ ଦେବଗଡ ନିର୍ବାଚନ ମଣ୍ଡଳୀର ପ୍ରାୟ ୯୫ ପ୍ରତିଶତରୁ ଊର୍ଦ୍ଧ୍ୱ ଜନସାଧାରଣ ହିନ୍ଦୁ ଧର୍ମର ହୋଇଥିବାବେଳେ ରେଳ ଓ ବିମାନ ସୁବିଧାରୁ ବଞ୍ଚିତ ରହିଛନ୍ତି। ଫଳରେ ପ୍ରୟାଗରାଜକୁ ଯିବାକୁ ହେଲେ ଶ୍ରଦ୍ଧାଳୁମାନଙ୍କୁ ଅନେକ ଅସୁବିଧାର ସମ୍ମୁଖିନ ହେବାକୁ ପଡୁଛି। ଏଣୁ ପ୍ରୟାଗରାଜ ଯିବା ନିମନ୍ତେ ଆବଶ୍ୟକ ସଂଖ୍ୟକ ସ୍ଲିପରକୋଚ ବସ ଯୋଗାଇଦେଲେ ଦେବଗଡ଼ ବିଧାନସଭା ନିର୍ବାଚନମଣ୍ଡଳୀର ଶ୍ରଦ୍ଧାଳୁମାନେ ଅଳ୍ପ ଖର୍ଚ୍ଚରେ ଆରାମଦାୟକ ଯାତ୍ରା କରିପାରିବେ ବୋଲି ବିଧାୟକ ବିଶ୍ୱାଳ ତାଙ୍କ ପତ୍ରରେ ଉଲ୍ଲେଖ କରିଛନ୍ତି।

## ଶୁଭାରମ୍ଭ ହେଲା ଆବାସ ଯୋଜନା ସର୍ଭେ


ବିଡିଓ ଜୟନ୍ତ ସାହୁ ଆବାସ ଯୋଜନା ସର୍ଭେ ପ୍ରଚାର ଗାଡିକୁ ପତାକା ଦେଖାଇ ଶୁଭାରମ୍ଭ କରୁଛନ୍ତି।

କୁଚିଣ୍ଡା,୨୫।୧(ବିରଞ୍ଚି ଦର୍କା)

ସମ୍ବଲପୁର ଜିଲା କୁଚିଣ୍ଡା ବ୍ଲକରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ସର୍ଭେ କାର୍ଯ୍ୟକ୍ରମର ଶୁଭାରମ୍ଭ ହୋଇଛି। ବିଡିଓ ଜୟନ୍ତ ସାହୁ ସଚେତନତା ପାଇଁ ପ୍ରଚାର ଗାଡିକୁ ସବୁଜ ପତାକା ଦେଖାଇ ଏହାର ଶୁଭାରମ୍ଭ କରିଛନ୍ତି। ଏଥିସହ ସେ ନିଜେ ଖଣ୍ଡୋକଟା ପଞ୍ଚାୟତ ଅନ୍ତର୍ଗତ ଲାଖୋପଡା ଗ୍ରାମକୁ ଯାଇ ଟ୍ରାଏଲ ସର୍ଭେ କରି ଅଫ୍‌ଲାଇନ ଓ ଅନ୍‌ଲାଇନ ଜରିଆରେ ହିତାଧିକାରୀ କିଭଳି ଆବେଦନ କରିବେ ସେନେଇ ଆଲୋଚନା କରିଛନ୍ତି। ଆରମ୍ଭ ହୋଇଥିବା ସର୍ଭେ ଦେଢରୁ ଦୁଇମାସ ଧରି ଚାଲିବ। ଏଥିପାଇଁ ବ୍ଲକ ଓ ପଞ୍ଚାୟତ ପ୍ରଶାସନ ସମ୍ପୂର୍ଣ୍ଣ ପ୍ରସ୍ତୁତ ରହିଛି। ଆବେଦନକାରୀମାନେ ପଞ୍ଚାୟତରେ ଅଫଲାଇନ କିମ୍ବା ଅନଲାଇନ ଆବେଦନ କରିପାରିବେ। ଏଥିପାଇଁ ପ୍ରଶାସନ ପକ୍ଷରୁ ପୂର୍ବରୁ ପ୍ରତି ପଞ୍ଚାୟତରେ ପଲ୍ଲୀସଭା ମାଧ୍ୟମରେ ସଚେତନ କରିସାରିଛି। ପୂର୍ବରୁ ଥିବା ନିୟମକୁ ଏବେ କେନ୍ଦ୍ର ସରକାର କୋହଳ କରିଛନ୍ତି। ବାଇକ, ଫ୍ରିଜ ଥିଲେ, ମାସିକ ୧୫ହଜାରୁ କମ୍ ଆୟ ଥିବା ପରିବାର ଏଥିପାଇଁ ଯୋଗ୍ୟ ବିବେଚିତ ହୋଇପାରିବେ। ବାପାଙ୍କଠାରୁ ଭିନ୍ନ ହୋଇଥିବା ପୁଅ ବି ଆବେଦନ କରିପାରିବେ। ଏପିରିକି ସ୍ୱାମୀଠାରୁ ଅଲଗା ରହୁଥିବା ମହିଳା ମଧ୍ୟ ଆବେଦନ କରିପାରିବେ। ପୂର୍ବରୁ ଆବେଦନ କରି ଅପେକ୍ଷାରେ ଥିବା ହିତାଧିକାରୀ ମଧ୍ୟ ନୂଆ ଆବେଦନ କରିପାରିବେ ବୋଲି ବିଡିଓ ସାହୁ କହିଛନ୍ତି। ବିଡିଓଙ୍କ ଟ୍ରାଏଲ ସର୍ଭେ କାର୍ଯ୍ୟକ୍ରମରେ ବିପିଏ ବିକାଶ ଚାନ୍ଦ ଓ ଖଣ୍ଡୋକଟା ପିଇଓ ଆଶିଷ ତଣ୍ଡକର ସାମିଲ ହୋଇଥିଲେ।

## ପିଏମ୍‌ଶ୍ରୀ କେନ୍ଦ୍ରୀୟ ବିଦ୍ୟାଳୟ ୧ରେ ଦାଦିଦାଦା ଦିବସ

**ବିଭିନ୍ନ ପ୍ରତିଯୋଗିତାରେ ଭାଗ ନେଲେ ଦାଦିଦାଦା**

ସମ୍ବଲପୁର,୨୫।୧(ବି.ଶଙ୍କର)

ସମ୍ବଲପୁର ବରେଇପାଲି ଶିଳ୍ପାଞ୍ଚଳସ୍ଥିତ ପିଏମଶ୍ରୀ କେନ୍ଦ୍ରୀୟ ବିଦ୍ୟାଳୟ ନଂ ୧ରେ ଦାଦିଦାଦା ଦିବସ ଶନିବାର ଅପରାହ୍ନ ୨ଟା୩୦ରେ ପାଳିତ ହୋଇଯାଇଛି। ବିଦ୍ୟାଳୟ ଅଧ୍ୟକ୍ଷ ରଣରଞ୍ଜୟ ସିଂହ ଏଥିରେ ସଭାପତିତ୍ୱ କରିଥିଲେ। ଉତ୍ସବରେ ସର୍କଣ୍ଡା ବିଦ୍ୟାଳୟର ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ସରୋଜ କୁମାର ଭୋଇ ଶିକ୍ଷକ ମୁଖ୍ୟ ଅତିଥି ଭାବେ ଯୋଗଦାନ କରିଥିଲେ। ପ୍ରାଥମିକ ଛାତ୍ରୀଛାତ୍ରମାନଙ୍କର ଦାଦିଦାଦା ଓ ନାନୀନାନା ବିଦ୍ୟାଳୟ ଉପାଧ୍ୟକ୍ଷ ବଳରାମ ମିଶ୍ର ଓ ସମସ୍ତ ପ୍ରାଥମିକ ଶିକ୍ଷୟିତ୍ରୀଶିକ୍ଷକମାନେ ଉପସ୍ଥିତ ଥିଲେ। ବିଦ୍ୟାଳୟର ଶିକ୍ଷକ ସେତୟ ପଧାନ ଓ ଗୀତାଞ୍ଜଳୀ ପଣ୍ଡା ମଞ୍ଚ ପରିଚାଳନା କରିଥିଲେ। ବିଦ୍ୟାଳୟର ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ସ୍ୱାଗତ ନୃତ୍ୟ, ମୂକ ଅଭିନୟ, ଗୁଜରାଟୀ ନୃତ୍ୟ, ସମ୍ବଲପୁରୀ ନୃତ୍ୟ ପରିବେଷଣ କରଯାଇଥିଲା । ସେହିପରି ଦାଦି ଦାଦ ଓ ନାନି ନାନମାନଙ୍କର ମଧ୍ୟରେ ଖେଳ ପ୍ରତିଯୋଗୀତା ହୋଇଥିଲା। ଏଥିସହ ସିଗ୍ନେଚର ପଏଣ୍ଟ, ସେଲ୍ଫି ପଏଣ୍ଟ ବ୍ୟବସ୍ଥା କରାଯାଇଥିଲା। ପ୍ରଧାନଶିକ୍ଷକ ଚକ୍ରଧର ଦେହୁରୀ ଧନ୍ୟବାଦ ଅର୍ପଣ କରିଥିଲେ ।

## ଦେବଗଡ଼ ଜିଲା ଭାଜପା ସଭାପତି ନିର୍ବାଚନ


ନିର୍ବାଚିତ କର୍ମକର୍ତ୍ତାଙ୍କୁ ପୁଷ୍ପମାଲ୍ୟ ପିନ୍ଧାଇ ଦଳୀୟ କର୍ମୀ ଅଭିନନ୍ଦନ ଜଣାଉଛନ୍ତି।

ଦେବଗଡ଼,୨୫।୧(ଶଶାଙ୍କ ଶେଖର ଝାଙ୍କର)

ଦେବଗଡ଼ ଜିଲା ଭାଜପା ସଭାପତି ଓ ରାଜ୍ୟ ପରିଷଦ ସଦସ୍ୟ ନିର୍ବାଚନ ଅନୁଷ୍ଠିତ ହୋଇଥିବା ବେଳେ ଜିଲା ସଭାପତିଙ୍କ ନାମ ଶନିବାର ଆନୁଷ୍ଠାନିକ ଭାବେ ଘୋଷଣା କରାଯାଇଛି। ପୂର୍ବତନ ସଭାପତି ଅରୁଣ କୁମାର ସାହୁ ପୁଣି ଥରେ ଜିଲା ସଭାପତି ଭାବେ ସର୍ବସମ୍ମତି କ୍ରମେ ନିର୍ବାଚିତ ହୋଇଛନ୍ତି। ରାଜ୍ୟ ପରିଷଦ ସଦସ୍ୟ ଭାବେ ପୂର୍ବତନ ବିଧାୟକ ସୁବାସଚନ୍ଦ୍ର ପାଣିଗ୍ରାହୀ ଓ ଦେବଗଡ଼ ପୌର ପରିଷଦ ଉପାଧ୍ୟକ୍ଷ ପ୍ରଜିତ କୁମାର ଭୋଜ ନିର୍ବାଚିତ ହୋଇଛନ୍ତି। ଦେବଗଡ଼ ଜିଲା ଭାଜପା କାର୍ଯ୍ୟାଳୟରେ ଏନେଇ ଜିଲାର ଭାଜପା ନିର୍ବାଚନ ଅଧିକାରୀ ଦାୟିତ୍ୱରେ ଥିବା ବରିଷ୍ଠ ନେତା କାଳନ୍ଦୀ ସାମଲ ଆନୁଷ୍ଠାନିକ ଭାବେ ଉପରୋକ୍ତ ନେତାମାନଙ୍କ ନାମ ଘୋଷଣା କରିଥିଲେ। କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ନିର୍ବାଚନ ମଣ୍ଡଳୀ ଅଧିନସ୍ଥ ଦେବଗଡ଼ ଜିଲା ଭାଜପାର ଜିଲା ସଭାପତି ପଦବୀକୁ ନେଇ ନାନା କଳ୍ପନାଜଳ୍ପନା ପ୍ରକାଶ ପାଇଥିଲା। ନାମ ଘୋଷଣା ପରେ ସମସ୍ତ କଳ୍ପନାଜଳ୍ପନାର ଅବସାନ ଘଟିବାସହ ନବନିର୍ବାଚିତ ନେତାମାନଙ୍କୁ ଦଳୀୟ ନେତା ଓ କର୍ମୀ ପୁଷ୍ପମାଲ୍ୟ ପିନ୍ଧାଇ ଅଭିନନ୍ଦନ ଜଣାଇଥିଲେ। ଜିଲା ସଭାପତି ଓ ରାଜ୍ୟ ପରିଷଦ ସଦସ୍ୟଙ୍କ ନାମ ଘୋଷଣା ପରେ ସମସ୍ତଙ୍କୁ ସାଙ୍ଗରେ ନେଇ ଜିଲାର ସଙ୍ଗଠନକୁ ଅଧିକ ସୁଦୃଢ କରାଯିବା ସହ ଜିଲାର ସାମଗ୍ରୀକ ବିକାଶ ପାଇଁ କାର୍ଯ୍ୟ କରିବେ ବୋଲି ପୁନଃ ନିର୍ବାଚିତ ଜିଲା ଭାଜପା ସଭାପତି ଅରୁଣ କୁମାର ସାହୁ ପ୍ରକାଶ କରିଛନ୍ତି।

## ଏନ୍‌ୟୁଏସ୍‌ସି କପ କ୍ରିକେଟ: ସରାପାଲି ଚାମ୍ପିୟନ

ନାକଟିଦେଉଳ,୨୫।୧(ବୈକୁଣ୍ଠନାଥ ସାହୁ)


ଅତିଥିଙ୍କଠାରୁ ଚାମ୍ପିୟନ ଦଳର ଖେଳାଳି ଟ୍ରଫି ଗ୍ରହଣ କରୁଛନ୍ତି।

ସମ୍ବଲପୁର ଜିଲା ନାକଟିଦେଉଳ ବ୍ଲକ ଜଗନ୍ନାଥ ପ୍ରସାଦ ନେତାଜୀ କ୍ରୀଡା ଓ ସାଂସ୍କୃତିକ ସଂସଦ ଆନୁକୂଲ୍ୟରେ ସ୍ଥାନୀୟ ମିନି ଷ୍ଟାଡିୟମଠାରେ ଶନିବାର ୧୬ ବର୍ଷରୁ କମ୍ ଏକ ଦ୍ୱିଦିବସୀୟ ଏନୟୁଏସସି କପ କ୍ରିକେଟ ଟୁର୍ନାମେଣ୍ଟ ଅନୁଷ୍ଠିତ ହୋଇଯାଇଛି। ଏହି ଟୁର୍ନାମେଣ୍ଟରେ ୮ ଟି ଦଳ ଅଂଶ ଗ୍ରହଣ କରିଥିଲେ। ଫାଇନାଲ ମ୍ୟାଚ ସରାପାଲି ଏବଂ ଭାଲୁଗାଡ଼ିଆ ମଧ୍ୟରେ ହୋଇଥିଲା। ଟସ୍ ଜିଣି ଭାଲୁଗାଡ଼ିଆ ଦଳ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୫ ଓଭରରେ କୌଣସି ଉଇକେଟ ନ ହରାଇ ୩୩ ରନ କରିଥିଲା। ଜବାବରେ ସରାପାଲି ଦଳ ୫ ଓଭରରେ ଗୋଟିଏ ଉଇକେଟ ହରାଇ ୩୪ ରନ ସଂଗ୍ରହ କରି ଚାମ୍ପିୟନ ହୋଇଥିଲା। ଆୟୋଜିତ ପୁରସ୍କାର ବିତରଣ ସମାରୋହରେ ମୁଖ୍ୟ ଅତିଥିଭାବେ ନାକଟିଦେଉଳ ଗ୍ରାମ ପଞ୍ଚାୟତ ସରପଞ୍ଚ ଜିତେନ୍ଦ୍ର କୁମାର ସାହୁ, ସମ୍ମାନିତ ଅତିଥିଭାବେ ଅକ୍ଷୟ କୁମାର ସାହୁ ଯୋଗଦେଇ ବିଜେତା ସରାପାଲି ଏବଂ ଉପବିଜେତା ଭାଲୁଗାଡ଼ିଆ ଦଳକୁ ଟ୍ରଫି ସହିତ ନଗଦ ରାଶି ଦେଇ ପୁରସ୍କୃତ କରିଥିଲେ।

## ଶିକ୍ଷୋତ୍ଥାନ ପ୍ରକଳ୍ପରେ ଉପକୃତ ହେବେ ୪୧ ହଜାର ଛାତ୍ରୀଛାତ୍ର

ସମ୍ବଲପୁର,୨୫।୧(ବି.ଶଙ୍କର)



ସମ୍ବଲପୁର ଜିଲା ପ୍ରଶାସନ ଓ ଏମ୍‌ସିଏଲ ମଧ୍ୟରେ ଏମ୍‌ଓୟୁ ସ୍ୱାକ୍ଷରିତ କରାଯାଉଛି।

- ଏମ୍‌ସିଏଲ୍ ଓ ଜିଲା ପ୍ରଶାସନ ମଧ୍ୟରେ ଏମ୍‌ଓୟୁ ସ୍ୱାକ୍ଷର
- ଏମ୍‌ସିଏଲ୍ ଦେଲା ୨୦.୫ କୋଟି ଟଙ୍କା ଅନୁଦାନ

ଶିକ୍ଷୋତ୍ଥାନ ପ୍ରକଳ୍ପ ମାଧ୍ୟମରେ ସମ୍ବଲପୁର ଜିଲାର ୪୧ହଜାର ପ୍ରାଥମିକ ବିଦ୍ୟାଳୟର ଛାତ୍ରୀଛାତ୍ର ଉପକୃତ ହେବେ। ଏନେଇ ସମ୍ବଲପୁର ଜିଲା ପ୍ରଶାସନ ଓ ମହାନଦୀ କୋଇଲା କମ୍ପାନୀ (ଏମସିଏଲ) ମଧ୍ୟରେ ଶନିବାର ଏମଓୟୁ ସ୍ୱାକ୍ଷରିତ ହୋଇଛି। ଆନ୍ତର୍ଜାତୀୟ ଶିକ୍ଷା ଦିବସ ଅବସରରେ ସମ୍ବଲପୁର ଜିଲାର ୮୦୯ ପ୍ରାଥମିକ ବିଦ୍ୟାଳୟର ପିଲାମାନଙ୍କ ପାଇଁ ୨୦, ୬୧୭ ଡବଲ ଡେସ୍କ କିଣିବା ପାଇଁ ଏମସିଏଲ ୨୦.୫ କୋଟି ଟଙ୍କା ଅନୁମୋଦନ କରିଛି। ଯାହାକି ଏମସିଏଲର କର୍ପୋରେଟ ସାମାଜିକ ଦାୟିତ୍ୱବୋଧ (ସିଏସଆର) ଅଧିନରେ ଶିକ୍ଷା କ୍ଷେତ୍ରର ବିକାଶରେ ସହାୟକ ହେବ । ଏହି ପଦକ୍ଷେପ ଦ୍ୱାରା ଶିକ୍ଷଣ ପରିବେଶରେ ଉଲ୍ଲେଖନୀୟ ଉନ୍ନତି ହେବ ଏବଂ ପ୍ରାଥମିକ ଶ୍ରେଣୀର ଛାତ୍ରୀଛାତ୍ରମାନଙ୍କ ପାଇଁ ଉନ୍ନତ ଏବଂ ଆରାମଦାୟକ ଡେସ୍କ ଉପଲବ୍ଧ ହୋଇପାରିବ। ଦେଶର ବୃହତ୍ତମ କୋଇଲା ଉତ୍ପାଦନକାରୀ ତଥା ଓଡ଼ିଶାର ଶୀର୍ଷ ସିଏସଆର ସହଯୋଗୀ ଭାବେ ଏମସିଏଲ ସାମାଜିକ ବିକାଶ ପଦକ୍ଷେପ ଗ୍ରହଣ କରିବାରେ ସକ୍ରିୟ ପଦକ୍ଷେପ ନେଉଛି ବୋଲି କମ୍ପାନୀ ପକ୍ଷରୁ ସୂଚିତ କରାଯାଇଛି ।

## ସଂକ୍ଷେପରେ

### ଭୋଟ୍ ଦେବା ନାଗରିକଙ୍କ ଅଧିକାର

**ବରଗଡ଼,୨୫ା୧(ପ୍ରେମାନନ୍ଦ ଖମାରୀ):** ବରଗଡ଼ ଜିଲା ଅମ୍ବାଭୋନା ବ୍ଲକ ଅନ୍ତର୍ଗତ ଭୁକ୍ତାସ୍ଥିତ ଜନତା ହାଇସ୍କୁଲରେ ଶନିବାର ଜାତୀୟ ମତଦାତା ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ଅନୁଷ୍ଠିତ ବୈଠକରେ ପ୍ରଧାନ ଶିକ୍ଷକ ଦୁର୍ଗାପ୍ରସାଦ ନାୟକ ଅଧ୍ୟକ୍ଷତା କରିଥିଲେ। ନାଗରିକମାନଙ୍କର ଭୋଟ୍ ଦେବା ଅଧିକାର ସମ୍ପର୍କରେ ସେ ଛାତ୍ରୀଛାତ୍ରଙ୍କୁ ଧାରଣା ଦେଇଥିଲେ। ନିର୍ବାଚନ ଭଳି ଗଣତନ୍ତ୍ରର ମହାନ ପର୍ବରେ ପ୍ରତ୍ୟେକ ନାଗରିକ ସାମିଲ ହେବା ଏବଂ ନିଜ ପସନ୍ଦର ନେତା ବାଛିବା ପାଇଁ ସଚେତନତା ସୃଷ୍ଟି କରିବାର ଆବଶ୍ୟକତା ରହିଛି ବୋଲି ସେ କହିଥିଲେ। ଶିକ୍ଷକ ଶ୍ରୀପତି ସାହୁ, ଈଶ୍ୱର ପ୍ରଧାନ ନାଗରିକମାନଙ୍କର ଭୋଟ୍‌ଦେବା ଅଧିକାର ସମ୍ପର୍କରେ ଛାତ୍ରୀଛାତ୍ରଙ୍କୁ ଅବଗତ କରାଇଥିଲେ। ଶିକ୍ଷକ ବୋଧରାମ ବିଶ୍ୱାଳ, ଜ୍ୟୋତିଶ୍ଚନ୍ଦ୍ର ପ୍ରଧାନ, ଆଶୁତୋଷ ଭୋଇ, ତେଜରାମ ସା, ସୁବାସ ଚନ୍ଦ୍ର ଖମାରୀ, ଅଙ୍କିତ ମହନ୍ତ, ପଦ୍ମଲୋଚନ ବିଶି ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଶିକ୍ଷୟିତ୍ରୀ ଅନୀତା ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।

### ମିନି ମାରାଥନ୍‌ରେ ୩୦୦ରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର

**ବରଗଡ଼,୨୫ା୧(ପ୍ରେମାନନ୍ଦ ଖମାରୀ):** କିସ୍ ଏବଂ କିଟ୍ ପକ୍ଷରୁ ବରଗଡ଼ ସହରରେ ଶନିବାର ମିନି ମାରାଥନ୍ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଡଃ ଅଚ୍ୟୁତ ସାମନ୍ତଙ୍କ ଆହ୍ୱାନରେ ସମସ୍ତଙ୍କ ପାଇଁ ଶିକ୍ଷା ବାର୍ତ୍ତା ନେଇ ଅନୁଷ୍ଠିତ ଏହି ମିନି ମାରାଥନ୍ ସ୍ଥାନୀୟ ଲେଙ୍ଗୁ ମିଶ୍ର ଷ୍ଟେଡ଼ିୟମରୁ ବାହାରିଥିଲା। ବରଗଡ଼ ଉପଜିଲାପାଳ ପ୍ରସନ୍ନ କୁମାର ପାଣ୍ଡେ ଏହାର ଶୁଭାରମ୍ଭ କରିଥିଲେ। ମିନି ମାରାଥନ୍ ପାର୍ବତୀ ଗିରି ମହିଳା ମହାବିଦ୍ୟାଳୟ, ଏସପି ଅଫିସ ଛକ ଦେଇ ପୁଣି ମିନି ଷ୍ଟେଡ଼ିୟମକୁ ପହଞ୍ଚିଥିଲା। ଉକ୍ତ କାର୍ଯ୍ୟକ୍ରମରେ ସ୍ଥାନୀୟ ପାର୍ବତୀ ଗିରି ମହିଳା ମହାବିଦ୍ୟାଳୟ, ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ, ଟାଉନ ଉଚ୍ଚ ବିଦ୍ୟାଳୟ, ନିଶାମଣି ଉଚ୍ଚ ବିଦ୍ୟାଳୟ, ଜର୍ଜ ଉଚ୍ଚ ବିଦ୍ୟାଳୟ ଆଦି ଶିକ୍ଷାନୁଷ୍ଠାନର ୩୦୦ରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ଭାଗ ନେଇଥିଲେ। ଏହି ଅବସରରେ ମିନି ଷ୍ଟେଡ଼ିୟମରେ ଆୟୋଜିତ ସଭାରେ ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ଜ୍ୟୋତିକାନ୍ତ ସାହୁ, ଅବସରପ୍ରାପ୍ତ ଅଧ୍ୟାପକ ସନ୍ତୋଷ କୁମାର ପଣ୍ଡା, ଫୁଟବଲ ଆସୋସିଏଶନ ଅଫ ଓଡ଼ିଶା(ଫାଓ)ର ଉପସଭାପତି ରବି ନାରାୟଣ ପଣ୍ଡା, କିସ୍‌ର ବରଗଡ଼ ଜିଲା ସଂଯୋଜକ ନିକାଶ ଚନ୍ଦ୍ର ଷଡ଼ଙ୍ଗୀ ପ୍ରମୁଖ ଉପସ୍ଥିତ ଥିଲେ। ବରଗଡ଼ କିସ୍ ଅଭିଭାବକ ସଂଘର ସଭାପତି ତ୍ରିଲୋଚନ ଭୁଏ ସଭା ପରିଚାଳନା କରିଥିଲେ। ମହେନ୍ଦ୍ର ସାହୁ, ମାନଭଞ୍ଜନ ମିର୍ଦ୍ଧା, ତିଳକରାମ ବରିହା, ରାଜକୁମାର ଭୁଏ, ଗିରିଧାରୀ ସେଠ, ନବୀନ ମାଝି, ବିଶ୍ୱଜିତ ପ୍ରଧାନ, ଯଶୋବନ୍ତ ସାହୁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। କିସ୍‌ର ଜିଲା ସଂଯୋଜକ ଷଡ଼ଙ୍ଗୀ ଧନ୍ୟବାଦ ଅର୍ପଣ କରିଥିଲେ।

### ଜାତୀୟ ମତଦାନ ଦିବସରେ ଶପଥ ପାଠ

**ବିନିକା, ୨୫ା୧ (ରାମ ଗୋପାଳ ବାଘ):** ସୁବର୍ଣ୍ଣପୁର ଜିଲା ବିନିକା ସିଦ୍ଧାର୍ଥ କନିଷ୍ଠ ମହାବିଦ୍ୟାଳୟରେ ଶନିବାର ଅଧ୍ୟକ୍ଷା ଡ ରେଖା ପଧାନଙ୍କ ଅଧ୍ୟକ୍ଷତାରେ ଜାତୀୟ ମତଦାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ମୁଖ୍ୟ ଅତିଥିଭାବେ ଅଧ୍ୟାପକ ଝସକେତନ ମେହେର, ସମ୍ମାନୀତ ଅତିଥିଭାବେ ଅଧ୍ୟାପକ ସପ୍ତସାଗର ପଧାନ, ନାରାୟଣ ଚୌଧୁରୀ, ଗରିବ ସାଲମା, ବିଜୟ ସାହୁ ଯୋଗଦେଇ ଜାତୀୟ ମତଦାନର ନିଜ ଅଧିକାର ବିଷୟରେ ବୁଝାଇ ଛାତ୍ରୀଛାତ୍ର, କର୍ମଚାରୀଙ୍କୁ ଶପଥ ପାଠ କରାଇଥିଲେ। ଅଧ୍ୟାପକ ଧନେଶ୍ୱର ସାହୁ ମଞ୍ଚ ପରିଚାଳନା କରିଥିବାବେଳେ ଡ ନୀଳମାଧ ଛତ୍ର ଧନ୍ୟବାଦ ଅର୍ପଣ କରିଥିଲେ।

### ଶୌଚାଳୟ ସଫେଇ କରୁଛନ୍ତି ଛାତ୍ରୀ

**ବିନିକା, ୨୫ା୧ (ରାମ ଗୋପାଳ ବାଘ):** ସୁବର୍ଣ୍ଣପୁର ଜିଲା ବିନିକା ଗୋଷ୍ଠୀ ଶିକ୍ଷା ଅଧୀନ ଏକ ପ୍ରାଥମିକ ବିଦ୍ୟାଳୟରେ ଛାତ୍ରୀମାନେ ଶୌଚାଳୟ ସଫେଇ କରିବା ଦୃଶ୍ୟ ସୋସିଆଲ ମିଡିଆରେ ଭାଇରାଲ ହୋଇଛି। ବେଟି ପଢାଅ, ବେଟି ବଚାଅ ଯୋଜନାରେ ଆଗକୁ ବଢ଼ିବା ପାଇଁ ସରକାର ପ୍ରଚାର କରୁଥିବା ବେଳେ ଏଭଳି ଘଟଣା ଏଠାରେ ଆଲୋଡନ ସୃଷ୍ଟି କରିଛି। ଶନିବାର ଗୋଷ୍ଠୀ ଶିକ୍ଷା ଅଧିକାରୀ ଲକ୍ଷଣ କୁମାର ମିଶ୍ରଙ୍କୁ ଏ ନେଇ ପଚାରିବାରୁ ଘଟଣାର ତଦନ୍ତ କରାଯିବ। ସତ୍ୟ ହୋଇଥିଲେ କଠୋର କାର୍ଯ୍ୟାନୁଷ୍ଠାନ ନିଆଯିବ କହିଥିଲେ।

# ମତଦାତା ଚାହିଁଲେ ସୁଦୃଢ଼ ହେବ ଗଣତନ୍ତ୍ର

**ବରଗଡ଼ରେ ଜାତୀୟ ମତଦାତା ଦିବସ**

**ବରଗଡ଼,୨୫ା୧(ପ୍ରେମାନନ୍ଦ ଖମାରୀ)**

ବରଗଡ଼ରେ ଶନିବାର ଜିଲାସ୍ତରୀୟ ଜାତୀୟ ମତଦାତା ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ସକାଳ ୭ଟାରୁ ସ୍ଥାନୀୟ ନିଶାମଣି ହାଇସ୍କୁଲ ପଡ଼ିଆରୁ ଏକ ସଚେତନତା ଶୋଭାଯାତ୍ରା ବାହାରି ସହର ପରିକ୍ରମା ସହିତ ବିଜୁ ପଟ୍ଟନାୟକ ଟାଉନ ହଲକୁ ପହଞ୍ଚିଥିଲା। ସେଠାରେ ଜିଲା ନିର୍ବାଚନ ଅଧିକାରୀ ତଥା ଜିଲାପାଳ ଆଦିତ୍ୟ ଗୋୟଲଙ୍କ ଅଧ୍ୟକ୍ଷତାରେ ଏକ ସଚେତନତା ସଭା ହୋଇଥିଲା। ବ୍ୟଙ୍ଗକବି ନିତିଶ ଆଚାର୍ଯ୍ୟ ଅତିଥିଭାବେ ଯୋଗଦେଇ ବ୍ୟଙ୍ଗ କବିତା ମାଧ୍ୟମରେ ଉପସ୍ଥିତ ଛାତ୍ରୀଛାତ୍ରମାନଙ୍କୁ ଭୋଟର ତାଲିକାରେ ପଞ୍ଜୀକରଣ ପାଇଁ ସଚେତନ କରିଥିଲେ।

ଅତିରିକ୍ତ ଜିଲାପାଳ ମହେନ୍ଦ୍ର ମହାପାତ୍ର ଭୋଟର ତାଲିକାରେ ନାମ ପଞ୍ଜୀକରଣ ନିମନ୍ତେ ବିଭିନ୍ନ ମାର୍ଗଦର୍ଶୀକା ପ୍ରଦାନ କରଥିଲେ। ଅତିରିକ୍ତ ଜିଲାପାଳ ମଧୁଛନ୍ଦା ସାହୁ ଗଣତନ୍ତ୍ରରେ ଯୁବପିଢ଼ିର ଭୂମିକା ଉପରେ ଗୁରୁତ୍ୱାରୋପ କରି ସଚେତନ




ଜାତୀୟ ମତଦାତା ଦିବସ ଅବସରରେ ବରଗଡ଼ରେ ଶୋଭାଯାତ୍ରା।

ଭୋଟର ହେବା ପାଇଁ ଉପଦେଶ ଦେଇଥିଲେ। ଜିଲାପାଳ ଗୋୟଲ ନିଜ ଛାତ୍ର ଜୀବନର ଅନୁଭୂତି କହିବା ସହିତ ଆଜିର ଯୁବପୀଢ଼ି କିଭଳି ସୁଦୃଢ଼ ଗଣତନ୍ତ୍ର ଗଠନରେ ମହତ୍ତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବେ, ସେ ନେଇ ଦିଗଦର୍ଶନ ଦେଇଥିଲେ। କାର୍ଯ୍ୟକ୍ରମରେ ସଚେତନତା ଉଦ୍ଦେଶ୍ୟରେ ପୂର୍ବରୁ ଅନୁଷ୍ଠିତ ଜିଲାସ୍ତରୀୟ ବକ୍ତୃତା, ରଚନା ଲିଖନ, ଚିତ୍ରାଙ୍କନ ଏବଂ କୁଇଜ ପ୍ରତିଯୋଗିତାର କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା।

ସେହିପରି ନିର୍ବାଚନ ମଣ୍ଡଳୀ ସ୍ତରରେ ଉତ୍କୃଷ୍ଟ କାମ ପ୍ରଦର୍ଶନ କରିଥିବା ବୁଥ୍‌ସ୍ତରୀୟ ଅଧିକାରୀମାନଙ୍କୁ ମଧ୍ୟ ସମ୍ମାନିତ କରାଯାଇଥିଲା। ଏଆର୍‌ଏମ୍‌ଏସ୍ ସଂଯୋଜକ ଶ୍ରୀକାନ୍ତ ତ୍ରିପାଠୀଙ୍କୁ ଶ୍ରେଷ୍ଠ ଇଲେକ୍ଟୋରାଲ ମ୍ୟାନେଜମେଣ୍ଟ ପାଇଁ ସମ୍ମାନିତ କରାଯାଇଥିଲା। ବରଗଡ଼ର ପାର୍ବତୀ ଗିରି ମହିଳା ମହାବିଦ୍ୟାଳୟ ଏବଂ ଜର୍ଜ ହାଇସ୍କୁଲକୁ ଶ୍ରେଷ୍ଠ ଇଲେକ୍ଟୋରାଲ ଲିଟେରେସି କ୍ଲବଭାବେ ସମ୍ମାନିତ କରାଯାଇଥିଲା। ବରଗଡ଼ ଡେପୁଟି କଲେକ୍ଟର ମୁକ୍ତେଶ୍ୱର ପାଣିଗ୍ରାହୀ ଏବଂ ବରଗଡ଼ ଟ୍ରଷ୍ଟଫଣ୍ଡ ମହାବିଦ୍ୟାଳୟର ଅଧ୍ୟାପିକା ମାଳବିକା ମିଶ୍ର ମଞ୍ଚ ପରିଚାଳନା କରିଥିଲେ। ଜିଲା ନିର୍ବାଚନ ଉପବିଭାଗର ସମସ୍ତ କର୍ମକର୍ତ୍ତା କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ପ୍ରହଲ୍ଲାଦ ଖୋସ୍ଲା ଧନ୍ୟବାଦ ଅର୍ପଣ କରିଥିଲେ।

ବରଗଡ଼ ରାଣାପ୍ରତାପ ହାଇସ୍କୁଲରେ ଅନୁଷ୍ଠିତ ଜାତୀୟ ମତଦାତା ଦିବସ ପାଳନ କାର୍ଯ୍ୟକ୍ରମକୁ ସ୍ଥାନୀୟ ଅଙ୍ଗନୱାଡି କର୍ମୀ ସନ୍ତୋଷିନୀ ଭେସ୍ରା ସଂଯୋଜନା କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ହାଇସ୍କୁଲର ପ୍ରଧାନ ଶିକ୍ଷକ ସୁଦୀପ କୁମାର ରଥ, ଶିକ୍ଷୟିତ୍ରୀ ଜ୍ୟୋତି ବେହେରା ପ୍ରମୁଖ ଯୋଗଦେଇ ଗଣତନ୍ତ୍ରକୁ ସମୃଦ୍ଧ କରିବା ପାଇଁ ନିର୍ବାଚନର ଆବଶ୍ୟକତା ରହିଛି ଏବଂ ଏଥିରେ ମତଦାତାଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି କହିଥିଲେ। ପ୍ରତ୍ୟେକ ମତଦାତା ଗଣତନ୍ତ୍ରର ସୁରକ୍ଷା ପାଇଁ ସଚେତନ ହୋଇ ମତାଧିକାର ସାବ୍ୟସ୍ତ କରିବାର ଆବଶ୍ୟକତା ରହିଛି ବୋଲି ସେମାନେ ମତବ୍ୟକ୍ତ କରିଥିଲେ। ଏହି ଅବସରରେ ହାଇସ୍କୁଲର ଛାତ୍ରୀଛାତ୍ର ଏକ ଶୋଭାଯାତ୍ରାରେ ମତଦାନ ନେଇ ସଚେତନତା ସୃଷ୍ଟି କରିଥିଲେ। କାର୍ଯ୍ୟକ୍ରମରେ ହାଇସ୍କୁଲ ପରିଚାଳନା କମିଟିର ସମସ୍ତ ସଭ୍ୟବୃନ୍ଦ ଉପସ୍ଥିତ ଥିଲେ।

# ଆତ୍ମସୁରକ୍ଷା ତାଲିମ ଶିବିର ଉଦ୍‌ଯାପିତ



**ପାଇକମାଳ, ୨୫ା୧(ବଡ଼ ଶତପଥୀ)**

**୨୦୦ ଛାତ୍ରୀଙ୍କ ଅଂଶଗ୍ରହଣ**

ବରଗଡ଼ ଜିଲା ପାଇକମାଳସ୍ଥିତ ବିନ୍ଧ୍ୟବାସିନୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ୭ ଦିନ ବ୍ୟାପୀ ଚାଲିଥିବା ଛାତ୍ରୀମାନଙ୍କ ଆତ୍ମସୁରକ୍ଷା ତାଲିମ ଶିବିର ଶନିବାର ଉଦ୍‌ଯାପିତ ହୋଇଯାଇଛି। ଏଥିରେ ଅଧ୍ୟକ୍ଷ ଶ୍ୟାମଲାଲ୍ ପ୍ରଧାନ ସଭାପତିତ୍ୱ କରିଥିଲେ। ଛାତ୍ରୀମାନେ କିପରି ନିଜର ଆତ୍ମସୁରକ୍ଷା କରିବା ସହିତ ଆଧୁନିକ ସୁରକ୍ଷା କୌଶଳ ଶିକ୍ଷା କରିବେ ସେ ଉପରେ ଆଲୋକପାତ କରି ପ୍ରମାଣପତ୍ର ପ୍ରଦାନ କରିଥିଲେ। ଏଥିରେ ୨୦୦ ଛାତ୍ରୀ ଅଂଶଗ୍ରହଣ କରିଥିଲେ। ମାଷ୍ଟର ଟ୍ରେନର ଭାବରେ ନନ୍ଦିନୀ ରାଉତ, ନମ୍ରତା ତାଣ୍ଡି, ଦୀପାଞ୍ଜଳି ଦୀପ ଯୋଗଦେଇଥିଲେ। ଅନୁଷ୍ଠାନର ସମସ୍ତ ଅଧ୍ୟାପିକା, ଅଧ୍ୟାପକ, କର୍ମଚାରୀ ସହଯୋଗ କରିଥିଲେ।

# ଶ୍ରୀଜଗନ୍ନାଥ ମନ୍ଦିର ପ୍ରତିଷ୍ଠା ଉତ୍ସବ ଉଦ୍‌ଯାପିତ

**ପଦ୍ମପୁର,୨୫ା୧ (ପ୍ରଦୀପ୍ତ ଦାଶ)**

ପଦ୍ମପୁର ଅନ୍ତର୍ଗତ ଟାଲରେ ନବ ନିର୍ମିତ ଶ୍ରୀଜଗନ୍ନାଥ ମନ୍ଦିର ଓ ବିଗ୍ରହ ପ୍ରତିଷ୍ଠା ଉତ୍ସବ ଉଦ୍‌ଯାପିତ ହୋଇଯାଇଛି। ଗତ ୧୯ତାରିଖଠାରୁ ଆରମ୍ଭ ହୋଇଥିବା ୬ ଦିନଧରି କାର୍ଯ୍ୟକ୍ରମର ବିଭିନ୍ନ ଦିବସରେ ରୀତିନୀତି ଅନୁଯାୟୀ ଅନୁଷ୍ଠିତ ହୋଇଥିଲା। ଅନ୍ତିମ ଦିବସରେ ନୂତନ ମନ୍ଦିରର ସଂସ୍କାର ସହ ବିଗ୍ରହ ପ୍ରବେଶ ହୋଇଥିଲା। ମୁଖ୍ୟ ପଣ୍ଡିତ ଅଚ୍ୟୁତାନନ୍ଦ ହୋତା, ଅମୃତଲାଲ ହୋତା, ବିଜୟ ହୋତା, ଦାଶରଥି ହୋତା, ଶଚିପତି ହୋତାଙ୍କ ପୂଜାପାଠରେ ମୁଖ୍ୟକର୍ତ୍ତା ଗାଁର ଗୌନ୍ତିଆ ବଳଦେବ ସାହୁ(ରାଜା)ଙ୍କ ସହ ସ୍ତ୍ରୀ ଚୁମକି ସାହୁ, ଜୟକୁମାର ସାହୁଙ୍କ ସହ ସ୍ତ୍ରୀ ପ୍ରେମଶିଳା ସାହୁ, କିଶୋର ପଧାନଙ୍କ ସହ ସ୍ତ୍ରୀ ପୂର୍ଣ୍ଣିମା ପଧାନ, ଅରବିନ୍ଦ ପଣ୍ଡାଙ୍କ ସହ ସ୍ତ୍ରୀ ଲୀପ୍‌ସାମୟୀ ପଣ୍ଡା, କୁମୁଦ ଦାଶ ସହ ସ୍ତ୍ରୀ ସୁଜାତା ଦାଶ, ଉମେଶ ବଢେଇ ସହ ସ୍ତ୍ରୀ ଅନସୂୟା ବଢେଇ, କୃତ୍ତିବାସ ସ୍ୱାଇଁ ସହ ସ୍ତ୍ରୀ ଆରତି ସ୍ୱାଇଁ ପ୍ରମୁଖ କର୍ତ୍ତା ଦାୟିତ୍ୱ ତୁଲାଇଥିଲେ। ଜଗନ୍ନାଥ ଦଧିବାମନ ରୂପେ ପୂଜା ପାଇ ଆସୁଥିବା ବେଳେ ଆଜି ନୂତନ ମନ୍ଦିର ପ୍ରବେଶ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଉଦ୍‌ଯାପନୀ ଦିନ ପଣ୍ଡିତମାନଙ୍କ ପୂଜାପାଠରେ ସୂର୍ଯ୍ୟପୂଜା, ପ୍ରାସାଦ, ଦେବାଳୟ, ସିଂହାସନ ପ୍ରତିଷ୍ଠା, ବ୍ରହ୍ମଶିଳା ସ୍ଥାପନ, ଧ୍ୱଜା ଉତ୍ତୋଳନ ଆଦି କାର୍ଯ୍ୟକ୍ରମ ସମାପନ ହୋଇଥିବା ବେଳେ ନାମଯଜ୍ଞ ଶେଷ ହୋଇଥିଲା ଏବଂ ଦଧିହାଣ୍ଡି ଭଙ୍ଗା ଯାଇଥିଲା। ପ୍ରତ୍ୟହ ପାରାୟଣ ଗାୟିକା ଜ୍ୟୋସ୍ନାମୟୀ ଦିକ୍ଷିତ ପାରାୟଣ ଗାନ କରିଥିଲେ ଏବଂ ଅନୁଷ୍ଠିତ ରାବଣ ଦରବାରରେ ଓଡିଶାର ତଥା ପଶ୍ଚିମ ଓଡିଶାର ପ୍ରସିଦ୍ଧ ସାଂସ୍କୃତିକ ଦଳ ମାଁ ଅମ୍ବିକା କଳାପରିଷଦ ଓ ମାଁ ସମଲେଶ୍ୱରୀ ଡୁଲିଆଖୁଷା କଳାପରିଷଦ ବରଗଡ, ସମ୍ବଲପୁର ମାଟିର କଳାକାର ଉମା ଅର୍କେଷ୍ଟ୍ରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ସାମାଜିକ କର୍ମୀ ଅନୁଷ୍ଠାନ ନିଷ୍ଠା ପରିବାର ବରଗଡ ତରଫରୁ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇ ୩୬ ୟୁନିଟ ରକ୍ତ ସଂଗୃହୀତ ହୋଇଥିଲା। ରାବଣ ଦରବାରର ଉଦ୍‌ଯାପନୀ ଉତ୍ସବରେ ଉପଦେଷ୍ଟା କମିଟିର ସଦସ୍ୟ ଚନ୍ଦ୍ରମଣି ସାହୁଙ୍କ ସଭାପତିତ୍ୱରେ ମୁଖ୍ୟଅତିଥି ଭାବେ ବରଗଡ ଏମ୍‌ପି ପ୍ରଦୀପ ପୁରୋହିତ, ମେଲଛାମୁଣ୍ଡା ପୂର୍ବତନ ବିଧାୟକ ରଫିକ ମହମ୍ମଦ, ଆଦିବାସୀ ଭାଜପା ନେତା ଗୋବର୍ଦ୍ଧନ ଭୋଇ,ପଦ୍ମପୁର ବିଧାୟିକା ବର୍ଷାସିଂ ବରିହା, ଗାଇସିଲଟ ବ୍ଲକ ଅଧ୍ୟକ୍ଷ ପ୍ରଣୟ ସାହୁ, ଜିଲାପରିଷଦ ସଭ୍ୟା ପୂର୍ଣ୍ଣିମା ରଣା, ପୂର୍ବତନ ସରପଞ୍ଚ ସିଦ୍ଧାର୍ଥ ମିଶ୍ର, ସହଦେବ ବିଶ୍ୱାଳ ପ୍ରମୁଖ ଯୋଗଦାନ କରିଥିଲେ।



ଛାତ୍ରୀଛାତ୍ରମାନେ ପରେଡ୍ ଅଭ୍ୟାସ କରୁଛନ୍ତି।

# କୋଶଳ ସ୍କୁଲ ଛାତ୍ରୀଛାତ୍ରଙ୍କ ପରେଡ୍ ଅଭ୍ୟାସ

**ସରଣ୍ଡା,୨୫ା୧(ଯୁଧିଷ୍ଠିର ମହାପାତ୍ର)**

ରବିବାର ଦେଶ ପାଳନ କରିବ ୭୬ତମ ସାଧାରଣତନ୍ତ୍ର ଦିବସ। ଏଥିପାଇଁ ପ୍ରସ୍ତୁତି ଜୋରଦାର ଚାଲିଛି। ଏହି ପ୍ରରିପ୍ରେକ୍ଷୀରେ ବରଗଡ଼ ଜିଲା ଅତାବିରାରେ ମଧ୍ୟ ବ୍ଲକସ୍ତରୀୟ ସାଧାରଣତନ୍ତ୍ର ଦିବସ ପାଳନ ପାଇଁ ବ୍ଲକ ପ୍ରଶାସନ ପକ୍ଷରୁ ଜୋରଦାର ପ୍ରସ୍ତୁତି କରାଯାଉଛି। ଶନିବାର ସକାଳେ ନୂଆଁ ଖଇରପାଲି ସ୍ଥିତ ଆବାସିକ ବିଦ୍ୟାଳୟ କୋଶଳ ସ୍କୁଲରେ ଛାତ୍ରୀଛାତ୍ରମାନେ ସମ୍ମିଳିତ ହୋଇ ସାମୂହିକ ପରେଡ ଅଭ୍ୟାସ କରିଛନ୍ତି। କୋଶଳ ସ୍କୁଲର ଛାତ୍ରୀଛାତ୍ରଙ୍କୁ ନେଇ ଚାରିଟି ବିଭାଗ କରାଯାଇଛି। ସମସ୍ତଙ୍କ ପରେଡ ନିୟନ୍ତ୍ରଣ ପାଇଁ ଜଣେ ମୁଖ୍ୟ କ୍ୟାପଟନ ରହିଛନ୍ତି। ଚାରିଟି ବିଭାଗରେ ଜଣେ ଜଣେ କ୍ୟାପ୍‌ଟେନ ରହି ନିଜ ନିଜ ଗ୍ରୁପର ଛାତ୍ରୀଛାତ୍ରମାନଙ୍କୁ ସାଧାରଣତନ୍ତ୍ର ଦିବସରେ କିଭଳି ନିଜର କୃତିତ୍ୱ ପ୍ରତିପାଦନ କରିବେ ସେ ନେଇ ବ୍ୟାପକ ପ୍ରସ୍ତୁତି କରିଛନ୍ତି। ଏଥିରେ ସ୍କୁଲ କ୍ରୀଡ଼ା ଶିକ୍ଷକ ବିଶ୍ୱଜିତ ବେହେରା ଓ ଶ୍ରବଣ ସାହୁଙ୍କ ସମେତ ଅଧ୍ୟକ୍ଷ ରବୀନ୍ଦ୍ର ନାଥ ବେହେରା, ନିର୍ଦ୍ଦେଶିକା ନଳିନୀ ପଟ୍ଟନାୟକ, ଅତିରିକ୍ତ ନିର୍ଦ୍ଦେଶିକା ମଧୁ ପଟ୍ଟନାୟକ ପ୍ରମୁଖ ସହଯୋଗ କରିଥିଲେ।

### ଗଛରୁ ମହିଳାମାନଙ୍କ ଝୁଲନ୍ତା ମୃତଦେହ ଜବତ

**ଅମରପାଲି,୨୫ା୧(ପୀତାମ୍ବର ସାହୁ):** ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ଥାନା ଅନ୍ତର୍ଗତ ତେଲିପାଲି ଗ୍ରାମର ଏକ ନର୍ସରୀ ବାହାରେ ଥିବା ଏକ ମହୁଲ ଗଛରୁ ଜଣେ ବିବାହିତା ମହିଳାଙ୍କ ମୃତଦେହ ଝୁଲନ୍ତା ଅବସ୍ଥାରେରେ ଉଦ୍ଧାର କରାଯାଇଛି। ମୃତା ବାରଝୁଲା ଗ୍ରାମର ବିପିନ କୁଦାଇ ଙ୍କ ସ୍ତ୍ରୀ ଅଞ୍ଜଳି କୁଦଦାଇ (୨୬) ବୋଲି ଜଣାପଡିଛି। ଗ୍ରାମର କେତେକ ବ୍ୟକ୍ତି ମହିଳାଙ୍କ ମୃତଦେହ ଏକ ମହୁଲ ଗଛରେ ଏକ ଦଉଡିରେ ଝୁଲୁଥିବା ଦେଖିଥିଲେ। ପରେ ମହିଳା ଜନକଙ୍କ ପରିଚୟ ମିଳିଥିଲା। ପିତାମହୁଲ ଗ୍ରାମର ଅଖିଳ ନାଏକଙ୍କ ଝିଅ ଅଞ୍ଜଳି ୩ ବର୍ଷ ପୂର୍ବେ ବିବାହ କରିଥିଲେ। ତାଙ୍କର ୧୪ ମାସର ଏକ ଶିଶୁପୁତ୍ର ଅଛି। ତେବେ ମହିଳାଙ୍କ ମୃତ୍ୟୁ ଆତ୍ମହତ୍ୟା ନା ହତ୍ୟା ତାହା ସ୍ପଷ୍ଟ ଜଣାପଡିନାହିଁ। ପୋଲିସ ଘଟଣାସ୍ଥଳରେ ପହଞ୍ଚିଥିଲେ ମଧ୍ୟ ଖବର ଲେଖାଯିବା ପର୍ଯ୍ୟନ୍ତ ମୃତଦେହ ଉଦ୍ଧାର କରାଯାଇପାରିନାହିଁ। ମହିଳାଙ୍କ ବାପ ଘର ଲୋକେ ଆସିଲା ପରେ ମୃତଦେହ ବ୍ୟବଚ୍ଛେଦ ପାଇଁ ନିଆଯିବ ବୋଲି ବୀରମହାରାଜପୁର ଥାନା ଅଧିକାରୀ ଶୋଭକର ସେଠ କହିଛନ୍ତି।

### ବାର୍ଷିକ ଉତ୍ସବରେ ରଙ୍ଗୋଲୀ ପ୍ରତିଯୋଗିତା

**ବରପାଲି,୨୫ା୧(ଚିତ୍ତରଞ୍ଜନ ସାହୁ):** ବରପାଲିର ଅଗ୍ରଣୀ ସାଂସ୍କୃତିକ ଅନୁଷ୍ଠାନ ଶ୍ୟାମା ମ୍ୟୁଜିକାଲ୍ସର ବାର୍ଷିକ ଉତ୍ସବ ଅବସରରେ ଶନିବାର ରଙ୍ଗୋଲୀ ପ୍ରତିଯୋଗୀତା ଅନୁଷ୍ଠିତ ହୋଇଛି। କ୍ଲବ ପରିସରରେ ଅନୁଷ୍ଠିତ ଏହି ପ୍ରତିଯୋଗିତାରେ ବିଚାରକ ଭାବରେ ରମାକାନ୍ତ ତ୍ରିପାଠୀ, ସ୍ୱାଧୀନ ମହାରଣା, ବୀରେନ୍ଦ୍ର ବେହେରା ରହିଥିଲେ। ଅନୁଷ୍ଠାନର ବରିଷ୍ଠ ସଭ୍ୟ ପରମାନନ୍ଦ ସ୍ୱାଇଁ ବିଚାରକମାନଙ୍କୁ ସମ୍ମାନିତ କରିଥିଲେ। ଏଥିରେ କ୍ଲବର ସମ୍ପାଦକ ବାଲ କିଶୋର ଖାଡ଼ଙ୍ଗା, ଧୀରେନ ତ୍ରିପାଠୀ, ଜଗନ୍ନାଥ ସେଠ, ମୁକୁନ୍ଦ ମେହେର, ରମେଶ ରଣା ପ୍ରମୁଖ ଉପସ୍ଥିତ ଥିଲେ।

# ପଞ୍ଚଖଣ୍ଡା କ୍ରିକେଟ ଟୁର୍ନାମେଣ୍ଟ: ଅନ୍ଧାରି ଚାମ୍ପିୟନ

**ଅମରପାଲି,୨୫ା୧(ପୀତାମ୍ବର ସାହୁ)**



ଅତିଥିଙ୍କ ସହିତ ଚାମ୍ପିୟନ ଦଳର ଖେଳାଳିମାନେ।

**ଗୌତମ ମିର୍ଦ୍ଧା ମ୍ୟାନ ଅଫ ଫାଇନାଲ, ସିରିଜ**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ବହଳପଦର ପଞ୍ଚାୟତ ଅନ୍ତର୍ଗତ ଗୁଡୁଗୁଡା ଗ୍ରାମ ଖେଳ ପଡ଼ିଆରେ ଚାଲିଥିବା ପଞ୍ଚଖଣ୍ଡା କ୍ରିକେଟ ଟୁର୍ନାମେଣ୍ଟର ଫାଇନାଲ ଶନିବାର ସନ୍ଧ୍ୟା ୬ଟାରେ ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ମ୍ୟାଚରେ ଲୁଡୁରପଙ୍କକୁ ହରାଇ ଅନ୍ଧାରି (ସମ୍ବଲପୁର) ଦଳ ଚାମ୍ପିୟନ ହୋଇଛି। ଫାଇନାଲ ମ୍ୟାଚରେ ଅନ୍ଧାରୀ ଦଳ ଟସ୍ ଜିଣି ପ୍ରଥମେ ବ୍ୟାଟିଂ କରି ୮ ଓଭରରେ ୮ ଉଇକେଟ ହରାଇ ୧୦୦ ରନ କରିଥିଲା। ଜବାବରେ ଲୁଡୁରପଙ୍କ ଦଳ ନିର୍ଦ୍ଧାରିତ ଓଭରରେ ୭ ଉଇକେଟ ହରାଇ ୮୭ ରନ କରି ପରାସ୍ତ ହୋଇଥିଲା। ଫଳରେ ଅନ୍ଧାରି ଦଳ ବିଜୟୀ ହୋଇ ଚାମ୍ପିୟନ ହୋଇଛି। ପୀତାମ୍ବର ସାହୁଙ୍କ ସଂଯୋଜନାରେ ଅନୁଷ୍ଠିତ ପୁରସ୍କାର ବିତରଣ ଉତ୍ସବରେ ବହଳପଦର ସମିତି ସଭ୍ୟା ସୁଗନ୍ଧା ଘିବିଲା, ସରପଞ୍ଚ ପ୍ରତିନିଧି ଗୋପାଳ ସେଠୀ, ବହଳପଦର ସେବା ସମବାୟ ସମିତି ସମ୍ପାଦକ ପ୍ରଫୁଲ୍ଲ ଦନ୍ତା, ୱାର୍ଡସଭ୍ୟା ମାମିନା ପ୍ରଧାନ, କ୍ରୀଡାବିତ୍ ବିମ୍ବାଧର ସାହୁ, ଭାଜପା ନେତା ଅଶୋକ କୁମାର ସାହୁ, କୁଳମଣି ମିର୍ଦ୍ଧା ସମ୍ମାନୀତ ଅତିଥି ଭାବେ ଯୋଗ ଦେଇଥିଲେ। ଅନ୍ଧାରିର ଗୌତମ ମିର୍ଦ୍ଧାଙ୍କୁ ମ୍ୟାନ ଅଫ ଦି ଫାଇନାଲ ଓ ସିରିଜ ଭାବେ ପୁରସ୍କୃତ କରାଯାଇଥିଲା। ଏହା ସହିତ ଚାମ୍ପିୟନ ଅନ୍ଧାରି ଦଳକୁ ନଗଦ ୧୨ ହଜାର ଟଙ୍କା ସହିତ ଟ୍ରଫି ଏବଂ ଉପବିଜେତା ଲୁଡୁରପଙ୍କ ଦଳକୁ ନଗଦ ୭ ହଜାର ଟଙ୍କା ସହିତ ଟ୍ରଫି ଦେଇ ପୁରସ୍କୃତ କରାଯାଇଥିଲା। ଫାଇନାଲ ମ୍ୟାଚକୁ ଶ୍ରୀତମ ପ୍ରଧାନ ଓ ବବଲୁ ମିର୍ଦ୍ଧା ଅମ୍ପେୟାର ଭାବେ ପରିଚାଳନା କରିଥିଲେ। ନିତମ ରଞ୍ଜନ ପ୍ରଧାନ ସ୍କୋରିଂ, ଅଂଶୁମାନ ପ୍ରଧାନ ଅନ ଲାଇନ ସ୍କୋରିଂ ଏବଂ ଗୋବିନ୍ଦ ମିର୍ଦ୍ଧା ଧାରା ବିବରଣୀ ପ୍ରଦାନ କରିଥିଲେ।

# ତୃତୀୟ ଗ୍ୟାଲେକ୍ସି ବ୍ୟାଡ଼ମିଣ୍ଟନ ଟୁର୍ନାମେଣ୍ଟ



ଗ୍ୟାଲେକ୍ସି ବ୍ୟାଡମିଣ୍ଟନ ଟୁର୍ନାମେଣ୍ଟକୁ ଉଦ୍‌ଘାଟନ କରାଯାଉଛି।

**ଅମରପାଲି,୨୫ା୧(ପୀତାମ୍ବର ସାହୁ)**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁରଠାରେ ଗ୍ୟାଲେକ୍ସି ବ୍ୟାଡମିଣ୍ଟନ ଟିମ ଆୟୋଜନରେ ତୃତୀୟ ଗ୍ୟାଲେକ୍ସି ଦୁଇଦିବସୀୟ ବ୍ୟାଡମିଣ୍ଟନ ଟୁର୍ନାମେଣ୍ଟ ଶନିବାର ରାତ୍ରୀ ୮ଟା ୩୦ରେ ଉଦ୍‌ଘାଟିତ ହୋଇଯାଇଛି। ବୀରମହାରାଜପୁର ବ୍ଲକ ଅଧ୍ୟକ୍ଷା ଶାନ୍ତି ଲୁହା ମୁଖ୍ୟ ଅତିଥି, ଜିଲା ପରିଷଦ ସଭ୍ୟ ଲବ କୁମାର ସାହୁ , ଓକିଲ ସଂଘ ସଭାପତି ରାଧାକାନ୍ତ ମହାକୁର ଓ ଚମ୍ପାମାଳ ସରପଞ୍ଚ ମହେନ୍ଦ୍ର ଜଗଦଳା ସମ୍ମାନିତ ଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ଏହି ପ୍ରତିଯୋଗିତାରେ ବଲାଙ୍ଗୀର, ବୌଦ୍ଧ, ସୁବର୍ଣ୍ଣପୁର ଓ ସମ୍ବଲପୁର ଜିଲାର ୩୪ ଗୋଟି ବ୍ୟାଡମିଣ୍ଟନ ଟିମ୍ ଅଂଶଗ୍ରହଣ କରିଛନ୍ତି । ଗ୍ୟାଲେକ୍ସି ଟିମ ସଭାପତି ଜଗନ୍ନାଥ ମେହେର ଓ ସମ୍ପାଦକ ଜଗନ୍ନାଥ ମେହେର, ସଭ୍ୟ ରାଧାକାନ୍ତ ବାଘ, ଛବିଳ କର୍ଣ୍ଣ, ସତ୍ୟବ୍ରତ ପ୍ରଧାନ, ପ୍ରକାଶ ପାତ୍ର, ପ୍ରିୟବ୍ରତ ଜଗଦଳା, ବୃଶକେତୁ ମେହେର, ରମାକାନ୍ତ ମେହେର, ମନୋଜ ଝଙ୍କାର, ମାନସ ମହାକୁର, ଦେବାଶିଷ ପାଣିଗ୍ରାହୀ ସହଯୋଗ କରିଛନ୍ତି।

# ଭୁବନେଶ୍ୱରକୁ ହରାଇ ସେମିରେ ତାଳଚେର

**ପଦ୍ମପୁର, ୨୫ା୧(ପ୍ରଦୀପ୍ତ ଦାଶ)**

**ଗୋଲ୍ଡେନ ଷ୍ଟାର କ୍ରିକେଟ କପ୍**

ପଦ୍ମପୁର ନିକଟସ୍ଥ ଖଇରପାଲି ହାଇସ୍କୁଲ ପଡ଼ିଆଠାରେ ଜେ.ଏସ୍.ସି.ସି. ଦ୍ୱାରା ଆୟୋଜିତ ୧୨ତମ ସର୍ବଭାରତୀୟ ଗୋଲ୍ଡେନ ଷ୍ଟାର କ୍ରିକେଟ କପ୍‌ର ଚତୁର୍ଥ ଦିନ ଖେଳରେ ୪ଟି ଦଳ ଭାଗ ନେଇଥିଲେ। କ୍ୱାର୍ଟର ଫାଇନାଲ ମ୍ୟାଚ୍‌ରେ ଭୁବନେଶ୍ୱରକୁ ହରାଇ ତାଳଚେର ସେମିଫାଇନାଲରେ ପ୍ରବେଶ କରିଛି। ପୁରସ୍କାର ବିତରଣୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ପଦ୍ମପୁର ଅଗ୍ନିଶମ ବିଭାଗ ଓଆଇସି ବେଦବ୍ୟାସ ପିଙ୍ଗ ଓ ସମ୍ମାନିତ ଅତିଥି ଭାବରେ ଆଇନଜୀବୀ ବିକାଶ ପଟେଲ ଯୋଗଦେଇ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ଭାବରେ ତାଳଚେର ଦଳର ହିମାଂଶୁ ଶେଖର ଧଳଙ୍କୁ ପୁରସ୍କୃତ କରିଥିଲେ। ଜାନୁଆରୀ ୨୬ ତାରିଖ ଦିନ ଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହେବ। ଚତୁର୍ଥ ଦିନର ମ୍ୟାଚ୍‌କୁ ଅମ୍ପାୟର ଦିଲୀପ, ସନମ, ଝସକେତନ, ସୁଜିତ ଏବଂ ହନୁ ଅଗ୍ରୱାଲ ପରିଚାଳନା କରିଥିବା ବେଳେ ସ୍କୋରର ସୁନୀଲ ଓ ବୁଦ୍ଧଦେବ ମହାରଣା, ମିଟୁ, ଆନନ୍ଦ, ସୁନୀଲ ଧାରା ବିବରଣୀ ପ୍ରଦାନ କରିଥିଲେ। ସାନ୍ଟୁ, ଚନ୍ଦନ, ଗୋକୁଳ, ଉମେଶ, ଆକାଶ, ସୁଜିତ, ବିକାଶ, ଅର୍ଜୁନ, ସନ୍ତୋଷ, ଦୟା, ରୋହନ, ସୁଶୀଲ, କ୍ୟାମେରାମ୍ୟାନ୍ ପପୁ, ଦେବା, ପ୍ରଦୀପ, ଯତିନ, ଜଗନ୍ନାଥ, ଉମେଶ, ପୁଷ୍ପାଳୟ ଓ ଅନ୍ୟ ସଦସ୍ୟମାନେ ସହଯୋଗ କରିଥିଲେ।




# ନୂଆ ଯୁବ ମତଦାତା ଦେଶର ଭବିଷ୍ୟତ

**ସୋନପୁର,୨୫ା୧(ମୃତ୍ୟୁଞ୍ଜୟ ଶତପଥୀ)**

ସୁବର୍ଣ୍ଣପୁର ନୂତନ ଟାଉନ ହଲରେ ଜିଲାସ୍ତରୀୟ ଜାତୀୟ ମତଦାତା ଦିବସ ଶନିବାର ପାଳିତ ହୋଇଯାଇଛି। ଜିଲାପାଳ ତଥା ଜିଲା ନିର୍ବାଚନ ଅଧିକାରୀ ଅନ୍ୟା ଦାସଙ୍କ ସଭାପତିତ୍ୱରେ ସଚେତନତା ସଭା ଅନୁଷ୍ଠିତ ହୋଇଥିଲା। ଅତିରିକ୍ତ ଜିଲାପାଳ ରାଜେନ୍ଦ୍ର ମାଝୀ, ଅଞ୍ଜଳିନା ପ୍ରଧାନ, ସୋନପୁର ଉପଜିଲାପାଳ ସୌମ୍ୟାରୁପା ରଥ ଓ ବୀରମହାରାଜପୁର ଉପଜିଲାପାଳ ଲଲାଟେନ୍ଦୁ ସି ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ସୋନପୁର ଉପଜିଲାପାଳ ଡ଼ ରଥ ଦିବସର ପାଳନର ତାତ୍ପର୍ଯ୍ୟ ସମ୍ବନ୍ଧରେ ଆଲୋଚନା କରିଥିଲେ। ଜିଲାପାଳ ଦାସ ସମସ୍ତ ମତଦାତାଙ୍କୁ ସଂକଳ୍ପ ପାଠ କରାଇଥିଲେ। ଯୁବ ନୂଆ ଭୋଟର ମାନେ ଦେଶର ଭବିଷ୍ୟତ ଏବଂ ସେମାନଙ୍କ ହାତରେ ଦେଶର ଗଣତନ୍ତ୍ର ସୁରକ୍ଷିତ ରହିବ ବୋଲି




ଦିବସ ପାଳନ ଅବସରରେ ଅତିଥିମାନେ।

**ସୁବର୍ଣ୍ଣପୁରରେ ଜାତୀୟ ମତଦାତା ଦିବସ ପାଳିତ**

ଜିଲାପାଳ ମତପ୍ରକାଶ କରିଥିଲେ। ନୂତନ ଯୁବ ମତଦାତାମାନଙ୍କୁ ପରିଚୟ ପତ୍ର ପ୍ରଦାନ କରାଯାଇଥିଲା। ଦିବସ ପାଳନ ଉପଲକ୍ଷେ ବିଦ୍ୟାଳୟସ୍ତରରେ ଆୟୋଜିତ ରଚନା, ତର୍କ, ଚିତ୍ରାଙ୍କନ ଓ କୁଇଜ ପ୍ରତିଯୋଗିତାର କୃତୀ ଛାତ୍ରୀଛାତ୍ରମାନଙ୍କୁ ପୁରସ୍କୃତ କରାଯାଇଥିଲା । ଭୋଟର ସଚେତନତା ଓ ଭୋଟର ପରିଚୟ ପ୍ରଦାନରେ ସଫଳତା ପାଇଁ ସୋନପୁର ଓ ବୀରମହାରାଜପୁର ନିର୍ବାଚନ ମଣ୍ଡଳୀର ଅଧିକାରୀ, କର୍ମଚାରୀ, ଶିକ୍ଷକ ଓ ଅଙ୍ଗନବାଡି କର୍ମୀମାନଙ୍କୁ ସମ୍ମାନିତ କରାଯାଇଥିଲା । କାର୍ଯ୍ୟକ୍ରମରେ ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଅଶିନି କୁମାର ଭୋଇ, ଜିଲା କ୍ରୀଡା ଅଧିକାରୀ ଚିତ୍ତରଞ୍ଜନ ମିଶ୍ର, ଜିଲା ପଞ୍ଚାୟତ ଅଧିକାରୀ ଅର୍ଜୁନ ମାଝୀ, ଜିଲା ସଂସ୍କୃତି ଅଧିକାରୀ ଯମୁନା ପ୍ରଧାନ, ଜୟଦ୍ରଥ ଜଗଦଲା ସହଯୋଗ କରିଥିଲେ। ବରିଷ୍ଠ ରାଜସ୍ୱ ସହାୟକ ନିଳାମ୍ବର ଶତପଥୀ ସଭାକୁ ସଂଯୋଜନା କରିଥିଲେ। ସକାଳେ ସୋନପୁର ଉପଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରୁ ଏକ ସଚେତନତା ରାଲି ବାହାରି ସହର ପରିକ୍ରମା କରିଥିଲା ।

## ସଂକ୍ଷେପରେ

### ଭୋଟ୍ ଦେବା ନାଗରିକଙ୍କ ଅଧିକାର

**ବରଗଡ଼,୨୫।୧(ପ୍ରେମାନନ୍ଦ ଖମାରୀ):** ବରଗଡ଼ ଜିଲା ଅମ୍ବାଭୋନା ବ୍ଲକ ଅନ୍ତର୍ଗତ ଭୁକ୍ତାସ୍ଥିତ ଜନତା ହାଇସ୍କୁଲରେ ଶନିବାର ଜାତୀୟ ମତଦାତା ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ଅନୁଷ୍ଠିତ ବୈଠକରେ ପ୍ରଧାନ ଶିକ୍ଷକ ଦୁର୍ଗାପ୍ରସାଦ ନାୟକ ଅଧ୍ୟକ୍ଷତା କରିଥିଲେ। ନାଗରିକମାନଙ୍କର ଭୋଟ୍ ଦେବା ଅଧିକାର ସମ୍ପର୍କରେ ସେ ଛାତ୍ରୀଛାତ୍ରଙ୍କୁ ଧାରଣା ଦେଇଥିଲେ। ନିର୍ବାଚନ ଭଳି ଗଣତନ୍ତ୍ରର ମହାନ ପର୍ବରେ ପ୍ରତ୍ୟେକ ନାଗରିକ ସାମିଲ ହେବା ଏବଂ ନିଜ ପସନ୍ଦର ନେତା ବାଛିବା ପାଇଁ ସଚେତନତା ସୃଷ୍ଟି କରିବାର ଆବଶ୍ୟକତା ରହିଛି ବୋଲି ସେ କହିଥିଲେ। ଶିକ୍ଷକ ଶ୍ରୀପତି ସାହୁ, ଈଶ୍ୱର ପ୍ରଧାନ ନାଗରିକମାନଙ୍କର ଭୋଟ୍‌ଦେବା ଅଧିକାର ସମ୍ପର୍କରେ ଛାତ୍ରୀଛାତ୍ରଙ୍କୁ ଅବଗତ କରାଇଥିଲେ। ଶିକ୍ଷକ ବୋଧରାମ ବିଶ୍ୱାଳ, ଜ୍ୟୋତିଶ୍ଚନ୍ଦ୍ର ପ୍ରଧାନ, ଆଶୁତୋଷ ଭୋଇ, ତେଜରାମ ସା, ସୁବାସ ଚନ୍ଦ୍ର ଖମାରୀ, ଅଙ୍କିତ ମହନ୍ତ, ପଦ୍ମଲୋଚନ ବିଶି ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଶିକ୍ଷୟିତ୍ରୀ ଅନୀତା ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।

### ମିନି ମାରାଥନ୍‌ରେ ୩୦୦ରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର

**ବରଗଡ଼,୨୫।୧(ପ୍ରେମାନନ୍ଦ ଖମାରୀ):** କିସ୍ ଏବଂ କିଟ୍ ପକ୍ଷରୁ ବରଗଡ଼ ସହରରେ ଶନିବାର ମିନି ମାରାଥନ୍ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଡଃ ଅଚ୍ୟୁତ ସାମନ୍ତଙ୍କ ଆହ୍ୱାନରେ ସମସ୍ତଙ୍କ ପାଇଁ ଶିକ୍ଷା ବାର୍ତ୍ତା ନେଇ ଅନୁଷ୍ଠିତ ଏହି ମିନି ମାରାଥନ୍ ସ୍ଥାନୀୟ ଲେଙ୍ଗୁ ମିଶ୍ର ଷ୍ଟେଡ଼ିୟମରୁ ବାହାରିଥିଲା। ବରଗଡ଼ ଉପଜିଲାପାଳ ପ୍ରସନ୍ନ କୁମାର ପାଣ୍ଡେ ଏହାର ଶୁଭାରମ୍ଭ କରିଥିଲେ। ମିନି ମାରାଥନ୍ ପାର୍ବତୀ ଗିରି ମହିଳା ମହାବିଦ୍ୟାଳୟ, ଏସପି ଅଫିସ ଛକ ଦେଇ ପୁଣି ମିନି ଷ୍ଟେଡ଼ିୟମକୁ ପହଞ୍ଚିଥିଲା। ଉକ୍ତ କାର୍ଯ୍ୟକ୍ରମରେ ସ୍ଥାନୀୟ ପାର୍ବତୀ ଗିରି ମହିଳା ମହାବିଦ୍ୟାଳୟ, ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ, ଟାଉନ ଉଚ୍ଚ ବିଦ୍ୟାଳୟ, ନିଶାମଣି ଉଚ୍ଚ ବିଦ୍ୟାଳୟ, ଜର୍ଜ ଉଚ୍ଚ ବିଦ୍ୟାଳୟ ଆଦି ଶିକ୍ଷାନୁଷ୍ଠାନର ୩୦୦ରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ଭାଗ ନେଇଥିଲେ। ଏହି ଅବସରରେ ମିନି ଷ୍ଟେଡ଼ିୟମରେ ଆୟୋଜିତ ସଭାରେ ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ଜ୍ୟୋତିକାନ୍ତ ସାହୁ, ଅବସରପ୍ରାପ୍ତ ଅଧ୍ୟାପକ ସନ୍ତୋଷ କୁମାର ପଣ୍ଡା, ଫୁଟବଲ ଆସୋସିଏଶନ ଅଫ ଓଡ଼ିଶା(ଫାଓ)ର ଉପସଭାପତି ରବି ନାରାୟଣ ପଣ୍ଡା, କିସ୍‌ର ବରଗଡ଼ ଜିଲା ସଂଯୋଜକ ନିକାଶ ଚନ୍ଦ୍ର ଷଡ଼ଙ୍ଗୀ ପ୍ରମୁଖ ଉପସ୍ଥିତ ଥିଲେ। ବରଗଡ଼ କିସ୍ ଅଭିଭାବକ ସଂଘର ସଭାପତି ତ୍ରିଲୋଚନ ଭୁଏ ସଭା ପରିଚାଳନା କରିଥଲେ। ମହେନ୍ଦ୍ର ସାହୁ, ମାନଭଞ୍ଜନ ମିର୍ଦ୍ଧା, ତିଲକରାମ ବରିହା, ରାଜକୁମାର ଭୁଏ, ଗିରିଧାରୀ ସେଠ, ନବୀନ ମାଝି, ବିଶ୍ୱଜିତ ପ୍ରଧାନ, ଯଶୋବନ୍ତ ସାହୁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। କିସ୍‌ର ଜିଲା ସଂଯୋଜକ ଷଡ଼ଙ୍ଗୀ ଧନ୍ୟବାଦ ଅର୍ପଣ କରିଥିଲେ।

### ଜାତୀୟ ମତଦାନ ଦିବସରେ ଶପଥ ପାଠ

**ବିନିକା, ୨୫।୧ (ରାମ ଗୋପାଳ ବାଘ):** ସୁବର୍ଣ୍ଣପୁର ଜିଲା ବିନିକା ସିଦ୍ଧାର୍ଥ କନିଷ୍ଠ ମହାବିଦ୍ୟାଳୟରେ ଶନିବାର ଅଧକ୍ଷା ଡ ରେଖା ପଧାନଙ୍କ ଅଧକ୍ଷତାରେ ଜାତୀୟ ମତଦାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ମୁଖ୍ୟ ଅତିଥିଭାବେ ଅଧ୍ୟାପକ ଝସକେତନ ମେହେର, ସମ୍ମାନୀତ ଅତିଥିଭାବେ ଅଧ୍ୟାପକ ସପ୍ତସାଗର ପଧାନ, ନାରାୟଣ ଚୌଧୁରୀ, ଗରିବ ସାଲମା, ବିଜୟ ସାହୁ ଯୋଗଦେଇ ଜାତୀୟ ମତଦାନର ନିଜ ଅଧିକାର ବିଷୟରେ ବୁଝାଇ ଛାତ୍ରୀଛାତ୍ର, କର୍ମଚାରୀଙ୍କୁ ଶପଥ ପାଠ କରାଇଥିଲେ। ଅଧ୍ୟାପକ ଧନେଶ୍ୱର ସାହୁ ମଞ୍ଚ ପରିଚାଳନା କରିଥିବାବେଳେ ଡ ନୀଳମାଧ ଛତ୍ର ଧନ୍ୟବାଦ ଅର୍ପଣ କରିଥିଲେ।

### ଶୌଚାଳୟ ସଫେଇ କରୁଛନ୍ତି ଛାତ୍ରୀ

**ବିନିକା, ୨୫।୧ (ରାମ ଗୋପାଳ ବାଘ):** ସୁବର୍ଣ୍ଣପୁର ଜିଲା ବିନିକା ଗୋଷ୍ଠୀ ଶିକ୍ଷା ଅଧୀନ ଏକ ପ୍ରାଥମିକ ବିଦ୍ୟାଳୟରେ ଛାତ୍ରୀମାନେ ଶୌଚାଳୟ ସଫେଇ କରିବା ଦୃଶ୍ୟ ସୋସିଆଲ ମିଡ଼ିଆରେ ଭାଇରାଲ ହୋଇଛି। ବେଟି ପଢାଅ, ବେଟି ବଚାଅ ଯୋଜନାରେ ଆଗକୁ ବଢ଼ିବା ପାଇଁ ସରକାର ପ୍ରଚାର କରୁଥିବା ବେଳେ ଏଭଳି ଘଟଣା ଏଠାରେ ଆଲୋଡନ ସୃଷ୍ଟି କରିଛି। ଶନିବାର ଗୋଷ୍ଠୀ ଶିକ୍ଷା ଅଧିକାରୀ ଲକ୍ଷଣ କୁମାର ମିଶ୍ରଙ୍କୁ ଏ ନେଇ ପଚାରିବାରୁ ଘଟଣାର ତଦନ୍ତ କରାଯିବ। ସତ୍ୟ ହୋଇଥିଲେ କଠୋର କାର୍ଯ୍ୟାନୁଷ୍ଠାନ ନିଆଯିବ କହିଥିଲେ।



ଅତିଥିମାନେ ସବୁଜ ପତାକା ଦେଖାଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରୁଛନ୍ତି।

# ଆହତଙ୍କୁ ଡାକ୍ତରଖାନା ପହଞ୍ଚାଇବା ସୁନାଗରିକଙ୍କ କର୍ତ୍ତବ୍ୟ

**ବଡ଼ଗାଁ,୨୫।୧(ଅଶୋକ ଷଡ଼ଙ୍ଗୀ)**

ସୁନ୍ଦରଗଡ଼ ଜିଲା ବଡ଼ଗାଁସ୍ଥିତ ଦୁର୍ଗାମଣ୍ଡପଠାରେ ଶନିବାର ପୂର୍ବାହ୍ନରେ ଆଞ୍ଚଳିକ ପରିବହନ ବିଭାଗ ପକ୍ଷରୁ ସଡ଼କ ସୁରକ୍ଷା ମାସ ପାଳନ କରାଯାଇଛି। ଆୟୋଜିତ ଉକ୍ତ କାର୍ଯ୍ୟକ୍ରମରେ ସୁନ୍ଦରଗଡ ଆରଟିଓ ପର୍ଶୁରାମ ସାହୁ ଯୋଗଦେଇ ସଡ଼କ ସୁରକ୍ଷା ନିୟମ ପାଳନ କରିବାକୁ ଅନୁରୋଧ କରିବା ସହିତ ଦୁର୍ଘଟଣାରେ ଆହତଙ୍କୁ ଡାକ୍ତରଖାନା ପଠାଇବା ସୁନାଗରିକଙ୍କ କର୍ତ୍ତବ୍ୟ ବୋଲି କହିଥିଲେ। ଏହାସହିତ ଦୁର୍ଘଟଣା ହେଲେ ୧୧୨ ନମ୍ବରରେ ସହାୟତା ମାଗିବାକୁ ପରାମର୍ଶ ଦେଇଥିଲେ। ଏହି ସଡ଼କ ସୁରକ୍ଷା ମାସ ପାଳନ କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅନ୍ୟତମ ଅତିଥି ବଡ଼ଗାଁ ନର୍ସିଂ କଲେଜର ଅଧ୍ୟକ୍ଷ ଡ. ଅରୁଣ କୁମାର ନାୟକ ତାଙ୍କ ବକ୍ତବ୍ୟରେ କହିଥିଲେ, ସଡ଼କ ସୁରକ୍ଷା ନିୟମ ସମ୍ବନ୍ଧରେ ସମସ୍ତେ ଜ୍ଞାତ ଥିଲେ ମଧ୍ୟ ପାଳନ କରୁ ନ ଥିବା ଦୁଃଖର ବିଷୟ। ସମସ୍ତେ ସଡ଼କ ସୁରକ୍ଷା ନିୟମ ପାଳନ କରିବାକୁ ସେ ବୁଝାଇଥିଲେ। ବଡ଼ଗାଁ ଥାନା ଆଇଆଇସି ଆଶିଷ କୁମାର ଜେନା ସଡ଼କ ସୁରକ୍ଷା ଜୀବନ ରକ୍ଷା ବୋଲି କହିବା ସହିତ ଦୁର୍ଘଟଣା ଏଡାଇବା ପାଇଁ ଦ୍ରୁତ ଗତିରେ ନ ଯିବା ଓ ଟ୍ରାଫିକ ନିୟମ ପାଳନ କରିବା ଉପରେ ଆଲୋଚନା କରିଥିଲେ। ଟିଆଇ ମୁକେଶ କୁମାର ମିଶ୍ର ସମ୍ମାନିତ ଅତିଥିଭାବେ ଏହି କାର୍ଯ୍ୟକ୍ରମରେ ଯୋଗଦେଇ ସଡ଼କ ସୁରକ୍ଷା ଉପରେ ବୁଝାଇଥିଲେ। ସଡ଼କ ସୁରକ୍ଷା ମାସ ପାଳନ କାର୍ଯ୍ୟକ୍ରମରେ ବଡ଼ଗାଁ ଶିଳ୍ପ ତାଲିମ କେନ୍ଦ୍ର, ଉଚ୍ଚ ବିଦ୍ୟାଳୟ ଓ ବାଳିକା ଉଚ୍ଚ ବିଦ୍ୟାଳୟର ଛାତ୍ରୀଛାତ୍ରମାନେ ଅଂଶଗ୍ରହଣ କରିଥିଲେ। ଅତିଥି ଓ ଛାତ୍ରୀଛାତ୍ରମାନେ ପୂର୍ବାହ୍ନ ୧୧ଟାରେ ଦୁର୍ଗା ମଣ୍ଡପଠାରେ ସମବେତ ହେଲାପରେ ସଚେତନତା ଶୋଭାଯାତ୍ରାରେ ଗ୍ରାମ ପରିକ୍ରମା କରିଥିଲେ। ବଡ଼ଗାଁ ଶିଳ୍ପ ତାଲିମ କେନ୍ଦ୍ର ଓ ଶ୍ୟାମ ପଲ୍ୟୁସନର ସହଯୋଗରେ ସଡକ ସୁରକ୍ଷା ମାସ ପାଳନ କରାଯାଇଥିଲା। ଶ୍ୟାମ ପଲ୍ୟୁସନର ପ୍ରୋପ୍ରାଇଟର ସଞ୍ଜୀବ ଚକ୍ରବର୍ତ୍ତୀ, ସୁନ୍ଦରଗଡ ଆଞ୍ଚଳିକ ପରିବହନ ବିଭାଗର କର୍ମଚାରୀ ଦେବେନ୍ଦ୍ର ଖର୍ସେଲ, ଆକାଶ ପଟେଲ, ବଡ଼ଗାଁ ଥାନା ସବ୍ ଇନ୍ସପେକ୍ଟର ଖଗେଶ୍ୱର ବିଶାଳ, ଏଏସ୍ଆଇ ଅରୂପାନନ୍ଦ ଦାସ, ଶ୍ରୀକାନ୍ତ ପଣ୍ଡା, ଉମାକାନ୍ତ ନାଏକ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ଶ୍ରୀଜଗନ୍ନାଥ ମନ୍ଦିର ପ୍ରତିଷ୍ଠା ଉତ୍ସବ ଉଦ୍‌ଯାପିତ

**ପଦ୍ମପୁର,୨୫।୧ (ପ୍ରଦୀପ୍ତ ଦାଶ)**

ପଦ୍ମପୁର ଅନ୍ତର୍ଗତ ଟାଲରେ ନବ ନିର୍ମିତ ଶ୍ରୀଜଗନ୍ନାଥ ମନ୍ଦିର ଓ ବିଗ୍ରହ ପ୍ରତିଷ୍ଠା ଉତ୍ସବ ଉଦ୍‌ଯାପିତ ହୋଇଯାଇଛି। ଗତ ୧୯ତାରିଖଠାରୁ ଆରମ୍ଭ ହୋଇଥିବା ୭ ଦିନଧରି କାର୍ଯ୍ୟକ୍ରମର ବିଭିନ୍ନ ଦିବସରେ ରୀତିନୀତି ଅନୁଯାୟୀ ଅନୁଷ୍ଠିତ ହୋଇଥିଲା। ଅନ୍ତିମ ଦିବସରେ ନୂତନ ମନ୍ଦିରର ସଂସ୍କାର ସହ ବିଗ୍ରହ ପ୍ରବେଶ ହୋଇଥିଲା। ମୁଖ୍ୟ ପଣ୍ଡିତ ଅଚ୍ୟୁତାନନ୍ଦ ହୋତା, ଅମୃତଲାଲ ହୋତା, ବିଜୟ ହୋତା, ଦାଶରଥି ହୋତା, ଶଚିପତି ହୋତାଙ୍କ ପୂଜାପାଠରେ ମୁଖ୍ୟକର୍ତ୍ତା ଗାଁର ଗୌନ୍ତିଆ ବଳଦେବ ସାହୁ(ରାଜା)ଙ୍କ ସହ ସ୍ତ୍ରୀ ଚୁମକି ସାହୁ, ଜୟକୁମାର ସାହୁଙ୍କ ସହ ସ୍ତ୍ରୀ ପ୍ରେମଶିଳା ସାହୁ, କିଶୋର ପଧାନଙ୍କ ସହ ସ୍ତ୍ରୀ ପୂର୍ଣ୍ଣିମା ପଧାନ, ଅରବିନ୍ଦ ପଣ୍ଡାଙ୍କ ସହ ସ୍ତ୍ରୀ ଲୀପ୍‌ସାମୟୀ ପଣ୍ଡା, କୁମୁଦ ଦାଶ ସହ ସ୍ତ୍ରୀ ସୁଜାତା ଦାଶ, ଉମେଶ ବଢେଇ ସହ ସ୍ତ୍ରୀ ଅନସୂୟା ବଢେଇ, କୃତ୍ତିବାସ ସ୍ୱାଇଁ ସହ ସ୍ତ୍ରୀ ଆରତି ସ୍ୱାଇଁ ପ୍ରମୁଖ କର୍ତ୍ତା ଦାୟିତ୍ୱ ତୁଲାଇଥିଲେ। ଜଗନ୍ନାଥ ଦଧିବାମନ ରୂପେ ପୂଜା ପାଇ ଆସୁଥିବା ବେଳେ ଆଜି ନୂତନ ମନ୍ଦିର ପ୍ରବେଶ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଉଦ୍‌ଯାପନୀ ଦିନ ପଣ୍ଡିତମାନଙ୍କ ପୂଜାପାଠରେ ସୂର୍ଯ୍ୟପୂଜା, ପ୍ରାସାଦ, ଦେବାଳୟ, ସିଂହାସନ ପ୍ରତିଷ୍ଠା, ବ୍ରହ୍ମଶିଳା ସ୍ଥାପନ, ଧ୍ୱଜା ଉତ୍ତୋଳନ ଆଦି କାର୍ଯ୍ୟକ୍ରମ ସମାପନ ହୋଇଥିବା ବେଳେ ନାମଯଜ୍ଞ ଶେଷ ହୋଇଥିଲା ଏବଂ ଦଧିହାଣ୍ଡି ଭଙ୍ଗା ଯାଇଥିଲା। ପ୍ରତ୍ୟହ ପାରାୟଣ ଗାୟିକା ଜ୍ୟୋସ୍ନାମୟୀ ଦିକ୍ଷିତ ପାରାୟଣ ଗାନ କରିଥିଲେ ଏବଂ ଅନୁଷ୍ଠିତ ରାବଣ ଦରବାରରେ ଓଡିଶାର ତଥା ପଶ୍ଚିମ ଓଡିଶାର ପ୍ରସିଦ୍ଧ ସାଂସ୍କୃତିକ ଦଳ ମାଁ ଅମ୍ବିକା କଳାପରିଷଦ ଓ ମାଁ ସମଲେଶ୍ୱରୀ ଢୁଲିଆଖୁଷା କଳାପରିଷଦ ବରଗଡ, ସମ୍ବଲପୁର ମାଟିର କଳାକାର ଉମା ଅର୍କେଷ୍ଟ୍ରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ସାମାଜିକ କର୍ମୀ ଅନୁଷ୍ଠାନ ନିଷ୍ଠା ପରିବାର ବରଗଡ ତରଫରୁ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇ ୩୬ ୟୁନିଟ ରକ୍ତ ସଂଗୃହୀତ ହୋଇଥିଲା। ରାବଣ ଦରବାରର ଉଦ୍‌ଯାପନୀ ଉତ୍ସବରେ ଉପଦେଷ୍ଟା କମିଟିର ସଦସ୍ୟ ଚନ୍ଦ୍ରମଣି ସାହୁଙ୍କ ସଭାପତିତ୍ୱରେ ମୁଖ୍ୟଅତିଥି ଭାବେ ବରଗଡ ଏମ୍ପି ପ୍ରଦୀପ ପୁରୋହିତ, ମେଲଛାମୁଣ୍ଡା ପୂର୍ବତନ ବିଧାୟକ ରଫିକ ମହମ୍ମଦ, ଆଦିବାସୀ ଭାଜପା ନେତା ଗୋବର୍ଦ୍ଧନ ଭୋଇ,ପଦ୍ମପୁର ବିଧାୟିକା ବର୍ଷାସିଂ ବରିହା, ଗାଇସିଲଟ ବ୍ଲକ ଅଧ୍ୟକ୍ଷ ପ୍ରଣୟ ସାହୁ, ଜିଲାପରିଷଦ ସଭ୍ୟା ପୂର୍ଣ୍ଣିମା ରଣା, ପୂର୍ବତନ ସରପଞ୍ଚ ସିଦ୍ଧାର୍ଥ ମିଶ୍ର, ସହଦେବ ବିଶ୍ୱାଳ ପ୍ରମୁଖ ଯୋଗଦାନ କରିଥିଲେ।

# ଆତ୍ମସୁରକ୍ଷା ତାଲିମ ଶିବିର ଉଦ୍‌ଯାପିତ



**ପାଇକମାଳ, ୨୫।୧(ବଡ଼ ଶତପଥୀ)**

**୨୦୦ ଛାତ୍ରୀଙ୍କ ଅଂଶଗ୍ରହଣ**

ବରଗଡ଼ ଜିଲା ପାଇକମାଳସ୍ଥିତ ବିନ୍ଧ୍ୟବାସିନୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ୭ ଦିନ ବ୍ୟାପୀ ଚାଲିଥିବା ଛାତ୍ରୀମାନଙ୍କ ଆତ୍ମସୁରକ୍ଷା ତାଲିମ ଶିବିର ଶନିବାର ଉଦ୍‌ଯାପିତ ହୋଇଯାଇଛି। ଏଥିରେ ଅଧ୍ୟକ୍ଷ ଶ୍ୟାମଲାଲ୍ ପ୍ରଧାନ ସଭାପତିତ୍ୱ କରିଥିଲେ। ଛାତ୍ରୀମାନେ କିପରି ନିଜର ଆତ୍ମସୁରକ୍ଷା କରିବା ସହିତ ଆଧୁନିକ ସୁରକ୍ଷା କୌଶଳ ଶିକ୍ଷା କରିବେ ସେ ଉପରେ ଆଲୋକପାତ କରି ପ୍ରମାଣପତ୍ର ପ୍ରଦାନ କରିଥିଲେ। ଏଥିରେ ୨୦୦ ଛାତ୍ରୀ ଅଂଶଗ୍ରହଣ କରିଥିଲେ। ମାଷ୍ଟର ଟ୍ରେନର ଭାବରେ ନନ୍ଦିନୀ ରାଉତ, ନମ୍ରତା ତାଣ୍ଡି, ଦୀପାଞ୍ଜଳି ଦୀପ ଯୋଗଦେଇଥିଲେ। ଅନୁଷ୍ଠାନର ସମସ୍ତ ଅଧ୍ୟାପିକା, ଅଧ୍ୟାପକ, କର୍ମଚାରୀ ସହଯୋଗ କରିଥିଲେ।

# ଗିରିଶ ସାହୁ ଭାଜପା ସୁନ୍ଦରଗଡ ସାଙ୍ଗଠନିକ ଜିଲାର ନୂତନ ସଭାପତି

**ସଭାପତି,ରାଜ୍ୟ ପରିଷଦଙ୍କ ନାମ ଘୋଷଣା**

**ସୁନ୍ଦରଗଡ଼,୨୫।୧(ଜୟ ନାରାୟଣ ମେଣ୍ଡୁଲି)**



ଭାରତୀୟ ଜନତା ପାର୍ଟି ସୁନ୍ଦରଗଡ଼ ସାଙ୍ଗଠନିକ ଜିଲା ପକ୍ଷରୁ ଶନିବାର ଭୋଜପୁର ସ୍ଥିତ ଭାଜପା ଜିଲା କାର୍ଯ୍ୟାଳୟଠାରେ ସଙ୍ଗଠନ ପର୍ ୨୦୨୫ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଭାଜପା ଜିଲା ନିର୍ବାଚନ ଅଧିକାରୀ ଦିନେଶ ଜୈନଙ୍କ ଉପସ୍ଥିତିରେ ସୁନ୍ଦରଗଡ଼ ସାଙ୍ଗଠନିକ ଜିଲାର ନୂତନ ଜିଲା ସଭାପତି ଗିରିଶ ଚନ୍ଦ୍ର ସାହୁଙ୍କ ନାମ ଘୋଷଣା କରିଛନ୍ତି। ସଭାପତି ପଦ ଦୌଡରେ ଗିରିଶ ଚନ୍ଦ୍ର ସାହୁଙ୍କ ସମେତ ପୂର୍ବତନ ବିଧାୟିକା କୁସୁମ ଟେଟେ, ଯୋଶୋବନ୍ତ ନାଏକ, ନରସିଂହ ମିଞ୍ଜ ଥିଲେ। ହେଲେ ପରିଶେଷରେ ଗିରିଶ ଏହି ପଦ ହାତେଇବାରେ ସଫଳ ହୋଇଛନ୍ତି। ଏଥିସହ ରାଜ୍ୟ ପରିଷଦସଭ୍ୟ ଭାବରେ ଏସସି ବର୍ଗରୁ ସିମେଶ୍ୱର ଲରିଆ, ଓବିସି ବର୍ଗରୁ ଭବାନୀ ଶଙ୍କର ପଟେଲ, ସାଧାରଣ ବର୍ଗରୁ (ମହିଳା) ମଧୁସ୍ମିତା ରାଉତ, ଏସଟି ବର୍ଗରୁ ସୁଖଲାଲ ମୁଣ୍ଡା ଏବଂ ଜୁନାସ ଲୁଗୁନଙ୍କ ନାମ ନିର୍ବାଚନ ଅଧିକାରୀ ଜୈନ ଘୋଷଣା କରିଥିଲେ। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ଯୋଗଦେଇଥିବା ପଞ୍ଚାୟତିରାଜ ଓ ପାନୀୟ ଜଳ ଯୋଗାଣ ମନ୍ତ୍ରୀ ରବି ନାରାୟଣ ନାଏକ, ସମ୍ମାନିତ ଅତିଥି ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ବଟକିଶୋର ମିଶ୍ର, ନରସିଂହ ମିଞ୍ଜ, ଜିଲା କାର୍ଯ୍ୟକାରୀ ସଭାପତି ଯଶୋବନ୍ତ ନାଏକ, ରାଜ୍ୟ ଏସସି ମୋର୍ଚ୍ଚା କାର୍ଯ୍ୟକାରିଣୀ ସଦସ୍ୟ ଲଳିତ ମଗର, ସହ ନିର୍ବାଚନ ଅଧିକାରୀ ତଥା ଜିଲା ଉପସଭାପତି ସୁରେନ୍ଦ୍ର ଦେହୁରୀ ପ୍ରମୁଖ ଯୋଗଦେଇ ନବ ନିର୍ବାଚିତ ସଭାପତି ତଥା ସମସ୍ତ ସଦସ୍ୟଙ୍କୁ ପୁଷ୍ପଗୁଚ୍ଛ, ଉପଢୌକନ ଓ ଦଳୀୟ ଉତ୍ତରୀୟ ଦେଇ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ। ନବ ନିର୍ବାଚିତ ଜିଲା ସଭାପତି ଗିରିଶ ଚନ୍ଦ୍ର ସାହୁ ତାଙ୍କ ପ୍ରଥମ ଅଭିଭାଷଣରେ ମୁଖ୍ୟ ଅତିଥି, ସମ୍ମାନିତ ଅତିଥି, ଜିଲା ନିର୍ବାଚନ ସହ ନିର୍ବାଚନ ଅଧିକାରୀ ଏବଂ ଉପସ୍ଥିତ ସମସ୍ତ ନେତୃବୃନ୍ଦ କାର୍ଯ୍ୟକର୍ତ୍ତାଙ୍କୁ ଧନ୍ୟବାଦ ଦେଇଥିଲେ। ଦଳର ସଙ୍ଗଠନକୁ ଜିଲାର ସମସ୍ତ ୮୪୭ ବୁଥରେ ମଜବୁତ କରିବା ସହିତ ବୁଥର ପ୍ରତ୍ୟେକ କାର୍ଯ୍ୟକର୍ତ୍ତାଙ୍କ ସହଯୋଗରେ ସଙ୍ଗଠନକୁ ଆଗେଇ ନେବା ପାଇଁ ପ୍ରତିଶ୍ରୁତି ଦେଇଥିଲେ। ଡବଲ ଇଞ୍ଜିନ ସରକାରରେ ଲୋକ ମାନଙ୍କର ଆଶା ଓ ଆକାଂକ୍ଷାକୁ ନଜରେ ରଖି ପ୍ରତି ବୁଥରେ କିଭଳି ଉଭୟ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ବିଭିନ୍ନ ଗରିବ କଲ୍ୟାଣକାରୀ ଯୋଜନା ଯୋଗ୍ୟ ହିତାଧିକାରୀଙ୍କ ନିକଟରେ ପହଞ୍ଚିପାରିବ ସେହି ଦିଗରେ ଦୃଢ଼ତାର ସହିତ ପଦକ୍ଷେପ ନେବାକୁ ପଡ଼ିବ। ଆଗାମୀ ଦିନରେ ଦଳର ବିଭିନ୍ନ କାର୍ଯ୍ୟକ୍ରମକୁ ମଣ୍ଡଳ ସଭାପତି, ମଣ୍ଡଳ ପ୍ରତିନିଧି ଏବଂ ଶୀର୍ଷ ନେତୃମଣ୍ଡଳୀଙ୍କ ସହଯୋଗରେ ସମସ୍ତ ସାଙ୍ଗଠନିକ କାମକୁ ସୁଚାରୁରୂପେ ସମ୍ପାଦନା କରିବା ପାଇଁ ଅନୁରୋଧ କରିଥିଲେ। ଦୀର୍ଘ ୨୪ବର୍ଷ ସମୟରେ ବିଜୁ ଜନତା ଦଳ ସରକାରରେ ଯେଉଁ ବାବୁରାଜ ଚାଲୁଥିଲା ସେହି ବାବୁରାଜ ସୁନ୍ଦରଗଡ ଜିଲାରେ ହେବାକୁ ଦିଆଯିବନାହିଁ । ଗରିବ, ନିରାଶ୍ରୟ ଓ ଅସହାୟ ଲୋକମାନେ ନିଜର ହକ ନିଶ୍ଚୟ ପାଇବେ ଏବଂ ବିକଶିତ ଗାଁ ବିକଶିତ ଓଡ଼ିଶାରେ ପ୍ରତ୍ୟେକ ଗ୍ରାମର କାୟାକଳ୍ପ ବଦଳିବ। ଜିଲା ସହ ନିର୍ବାଚନ ଅଧିକାରୀ ରୂପେଶ ପଟେଲ ସଭା ପରିଚାଳନା କରିଥିବାବେଳେ ଜିଲା ସାଧାରଣ ସମ୍ପାଦକ ଅମୀର ନାଏକ ଧନ୍ୟବାଦ ଜ୍ଞାପନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଜିଲାର ସମସ୍ତ ମଣ୍ଡଳ ସଭାପତି ମଣ୍ଡଳ ପ୍ରତିନିଧି ଓ ଜିଲା ପଦାଧିକାରୀ ଉପସ୍ଥିତ ଥିଲେ।

# ଗଛରୁ ମହିଳାଙ୍କ ଝୁଲନ୍ତା ମୃତଦେହ ଜବତ

**ଅମରପାଲି,୨୫।୧(ପୀତାମ୍ବର ସାହୁ):** ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ଥାନା ଅନ୍ତର୍ଗତ ତେଲିପାଲି ଗ୍ରାମର ଏକ ନର୍ସରୀ ବାହାରେ ଥିବା ଏକ ମହୁଲ ଗଛରୁ ଜଣେ ବିବାହିତା ମହିଳାଙ୍କ ମୃତଦେହ ଝୁଲନ୍ତା ଅବସ୍ଥାରେରେ ଉଦ୍ଧାର କରାଯାଇଛି। ମୃତା ବାରଝୁଲା ଗ୍ରାମର ବିପିନ କୁଦାଇ ଙ୍କ ସ୍ତ୍ରୀ ଅଞ୍ଜଳି କୁଦଦାଇ (୨୬) ବୋଲି ଜଣାପଡିଛି। ଗ୍ରାମର କେତେକ ବ୍ୟକ୍ତି ମହିଳାଙ୍କ ମୃତଦେହ ଏକ ମହୁଲ ଗଛରେ ଏକ ଦଉଡିରେ ଝୁଲୁଥିବା ଦେଖିଥିଲେ। ପରେ ମହିଳା ଜନକଙ୍କ ପରିଚୟ ମିଳିଥିଲା। ପିତାମହୁଲ ଗ୍ରାମର ଅଖିଳ ନାଏକଙ୍କ ଝିଅ ଅଞ୍ଜଳି ୩ ବର୍ଷ ପୂର୍ବେ ବିବାହ କରିଥିଲେ। ତାଙ୍କର ୧୪ ମାସର ଏକ ଶିଶୁପୁତ୍ର ଅଛି। ତେବେ ମହିଳାଙ୍କ ମୃତ୍ୟୁ ଆତ୍ମହତ୍ୟା ନା ହତ୍ୟା ତାହା ସ୍ପଷ୍ଟ ଜଣାପଡିନାହିଁ। ପୋଲିସ ଘଟଣାସ୍ଥଳରେ ପହଞ୍ଚିଥିଲେ ମଧ ଖବର ଲେଖାଯିବା ପର୍ଯ୍ୟନ୍ତ ମୃତଦେହ ଉଦ୍ଧାର କରାଯାଇପାରିନାହିଁ। ମହିଳାଙ୍କ ବାପ ଘର ଲୋକେ ଆସିଲା ପରେ ମୃତଦେହ ବ୍ୟବଚ୍ଛେଦ ପାଇଁ ନିଆଯିବ ବୋଲି ବୀରମହାରାଜପୁର ଥାନା ଅଧିକାରୀ ଶୋଭକର ସେଠ କହିଛନ୍ତି।

# ତୃତୀୟ ଗ୍ୟାଲେକ୍ସି ବ୍ୟାଡ୍‌ମିଣ୍ଟନ ଟୁର୍ନାମେଣ୍ଟ



ଗ୍ୟାଲେକ୍ସି ବ୍ୟାଡମିଣ୍ଟନ ଟୁର୍ନାମେଣ୍ଟକୁ ଉଦ୍‌ଘାଟନ କରାଯାଉଛି।

**ଅମରପାଲି,୨୫।୧(ପୀତାମ୍ବର ସାହୁ)**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁରଠାରେ ଗ୍ୟାଲେକ୍ସି ବ୍ୟାଡମିଣ୍ଟନ ଟିମ ଆୟୋଜନରେ ତୃତୀୟ ଗ୍ୟାଲେକ୍ସି ଦୁଇଦିବସୀୟ ବ୍ୟାଡମିଣ୍ଟନ ଟୁର୍ନାମେଣ୍ଟ ଶନିବାର ରାତ୍ରୀ ୮ଟା ୩୦ରେ ଉଦ୍‌ଘାଟିତ ହୋଇଯାଇଛି। ବୀରମହାରାଜପୁର ବ୍ଲକ ଅଧ୍ୟକ୍ଷା ଶାନ୍ତି ଲୁହା ମୁଖ୍ୟ ଅତିଥି, ଜିଲା ପରିଷଦ ସଭ୍ୟ ଲବ କୁମାର ସାହୁ , ଓକିଲ ସଂଘ ସଭାପତି ରାଧାକାନ୍ତ ମହାକୁର ଓ ଚମ୍ପାମାଳ ସରପଞ୍ଚ ମହେନ୍ଦ୍ର ଜଗଦଲା ସମ୍ମାନିତ ଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ଏହି ପ୍ରତିଯୋଗିତାରେ ବଲାଙ୍ଗୀର, ବୌଦ୍ଧ, ସୁବର୍ଣ୍ଣପୁର ଓ ସମ୍ବଲପୁର ଜିଲାର ୩୪ ଗୋଟି ବ୍ୟାଡମିଣ୍ଟନ ଟିମ୍ ଅଂଶଗ୍ରହଣ କରିଛନ୍ତି । ଗ୍ୟାଲେକ୍ସି ଟିମ ସଭାପତି ଜଗନ୍ନାଥ ମେହେର ଓ ସମ୍ପାଦକ ଜଗନ୍ନାଥ ମେହେର, ସଭ୍ୟ ରାଧାକାନ୍ତ ବାଘ, ଛବିଳ କର୍ଣ୍ଣ, ସତ୍ୟବ୍ରତ ପ୍ରଧାନ, ପ୍ରକାଶ ପାତ୍ର, ପ୍ରିୟବ୍ରତ ଜଗଦଳା, ବୃଶକେତୁ ମେହେର, ରମାକାନ୍ତ ମେହେର, ମନୋଜ ଝଙ୍କାର, ମାନସ ମହାକୁର, ଦେବାଶିଷ ପାଣିଗ୍ରାହୀ ସହଯୋଗ କରିଛନ୍ତି।

# କୋଶଳ ସ୍କୁଲ ଛାତ୍ରୀଛାତ୍ରଙ୍କ ପରେଡ୍ ଅଭ୍ୟାସ

**ସରଣ୍ଡା,୨୫।୧(ଯୁଧିଷ୍ଠିର ମହାପାତ୍ର)**

ରବିବାର ଦେଶ ପାଳନ କରିବ ୭୬ତମ ସାଧାରଣତନ୍ତ୍ର ଦିବସ। ଏଥିପାଇଁ ପ୍ରସ୍ତୁତି ଜୋରଦାର ଚାଲିଛି। ଏହି ପ୍ରରିପ୍ରେକ୍ଷୀରେ ବରଗଡ଼ ଜିଲା ଅତାବିରାରେ ମଧ ବ୍ଲକସ୍ତରୀୟ ସାଧାରଣତନ୍ତ୍ର ଦିବସ ପାଳନ ପାଇଁ ବ୍ଲକ ପ୍ରଶାସନ ପକ୍ଷରୁ ଜୋରଦାର ପ୍ରସ୍ତୁତି କରାଯାଉଛି। ଶନିବାର ସକାଳେ ନୂଆଁ ଖଇରପାଲି ସ୍ଥିତ ଆବାସିକ ବିଦ୍ୟାଳୟ କୋଶଳ ସ୍କୁଲରେ ଛାତ୍ରୀଛାତ୍ରମାନେ ସମ୍ମିଳିତ ହୋଇ ସାମୂହିକ ପରେଡ ଅଭ୍ୟାସ କରିଛନ୍ତି। କୋଶଳ ସ୍କୁଲର ଛାତ୍ରୀଛାତ୍ରଙ୍କୁ ନେଇ ଚାରିଟି ବିଭାଗ କରାଯାଇଛି। ସମସ୍ତଙ୍କ ପରେଡ ନିୟନ୍ତ୍ରଣ ପାଇଁ ଜଣେ ମୁଖ୍ୟ କ୍ୟାପଟନ ରହିଛନ୍ତି। ଚାରିଟି ବିଭାଗରେ ଜଣେ ଜଣେ କ୍ୟାପ୍ଟେନ ରହି ନିଜ ନିଜ ଗ୍ରୁପର ଛାତ୍ରୀଛାତ୍ରମାନଙ୍କୁ ସାଧାରଣତନ୍ତ୍ର ଦିବସରେ କିଭଳି ନିଜର କୃତିତ୍ୱ ପ୍ରତିପାଦନ କରିବେ ସେ ନେଇ ବ୍ୟାପକ ପ୍ରସ୍ତୁତି କରିଛନ୍ତି । ଏଥିରେ ସ୍କୁଲ କ୍ରୀଡ଼ା ଶିକ୍ଷକ ବିଶ୍ୱଜିତ ବେହେରା ଓ ଅଧ୍ୟକ୍ଷ ରବୀନ୍ଦ୍ର ନାଥ ବେହେରା, ନିର୍ଦ୍ଦେଶିକା ନଳିନୀ ପଟ୍ଟନାୟକ, ଅତିରିକ୍ତ ନିର୍ଦ୍ଦେଶିକା ମଧୁ ପଟ୍ଟନାୟକ ପ୍ରମୁଖ ସହଯୋଗ କରିଥିଲେ।

# ଭୁବନେଶ୍ୱରକୁ ହରାଇ ସେମିରେ ତାଳଚେର

**ପଦ୍ମପୁର, ୨୫।୧(ପ୍ରଦୀପ୍ତ ଦାଶ)**

**ଗୋଲ୍ଡେନ ଷ୍ଟାର କ୍ରିକେଟ କପ୍**

ପଦ୍ମପୁର ନିକଟସ୍ଥ ଖଇରପାଲି ହାଇସ୍କୁଲ ପଡ଼ିଆଠାରେ ଜେ.ଏସ୍.ସି.ସି. ଦ୍ୱାରା ଆୟୋଜିତ ୧୨ତମ ସର୍ବଭାରତୀୟ ଗୋଲ୍ଡେନ ଷ୍ଟାର କ୍ରିକେଟ କପ୍‌ର ଚତୁର୍ଥ ଦିନ ଖେଳରେ ୪ଟି ଦଳ ଭାଗ ନେଇଥିଲେ। କ୍ୱାର୍ଟର ଫାଇନାଲ ମ୍ୟାଚ୍‌ରେ ଭୁବନେଶ୍ୱରକୁ ହରାଇ ତାଳଚେର ସେମିଫାଇନାଲରେ ପ୍ରବେଶ କରିଛି। ପୁରସ୍କାର ବିତରଣୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ପଦ୍ମପୁର ଅଗ୍ନିଶମ ବିଭାଗ ଓଆଇସି ବେଦବ୍ୟାସ ପିଙ୍ଗ ଓ ସମ୍ମାନିତ ଅତିଥି ଭାବରେ ଆଇନଜୀବୀ ବିକାଶ ପଟେଲ ଯୋଗଦେଇ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ଭାବରେ ତାଳଚେର ଦଳର ହିମାଂଶୁ ଶେଖର ଧଳଙ୍କୁ ପୁରସ୍କୃତ କରିଥିଲେ। ଜାନୁଆରୀ ୨୬ ତାରିଖ ଦିନ ଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହେବ। ଚତୁର୍ଥ ଦିନର ମ୍ୟାଚ୍‌କୁ ଅମ୍ପାୟର ଦିଲୀପ, ସନମ, ଝସକେତନ, ସୁଜିତ ଏବଂ ହନୁ ଅଗ୍ରୱାଲ ପରିଚାଳନା କରିଥିବା ବେଳେ ସ୍କୋରର ସୁନୀଲ ଓ ବୁଦ୍ଧଦେବ ମହାରଣା, ମିଟୁ, ଆନନ୍ଦ, ସୁନୀଲ ଧାରା ବିବରଣୀ ପ୍ରଦାନ କରିଥିଲେ। ସାନୁ, ଚନ୍ଦନ, ଗୋକୁଳ, ଉମେଶ, ଆକାଶ, ସୁଜିତ, ବିକାଶ, ଅର୍ଜୁନ, ସନ୍ତୋଷ, ଦୟା, ରୋହନ, ସୁଶୀଲ, କ୍ୟାମେରାମ୍ୟାନ୍ ପପୁ, ଦେବା, ପ୍ରଦୀପ, ଯତିନ, ଜଗନ୍ନାଥ, ଉମେଶ, ପୁଷ୍ପାଳୟ ଓ ଅନ୍ୟ ସଦସ୍ୟମାନେ ସହଯୋଗ କରିଥିଲେ।




# ନୂଆ ଯୁବ ମତଦାତା ଦେଶର ଭବିଷ୍ୟତ

**ସୋନପୁର,୨୫।୧(ମୃତ୍ୟୁଞ୍ଜୟ ଶତପଥୀ)**




ଦିବସ ପାଳନ ଅବସରରେ ଅତିଥିମାନେ।

**ସୁବର୍ଣ୍ଣପୁରରେ ଜାତୀୟ ମତଦାତା ଦିବସ ପାଳିତ**

ସୁବର୍ଣ୍ଣପୁର ନୂତନ ଟାଉନ ହଲରେ ଜିଲାସ୍ତରୀୟ ଜାତୀୟ ମତଦାତା ଦିବସ ଶନିବାର ପାଳିତ ହୋଇଯାଇଛି। ଜିଲାପାଳ ତଥା ଜିଲା ନିର୍ବାଚନ ଅଧିକାରୀ ଅନ୍ୟା ଦାସଙ୍କ ସଭାପତିତ୍ୱରେ ସଚେତନତା ସଭା ଅନୁଷ୍ଠିତ ହୋଇଥିଲା। ଅତିରିକ୍ତ ଜିଲାପାଳ ରାଜେନ୍ଦ୍ର ମାଝୀ, ଅଞ୍ଜଳିନା ପ୍ରଧାନ, ସୋନପୁର ଉପଜିଲାପାଳ ସୌମ୍ୟାରୁପା ରଥ ଓ ବୀରମହାରାଜପୁର ଉପଜିଲାପାଳ ଲଲାଟେନ୍ଦୁ ସି ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ସୋନପୁର ଉପଜିଲାପାଳ ଡ଼ ରଥ ଦିବସର ପାଳନର ତାତ୍ପର୍ଯ୍ୟ ସମ୍ବନ୍ଧରେ ଆଲୋଚନା କରିଥିଲେ। ଜିଲାପାଳ ଦାସ ସମସ୍ତ ମତଦାତାଙ୍କୁ ସଂକଳ୍ପ ପାଠ କରାଇଥିଲେ। ଯୁବ ନୂଆ ଭୋଟର ମାନେ ଦେଶର ଭବିଷ୍ୟତ ଏବଂ ସେମାନଙ୍କ ହାତରେ ଦେଶର ଗଣତନ୍ତ୍ର ସୁରକ୍ଷିତ ରହିବ ବୋଲି ଜିଲାପାଳ ମତପ୍ରକାଶ କରିଥିଲେ। ନୂତନ ଯୁବ ମତଦାତାମାନଙ୍କୁ ପରିଚୟ ପତ୍ର ପ୍ରଦାନ କରାଯାଇଥିଲା। ଦିବସ ପାଳନ ଉପଲକ୍ଷେ ବିଦ୍ୟାଳୟସ୍ତରରେ ଆୟୋଜିତ ରଚନା, ତର୍କ, ଚିତ୍ରାଙ୍କନ ଓ କୁଇଜ ପ୍ରତିଯୋଗିତାର କୃତୀ ଛାତ୍ରୀଛାତ୍ରମାନଙ୍କୁ ପୁରସ୍କୃତ କରାଯାଇଥିଲା । ଭୋଟର ସଚେତନତା ଓ ଭୋଟର ପରିଚୟ ପ୍ରଦାନରେ ସଫଳତା ପାଇଁ ସୋନପୁର ଓ ବୀରମହାରାଜପୁର ନିର୍ବାଚନ ମଣ୍ଡଳୀର ଅଧିକାରୀ, କର୍ମଚାରୀ, ଶିକ୍ଷକ ଓ ଅଙ୍ଗନବାଡି କର୍ମୀମାନଙ୍କୁ ସମ୍ମାନିତ କରାଯାଇଥିଲା । କାର୍ଯ୍ୟକ୍ରମରେ ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଅଶ୍ୱିନି କୁମାର ଭୋଇ, ଜିଲା କ୍ରୀଡା ଅଧିକାରୀ ଚିତ୍ତରଞ୍ଜନ ମିଶ୍ର, ଜିଲା ପଞ୍ଚାୟତ ଅଧିକାରୀ ଅର୍ଜୁନ ମାଝୀ, ଜିଲା ସଂସ୍କୃତି ଅଧିକାରୀ ଯମୁନା ପ୍ରଧାନ, ଜୟଦ୍ରଥ ଜଗଦଲା ସହଯୋଗ କରିଥିଲେ। ବରିଷ୍ଠ ରାଜସ୍ୱ ସହାୟକ ନିଳାମ୍ବର ଶତପଥୀ ସଭାକୁ ସଂଯୋଜନା କରିଥିଲେ। ସକାଳେ ସୋନପୁର ଉପଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରୁ ଏକ ସଚେତନତା ରାଲି ବାହାରି ସହର ପରିକ୍ରମା କରିଥିଲା ।

**ଗଞ୍ଜେଇ ଜବତ, ୨ ଗିରଫ**

ସମ୍ବଲପୁର,(ପ୍ରମୋଦ ବହିଦାର): ସମ୍ବଲପୁର ଶାସନ ଥାନା ଅନ୍ତର୍ଗତ ପଧାନପାଲିରୁ ଜିଲା ଅବକାରୀ ସ୍କ୍ୱାର୍ଡ ଚଢ଼ାଉ କରି ଏକ ଇନୋଭା କାରରୁ ପ୍ରାୟ ୭୫ କିଲୋଗ୍ରାମ ଗଞ୍ଜେଇକୁ ଜବତ କରିଛି। ଘଟଣାରେ ୨ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି। ଗିରଫ ଅଭିଯୁକ୍ତହେଲେ ଉତ୍ତରପ୍ରଦେଶ ଜଉନପୁର ଜିଲା ଜଲାଲପୁର ଥାନା ଅନ୍ତର୍ଗତ କେଶବପୁର ଗ୍ରାମର ଅନିକେତ ସିଂ(୨୭) ଓ ପ୍ରତାପପୁର ଜିଲା ଧେଲୁପୁର ଥାନା ଅନ୍ତର୍ଗତ ସଂସାରପୁର ଗ୍ରାମର ରାହୁଲ ପଟେଲ(୨୨)। ଅବକାରୀ ବିଭାଗ ଉଭୟଙ୍କୁ କୋର୍ଟ ଚାଲାଣ କରିଛି। ପଚରା ଉଚରା ବେଳେ ସେମାନେ ଫୁଲବାଣୀରୁ ଉତ୍ତରପ୍ରଦେଶକୁ ଗଞ୍ଜେଇ ଚୋରାରେ ଚାଲାଣ କରୁଥିବା ସ୍ୱୀକାର କରିଥିଲେ। ପୋଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଛି।



# ଯୋଗ୍ୟ ମତଦାତାଙ୍କୁ ତାଲିକାଭୁକ୍ତ କରିବାକୁ ଗୁରୁତ୍ୱ

**ସମ୍ବଲପୁର,୨୫।୧(ପ୍ରମୋଦ ବହିଦାର)**

**ସମ୍ବଲପୁରରେ ଜିଲାସ୍ତରୀୟ ଜାତୀୟ ମତଦାତା ଦିବସ**

ସମ୍ବଲପୁର ଜିଲାରେ ସମସ୍ତ ଯୋଗ୍ୟ ମତଦାତାଙ୍କୁ ତାଲିକାଭୁକ୍ତ କରିବାକୁ ଅଭିଯାନ ଆରମ୍ଭ ହୋଇଛି। ସେମାନଙ୍କ ମଧ୍ୟରୁ ଜିଲାର ଜଣେ ହେଲେ ମତଦାତା ନିର୍ବାଚନ ତାଲିକାରୁ ଯେପରି ବାଦ ନ ପଡ଼ନ୍ତି ସେଥିପ୍ରତି ବିଶେଷ ଗୁରୁତ୍ୱ ଦିଆଯାଇଛି ବୋଲି କହିଛନ୍ତି ଜିଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର। ସମ୍ବଲପୁରରେ ୧୫ତମ ଜିଲାସ୍ତରୀୟ ଜାତୀୟ ମତଦାତା ଦିବସ ପାଳନ ଉପଲକ୍ଷେ ସ୍ଥାନୀୟ ତପସ୍ୱିନୀ ପ୍ରେକ୍ଷାଳୟରେ ଶନିବାର ମଧ୍ୟାହ୍ନ ୧୨ରେ ଆୟୋଜିତ 'ଭୋଟ ଦେବାର ଅନୁଭୂତି ଅଟେ ଅତୁଳନୀୟ, ନିର୍ବାଚନରେ ମୁଁ ଭୋଟ ଦେବି ନିଶ୍ଚୟ' ଶୀର୍ଷକ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭବେ ଯୋଗଦେଇଥିଲେ ଜିଲାପାଳ ବୋନ୍ଦର ସମସ୍ତ ଯବତୀଯୁବକଙ୍କୁ ଭୋଟର ତାଲିକାରେ ନିଜ ନାମ ପଞ୍ଜିକରଣ କରି ନିର୍ବାଚନ ପ୍ରକ୍ରିୟାରେ ନିଶ୍ଚିତ ସାମିଲ ହେବାକୁ ଉପସ୍ଥିତ ଛାତ୍ରୀଛାତ୍ରଙ୍କୁ ଆହ୍ୱାନ ଦେଇଥିଲେ। କାର୍ଯ୍ୟକ୍ରମରେ ସମ୍ବଲପୁର ଅତିରିକ୍ତ ଜିଲାପାଳ ସୁଚାରୁ କୁମାର ବଳ, ସଦର ଉପଜିଲାପାଳ ଡ. ଗୀତାଞ୍ଜଳି ପଣ୍ଡା, ରେଢ଼ାଖୋଲ ଉପଜିଲାପାଳ ରଶ୍ମି ରଞ୍ଜନ ମହନ୍ତ ଅତଥିଭାବେ ଯୋଗଦେଇ ଭୋଟର କାର୍ଡର ଆବଶ୍ୟକତା ଓ ଉପାଦେୟତା ସମ୍ପର୍କରେ ଆଲୋକପାତ କରିଥିଲେ। ପ୍ରଥମେ ଜିଲାପାଳ ବୋନ୍ଦର ଅତିରିକ୍ତ ଜିଲାପାଳ ଓ ଉଭୟ ଉପଜିଲାପାଳଙ୍କ ଗହଣରେ ମା' ସମଲେଶ୍ୱରୀଙ୍କ ଫଟୋଚିତ୍ରରେ ପ୍ରଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ପ୍ରାରମ୍ଭରେ ସମସ୍ତ ଅତିଥିଙ୍କ ସହିତ ସାମିଲ ଛାତ୍ରୀଛାତ୍ର, ଜିଲାସ୍ତରୀୟ ଅଧିକାରୀ ଓ କର୍ମଚାରୀ ଭୋଟଦାନ ପାଇଁ ଶପଥପାଠ କରିଥିଲେ। ଏହି ଅବସରରେ ଅତିଥିମାନେ ସମ୍ବଲପୁର ଓ ରେଙ୍ଗାଲି ନିର୍ବାଚନ ମଣ୍ଡଳିର ପଥମଥର ପାଇଁ ମଦଦାନ ଅଧିକାର ପାଇଥିବା ଯୁବ ଭୋଟରମାନଙ୍କୁ ନୂତନ ଭୋଟର ଆଇକାର୍ଡ ବଣ୍ଟନ କରିଥିଲେ। ସେହିପରି ଭୋଟର୍ ପଞ୍ଜିକରଣ ପ୍ରକ୍ରିୟା–୨୦୨୫ରେ ଉଲ୍ଲେଖନୀୟ ଅବଦାନ ପାଇଁ ଡେପୁଟି ନିର୍ବାଚନ ଦାୟିତ୍ୱରେ ଥିବା ସଦର ଉପଜିଲାପାଳ ଡ. ପଣ୍ଡା, ରେଢ଼ାଖୋଲ ଉପଜିଲାପାଳ ମହନ୍ତ ଓ ଡେପୁଟି କଲେକ୍ଟର ସଞ୍ଜୀବ କୁମାର ମେହେରଙ୍କ ସମେତ ବିଭିନ୍ନ ବ୍ଲକରେ ବ୍ଲକ ସ୍ତରୀୟ ନିର୍ବାଚନ ସହାୟିକାମାନଙ୍କୁ ଜିଲାପାଳ ସମ୍ମାନିତ କରିଥିଲେ। ଏଥିପୂର୍ବରୁ ଆୟୋଜିତ ପ୍ରବନ୍ଧ ଓ ତର୍କ ପ୍ରତିଯୋଗିତାର କୃତି ଛାତ୍ରୀଛାତ୍ରମାନଙ୍କୁ ପୁରସ୍କୃତ କରାଯାଇଥିଲା। ଡେପୁଟି କଲେକ୍ଟର ମେହେର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

ସକାଳେ ବିଭିନ୍ନ ଶିକ୍ଷାନୁଷ୍ଠାନର ବହୁ ସଂଖ୍ୟାରେ ଛାତ୍ରୀଛାତ୍ର ହାତରେ ଭୋଟଦାନ ସଚେତନତା ଧର୍ମୀ ଫ୍ଲାକାର୍ଡ ଧରି ତପସ୍ୱିନୀ ପ୍ରେକ୍ଷାଳୟରୁ ଏକ ରାଲିରେ ବାହାରି ଲକ୍ଷ୍ମୀଟକିଜ ଛକ ପର୍ଯ୍ୟନ୍ତ ଯାଇ ପୁଣି ସଭାସ୍ଥଳକୁ ଫେରିଥିଲେ। ଏହି ଅବସରରେ ଅତିରିକ୍ତ ଜିଲାପାଳ ସୁଚାରୁ କୁମାର ବଳ ଓ ସଦର ଉପଜିଲାପାଳ ଡ. ପୁଷ୍ପାଞ୍ଜଳି ପଣ୍ଡା ପତାକା ଦେଖାଇ ମତଦାନ ସମ୍ପର୍କିତ ଏକ ସଚେତନତା ବାର୍ତ୍ତା ବାହକ ରଥର ଶୁଭାରମ୍ଭ କରିଥିଲେ।


ଜିଲାପାଳଙ୍କ ସମେତ ଉପସ୍ଥିତ ଅତିଥି ଓ ଅଂଶଗ୍ରହଣକାରୀଙ୍କ ଶପଥପାଠ।

# ଭାଷା କୌଣସି ଭାଷାର ଶତ୍ରୁ ନୁହେଁ

**ସମ୍ବଲପୁର, ୨୫।୧(ବି.ଶଙ୍କର)**

**ସମ୍ବଲପୁର ପୁସ୍ତକ ମେଳାରେ ଆଲୋଚନାଚକ୍ର**

**ମାତୃଭାଷା ଜାତୀୟ ଏକତାର ମୂଳ**

ଭାଷାଗତ ସଂହତି ରାଷ୍ଟ୍ରୀୟ ସୁରକ୍ଷାର ବଳୟ ଶୀର୍ଷକ ଆଲୋଚନାଚକ୍ର ଶନିବାର ସନ୍ଧ୍ୟା ୬ଟାରେ ଅଇଁଠାପାଲି ପିଏଚ୍‌ଡି ପଡିଆସ୍ଥିତ ସମ୍ବଲପୁର ପୁସ୍ତକ ମେଳା ମଞ୍ଚରେ ଅନୁଷ୍ଠିତ ହୋଇଯାଇଛି। ଏନ୍‌ବିଟି ଓ ସେତୁ ମିଳିତ ଆୟୋଜିତ କାର୍ଯ୍ୟକ୍ରମରେ ଇଞ୍ଜିନିୟର ସୁଶାନ୍ତ କୁମାର ଗୁରୁ ସଭାପତିତ୍ୱ କରିଥିଲେ। ନେତାଜୀ ସୁଭାଷ ଚନ୍ଦ୍ର ବୋଷ ମହାବିଦ୍ୟାଳୟର ଓଡ଼ିଆ ବିଭାଗୀୟ ମୁଖ୍ୟ ସହକାରୀ ପ୍ରଫେସର ଡ.ଶ୍ୟାମ ଭୋଇ ଓ ସମ୍ବଲପୁର ସରକାରୀ ମହିଳା ମହାବିଦ୍ୟାଳୟର ଡ. ଅଖିଳ ବିଶ୍ୱାଳ ଆଲୋଚକଭାବେ ଯୋଗଦେଇଥିଲେ। ମାତୃଭାଷା ହିଁ ଜାତୀୟ ଏକତାର ମୂଳ ଅଟେ। ଆମେ ଯଦି ଜାତୀୟ ଐକ୍ୟ ଆଶା କରିବା, ତେବେ ପ୍ରଥମେ ନିଜର ମାତୃଭାଷାକୁ ଭଲ ପାଇବା ଉଚିତ। ଆମ ଦେଶରେ କେବେ ହେଲେ ଭାଷାଗତ ବିଦ୍ୱେଷ ନ ଥିଲା। ମାତ୍ର ବ୍ରିଟିଶମାନେ ଆମ ଦୁର୍ବଳତାର ସୁଯୋଗ ନେଇ ଆମକୁ ଭାଷା ଭିତ୍ତିରେ ଭାଗଭାଗ କରିବାକୁ ଚେଷ୍ଟା କରିଥିଲେ । କୌଣସି ଦେଶର ଏକତାର ଶତ୍ରୁ ହେଉଛି ଭାଷାଗତ, ଜାତିଗତ ଓ ଧର୍ମଗତ ବିଦ୍ୱେଷ ସୃଷ୍ଟି। ଯାହାର ସୁଯୋଗ ଇଂରେଜ ନେଇଥିଲେ । ତେଣୁ ଆମେ କୌଣସି ଭାଷାଗତ ବିଦ୍ୱେଷକୁ ପ୍ରଶ୍ରୟ ଦେବା ଅନୁଚିତ । ଯଦ୍ୱାରା ଜାତୀୟ ସଂହତି ବଳବତ୍ତର ରହିପାରିବ ବୋଲି ଡ. ବିଶ୍ୱାଳ ମତବ୍ୟକ୍ତ କରିଥିଲେ।

ଅନ୍ୟତମ ଆଲୋଚକ ଡ. ଭୋଇ କହିଲେ ଯେ, ଭାଷା କୌଣସି ଭାଷାର ଶତ୍ରୁ ହୋଇ ପାରିବନାହିଁ। ଭାଷା ହେଉଛି ମଣିଷର ଅର୍ଜିତ ସମ୍ପତ୍ତି। ନିଜ ଭାଷା ହିଁ ନିଜର ଜ୍ଞାନର ପରିମାପକ । ପ୍ରତ୍ୟେକ ଭାଷାର ସ୍ୱାତନ୍ତ୍ର୍ୟ ରହିଛି। ନିଜର ଭାଷାକୁ ଭଲ ପାଇବା ସହିତ ଅନ୍ୟ ଭାଷାକୁ ସମ୍ମାନ ଦେବା ଉଚିତ । ଏଥିସହ ଅନୁବାଦ ସାହିତ୍ୟକୁ ମଧ୍ୟ ଗୁରୁତ୍ୱ ଦେବା ଆବଶ୍ୟକତା ରହିଛଇ । ସ୍ରଷ୍ଟା ସମାଜର ଜାଗ୍ରତ ପ୍ରହରୀ । ତେଣୁ ସମସ୍ତ ଭାଷାର ପୁସ୍ତକ ଅଧ୍ୟୟନ କରିବା ଦ୍ୱାରା ଭିନ୍ନ ଭାଷା ଶିଖିବା ସହିତ ଜାତୀୟ ସଂହତି ସୁରକ୍ଷିତ ରହିପାରିବ। ଭାଷାକୁ ନେଇ ଯଦି ବୃତ୍ତି ସୃଷ୍ଟି କରାଯାଇପାରିବ, ତେବେ ଭାଷାର ଅଭିବୃଦ୍ଧି ସୁନିଶ୍ଚିତ। ନିଜର ଭାଷାକୁ ନେଇ ନିଜେ ଗର୍ବ କରିବା ଉଚିତ । ନିଜ ପରିଚୟ ଓ ସୁରକ୍ଷା ପାଇଁ ଭାଷାର ଦୃଢ଼ତା ଆବଶ୍ୟକ। ସମସ୍ତ ଭାରତୀୟ ଭାଷା ମଧ୍ୟରେ ଥିବା ସାମଞ୍ଜସ୍ୟ ଓ ଭାବକୁ ନେଇ ଜାତୀୟ ସଂହତି ସୁରକ୍ଷିତ ରଖାଯାଇ ପାରିବ ବୋଲି ଡ. ଭୋଇ ଦୃଢ଼ତାର ସହ କହିଛନ୍ତି। ସେତୁର ପୂର୍ବତନ ସଭାପତି ଡ.ରମାବଲ୍ଲଭ ମିଶ୍ର କହିଥିଲେ ଯେ, ଇଂଲିଶଏକ ଉଦାରପନ୍ଥି ଭାଷା। ଦେବଭାଷା ସଂସ୍କୃତ ଯୋଗସୂତ୍ରର ଭାଷା ହୋଇପାରେ। ଶେଷରେ ସେତୁ ସଭ୍ୟ ସରୋଜ କୁମର ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ । ଆଲୋଚନାଚକ୍ର ପରେ ଚଳଚ୍ଚିତ୍ର କଣ୍ଠଶିଳ୍ପୀ ଅସୀମା ପଣ୍ଡା ଓ ଦଳ ରଙ୍ଗାରଙ୍ଗ ସଙ୍ଗୀତ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ।

# ଯୁବଭୋଟର ବିକଶିତ ରାଷ୍ଟ୍ର ଗଠନରେ ସାମିଲ ହୁଅନ୍ତୁ

**କୁଚିଣ୍ଡା,୨୫।୧(ବିରଞ୍ଚି ଦର୍ଛା)**

**ଉପଖଣ୍ଡ ସ୍ତରୀୟ ମତଦାତା ଦିବସ**



ଅତିଥିମାନେ ଜାତୀୟ ମତଦାତା ଦିବସରେ ଶପଥ ପାଠ କରାଉଛନ୍ତି।

ସମ୍ବଲପୁର ଜିଲା କୁଚିଣ୍ଡା କଲେଜ ପ୍ରେକ୍ଷାଳୟରେ ଶନିବାର ଉପଖଣ୍ଡସ୍ତରୀୟ ୧୫ତମ ଜାତୀୟ ମତଦାତା ଦିବସ ପାଳିତ ହୋଇଯାଇଛି। କୁଚିଣ୍ଡା ତହସିଲଦାର ମିତାଲି ମଧୁମିତା ଦଳେଇ ଏଥିରେ ସଭାପତିତ୍ୱ କରିଥିଲେ। କାର୍ଯ୍ୟକ୍ରମରେ କୁଚିଣ୍ଡା ବିଡିଓ ଜୟନ୍ତ ସାହୁ, ଜମନକିରା ବିଡିଓ ରବିନ୍ଦ୍ର ସେଠୀ, ଆସିଷ୍ଟାଣ୍ଟ କଲେକ୍ଟର ଲୋଚନ ଶବର, ଅତିରିକ୍ତ ତହସିଲଦାର ଅନିମା ସୋରେଙ୍ଗ, କୁଚିଣ୍ଡା କଲେଜ ଅଧ୍ୟକ୍ଷା ସୁଚିତ୍ରା ମିଶ୍ର, ମହିଳା କଲେଜ ଅଧ୍ୟକ୍ଷ ଅଧିକାରୀ ସାହୁ ଅତିଥିଭାବେ ଯୋଗଦେଇଥିଲେ। ନୂଆ ଭୋଟର ଓ ଯୁବ ଭୋଟରଙ୍କ ପାଇଁ ସମର୍ପିତ ଭାରତୀୟ ନିର୍ବାଚନ ଆୟୋଗର ସ୍ଥାପନା ଦିବସକୁ ସ୍ମରଣ କରିବା ଉଦ୍ଦେଶ୍ୟରେ ଦେଶବ୍ୟାପି ଭୋଟଙ୍କୁ ସଜାଗ ନିମନ୍ତେ ଏହି କାର୍ଯ୍ୟକ୍ରମର ମୁଖ୍ୟ ଲକ୍ଷ୍ୟ ବୋଲି ସେମାନେ କହିଥିଲେ। ଏହାଛଡା ଗଣତନ୍ତ୍ରର ଏହି ମହାନ ପର୍ବ ଅବସରରେ ଯୁବ ଭୋଟର ସାମିଲ ହୋଇ ବିକଶିତ ରାଷ୍ଟ୍ରଗଠନରେ ସହାୟକ ହେବାକୁ ଆହ୍ୱାନ ଦେଇଥିଲେ। କୁଚିଣ୍ଡା କଲେଜରୁ ଏନ୍‌ଏସ୍‌ଏସ୍, ଏନ୍‌ସିସି, ରେଡକ୍ରସ ୟୁନିଟ ସହ ମହିଳା କଲେଜର ଛାତ୍ରୀଛାତ୍ରମାନେ ଏକ ଶୋଭାଯାତ୍ରାରେ ବାହାରି ଉପଜିଲାପାଳଙ୍କ କାର୍ଯ୍ୟାଳୟ ଓ ପରେ ସହର ପରିକ୍ରମା କରି ଭୋଟରଙ୍କୁ ବିଭିନ୍ନ ସ୍ଲୋଗାନ ମାଧ୍ୟମରେ ସଚେତନ କରିଥିଲେ। ଏହି ପରିପ୍ରେକ୍ଷିରେ କୁଚିଣ୍ଡା ଉପଖଣ୍ଡର ସମସ୍ତ ହାଇସ୍କୁଲ ଓ କଲେଜ ମାନଙ୍କରେ ବିଭିନ୍ନ ପ୍ରତିଯୋଗିତା ହୋଇଥିଲା।

ଅଧ୍ୟାପିକା ବେଲମତି କୁମୁରା ସଭା ପରିଚାଳନା କରିଥିବା ବେଳେ ଆସିଷ୍ଟାଣ୍ଟ କଲେକ୍ଟର ଭାସ୍କର ଚନ୍ଦ୍ର ବେହେରା ସ୍ୱାଗତ ଭାଷଣ ଦେଇଥିଲେ। ଡେପୁଟି କଲେକ୍ଟର ପ୍ରବିଣା ବିଲୁଙ୍ଗ ଧନ୍ୟବାଦ ଅର୍ପଣ କରିଥିଲେ। ଭୋଟର ସଚେତନତା ପାଇଁ ଅତିଥିମାନେ ସମସ୍ତଙ୍କୁ ଶପଥ ପାଠ କରାଇଥିଲେ ଏବଂ କୃତି ପ୍ରତିଯୋଗିଙ୍କୁ ପୁରସ୍କୃତ କରିଥିଲେ। ସେହିପରି କୁଚିଣ୍ଡା ବ୍ଲକ କୁତୁରାଚୁଆଁ ଉଚ୍ଚ ଯୁକ୍ତ୨ କଲେଜରେ ଅଧ୍ୟକ୍ଷ ନିଳାଞ୍ଚଳ ତିୱାରୀଙ୍କ ସଭାପତିତ୍ୱରେ ଆମ ସମ୍ବିଧାନ ଆମ ଗୌରବ ଓ ଜାତୀୟ ଭୋଟର ଦିବସ ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଏମ୍‌ପି ପ୍ରତିନିଧି ରୁଦ୍ରପ୍ରତାପ ଦେଓ ମୁଖ୍ୟଅତିଥି, ଭାଜପା ଚୈତ୍ରା ମଣ୍ଡଳ ସଭାପତି ରାଜକୁମାର ରକ୍ସା ମୁଖ୍ୟବକ୍ତା, ଅଧ୍ୟାପକ ସତ୍ୟନାରାୟଣ ପଟେଲ, ଶିକ୍ଷା ଡେମୋନଷ୍ଟ୍ରେଟର ପ୍ରତିମା କୁମାରୀ ନାଏକ ସମ୍ମାନିତ ଅତିଥିଭାବେ ଯୋଗଦେଇ ଭୋଟରମାନଙ୍କ ଭୂମିକା ଓ ଭାରତୀୟ ସମ୍ବିଧାନର ଗୁରୁତ୍ୱ ବିଷୟରେ ବକ୍ତବ୍ୟ ରଖିଥିଲେ। ଅଧ୍ୟାପିକା ଭାବନା ପାଣ୍ଡେ ସ୍ୱାଗତ ଭାଷଣ ଦେଇଥିବାବେଳେ ଅଧ୍ୟାପକ କୃଷ୍ଣଚନ୍ଦ୍ର ପୂଝାରୀ ପରିଚୟ ସଭା ପରିଚାଳନା କରିଥିଲେ। ପରେ ବିଭିନ୍ନ ପ୍ରତିଯୋଗିତାର କୃତି ଛାତ୍ରୀଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ଅଧ୍ୟାପକ ସୁଧିର କୁମାର ନାଏକ ଧନ୍ୟବାଦ ଅର୍ପଣ କରିଥିଲେ।

# ୨୦୨୭ ସୁଦ୍ଧା ରାଜ୍ୟରେ ୩ ଲକ୍ଷ ସୌର ପ୍ୟାନେଲ ସ୍ଥାପନ


ସମ୍ମିଳନୀରେ ମଞ୍ଚାସୀନ ଅଧିକାରୀବୃନ୍ଦ।

**ସମ୍ବଲପୁର,୨୫।୧(ଭବାନୀ ଶଙ୍କର ଭୋଇ)**

**ପିଏମ୍ ସୂର୍ଯ୍ୟ ଘର ଯୋଜନା ଉପରେ ସମ୍ମିଳନୀ**

ଆରଇସି ଲିମିଟେଡର ଆଞ୍ଚଳିକ କାର୍ଯ୍ୟାଳୟ ଦ୍ୱାରା ସମ୍ବଲପୁର ଅଇଁଠାପାଲିସ୍ଥିତ ଏକ ହୋଟେଲରେ ପିଏମ ସୂର୍ଯ୍ୟଘର ମୁକ୍ତ ବିଜୁଳି ଯୋଜନା ଉପରେ ଏକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଟିପିଡବ୍ଲ୍ୟୁଓଡିଏଲର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରବୀଣ ବର୍ମା ଏଥିରେ ଯୋଗ ଦେଇଥିଲେ। ବୈଠକରେ ଆରଇସି ଲିମିଟେଡ ଦ୍ୱାରା ରୁଫ ଟପ ସୋଲାର୍ ସ୍ଥାପନ ନେଇ ଆଲୋଚନା କରାଯାଇଥିଲା। ଆରଇସି ଭୁବନେଶ୍ୱର ପକ୍ଷରୁ ଯୋଜନାର ସଫଳ ରୂପାୟନ ଉପରେ ଗୁରୁତ୍ୱ ଦିଆଯାଇଥିଲା। କାର୍ଯ୍ୟକ୍ରମରେ ବିତରକ ମାନଙ୍କର ସମସ୍ୟା ଏବଂ ଏହାର ସମାଧାନ ଉପରେ ମଧ୍ୟ ଆଲୋଚନା କରାଯାଇଥିଲା। ନବୀକରଣ ଯୋଗ୍ୟ ବିଦ୍ୟୁତ ଶକ୍ତିକୁ ସୁଲଭ କରିବା ପାଇଁ ରୁଫ ଟପ ସୋଲାର ସ୍ଥାପନକୁ ସରକାରଙ୍କ ଦ୍ୱାରା ପ୍ରୋତ୍ସାହିତ କରାଯାଉଛି । ଗ୍ରାହାକମାନେ ସରକାରୀ ପୋର୍ଟାଲ ମାଧ୍ୟମରେ ଏଥିପାଇଁ ଆବେଦନ କରି ପାରିବେ। ଏହି ଯୋଜନାରେ ୩ କିଲୋୱାଟ ପର୍ଯ୍ୟନ୍ତ ସୋଲାର ପ୍ୟାନେଲ ସ୍ଥାପନ ପାଇଁ ୭୮ହଜାର ଟଙ୍କା ପର୍ଯ୍ୟନ୍ତ କେନ୍ଦ୍ର ସରକାରଙ୍କ ସବ୍‌ସିଡି ଦେଉଛନ୍ତି। ଏଥିସହ ଅତିଶୀଘ୍ର ରାଜ୍ୟ ସରକାର ଅତିରିକ୍ତ ୬୦ ହଜାର ଟଙ୍କା ପର୍ଯ୍ୟନ୍ତ ସବସିଡି ଦେବାର ବ୍ୟବସ୍ଥା କରୁଛନ୍ତି ବୋଲି ବିଭାଗୀୟ ଅଧିକାରୀମାନେ ସୂଚନା ଦେଇଥିଲେ। ଏହି କେନ୍ଦ୍ରୀୟ ସବ୍‌ସିଡି ୭ରୁ ୧୫ ଦିନ ମଧ୍ୟରେ ମିଳିପାରିଛି। ଏଥିପାଇଁ ୭% ସୁଧ ହାରରେ ୨ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଋଣ ମଧ୍ୟ ଉପଲବ୍ଧ ହେଉଛ। ବର୍ତ୍ତମାନ ପର୍ଯ୍ୟନ୍ତ ରାଜ୍ୟରେ ୧ହଜାର ୮୯୩ ରୁଫ ଟପ ସୋଲାର୍ ସ୍ଥାପନ ହୋଇସାରିଛି। ଏଥି ସହିତ ୨୦୨୭ ସୁଦ୍ଧା ରାଜ୍ୟରେ ପ୍ରାୟ ୩ ଲକ୍ଷ ସୌର ପ୍ୟାନେଲ ସ୍ଥାପନ କରିବାକୁ ଲକ୍ଷ୍ୟ ରଖାଯାଇଥିବା ମଞ୍ଚାସୀନ ଅତିଥିମାନେ ସୂଚନା ଦେଇଥିଲେ। ସାରା ଦେଶରେ ୨୦୩୦ ସୁଦ୍ଧା ୫୦୦ ଗିଗାୱାଟ ଅକ୍ଷୟ ଶକ୍ତି କ୍ଷମତା ହାସଲ କରିବାର ଲକ୍ଷ୍ୟ ରଖାଯାଇଥିବା ମଞ୍ଚାସୀନ ଅତିଥିମାନେ କହିଥିଲେ। ବୈଠକରେ ଓରେଡ଼ା ଏବଂ ଏସଏଲବିସି ବ୍ୟାଙ୍କ ଭଳି ଅଂଶୀଦାରମାନେ ସାମିଲ ହୋଇଥିଲେ।

**ବ୍ଲକସ୍ତରୀୟ ଜାତୀୟ ମତଦାତା ଦିବସ**

# ପ୍ରଲୋଭନରେ ନ ପଡ଼ି ମତାଧିକାର ସାବ୍ୟସ୍ତ କର

**ନାକଟିଦେଉଳ,୨୫।୧(ବୈକୁଣ୍ଠନାଥ ସାହୁ)**


ବ୍ଲକ ଅଫିସରେ ଅଧିକାରୀ, ବିଦ୍ୟାର୍ଥୀ ଓ ଅଧ୍ୟାପିକାଅଧ୍ୟାପକ।

ସମ୍ବଲପୁର ଜିଲା ନାକଟିଦେଉଳ ବ୍ଲକ ସଦରଠାରେ ଶନିବାର ପୂର୍ବାହ୍ନ ୧୦ଟାରେ ରାଜ୍ୟ ସରକାର ଏବଂ ଉପଖଣ୍ଡ ପ୍ରଶାସନ ନିର୍ଦ୍ଦେଶ ଅନୁସାରେ ବ୍ଲକସ୍ତରୀୟ ଜାତୀୟ ମତଦାତା ଦିବସ ପାଳନ ସହ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବିଡିଓ କ୍ଷମାନିଧି ଭୋଇ, ସ୍ନାତକ ମହାବିଦ୍ୟାଳୟ ଅଧ୍ୟାପକ ଦେବେଶ କୁମାର ବିଶ୍ୱାଳ ଓ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଅଧ୍ୟକ୍ଷ ହେମାନନ୍ଦ ପ୍ରଧାନଙ୍କ ପରିଚାଳନାରେ ଶତାଧିକ ଛାତ୍ରୀଛାତ୍ର ଏକ ସଚେତନତା ରାଲିରେ ନାକଟିଦେଉଳ ମହାବିଦ୍ୟାଳୟଠାରୁ ବାହାରି ବ୍ଲକ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଯାଇଥିଲେ। ପରେ ସେଠାରେ ବିଡିଓ କ୍ଷମାନିଧି ଭୋଇଙ୍କ ସଭାପତିତ୍ୱରେ ଆୟୋଜିତ ସଚେତନତା ସଭାରେ ଅତିଥିଭାବେ ନାକଟିଦେଉଳ ଏଚ୍‌ଏସ୍‌ଏସ୍ ଅଧ୍ୟକ୍ଷ ହେମାନନ୍ଦ ପ୍ରଧାନ, ଡିଗ୍ରୀ କଲେଜ ରେଡକ୍ରସ ପ୍ରୋଗ୍ରାମ ଅଫିସର ଦେବେଶ କୁମାର ବିଶ୍ୱାଳ, ଅଧ୍ୟାପକ ସୁଭାଷ ଚନ୍ଦ୍ର ବେହେରା ଓ ଅଧ୍ୟାପିକା ଗିରିଶବାଳା ନାୟକ ଯୋଗଦେଇ ଅଧିକାର ତଥା କର୍ତ୍ତବ୍ୟ ଭାବେ ଭୋଟଦାନ ଆବଶ୍ୟକତା ଓ ଭୋଟଦାନ ପାଇଁ ସଂକଳ୍ପ ବିଷୟରେ ଆଲୋକପାତ କରିଥିଲେ। ପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀ ରବିନ୍ଦ୍ର କୁମାର ସାହୁ ଜାତୀୟ ମତଦାତା ଦିବସର ଆଭିମୁଖ୍ୟ ଓ ଗୁରୁତ୍ୱ ବିଷୟରେ କହିଥିଲେ। ବିଡିଓ ଭୋଇ ଦେଶର ଗଣତାନ୍ତ୍ରିକ ପରମ୍ପରା ବଜାୟ ରଖିବା, ମୁକ୍ତ ଅବାଧ ଶାନ୍ତିପୂର୍ଣ୍ଣ ନିର୍ବାଚନର ଗାରିମାକୁ ଅକ୍ଷୁର୍ଣ୍ଣ ରଖିବା, ପ୍ରଲୋଭନରେ ପ୍ରଭାବିତ ନ ହୋଇ ନିଜ ମତାଧିକାର ସାବ୍ୟସ୍ତ କରିବା ଶପଥ ପାଠ କରାଇଥିଲେ ।

ଏହି ଅବସରରେ ପୂର୍ବରୁ ମହାବିଦ୍ୟାଳୟସ୍ତରରେ ହୋଇଥିବା ତର୍କ ପ୍ରତିଯୋଗିତାର ପ୍ରଥମ ସ୍ଥାନ ଅଧିକାର କରିଥିବା ସ୍ନାତକ ପ୍ରଥମ ବର୍ଷ ଛାତ୍ରୀ ପାୟଲ ପାରମିତା ପ୍ରଧାନ ଓ ଶେଷ ବର୍ଷ ଛାତ୍ରୀ ଖାନସୀ ରାଣୀ ସାହୁ, ଦିତୀୟ ସ୍ଥାନ ଯୁକ୍ତ ୨ ଦ୍ୱିତୀୟ ବର୍ଷ ଛାତ୍ର ସ୍ୱାଗତ ସାହୁ ତୃତୀୟ ସ୍ଥାନ ଅଧିକାର କରିଥିବା ଯୁକ୍ତ ୨ ପ୍ରଥମ ବର୍ଷ ଛାତ୍ର ସିଲନ ନାୟକ ଏବଂ ରଚନା ପ୍ରତିଯୋଗିତାରେ ପ୍ରଥମ ସ୍ନାତକ ଶେଷ ବର୍ଷ ଛାତ୍ରୀ ନିକିତା ପ୍ରଧାନ, ଦ୍ୱିତୀୟ ସ୍ଥାନ ଯୁକ୍ତ ୨ ଦ୍ୱିତୀୟ ବର୍ଷ ଛାତ୍ର ଆକାଶ ପ୍ରଧାନ, ତୃତୀୟ ସ୍ଥାନ ଅଧିକାର କରିଥିବା ସ୍ନାତକ ଶେଷ ବର୍ଷ ଛାତ୍ରୀ ଜୁଲି ଡଙ୍ଗିଙ୍କୁ ବିଡ଼ିଓ ଭୋଇ ଟ୍ରଫି ସହିତ ପ୍ରମାଣପତ୍ର ଦେଇ ପୁରସ୍କୃତ କରିଥିଲେ। ଏହି ସମାରୋହରେ ନାକଟିଦେଉଳ ମହାବିଦ୍ୟାଳୟ ଏନସିସି କ୍ୟାଡେଟ ଓ ଏନ୍‌ଏସ୍‌ଏସ୍‌ର ସ୍ୱେଚ୍ଛାସେବୀମାନେ ସାହାଯ୍ୟ କରିଥିଲେ। ଏଥର ଜାତୀୟ ମତଦାତା ଦିବସର ବାର୍ତ୍ତା ଓ ସ୍ଲୋଗାନ ହେଉଛି ମତଦାନର ନାହିଁ ବିକଳ୍ପ ଭୋଟ ମୁଁ ନିଶ୍ଚୟ ଦେବି କରି ସଂକଳ୍ପ ।

# ମତଦାନ ସାବ୍ୟସ୍ତ କରିବାକୁ ସଙ୍କଳ୍ପ

**ରେଢ଼ାଖୋଲ,୨୫।୧(ଅଚ୍ୟୁତାନନ୍ଦ ପୁରୋହିତ)**

ସମ୍ବଲପୁର ଜିଲା ରେଢାଖୋଲ ବ୍ଲକ ସମ୍ମିଳନୀ କକ୍ଷରେ ଜାତୀୟ ମତଦାତା ଦିବସ ଅନୁଷ୍ଠିତ ହୋଇଯାଇଛି। ଉପଜିଲାପାଳ ରଶ୍ମିରଞ୍ଜନ ମହାନ୍ତ ମୁଖ୍ୟ ଅତିଥିଭାବେ ଯୋଗଦେଇ ରାଷ୍ଟ୍ର ଗଠନରେ ଭୋଟରମାନଙ୍କ କର୍ତ୍ତବ୍ୟ ଓ ଭୂମିକା ସମ୍ପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ। ଦେଶର ଗଣତାନ୍ତ୍ରିକ ପରମ୍ପରାର ମର୍ଯ୍ୟାଦା ବଜାୟ ରଖିବା ତଥା ମୁକ୍ତ, ଅବାଧ ଓ ଶାନ୍ତିପୂର୍ଣ୍ଣ ନିର୍ବାଚନର ଗାରିମାକୁ ଅକ୍ଷୁର୍ଣ୍ଣ ରଖି ଅନ୍ୟ କୌଣସି ପ୍ରଲୋଭନରେ ପ୍ରଭାବିତ ନହୋଇ ନିଜେ ମତାଧିକାର ସାବ୍ୟସ୍ତ କରିବାକୁ ସମସ୍ତେ ସଂକଳ୍ପ ନେଇଥିଲେ। ଏହି କାର୍ଯ୍ୟକ୍ରମରେ ମଧ୍ୟରେ ରେଢ଼ାଖୋଲ ବିଡ଼ିଓ ରାଜେନ୍ଦ୍ର ସେନାପତି, ତହସିଲଦାର ପ୍ରଭାତ ରଞ୍ଜନ ବିଶ୍ୱାଳ, ଡେପୁଟି କଲେକ୍ଟର ଶୁଭଶ୍ରୀ ଶୁଚିସ୍ମିତା, ଭୀମ ଭୋଇ କଲେଜର ଅଧ୍ୟାପକ ଅଞ୍ଜନ କୁମାର ମିଶ୍ର ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ସକାଳେ ଭୀମ ଭୋଇ କଲେଜର ଛାତ୍ରୀଛାତ୍ରମାନେ ବିଭିନ୍ନ ସ୍ଲୋଗାନ ଦେଇ ଶୋଭାଯାତ୍ରାରେ ସହର ପରିକ୍ରମା କରି ସଚେତନତା ସୃଷ୍ଟି କରିଥିଲେ।


ସଭାରେ ମଞ୍ଚାସୀନ ଅଧିକାରୀମାନେ।

# କଲ୍ୟାଣକାରୀ ଯୋଜନା ପାଇଁ ସ୍ୱତନ୍ତ୍ର ପ୍ୟାକେଜ ଦିଅ

**ଜମନକିରା,୨୫।୧(ରବୀନ୍ଦ୍ର ପ୍ରସାଦ ଦାନୀ)**

**କେନ୍ଦୁପତ୍ର କର୍ମଚାରୀ ସଂଘର ରେଞ୍ଜସ୍ତରୀୟ ବୈଠକ**


ଓଡ଼ିଶା କେନ୍ଦୁପତ୍ର କର୍ମଚାରୀ ସଂଘ ବୈଠକରେ ମଞ୍ଚାସୀନ କର୍ମକର୍ତ୍ତା।

ସମ୍ବଲପୁର ଜିଲା ଜମନକିରା ବ୍ଲକ ଭୋଜପୁର କେନ୍ଦୁପତ୍ର ରେଞ୍ଜ ଅଫିସ ପରିସରରେ ଓଡ଼ିଶା କେନ୍ଦୁପତ୍ର କର୍ମଚାରୀ ସଂଘ ପକ୍ଷରୁ ରେଞ୍ଜସ୍ତରୀୟ ବାର୍ଷିକ ବୈଠକ ଶନିବାର ସନ୍ଧ୍ୟା ୫ଟା୩୦ରେ ଅନୁଷ୍ଠିତ ହୋଇଯାଇଛି। କେନ୍ଦୁପତ୍ର କର୍ମଚାରୀ ସଂଘ ରାଜ୍ୟ ସଭାପତି ବିଜୟ କୁମାର ମହାନ୍ତି ଏଥିରେ ଯୋଗଦେଇ ତୋଳାଳିମାନଙ୍କର କନ୍ୟା ବିବାହ ସହାୟତା, ମୁନସୀମାନଙ୍କର ହୋଉଥିବା ଡିଏସ ସମସ୍ୟା, କାର୍ଯ୍ୟ ଦିବସ ଜନିତ ଓ ଅନ୍ୟ ସମସ୍ୟା ଉପରେ ଆଲୋଚନା କରିଥିଲେ। କେନ୍ଦୁପତ୍ର ସଂସ୍ଥାର ବିଭିନ୍ନ ସାମାଜିକ ସୁରକ୍ଷା ଯୋଜନାକୁ କାଏମ ରଖିବା ପାଇଁ ସରକାର ପ୍ରତିବର୍ଷ ୨ଶହ କୋଟି ପ୍ରଦାନ କରନ୍ତୁ ବୋଲି ମହାନ୍ତି ଦାବି କରିଥିଲେ। କନ୍ୟା ବିବାହ ସହାୟତା ପାଇଁ ରେଞ୍ଜରମାନେ ଦରଖାସ୍ତ ଗ୍ରହଣ କରୁ ନ ଥିବାରୁ ସଭାରେ ଅସନ୍ତୋଷ ପ୍ରକାଶ ପାଇଥିଲା। ଏହି ବିଷୟରେ ଡିଏଫଓଙ୍କୁ ଅବଗତ ମଧ୍ୟ କରାଯାଇଛି। ଆଗ କେନ୍ଦୁପତ୍ର ସଂସ୍ଥା ରାଜ୍ୟ ଅର୍ଥନୀତି ପାଇଁ ଏକ ଲାଭଜନକ ସଂସ୍ଥା ହିସାବରେ କାର୍ଯ୍ୟକରି ଆସୁଥିଲା। କିନ୍ତୁ ବିଗତ ୨ବର୍ଷ ହେବ ତା'ର କଲ୍ୟାଣକାରୀ ଯୋଜନା ପାଇଁ ରାଜ୍ୟ ସରକାରଙ୍କ ପାଖରୁ ସ୍ୱତନ୍ତ୍ର ପ୍ୟାକେଜର ଆବଶ୍ୟକ ହେଉଛି। ତେଣୁ ଉଚିତ ମାନର ଗୋଛା କଟେଇ ଓ ପତ୍ର ସଂଗ୍ରହ ପ୍ରତି ଧ୍ୟାନପୂର୍ବକ କାର୍ଯ୍ୟ କରିବାକୁ ରାଜ୍ୟ ସାଙ୍ଗଠନିକ ସମ୍ପାଦକ ସଞ୍ଜିତ ମହାନ୍ତି ଆହ୍ୱାନ ଦେଇଥିଲେ। ସଭାରେ ରାଜ୍ୟ ସମ୍ପାଦକ ମହମ୍ମଦ ମୁର୍ତ୍ତୁଜା, ରାଜ୍ୟ ସମ୍ପାଦିକା ପଦ୍ମାବତୀ କିସାନ, କୁଚିଣ୍ଡା ଡିଭିଜନ ସମ୍ପାଦକ କିର୍ତ୍ତନ ସେନାପତି, ସୁମିତ ପଟେଲ, ଭୋଜପୁର ରେଞ୍ଜ ସମ୍ପାଦକ ମହେନ୍ଦ୍ର ବେହେରା, କୁଚିଣ୍ଡା ରେଞ୍ଜ ସମ୍ପାଦକ ପୁଷ୍ପକେତୁ ଦେଓ, ମିଳନ ପଲେଇ, ମଣ୍ଟୁ ମହାନ୍ତି, ପ୍ରବୀଣ ବେହେରା, ବାପି ଶର୍ମା, ବାମରା ରେଞ୍ଜ ହେଡଚେକର ଶ୍ରୀକର କଣ୍ଡା, ଭିକାରୀ ନାଏକ, ସୌଦାମିନୀ ପଟେଲ, ପ୍ରଦୀପ ଖମାରୀ, କୈଳାସ ବିରଞ୍ଚି ଏବଂ ଭୋଜପୁର ରେଞ୍ଜର ସମସ୍ତ ମୁନସୀ, ଫଡିସାଥୀ, ତୋଳାଳି ଯୋଗ ଦେଇଥିଲେ। ହେଡଚେକର ନୃପମଣି ଧରୁଆ ଧନ୍ୟବାଦ ଅର୍ପଣ କରିଥିଲେ।

# ପଲ୍ଲିଶ୍ରୀ ମେଳା ଉଦ୍‌ଯାପିତ



ଓରମାସ୍ ଯୁଗ୍ମ ମୁଖ୍ୟ କାର୍ଯ୍ୟନିର୍ବାହୀ କମଳେନ୍ଦୁ ପଲ୍ ପଲ୍ଲିଶ୍ରୀ ମେଳାର କୃତୀ ବିକ୍ରେତାଙ୍କୁ ପ୍ରମାଣପତ୍ର ଓ ଟ୍ରଫି ପ୍ରଦାନ କରୁଛନ୍ତି।

**ବଲାଙ୍ଗୀର,୨୫।୧(ବୀରେନ୍ଦ୍ର କୁମାର ଝାଙ୍କର)** ବଲାଙ୍ଗୀର କୋଶଳ କଳାମଣ୍ଡଳ ପଡିଆରେ ଗତ ୨୦ ତାରିଖରୁ ଆରମ୍ଭ ହୋଇ ୫ ଦିନ ବ୍ୟାପୀ ଚାଲିଥିବା ଓରମାସ୍ ରାଜ୍ୟସ୍ତରୀୟ ପଲ୍ଲିଶ୍ରୀ ମେଳା ଶୁକ୍ରବାର ରାତିରେ ଉଦ୍‌ଯାପିତ ହୋଇଛି। ଏହି ମେଳାରେ ରାଜ୍ୟର ୩୦ଟି ଜିଲା ଏବଂ ସମଗ୍ର ଦେଶର ୧୫ଟି ରାଜ୍ୟର ପ୍ରଦର୍ଶନୀ ଏବଂ ବିକ୍ରୟ ଷ୍ଟଲ ଲାଗିଥିଲା। ମେଳାରେ ୨୧୪ଟି ସ୍ୱୟଂ ସହାୟକ ଗୋଷ୍ଠୀ, ପ୍ରଡ୍ୟୁସର ଗ୍ରୁପ୍, ସ୍ୱରୋଜଗାରୀ, ଶିଳ୍ପୀ, ମହାସଂଘର ୪୩୦ ଜଣ ସଦସ୍ୟା ସଦସ୍ୟ ଯୋଗଦେଇ ବିଭିନ୍ନ ଜିନିଷପତ୍ର ପ୍ରଦର୍ଶନ ଓ ବିକ୍ରୟ କରିଥିଲେ। ୨୦ ତାରିଖ ଦିନ ପଲ୍ଲିଶ୍ରୀ ମେଳାକୁ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ଲୋକସଭା ଏମ୍‌ପି ସଙ୍ଗୀତା କୁମାରୀ ସିଂଦେଓ, ଜିଲାପାଳ ଗୌରବ ଶିଓାଜୀ ଇସଲୱାର, ଓରମାସ୍ ଯୁଗ୍ମ ମୁଖ୍ୟ କାର୍ଯ୍ୟନିର୍ବାହୀ କମଳେନ୍ଦୁ ପଲ୍ ଓ ଅନ୍ୟ ଜିଲାସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ। ପଲ୍ଲୀଶ୍ରୀ ମେଳାରେ ହସ୍ତତନ୍ତ, ହସ୍ତଶିଳ୍ପ, କୁଟୀର ଶିଳ୍ପ, କାଷ୍ଠକଳା, ଧାତୁ ନିର୍ମିତ ବିଭିନ୍ନ ସାମଗ୍ରୀ, ବାଉଁଶ ସାମଗ୍ରୀ, ଟେରାକୋଟା ସାମଗ୍ରୀ, ଲୁଗାପଟା, ଘର ସାଜସଜ୍ଜା ଜିନିଷ, ବିଭିନ୍ନ ଖାଦ୍ୟସାମଗ୍ରୀ, ଘରକରଣା ସାମଗ୍ରୀ, ଆଦିବାସୀ ସାମଗ୍ରୀ, ତନ୍ତୁଜାତୀୟ ଜିନିଷ, ହର୍ବାଲ ସାମଗ୍ରୀ ଓ ଅନ୍ୟ ସାମଗ୍ରୀ ବିକ୍ରୟ ଓ ପ୍ରଦର୍ଶିତ ହୋଇଥିଲା। ମିଳିଥିବା ସୂଚନା ମୁତାବକ ଗତ ୫ ଦିନ ମଧ୍ୟରେ ପ୍ରାୟ ଦେଢ଼ କୋଟିରୁ ଊର୍ଦ୍ଧ୍ୱ ଟଙ୍କାର କିଣାବିକା ହୋଇଛି। ଓରମାସ ପକ୍ଷରୁ ପଲ୍ଲିଶ୍ରୀ ମେଳାରେ ସମସ୍ତ ପ୍ରକାରର ସୁବିଧା କରାଯାଇଥିଲା। ବିଭିନ୍ନ ଷ୍ଟଲରେ ରାଜ୍ୟ ତଥା ରାଜ୍ୟ ବାହାରୁ ଆସିଥିବା ବିକ୍ରେତାମାନଙ୍କ ପାଇଁ ସାମଗ୍ରୀ ପ୍ରଦର୍ଶନୀ ଓ ବିକ୍ରୟ ବ୍ୟବସ୍ଥା କରାଯାଇଥିଲା। ଶୁକ୍ରବାର ସନ୍ଧ୍ୟାରେ ମେଳା ଉଦ୍‌ଯାପନୀ ଅବସରରେ ଅଧିକ ବିକ୍ରୟ କରିଥିବା ବିକ୍ରେତାମାନଙ୍କୁ ଓରମାସ୍ ଯୁଗ୍ମ ମୁଖ୍ୟ କାର୍ଯ୍ୟନିର୍ବାହୀ କମଳେନ୍ଦୁ ପଲ୍ ପ୍ରମାଣପତ୍ର ଓ ଟ୍ରଫି ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଓରମାସର ମଳୟ ସାହାଣୀ, ମକାରୁ ତ୍ରିପାଠୀ, ଟେରାକୋଟା ଶିଳ୍ପୀ ଗୌର ରଣା, ଶରତ ଚନ୍ଦ୍ର ମିଶ୍ର ଓ ଅନ୍ୟମାନେ ଉପସ୍ଥିତ ରହି ସମସ୍ତ କାର୍ଯ୍ୟ ପରିଚାଳନା କରିଥିଲେ।

# ଆତ୍ମରକ୍ଷା ତାଲିମ ଶିବିର ଉଦ୍‌ଯାପିତ

**ପାଟଣାଗଡ,୨୫।୧(ସଚ୍ଚିଦାନନ୍ଦ ମହାକୁର)** ବଲାଙ୍ଗୀର ଜିଲା ପାଟଣାଗଡ଼ ବ୍ଲକ ଅନ୍ତର୍ଗତ ଭଇଁଷା ଜ୍ୟୋତି ବିକାଶ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟଠାରେ ଆତ୍ମରକ୍ଷା ତାଲିମ ଶିବିର ଶନିବାର ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ ସଭାରେ ଅଧ୍ୟକ୍ଷା ଆଭାମୟୀ ପଟ୍ଟନାୟକ ଅଧ୍ୟକ୍ଷତା କରିଥିଲେ । ସଭାରେ ବଲାଙ୍ଗୀର ଜିଲା ଆତ୍ମରକ୍ଷା ତାଲିମ ଶିବିରର ସଂଯୋଜକ ଦାୟିତ୍ୱରେ ଥିବା ଧନଞ୍ଜୟ ସେଠ ମୁଖ୍ୟଅତିଥି ଭାବେ ଯୋଗଦେଇ ଶିବିରର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସମ୍ପର୍କରେ ପୁଙ୍ଖାନୁପୁଙ୍ଖ ଭାବରେ ଆଲୋଚନା କରିଥିଲେ। ଆତ୍ମରକ୍ଷା ତାଲିମ ଦାୟିତ୍ୱରେ ଥିବା ଅଧ୍ୟାପିକା ସୁଶ୍ରୀ ଶୁଭସ୍ମିତା ବେଜ ଏହି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ୮ ଦିନ ଧରି ଚାଲିଥିବା ଏହି ଶିବିରରେ ଟ୍ରେନର ଭାବେ ରୋଜି ପଧାନ ଓ ବ୍ରାହ୍ମଣୀ ଦୀପ ଯୋଗ ଦେଇଥିଲେ। ଏହି ଅବସରରେ ଛାତ୍ରୀଛାତ୍ରମାନଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ସମସ୍ତ ଅଧ୍ୟାପିକା ଅଧ୍ୟାପକ ଓ କର୍ମଚାରୀମାନେ ସହଯୋଗ କରିଥିଲେ। ଶେଷରେ ଅଧ୍ୟାପିକା ରେଶ୍ମା ହୋତା ଧନ୍ୟବାଦ ଅର୍ପଣ କରିଥିଲେ।


**ପୂର୍ବ ତଟ ରେଳପଥ**

ଫାଇଲ୍ ନଂ.: DRM/Engg/KUR/24-25/E-Tender/99 ତା.20.01.2025ରିଖ

୧) ଟେଣ୍ଡର ନଂ.: e-tender-EastKUR-292-2024 ତା.10.01.2025ରିଖ

କାର୍ଯ୍ୟର ନାମ: ଖୋର୍ଦ୍ଧା ରୋଡ ମଣ୍ଡଳର ଯାଜପୁର କେନ୍ଦୁଝର ରୋଡ ଏବଂ ଭଦ୍ରକରେ ଆରପିଏଫ୍ ପୋଷ୍ଟ ବିଲ୍ଡିଂର ନିର୍ମାଣ।

କାର୍ଯ୍ୟର ଆନୁମାନିକ ମୂଲ୍ୟ : ଟ.144.92 ଲକ୍ଷ

EMD : ଟ.2,22,500/-, କାର୍ଯ୍ୟସମାପ୍ତିର ଅବଧି: 10 (ଦଶ) ମାସ

୨) ଟେଣ୍ଡର ନଂ.: e-tendersouthkur-293-2024 ତା.15.01.2025ରିଖ

କାର୍ଯ୍ୟର ନାମ: ସହାୟକ ମଣ୍ଡଳ ଯନ୍ତ୍ରୀ/ବାଲୁଗାଁ ଅଧୀନରେ ଏଲ୍‌ସି ଆପ୍ରୋଚ୍ ରୋଡ୍ ସରଫେସ୍, ଏଲ୍‌ସି ଗୁମ୍‌ଟୀ ସହିତ ଟଏଲେଟ୍, ଫେନ୍ସିଂ, ଟ୍ୟୁବ୍‌ୱେଲ୍ ଏବଂ ହାଇଟ୍ ଗେଜ୍ ଇତ୍ୟାଦିଗୁଡିକର ପ୍ରସ୍ତାବିତ ବିବିଧ ମରାମତି କାର୍ଯ୍ୟ।

କାର୍ଯ୍ୟର ଆନୁମାନିକ ମୂଲ୍ୟ : ଟ.99.93 ଲକ୍ଷ

EMD : ଟ.1,99,900/- କାର୍ଯ୍ୟ ସମାପ୍ତିର ଅବଧି : 8 (ଆଠ) ମାସ

ଟେଣ୍ଡର ବନ୍ଦ ହେବା ତାରିଖ ଏବଂ ସମୟ : ତା.05.02.2025ରିଖ 1500 ଘଣ୍ଟାରେ (ସମସ୍ତ ଟେଣ୍ଡର ନିମନ୍ତେ)

ଏହି ଇ-ଟେଣ୍ଡରଗୁଡ଼ିକ କ୍ଷେତ୍ରରେ ଡାକ/କୋରିୟର/ଫାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ ଏବଂ ଯଥା ସମୟରେ ଗ୍ରହଣ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ।

ଟେଣ୍ଡରଦାତା/ବିଡରମାନଙ୍କ ପାଖରେ ନିଶ୍ଚିତ ଭାବେ କ୍ଲାସ-III ଡିଜିଟାଲ ସ୍ୱାକ୍ଷର ପ୍ରମାଣପତ୍ର ଥିବା ଆବଶ୍ୟକ ଏବଂ ସେମାନେ ନିଶ୍ଚିତ ଭାବେ IREPS ପୋର୍ଟାଲରେ ପଞ୍ଜିକୃତ ହୋଇଥିବେ। କେବଳ ପଞ୍ଜିକୃତ ଟେଣ୍ଡରଦାତା/ବିଡରମାନେ ଇ-ଟେଣ୍ଡରିଙ୍ଗରେ ଅଂଶଗ୍ରହଣ କରିପାରିବେ।

ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର ୧୦ ଦିନ ପୂର୍ବରୁ ୱେବସାଇଟ୍‌କୁ ପୁନଃ ପରିଦର୍ଶନ କରିବାପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି। ୱେବସାଇଟ୍ : www.ireps.gov.in

PR-915/P/24-25 ମଣ୍ଡଳ ରେଳ ପ୍ରବନ୍ଧକ(ଇଞ୍ଜିନିୟରିଙ୍ଗ) ଖୋର୍ଦ୍ଧା ରୋଡ



GOVERNMENT OF ODISHA No. A-934
**DEPARTMENT OF WATER RESOURCES**
**OFFICE OF THE ADDITIONAL CHIEF ENGINEER**
ANGUL IRRIGATION CIRCLE, ANGUL, ODISHA, PIN - 759143
email: seangulirrigation@gmail.com
Government of Odisha "e" PROCUREMENT NOTICE
Bid Identification No. ACEAIC - 03/2024-25

| Sl. No. | Name of Work | Cost of Work | Class of Contractor | Period of Completion | Date and Time of availability of Bid Document in the portal | Last date/ time for receipt of bid in the portal | Name & Address of the Officer Inviting Bid |
|---|---|---|---|---|---|---|---|
| 01 | Improvement of Canal Service Road of Gohira Left Main Canal from RD 12400m to RD 16400m and RD 18909m to RD 20300m (Bank Widening with WBM) of GIP under Deogarh Irrigation Division, Deogarh for the year 2024-25. | Rs.249.02 lakh | "A" & "B" | 06 (Six) Calendar Months including rainy season | 29.01.2025 at 10.00 A.M. | 12.02.2025 upto 5.30 P.M. | Additional Chief Engineer, Angul Irrigation Circle, Angul |

Further details can be seen from the e-Procurement Portal http://tendersodisha.gov.in.
Any corrigendum/addendum/cancellation will be displayed in the Govt. Website only.
OIPR-32081/11/0005/2425 Sd./- Additional Chief Engineer, Angul Irrigation Circle, Angul


# ୧୭ ତମ ଭୈରବୀ କପ୍ କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଘାଟିତ

**ଖପ୍ରାଖୋଲ,୨୫।୧(ଅଭୟ ତ୍ରିପାଠୀ):** ଖପ୍ରାଖୋଲ ବ୍ଲକ ଭାନପୁର ପଞ୍ଚାୟତ ଅନ୍ତର୍ଗତ ଡୁର୍ଲା ଗାଁର ୧୭ତମ ଭୈରବୀ କପ୍ କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଘାଟିତ ହୋଇଯାଇଛି। ଉଦ୍‌ଘାଟନୀ ଉତ୍ସବରେ କ୍ରିକେଟ କ୍ଲବ ସଭାପତି ଜ୍ୟୋତି ରଞ୍ଜନ ପଣ୍ଡା ଅଧ୍ୟକ୍ଷତା କରିଥିଲେ। ମୁଖ୍ୟଅତିଥି ଭାବେ ଭାନପୁର ସରପଞ୍ଚ ରୀନା ଜାଲ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଡୁର୍ଲା ଆଶ୍ରମ ସ୍କୁଲ ପ୍ରଧାନ ଶିକ୍ଷକ ଭୂପିନ୍ଦ୍ର ବନଗୁଲା, ଦୟା ସାଗର ମହିଁ, ଲଛମନ କାଲସାଏ, ମନିଲାଲ ଛତର, ଛବିଳ ପଧାନ, ଡିଲେଶ୍ୱର ଜାଲ ଯୋଗ ଦେଇଥିଲେ। ଉଦ୍‌ଘାଟନୀ ମ୍ୟାଚ ଭାନପୁର ଓ ଚାଉଲବାଞ୍ଜି ମଧ୍ୟରେ ହୋଇଥିଲା। ଚାଉଲବାଞ୍ଜି ଦଳ ପ୍ରଥମେ ବ୍ୟାଟିଂ କରି ୧୪ ଓଭରରେ ୭ ଉଇକେଟ ହରାଇ ୧୩୨ ରନ ସଂଗ୍ରହ କରିଥିଲା। ଜବାବରେ ଭାନପୁର ଦଳ ୧୩.୪ ଓଭରରେ ୯ ଇଇକେଟ ହରାଇ ୧୩୩ ରନ ସଂଗ୍ରହ କରିବାକୁ ସକ୍ଷମ ହୋଇଥିଲା। ଫଳରେ ଭାନପୁର ଦଳକୁ ବିଜୟୀ ଘୋଷଣା କରାଯାଇଥିଲା।

# ୧୫ତମ ଜାତୀୟ ମତଦାତା ଦିବସ

**ଟିଟିଲାଗଡ଼,୨୫।୧(ସନ୍ତୋଷ ପଟ୍ଟନାୟକ):** ଟିଟିଲାଗଡ଼ ଉପଜିଲାପାଳ କାର୍ଯ୍ୟାଳୟରେ ଉପଖଣ୍ଡସ୍ତରୀୟ ୧୫ତମ ଜାତୀୟ ମତଦାତା ଦିବସ ଶନିବାର ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଦୀପିକା ବର୍ମା, ହର୍ଷବର୍ଦ୍ଧନ ସୋନି, ରମାକାନ୍ତ ମିଶ୍ର, ସ୍ୱପ୍ନା ମିଶ୍ର, ଦେବେନ୍ଦ୍ର ବଗର୍ତ୍ତି, ଅହମ୍ମଦ ରଜାକ ଅସରଫି ପ୍ରମୁଖଙ୍କୁ ଟିଟିଲାଗଡ଼ ଉପଜିଲାପାଳ ରେହାନ ଖତ୍ରୀ ମୁଖ୍ୟଅତିଥି ଭାବରେ ଯୋଗଦେଇ ନୂତନ ଭାବରେ ଭୋଟର ପରିଚୟ ପତ୍ର ପ୍ରଦାନ କରିଥିଲେ । ନୂତନ ଭୋଟରଙ୍କୁ ଡେପୁଟି କଲେକ୍ଟର ହରେକୃଷ୍ଣ ମେହେର ଦେଶ ଗଠନରେ ଭୋଟଦାନର ମହତ୍ତ୍ୱ ନେଇ ସଂକଳ୍ପ ପାଠ କରାଇଥିଲେ। ସହକାରୀ ଜିଲାପାଳ ସନ୍ତୋଷ ବେହେରା, ଅତିରିକ୍ତ ତହସିଲଦାର ଶକୁନ୍ତଳା ହାଂସଦା, ପୌର ନିର୍ବାହୀ ଅଧିକାରୀ ସନ୍ଦୀପ ଚନ୍ଦ୍ରକାର ମଞ୍ଚାସୀନ ଥିଲେ। ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ରାଜେନ୍ଦ୍ର ମାଝୀ, ଦେବେନ୍ଦ୍ର ନାଏକ, ଶ୍ୟାମ ସେଠ, ଝସକେତନ ବଡ଼ିଆ, ଉତ୍ତମ ଚିନାଗୁନ, ସୁନିଲ ତାଣ୍ଡି, ଶଶି ମାଝୀ, ଶୁଭମ ରଥ, କଲାରାମ ନାଗ, ତ୍ରିଜାମୀ ନାଗ, ବୁଟୁ ସିଂ ପ୍ରମୁଖ କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ ।

# ସମସ୍ତଙ୍କ ପାଇଁ ଶିକ୍ଷା ଲକ୍ଷ୍ୟରେ ମିନି ମାରାଥନ୍




ମିନି ମାରାଥନ୍ ପରେ ବଲାଙ୍ଗୀର କିସ୍ କ୍ୟାମ୍ପସରେ ଅନୁଷ୍ଠିତ ସଭାରେ ମଞ୍ଚାସୀନ ଅତିଥି।

**ବଲାଙ୍ଗୀର,୨୫।୧(ବୀରେନ୍ଦ୍ର କୁମାର ଝାଙ୍କର):** ବଲାଙ୍ଗୀର କିସ୍-କିଟ ପକ୍ଷରୁ ଶନିବାର ସମସ୍ତଙ୍କ ପାଇଁ ଶିକ୍ଷା ଲକ୍ଷ୍ୟ ନେଇ ଏକ ମିନି ମାରାଥନ ଅନୁଷ୍ଠିତ ହୋଇଥିଲା। ବଲାଙ୍ଗୀର ଡ୍ରାଇଭର ଟ୍ରେନିଂ ସେଣ୍ଟରରୁ ମାରାଥନ ବାହାରି ତୁଳସୀ ନଗର, ସର୍କିଟ ହାଉସ, ସାଲେପାଲି ଛକ, ରାଜୀବ ନଗର, ନୂଆ ବସଷ୍ଟାଣ୍ଡ ଦେଇ କିସ୍ କ୍ୟାମ୍ପସରେ ପହଞ୍ଚିଥିଲା। ସଦର ଏସଡିପିଓ ପ୍ରଦୀପ କୁମାର ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇ ପତାକା ଦେଖାଇ ମିନି ମାରାଥନ୍‌ର ଶୁଭାରମ୍ଭ କରିଥିଲେ। ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଜିଲା କ୍ରୀଡା ଅଧିକାରୀ ପରାଶର ବାଗ, ସାମାଜିକ କର୍ମୀ ଶ୍ରୀକର ମିଶ୍ର ଉପସ୍ଥିତ ଥିଲେ। ସବୁ ଲୋକଙ୍କ ପାଖରେ ଶିକ୍ଷା ପହଞ୍ଚାଇବା ପାଇଁ କିସ୍ କିଟ ପ୍ରତିଷ୍ଠାତା ଡ. ଅଚ୍ୟୁତ ସାମନ୍ତଙ୍କ ମାର୍ଗଦର୍ଶନରେ ଏହି କାର୍ଯ୍ୟକ୍ରମ କରାଯାଇଛି। ପରେ କିସ୍ କ୍ୟାମ୍ପସରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ସଭାରେ ମୁଖ୍ୟଅତିଥି ଭାବେ ଜିଲା ଶିକ୍ଷା ଅଧିକାରୀ କେଶବ ମେହେର, ସହକାରୀ ଜିଲାପାଳ ରାମ ନାରାୟଣ ମିଶ୍ର, ଆଇନଜୀବୀ ପ୍ରିୟରଞ୍ଜନ ବହିଦାର ଓ କ୍ରୀଡା ଅଧିକାରୀ ପରାଶର ବାଗ ମଞ୍ଚାସୀନ ଥିଲେ। କିସ୍ କିଟ ପକ୍ଷରୁ ୨୦୧୬ରୁ ପ୍ରତିବର୍ଷ ମାରାଥନ ଆୟୋଜନ ହୋଇଆସୁଛି। ବଲାଙ୍ଗୀର କିସ୍ ଅନୁଷ୍ଠାନରେ ପ୍ରାୟ ୧ ହଜାର ଆଦିବାସୀ ଛାତ୍ରୀ ମାଗଣାରେ ଉନ୍ନତ ମାନର ଶିକ୍ଷା ପାଉଛନ୍ତି। ଏବେ ଭୁବନେଶ୍ୱର କିସ୍‌ରେ ୩୦ ହଜାର ଆଦିବାସୀ ପିଲା ପାଠ ପଢୁଥିବା ବେଳେ ୪୦ ହଜାରରୁ ଅଧିକ ପିଲା ଉତ୍ତୀର୍ଣ୍ଣ ହୋଇ ସାରିଥିବା ଆଇନଜୀବୀ ପ୍ରିୟରଞ୍ଜନ ବହିଦାର କହିଥିଲେ। ଶିକ୍ଷା ଆମ ସମସ୍ତଙ୍କ ଜୀବନରେ ଜରୁରୀ ବୋଲି ଭାରପ୍ରାପ୍ତ ଜିଲା ଶିକ୍ଷା ଅଧିକାରୀ କେଶବ ମେହେର କହିଥିଲେ। ସଭାକୁ ଚିତ୍ତରଞ୍ଜନ ମିଶ୍ର ପରିଚାଳନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ କିସ୍ ଏସିଇଓ ରାଜକୁମାର ପୂଜାହାରୀ, ପ୍ରଧାନ ଶିକ୍ଷକ ସମେତ ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ, କର୍ମଚାରୀ ଓ ଅଧିକାରୀ ଉପସ୍ଥିତ ଥିଲେ। ମାରାଥନ୍‌ରେ ଅଂଶଗ୍ରହଣ କରିଥିବା ଅନୁଷ୍ଠାନ ସଦସ୍ୟଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା।


GOVERNMENT OF ODISHA
**"e" - PROCUREMENT**
NOTICE NO. CCE, KIP-(KRC&BD)-04/2024-25 No. A-968
(Pertaining to Kanpur Rehabilitation Camps & Building Division, Basudevpur)

| | | |
|---|---|---|
| 1. | Name of the Work | "Construction of approach road along with drain & CD works from Naik Sahi to Munda Sahi including colony road for Munda Sahi at Kumulanali (Dhobakhuchuda) for the DPS of Village Dhobakhuchuda of KIP" |
| 2. | Bid Identification No. | CCE, KIP (KRC&BD)-04/2024-25 |
| 3. | Estimated Cost | Rs.190.22 Lakh |
| 4. | Period of Completion | 08 (Eight) Calendar Months including rainy season. |
| 5. | Date & time of availability of bid document in the portal | Dt.28.01.2025 from 10.00 hours to Dt.11.02.2025 upto 17.00 hours |
| 6. | Last date/time for receipt of bids in the portal | 11.02.2025 upto 17.00 hours. |
| 7. | Date & Time of opening of tender (Technical Bid) | 12.02.2025 at 11.00 hours |
| 8. | Name and address of the Officer Inviting Bid | Er. Prasad Ranjan Panda Chief Construction Engineer, Kanupur Irrigation Project, At/P.O.: Basudevpur, Dist.: Keonjhar, Odisha - 758047 |

Further details can be seen from the e-Procurement portal "https://www.tendersodisha.gov.in".
Sd./- (Er. Prasad Ranjan Panda)
Chief Construction Engineer
Kanupur Irrigation Project
Basudevpur, Keonjhar, Odisha
OIPR-32012/11/0006/2425



**कार्यपालक अभियंता का कार्यालय,**
**पथ निर्माण विभाग, पथ प्रमंडल, सरायकेला-खरसावाँ**

**ई-प्रोक्योरमेंट सूचना, (द्वितीय कॉल)**

ई-टेंडर रेफरेन्स नं०-प०नि०वि०/सरायकेला/20 दिनांक 25.01.2025

| | | |
|---|---|---|
| 1. | कार्य का नाम | काण्ड्रा-चौका सेक्शन के चैनेज 5+780 कि०मी० में अवस्थित टॉल प्लाजा में User Fee का Collection । |
| 2. | राशि (Annual Potential Collection) | रु० 13.5115120 करोड़ (रुपये ग्यारह करोड़ एकावन लाख पन्द्रह हजार एक सौ बीस) मात्र |
| 3. | बीड जमानत राशि | रु० 27,03,000.00 (सताईस लाख तीन हजार रुपये) मात्र |
| 4. | User Fee Collection की अवधि | 02 (दो) वर्ष |
| 5. | निविदा प्राप्ति की अंतिम तिथि/समय | 18.02.2025 12:00 बजे दोपहर तक |
| 6. | वेवसाईट पर निविदा प्रकाशन की तिथि | 29.01.2025 10:30 बजे अपराह्न |
| 7. | निविदा प्रकाशन करनेवाले कार्यालय का नाम एवं पता | कार्यपालक अभियंता, पथ निर्माण विभाग, पथ प्रमंडल, सरायकेला-खरसावाँ । |
| 8. | प्रोक्योरमेंट पदाधिकारी का सम्पर्क संख्या | 9199867872 |
| 9. | ई-प्रोक्योरमेंट सेल का हेल्पलाईन संख्या | 0651-2401010 |

नियम एवं शर्त्ते के लिए बेबसाईट-www.jharkhandtenders.gov.in पर देखें ।

PR 345110 Road Construction Dept Road Division Ranchi(24-25)#D
कार्यपालक अभियंता, पथ निर्माण विभाग, पथ प्रमंडल, सरायकेला-खरसावाँ



**कार्यपालक अभियंता का कार्यालय**
**सिंचाई प्रमंडल गोड्डा,शिविर-महागामा**

ई-प्रोक्योरमेंन्ट सूचना(अति अल्पकालीन)
निविदा सूचना सं0-WRD MAHAGAMA/02F2(24-25)
दिनांक:25-01-2025

| | | |
|---|---|---|
| 1 | कार्य का नाम | बटेश्वर स्थान गंगा पम्प नहर योजना के आर0 डी0सं0-88.90,102.20,104.20 एव 135.90 पर तीन अदद् CD का निर्माण एवं Gap भाग का Brick Lining कार्य। |
| 2. | प्राक्कलित राशि (रू0 में) | 2,19,00,440.00 |
| 3. | कार्य समाप्ति की अवधि | 300 दिन |
| 4. | ई0 निविदा बेवसाईट पर प्राप्त करने की अंतिम तिथि एवं समय | 05.02.2025 के 5:00बजे अपराह्न तक |
| 5. | ई0 निविदा बेवसाईट पर प्रकाशन की तिथि | 29.01.2025 के 11:00बजे पूर्वाह्न से |
| 6. | बीड खुलने की तिथि एवं समय | 06.02.2025 के 3:00 बजे अपराह्न में। |
| 7. | ई-प्रोक्योरमेंन्ट सेल का सम्पर्क सहायता नम्बर | 06432-232477 |
| 8. | ई0 निविदा आमंत्रित करने पाले कार्यालय का नाम एव पता | कार्यपालक अभियंता, सिंचाई प्रमंडल गोड्डा,शिविर-महागामा। |
| 9. | ई-प्रोक्योरमेंन्ट अधिकारी का सम्पर्क नं0 | 9801343072 |

नोटःकेवल ई-निविदा ही स्वीकार किये जायेंगें।
1.निविदा शुल्क एवं अग्रधन की राशि केवल Online mode द्वारा स्वीकार्य होगी।
2.निविदा शुल्क एवं अग्रधन की राशि का ई- भुगतान जिस खाता से किया जायेगा उसी खाते में अग्रधन की राशि वापस होगी,अगर खता को बन्द कर दिया जाता है तो इसकी सारी जवाबदेही सम्बधित निविदा दाता की होगी।
3.प्राक्कलित राशि घट-बढ सकती है।
4.राज्य सरकार द्वारा निर्गत सभी अद्यतन अदेश/परिपत्र लागू होगे।
5.अन्य जानकारी के लिए बेवसाईट http://jharkhandtenders .gov.in पर प्राप्त की जा सकती है।

PR 345075 Irrigation(24-25).D
कार्यपालक अभियंता, सिंचाई प्रमंडल गोड्डा,शिविर-महागामा



**ଭାରତୀୟ ରିଜର୍ଭ ବ୍ୟାଙ୍କ**
ସମ୍ପଦା ବିଭାଗ, ପଣ୍ଡିତ ଜବାହାରଲାଲ ନେହରୁ ମାର୍ଗ, ଭୁବନେଶ୍ୱର – 751001
**ଟେଣ୍ଡର ବିଜ୍ଞପ୍ତି**

ଭାରତୀୟ ରିଜର୍ଭ ବ୍ୟାଙ୍କ, ଭୁବନେଶ୍ୱର ଏପ୍ରିଲ୍ 01, 2025ରୁ ମାର୍ଚ୍ଚ 31, 2026 ପର୍ଯ୍ୟନ୍ତ **ନିଜର ମୁଖ୍ୟ କାର୍ଯ୍ୟାଳୟ ପରିସରର ରକ୍ଷଣାବେକ୍ଷଣ ତଥା ହାଉସ୍ କିପିଙ୍ଗ୍ ସେବା ପାଇଁ ବ୍ୟାପକ ବାର୍ଷିକ ରକ୍ଷଣାବେକ୍ଷଣ ଚୁକ୍ତିନାମା କରିବା** ନିମନ୍ତେ ଯୋଗ୍ୟ ସଂସ୍ଥାମାନଙ୍କଠାରୁ ଦୁଇଟି ଭାଗରେ ଇ-ଟେଣ୍ଡର ଆହ୍ୱାନ କରୁଅଛି।

ଆଗ୍ରହୀ ସଂସ୍ଥାମାନେ ବିସ୍ତୃତ ବିବରଣୀ ପାଇଁ ବ୍ୟାଙ୍କର ୱେବ୍‌ସାଇଟ୍ **www.rbi.org.in** ଦେଖିପାରିବେ କିମ୍ବା ବ୍ୟାଙ୍କର ସମ୍ପଦା ବିଭାଗ ସହିତ ଯୋଗାଯୋଗ କରିପାରିବେ। MSTC ପୋର୍ଟାଲ **www.mstcecommerce.com/eprocn**ରେ ଏହି ଟେଣ୍ଡରର ଆବେଦନର ଶେଷ ତାରିଖ **ଫେବୃଆରୀ ୨୮, ୨୦୨୫ ଅପରାହ୍ନ ୦୨.୦୦ଟା** ଅଟେ।

**କ୍ଷେତ୍ରୀୟ ନିର୍ଦ୍ଦେଶକ, ଭୁବନେଶ୍ୱର**



**ଭାରତୀୟ ରିଜର୍ଭ ବ୍ୟାଙ୍କ**
ସମ୍ପଦା ବିଭାଗ, ପଣ୍ଡିତ ଜବାହାରଲାଲ ନେହରୁ ମାର୍ଗ, ଭୁବନେଶ୍ୱର – 751001
**ଟେଣ୍ଡର ବିଜ୍ଞପ୍ତି**

ଭାରତୀୟ ରିଜର୍ଭ ବ୍ୟାଙ୍କ, ଭୁବନେଶ୍ୱର **ନିଜର ମୁଖ୍ୟ କାର୍ଯ୍ୟାଳୟର ସିଡ଼ି କ୍ଷେତ୍ର ନବୀକରଣ (ଖାଣ୍ଡୋଲାଇଟ୍ ପଥରକାର୍ଯ୍ୟ)** ପାଇଁ ଯୋଗ୍ୟ ସଂସ୍ଥାମାନଙ୍କଠାରୁ ଦୁଇଟି ଭାଗରେ ଇ-ଟେଣ୍ଡର ଆହ୍ୱାନ କରୁଅଛି।

ଆଗ୍ରହୀ ସଂସ୍ଥାମାନେ ବିସ୍ତୃତ ବିବରଣୀ ପାଇଁ ବ୍ୟାଙ୍କର ୱେବ୍‌ସାଇଟ୍ **www.rbi.org.in** ଦେଖିପାରିବେ କିମ୍ବା ବ୍ୟାଙ୍କର ସମ୍ପଦା ବିଭାଗ ସହିତ ଯୋଗାଯୋଗ କରିପାରିବେ। MSTC ପୋର୍ଟାଲ **www.mstcecommerce.com/eprocn**ରେ ଆବେଦନର ଶେଷ ତାରିଖ **ଫେବୃଆରୀ ୧୧, ୨୦୨୫ ଅପରାହ୍ନ ୦୨.୦୦ଟା** ଅଟେ।

**କ୍ଷେତ୍ରୀୟ ନିର୍ଦ୍ଦେଶକ, ଭୁବନେଶ୍ୱର**



**ଭାରତୀୟ ରିଜର୍ଭ ବ୍ୟାଙ୍କ**
ସମ୍ପଦା ବିଭାଗ, ପଣ୍ଡିତ ଜବାହାରଲାଲ ନେହରୁ ମାର୍ଗ, ଭୁବନେଶ୍ୱର – 751001
**ଟେଣ୍ଡର ବିଜ୍ଞପ୍ତି**

ଭାରତୀୟ ରିଜର୍ଭ ବ୍ୟାଙ୍କ, ଭୁବନେଶ୍ୱର ନିଜର ମୁଖ୍ୟ କାର୍ଯ୍ୟାଳୟର ଗ୍ରାଉଣ୍ଡ ଫ୍ଲୋର ଏରିଆରେ **HVAC ଡକ୍ଟିଂ କାର୍ଯ୍ୟର ଯୋଗାଣ, ସ୍ଥାପନା, ପରୀକ୍ଷଣ ଓ କାର୍ଯ୍ୟକ୍ଷମତା** ନିମନ୍ତେ ଯୋଗ୍ୟ ସଂସ୍ଥାମାନଙ୍କଠାରୁ ଦୁଇଟି ଭାଗରେ ଇ-ଟେଣ୍ଡର ଆହ୍ୱାନ କରୁଅଛି।

ଆଗ୍ରହୀ ସଂସ୍ଥାମାନେ ବିସ୍ତୃତ ବିବରଣୀ ପାଇଁ ବ୍ୟାଙ୍କର ୱେବ୍‌ସାଇଟ୍ **www.rbi.org.in** ଦେଖିପାରିବେ କିମ୍ବା ବ୍ୟାଙ୍କର ସମ୍ପଦା ବିଭାଗ ସହିତ ଯୋଗାଯୋଗ କରିପାରିବେ। MSTC ପୋର୍ଟାଲ **www.mstcecommerce.com/eprocn**ରେ ଆବେଦନର ଶେଷ ତାରିଖ **ଫେବୃଆରୀ ୦୫, ୨୦୨୫ ଅପରାହ୍ନ ୦୨.୦୦ଟା** ଅଟେ।

**କ୍ଷେତ୍ରୀୟ ନିର୍ଦ୍ଦେଶକ, ଭୁବନେଶ୍ୱର**

# ଅନୁକୂଳ ବାତାବରଣ ସୃଷ୍ଟିକରିବାକୁ ସରକାର ପ୍ରତିଶ୍ରୁତିବଦ୍ଧ




ଭୁବନେଶ୍ୱର,୨୫।୧ (ଅଭୟ ଦାଶ)

ରାଜ୍ୟ ସରକାରଙ୍କ ବହୁ ପ୍ରତୀକ୍ଷିତ ତଥା ୩ଦିନିଆ ନିବେଶ ସମ୍ମିଳନୀ 'ଉତ୍କର୍ଷ ଓଡ଼ିଶା–ମେକ୍ ଇନ୍ ଓଡିଶା କନ୍‌କ୍ଲେଭ୍–୨୦୨୫' ଖୁବ୍‌ଶୀଘ୍ର ଆୟୋଜନ ହେବାକୁ ଯାଉଛି। ଓଡ଼ିଶାକୁ ଏକ ସମୃଦ୍ଧ ଓ ଶିଳ୍ପୋନ୍ନତ ରାଜ୍ୟ ଭାବେ ଗଢ଼ି ତୋଳିବାକୁ ସରକାରଙ୍କ ଉଦ୍ୟମରେ ଭୁବନେଶ୍ୱରର ଜନତା ମଇଦାନଠାରେ ଉତ୍କର୍ଷ ଓଡ଼ିଶା ପୁଞ୍ଜିନିବେଶ ଶିଖର ସମ୍ମିଳନୀ ୨୦୨୫ ଜାନୁୟାରୀ ୨୮ରୁ ୩୦ ତାରିଖ ପର୍ଯ୍ୟନ୍ତି ଅନୁଷ୍ଠିତ ହେବ। ଏହି ପରିପ୍ରେକ୍ଷୀରେ ଶନିବାର ରାଜ୍ୟ ସରକାରଙ୍କ ଶିଳ୍ପ ବିଭାଗ ପକ୍ଷରୁ ଭୁବନେଶ୍ୱରରେ ଏକ ଖବରଦାତା ସମ୍ମିଳନୀର ଆୟୋଜନ କରାଯାଇଥିଲା। ଏହି ଅବସରରେ ଶିଳ୍ପ ଓ ଦକ୍ଷତା ବିକାଶ ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ଏବଂ ଶିଳ୍ପ ସଚିବ ହେମନ୍ତ ଶର୍ମାଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ। ଉଲ୍ଲେଖଯୋଗ୍ୟ, ଉତ୍କର୍ଷ ଓଡ଼ିଶା–ମେକ୍ ଇନ୍ ଓଡ଼ିଶା କନ୍‌କ୍ଲେଭ୍–୨୦୨୫ ରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସମେତ କେନ୍ଦ୍ର ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ଜୁଏଲ ଓରାମ ଏବଂ ଅଶ୍ୱିନୀ ବୈଷ୍ଣବ ପ୍ରମୁଖ ଯୋଗଦେବା ସହ ୧୬ଟି ରାଷ୍ଟ୍ର (ଦେଶ)ର ୧୦୦ରୁ ଅଧିକ ପୁଞ୍ଜି ନିବେଶକ ଏବଂ ପ୍ରମୁଖ ଭାରତୀୟ ଶିଳ୍ପପତିମାନଙ୍କୁ ଉଦ୍‌ବୋଧନ ଦେବାର କାର୍ଯ୍ୟକ୍ରମ ରହିଛି।

## ୨୮ରୁ ୩ ଦିନିଆ ଉତ୍କର୍ଷ ଓଡ଼ିଶା ଶିଖର ସମ୍ମିଳନୀ

ଅପରପକ୍ଷରେ ମୋଦି ୨୮ ଜାନୁଆରୀରେ ଏହି ସମ୍ମିଳନୀକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିବେ। ସେହିଭଳି ଉତ୍କର୍ଷ ଓଡ଼ିଶା କନ୍‌କ୍ଲେଭ୍ ଓଡ଼ିଶାରେ ପୁଞ୍ଜିନିବେଶ ପାଇଁ ଏକ ନୂତନ ମାଇଲଖୁଣ୍ଟ ତଥା ଐତିହାସିକ କାର୍ଯ୍ୟକ୍ରମ ହେବାକୁ ଯାଉଛି। ଏହା ଓଡ଼ିଶାର ଶିଳ୍ପ କ୍ଷେତ୍ରର ଭବିଷ୍ୟତକୁ ନୂତନ ଓ ବ୍ୟାପକ କରିବାରେ ବେଶ୍ ସହାୟକ ହେବ ବୋଲ ଶିଳ୍ପ ଓ ଦକ୍ଷତା ବିକାଶ ମନ୍ତ୍ରୀ ସ୍ୱାଇଁ କହିଛନ୍ତି। ଓଡ଼ିଶାକୁ ଏକ ବୈଶ୍ୱିକ ଶିଳ୍ପ କେନ୍ଦ୍ରରେ ପରିଣତ କରିବା ସହ ଭାରତର ଏକ ଅଗ୍ରଣୀ ଅର୍ଥନୈତିକ ଶକ୍ତିଶାଳୀ ରାଜ୍ୟର ଆକାଂକ୍ଷାକୁ ସାକାର କରିବା ଦିଗରେ ଏହା ଏକ ମହତ୍ତ୍ୱପୂର୍ଣ୍ଣ ଯୋଗଦାନ ଦେବ। ପ୍ରଧାନମନ୍ତ୍ରୀ ମୋଦିଙ୍କ ଦୂରଦୃଷ୍ଟିସମ୍ପନ୍ନ ନେତୃତ୍ୱ ଏବଂ ପୂର୍ବୋଦୟ ମିଶନ ସହ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ପ୍ରେରଣାଦାୟୀ ମାର୍ଗଦର୍ଶନରେ ଉତ୍କର୍ଷ ଓଡ଼ିଶା କନ୍‌କ୍ଲେଭ୍ ଓଡ଼ିଶାର ସାମଗ୍ରିକ ଓ ଦୀର୍ଘସ୍ଥାୟୀ ଆର୍ଥିକ ଅଭିବୃଦ୍ଧିକୁ ତ୍ୱରାନ୍ୱିତ କରିପାରିବ।

# ଫ୍ଲାଗ୍ ଫାଉଣ୍ଡେଶନ ଅଫ୍ ଇଣ୍ଡିଆର ନୂତନ ଅଭିଯାନ

ନୂଆଦିଲ୍ଲୀ,୨୫।୧

ଫ୍ଲାଗ୍ ଫାଉଣ୍ଡେଶନ ଅଫ୍ ଇଣ୍ଡିଆ (ଏଫ୍‌ଏଫ୍‌ଆଇ)ର ନୂତନ ଅଭିଯାନ 'ମେରା ଧାଗା, ମେରା ତିରଙ୍ଗା, ମେରା ଦେଶ' ଜରିଆରେ ସମଗ୍ର ଭାରତକୁ ଜାତୀୟ ପତାକା ତଳେ ଏକାଠି କରିବାର ଅନନ୍ୟ କାର୍ଯ୍ୟ ଜିନ୍ଦଲ ଷ୍ଟିଲ୍ ଆଣ୍ଡ ପାୱାରର ଅଧ୍ୟକ୍ଷ ତଥା କୁରୁକ୍ଷେତ୍ର ଏମ୍‌ପି ନବୀନ ଜିନ୍ଦଲଙ୍କ ନେତୃତ୍ୱରେ ଆରମ୍ଭ କରାଯାଇଥିଲା। ଏପରିକି ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ଏକ ଅଖଣ୍ଡ ଭାରତର ଦୃଷ୍ଟିକୋଣ ଏବଂ ଭାରତୀୟ ଗଣତନ୍ତ୍ରର ୭୫ବର୍ଷ ପୂର୍ତ୍ତି ଅବସରରେ ସର୍ଦ୍ଦାର ପଟେଲଙ୍କ ଜୟନ୍ତୀ ଏବଂ ରାଷ୍ଟ୍ରୀୟ ଏକତା ଦିବସ ଅବସରରେ ଏହି ଅଭିଯାନ ୨୦୨୪ ଅକ୍ଟୋବର ୩୧ରେ ଆରମ୍ଭ ହୋଇଥିଲା। ଏହି ଅଭିଯାନ ଅଧୀନରେ ଦେଶବାସୀଙ୍କଠାରୁ ସେହି ଚାରିଟି ରଙ୍ଗର ସୂତା ମଗାଯାଇଥିଲା, ଯାହାଦ୍ୱାରା ଗର୍ବ ଏବଂ ଦେଶଭକ୍ତିର ପ୍ରତୀକ ଜାତୀୟ ପତାକାକୁ ବୁଣାଯାଇପାରିବ। ଜାତୀୟ ଗୌରବକୁ ପ୍ରୋତ୍ସାହିତ କରିବା, ତ୍ରିରଙ୍ଗାର ମହତ୍ତ୍ୱ ବିଷୟରେ ନାଗରିକମାନଙ୍କୁ ସଚେତନ କରିବା ଏବଂ ସାମୂହିକ ଅଂଶଗ୍ରହଣକୁ ପ୍ରୋତ୍ସାହିତ କରିବା ଲକ୍ଷ୍ୟରେ ଏହି ପଦକ୍ଷେପ ବହୁଲକ୍ଷ ଲୋକଙ୍କୁ ଜାତୀୟ ପତାକା ତଳେ ଏକାଠିହେବା ପାଇଁ ଏକ ସୁଯୋଗ ସୃଷ୍ଟି କରିଥିଲା।

ଏ ସମ୍ପର୍କରେ ଏଫ୍‌ଏଫ୍‌ଆଇର ସଭାପତି ନବୀନ ଜିନ୍ଦଲ କହିଥିଲେ,ଭାରତୀୟ ଜାତୀୟ ପତାକା କେବଳ ଏକ ପ୍ରତୀକ ନୁହେଁ, ଏହା ହେଉଛି ଆମ ଜାତିର ଆତ୍ମା। ତ୍ରିରଙ୍ଗାର ପ୍ରତ୍ୟେକ ସୂତା ଆମ ପୂର୍ବପୁରୁଷଙ୍କ ଐତିହ୍ୟ, କାରିଗରଙ୍କ ଦକ୍ଷତା ଏବଂ ଭାରତ ଗଠନରେ ଯୋଗଦାନ ଦେଇଥିବା ଅଗଣିତ ପିଢ଼ିର ଭାବନା ବହନ କରିଥାଏ।

# ବେଦାନ୍ତର 'ବେଦକ୍ଷତା' କେନ୍ଦ୍ର ଉଦ୍‌ଘାଟିତ

ଭୁବନେଶ୍ୱର,୨୫।୧

ବେଦାନ୍ତ ଆଲୁମିନିୟମର ନୂତନ ଦକ୍ଷତା ତାଲିମ କେନ୍ଦ୍ର 'ବେଦକ୍ଷତା' ଝାରସୁଗୁଡ଼ାର କୋଲାବିରା ବ୍ଲକ୍ ଅଧୀନ ପତ୍ରାପାଲିଠାରେ ଉଦ୍‌ଘାଟିତ ହୋଇଯାଇଛି। ଏହି ଅବସରରେ ଝାରସୁଗୁଡ଼ା ଜିଲା ନିୟୋଜନ ଅଧିକାରୀ ମାନସ କୁମାର ସମ୍ମାନିତ ଅତିଥି ଭାବେ ଯୋଗଦେଇ ଏହାର ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବହୁ ବିଶିଷ୍ଟ ଅତିଥି ଓ ସ୍ଥାନୀୟ ଗୋଷ୍ଠୀ ସଦସ୍ୟ ଉପସ୍ଥିତ ଥିଲେ। ସେହିଭଳି ଏହି କେନ୍ଦ୍ରଟି ଅତ୍ୟାଧୁନିକ ଭିତ୍ତିଭୂମିରେ ସଜ୍ଜିତ, ଯେଉଁଥିରେ ଏକ ବହୁମୁଖୀ ହଲ୍, ଡିଜିଟାଲ ତାଲିମ କକ୍ଷ, ଟ୍ରେଡ୍ ଉପଯୋଗୀ ସ୍ଥାନ ଓ ପୁଅ–ଝିଅଙ୍କ ଲାଗି ସ୍ୱତନ୍ତ୍ର ହଷ୍ଟେଲ ବ୍ୟବସ୍ଥା ରହିଛି। ଏ ସମ୍ପର୍କରେ ବେଦାନ୍ତ ଆଲୁମିନିୟମର ସିଓଓ ସୁନୀଲ ଗୁପ୍ତା କହିଛନ୍ତି,ଆମେ ଆମର କାର୍ଯ୍ୟ ପରିସର ଓ ଆଖପାଖ ଅଞ୍ଚଳରେ ଥିବା ଗୋଷ୍ଠୀର ଯୁବକମାନଙ୍କ ଆକାଂକ୍ଷାକୁ ପୋଷଣ କରିବାକୁ ପ୍ରତିବଦ୍ଧ ରହିଛୁ। ବେଦକ୍ଷତା ଦକ୍ଷତା ତାଲିମ କେନ୍ଦ୍ର ଯୁବକମାନଙ୍କୁ ସ୍ଥାୟୀ ଜୀବିକାକୁ ସୁରକ୍ଷିତ କରିବା ସହ ସେମାନଙ୍କୁ ଉପଯୋଗୀ ପ୍ରଶିକ୍ଷଣ ଯୋଗାଇବ। ପ୍ରତିଭା ଓ ସୁଯୋଗ ମଧ୍ୟରେ ରହିଥିବା ପାର୍ଥକ୍ୟକୁ ଦୂରକରି ଆମେ ସମାବେଶୀ ଅଭିବୃଦ୍ଧିକୁ ପ୍ରୋତ୍ସାହିତ କରିବା ଓ ଝାରସୁଗୁଡ଼ାର ସାମାଜିକ–ଆର୍ଥିକ ବିକାଶରେ ମହତ୍ତ୍ୱପୂର୍ଣ୍ଣ ଯୋଗଦାନ ଦେବାକୁ ଲକ୍ଷ୍ୟ ରଖିଛୁ।










See Career
Appointment
on every
Wednesday & Saturday


















# କଭର ଲେଟର



ଗୋଟିଏ ଆକର୍ଷଣୀୟ ମଲାଟ ଦେଖିଲେ ବହିଟିଏ ପଢ଼ିବାକୁ ଇଚ୍ଛାହୁଏ। ଠିକ୍ ସେମିତି ଗୋଟିଏ ଭଲ କଭର ଲେଟର୍ ନିଯୁକ୍ତିଦାତାଙ୍କ ମନରେ ଜବ୍ ଆବେଦନକାରୀଙ୍କ ପ୍ରତି ଏକ ସକାରାତ୍ମକ ଭାବନା ସୃଷ୍ଟି କରିଥାଏ। ତେଣୁ ବର୍ତ୍ତମାନର ପ୍ରତିଯୋଗିତାମୂଳକ ଯୁଗରେ ଜବ୍ ଆପ୍ଲାଏ କରିବା ବେଳେ ସିଭି ସହିତ କଭର ଲେଟର ଦେବାର ଟ୍ରେଣ୍ଡ ବଢ଼ିବାରେ ଲାଗିଛି...



ଯୁବପିଢ଼ିଙ୍କୁ କୌଣସି ଜବ୍ ପାଇଁ ଆପ୍ଲାଏ କରିବା ଲାଗି ଆବଶ୍ୟକ ହୋଇଥାଏ ସିଭି (କରିକୁଲମ୍ ଭିଟା), ଯେଉଁଥିରେ ଥାଏ ଆବେଦନକାରୀଙ୍କ ସମ୍ପର୍କରେ ସମସ୍ତ ତଥ୍ୟ। ହେଲେ ସିଧାସଳଖ ସିଭି ଦେବା ଅପେକ୍ଷା ଏହା ସହ ଏକ କଭର ଲେଟର ଦେବା ନା କେବଳ ଏଚ୍ଆର୍‌ଙ୍କୁ ଚୟନ କରିବା ପ୍ରକ୍ରିୟାକୁ ସହଜ କରିଥାଏ ବରଂ ଆବେଦନକାରୀଙ୍କ ବ୍ୟକ୍ତିତ୍ୱ ଉପରେ ଏକ ସକାରାତ୍ମକ ପ୍ରଭାବ ମଧ୍ୟ ପକାଇଥାଏ। ବିଶେଷକରି ଅନ୍‌ଲାଇନ୍‌ରେ ଜବ୍ ପାଇଁ ଆପ୍ଲାଏ କରୁଥିଲେ କଭର ଲେଟର୍ ଦେବା ନିହାତି ଆବଶ୍ୟକ। ହେଲେ ଅନେକ ସମୟରେ ଆବେଦନକାରୀ ଏଚ୍ଆର୍‌ଙ୍କୁ ସିଭି ଦେବା ବେଳେ ଏହାକୁ ଆଟାଚ୍ କରିବା ଭୁଲିଯାଆନ୍ତି। ଆଉ ଏଥିପାଇଁ କେତେକଙ୍କ ସିଭି ରିଜେକ୍ଟ ମଧ୍ୟ ହୋଇଯାଏ। ବର୍ତ୍ତମାନ କର୍ପୋରେଟ୍ ସେକ୍ଟରରେ ଜବ୍ ଆବେଦନ ପାଇଁ କଭର ଲେଟର୍ ଦେବାର ଟ୍ରେଣ୍ଡ ବଢ଼ିବାରେ ଲାଗିଛି। ତେଣୁ କଭର ଲେଟର ଲେଖିବା ବେଳେ ଏହାକୁ ଆଟ୍ରାକ୍ଟିଭ୍ କରିବା ଲାଗି କେତେକ ଦିଗ ପ୍ରତି ଧ୍ୟାନ ଦେବା ଆବଶ୍ୟକ।

**କାହିଁକି ଆବଶ୍ୟକ କଭର ଲେଟର:** ଯେକୌଣସି ଜବ୍ ଆବେଦନ ପାଇଁ କଭର ଲେଟର ବେଶ୍ ଆବଶ୍ୟକ। ଏହା ଜଣଙ୍କର ଦକ୍ଷତାର ପ୍ରଥମ ପରିଚୟ ଦେଇଥାଏ। ଏଥିରୁ କେତେବର୍ଷର ଅଭିଜ୍ଞତା ଅଛି, କେଉଁ ପଦ ପାଇଁ ଆପ୍ଲାଏ କରିଛନ୍ତି ସହଜରେ ଜଣାପଡ଼ିଯାଏ। ତେଣୁ ଅଳ୍ପ ଶବ୍ଦରେ ସମସ୍ତ ତଥ୍ୟ ଠିକ୍ ଭାବେ ସଜାଇ ଲେଖନ୍ତୁ, ଯାହା ନିଯୁକ୍ତିଦାତାଙ୍କ ଦୃଷ୍ଟି ଆକର୍ଷଣ କରିବା ସହ ପ୍ରଭାବିତ କରିବ ଏବଂ ଆପଣଙ୍କୁ ଜବ୍ ପାଇବାରେ ବେଶ୍ ସାହାଯ୍ୟ କରିବ।





**କେମିତି ହେବା ଦରକାର:** ଅନେକେ କଭର ଲେଟରକୁ ଆକର୍ଷଣୀୟ କରିବା ଲାଗି ଅତି ରଞ୍ଜିତ କରି ଲେଖିବା ଉପରେ ଧ୍ୟାନ ଦିଅନ୍ତି। ହେଲେ ଏହା ନିଯୁକ୍ତିଦାତାଙ୍କ ମନରେ ନକାରାତ୍ମକ ପ୍ରଭାବ ପକାଇପାରେ। ତେଣୁ ଏହାକୁ ଲେଖିବା ବେଳେ ନିଜର କ୍ୱାଲିଫିକେଶନ୍, ଏକ୍ସପେରିଏନ୍ସ, ସ୍କିଲ୍ସ ଆଦି ଭଳି ଗୁରୁତ୍ୱପୂର୍ଣ୍ଣ ତଥ୍ୟ ହିଁ ଲେଖନ୍ତୁ। କାରଣ ସିଭି ସମ୍ପୂର୍ଣ୍ଣ ପଢ଼ିବା ପୂର୍ବରୁ ଏହି କଭର ଲେଟର ହିଁ ଆପଣଙ୍କ ପ୍ରତି ଏକ ଭଲ ଧାରଣା ସୃଷ୍ଟି କରିଥାଏ। ତେବେ ମନେରଖନ୍ତୁ, ଏହାକୁ ଆକର୍ଷଣୀୟ କରିବା ନିଶାରେ ଅନ୍ୟ କାହା କଭର ଲେଟର ଦେଖି କପି କରନ୍ତୁ ନାହିଁ। ଯେଉଁ ସଂସ୍ଥାରେ ଏବଂ ଯେଉଁ ପୋଷ୍ଟ ପାଇଁ ଆବେଦନ କରୁଛନ୍ତି, ସେ ସମ୍ପର୍କରେ ଭଲ ଭାବେ ଜାଣିବା ପରେ ସେହି ଅନୁଯାୟୀ ଅଳ୍ପ ଶବ୍ଦରେ ନିଜ ବିଷୟରେ ଲେଖନ୍ତୁ।

**ଦିଅନ୍ତୁ ଏହି ସୂଚନା:** କଭର ଲେଟରରେ ସଂକ୍ଷିପ୍ତରେ ନିଜର ପୂର୍ବ ଅଭିଜ୍ଞତା ସହିତ ଏହି ଜବ୍‌ରେ ଆପଣ ନିଜ ଭବିଷ୍ୟତ ପାଇଁ କ'ଣ ଲକ୍ଷ୍ୟ ରଖିଛନ୍ତି, ସେ ସମ୍ପର୍କରେ ଭଲ ଭାବେ ସୂଚନା ଦେବା ଆବଶ୍ୟକ। ଏହା ନିଯୁକ୍ତିଦାତାଙ୍କ ମନରେ ଏକ ସକାରାତ୍ମକ ପ୍ରଭାବ ପକାଇଥାଏ।

**କେଉଁଠୁ ଜାଣିଲେ ଲେଖନ୍ତୁ:** ଜବ୍ ଇଣ୍ଟରଭ୍ୟୁ ସମୟରେ ନିଯୁକ୍ତିଦାତା ଆବେଦନକାରୀଙ୍କୁ ଏହି ଜବ୍ ସମ୍ପର୍କରେ କେଉଁ ସୂତ୍ରରୁ ଖବରପାଇଲେ ପଚାରିଥାନ୍ତି। ତେଣୁ କଭର ଲେଟରରେ ଏହି ବିଷୟରେ ପୂର୍ବରୁ ଲେଖିଦେଲେ ଭଲ। ଏହାଦ୍ୱାରା ଆବେଦନକାରୀ ଉକ୍ତ ଜବ୍‌କୁ ନେଇ କେତେ ତତ୍ପର ଏବଂ ବାସ୍ତବରେ ସେ ସିଭିରେ ଯାହା ଲେଖିଛନ୍ତି ତାହା ସତ ବୋଲି ନିଯୁକ୍ତିଦାତାଙ୍କ ମନରେ ଆସିଥାଏ।

**ସିଭି ସହ ନ ହେଉ ସମାନ:** କଭର ଲେଟର ଏବଂ ସିଭି ମଧ୍ୟରେ ପାର୍ଥକ୍ୟ ରହିଛି। ଯଦିଓ ଉଭୟରେ ତଥ୍ୟ ସମାନ, ହେଲେ ଏହାକୁ ଲେଖିବାର ଶୈଳୀ ସମ୍ପୂର୍ଣ୍ଣ ଭିନ୍ନ। ତେଣୁ ସିଭି ସହିତ କଭର ଲେଟର ଭାବେ ସିଭିକୁ ଅଳ୍ପରେ ଲେଖି ପଠାଇବାର ଭୁଲ୍ କରନ୍ତୁ ନାହିଁ। ଏଥିରେ ପୁରୁଣା ଅଭିଜ୍ଞତା ଅପେକ୍ଷା ଭବିଷ୍ୟତର ଲକ୍ଷ୍ୟ ଉପରେ ଅଧିକ ଫୋକସ୍ କରାଯିବା ଆବଶ୍ୟକ। କାରଣ ଏହାହିଁ ଦର୍ଶାଇଥାଏ ଯେ, ଏହି ଜବ୍ ପାଇଁ ଆପଣ କେତେ ପରଫେକ୍ଟ ପ୍ରାର୍ଥୀ।





**ଜାଣନ୍ତୁ ଦୁନିଆ**

# ଅନ୍ୟ ଦେଶରେ କେମିତି ପାଳନ୍ତି ଗଣତନ୍ତ୍ର ଦିବସ

ଆଜି ଆମ ଦେଶ ୭୬ତମ ଗଣତନ୍ତ୍ର ଦିବସ ପାଳନ କରୁଛି। ଆଉ ଏହିଦିନ ଦେଶର ଅସ୍ମିତାକୁ ସ୍ମରଣ କରାଯାଇ ଦେଶ ପାଇଁ ବଳିଦାନ ଦେଇଥିବା ପୂର୍ବପୁରୁଷମାନଙ୍କୁ ସମ୍ମାନ ଜଣାଯାଏ। ହେଲେ, ବିଶ୍ୱର ବିଭିନ୍ନ ସ୍ଥାନରେ ଏହି ଦିବସକୁ ଭିନ୍ନ ଭିନ୍ନ ପ୍ରକାରରେ ପାଳନ କରାଯାଏ। ଜାଣନ୍ତୁ ସେ ସମ୍ପର୍କରେ...



**ମାଳଦ୍ୱୀପ**– ଏଠାରେ ୧୯୬୮ ମସିହାଠାରୁ ପ୍ରତିବର୍ଷ ୧୧ ନଭେମ୍ବରକୁ ଗଣତନ୍ତ୍ର ଦିବସ ରୂପେ ପାଳନ କରାଯାଏ। ଏହି ଦିନ ଛୋଟ ପିଲାମାନେ ସମାନ ଭାବେ ସଜାଇ ହୋଇ ଗଳିକନ୍ଦି ବୁଲି ପରେଡ଼ କରିଥା'ନ୍ତି। ଏହି ଦିନରେ ଏମାନେ ସେଠାର ଏକ ନଡ଼ିଆ ଜାତୀୟ ଖାଦ୍ୟ 'ହୁନି ହାକୁରୁ ଫୋଲି', ସ୍ୱିଟି ରାଇସ୍ ଭାବେ 'ବୋଡ଼ିବାଇ' ଏବଂ ମାଛର ଏକ ଡିସ୍ 'ମାସ୍‌ରୋଶି' କରି ଖାଇଥା'ନ୍ତି ଓ ଅନ୍ୟମାନଙ୍କୁ ମଧ୍ୟ ଖୁଆଇଥା'ନ୍ତି।

**ଇଟାଲୀ**– ଏହି ଦେଶରେ ଗଣତନ୍ତ୍ର ଦିବସକୁ ଫେଷ୍ଟା ଡେଲା ରିପବ୍ଲିକ କୁହାଯାଏ। ଦ୍ୱିତୀୟ ବିଶ୍ୱଯୁଦ୍ଧ ପରେ ଏହା ଗଣତାନ୍ତ୍ରିକ ରାଷ୍ଟ୍ର ରୂପେ ଘୋଷିତ ହେବାପରେ ପ୍ରତିବର୍ଷ ୨ ଜୁନ୍‌ରେ ଏହି ଦିବସ ପାଳନ କରାଯାଏ। ରାଜଧାନୀ ରୋମ୍‌ଠାରେ ଉକ୍ତ ଦିବସ ଧୁମ୍‌ଧାମ୍‌ରେ ଆୟୋଜିତ ହୋଇଥାଏ। ରାଷ୍ଟ୍ରପତିଙ୍କ ବଗିଚା 'ପାଲାଜୋ ଡେଲ୍ କ୍ୟୁରିନାଲେ' ଜନସାଧାରଣଙ୍କ ପାଇଁ କେବଳ ଏହି ଦିନ ଉପରବେଳା ଖୋଲାଯାଏ, ଯେଉଁଠି ଲୋକମାନେ ବିଭିନ୍ନ ପ୍ରକାରର ମ୍ୟୁଜିକ୍ ଲଗାଇ ନିଜର ପାରମ୍ପରିକ ବେଶପୋଷାକରେ ନୃତ୍ୟ କରିଥା'ନ୍ତି।

**ତାଇୱାନ୍**– ତାଇୱାନର ଅଧିବାସୀମାନେ ୧୦ ଅକ୍ଟୋବରକୁ ଗଣତନ୍ତ୍ର ଦିବସ ଭାବେ ମାନିଥା'ନ୍ତି। ଏହାକୁ 'ଡବଲ୍ ଟେନ୍ ଡେ' ମଧ୍ୟ କୁହାଯାଏ। ଏହି ଦିନ ଦେଶର ମୁଖ୍ୟ (ଇଣ୍ଟେରିମ୍ ପ୍ରେସିଡେଣ୍ଟ) ଲୋକଙ୍କ ନିମିତ୍ତ ଅଭିଭାଷଣ ଦେଇଥା'ନ୍ତି। ମିଲିଟାରକି ପରେଡ଼, ରାଲି ସହ ସବୁ ପ୍ରଫେସନ୍‌ର ଲୋକମାନେ ବ୍ୟାଣ୍ଡ ବଜାଇ ଉକ୍ତ ଦିନଟିକୁ ଅତିବାହିତ କରିଥା'ନ୍ତି।

**ତୁର୍କୀ**– ୧୯୨୩ ମସିହା ଅକ୍ଟୋବର ୨୯ରେ ତୁର୍କୀର ସମ୍ବିଧାନ ପ୍ରଣୟନ ହୋଇଥିଲା ଓ ତୁର୍କୀ ଏକ ଗଣତାନ୍ତ୍ରିକ ରାଷ୍ଟ୍ର ରୂପେ ପରିଗଣିତ ହେଲା। ସେବେଠୁ ଏହିଦିନକୁ ଗଣତନ୍ତ୍ର ଦିବସ ଭାବେ ସେଲିବ୍ରେଟ୍ କରାଯାଏ। ଏହି ଦିନ ସ୍କୁଲ୍, କଲେଜ୍, ସରକାରୀ କାର୍ଯ୍ୟାଳୟଗୁଡ଼ିକ ବନ୍ଦ ଥାଏ। ଦେଶର ପ୍ରତି ସହରକୁ ଲାଇଟ୍‌ରେ ସଜାଯାଏ, ବାଣ ଫୁଟାଯାଏ ଏବଂ ସନ୍ଧ୍ୟାରେ ଲାଇଟ୍ ଶୋ'ର ବ୍ୟବସ୍ଥା ବି କରାଯାଏ। ଏଠାର ଲୋକମାନେ ସାରାଦିନ ନିଜକୁ ପାରମ୍ପରିକ ବେଶରେ ସଜାଇ ନାଚଗୀତରେ ମସ୍‌ଗୁଲ ହୋଇଥାଆନ୍ତି।





## ଆଗାମୀ ଆଶା

### ଏ ସପ୍ତାହର ପ୍ରଶ୍ନ

୧– ଦି ନର୍ଡ ଷ୍ଟ୍ରିମ୍ ପାଇପ୍‌ଲାଇନ୍ ..............ରେ ନିର୍ମାଣ କରାଯାଇଛି ?
୨– ନିକଟରେ ........... ଠାରେ ଭାରତ ମୋବିଲିଟି ଗ୍ଲୋବାଲ୍ ଏକ୍ସପୋ ୨୦୨୫ ଉଦ୍‌ଘାଟିତ ହୋଇଯାଇଛି ?
୩– ତୁଙ୍ଗଭଦ୍ରା ନଦୀ ........... ନଦୀର ଉପନଦୀ ?
୪– କୋକ୍‌ବୋରୋକ୍ ଭାଷା ଭାରତୀୟ ରାଜ୍ୟ ..........ର ସରକାରୀ ଭାଷା ?
୫– ଶିକାରୀ ଦେବୀ ଅଭୟାରଣ୍ୟ ................ ରାଜ୍ୟରେ ଅବସ୍ଥିତ ?

### ଗତ ଥରର ଉତ୍ତର

୧ ଗୁଜରାଟ
୨ ୩ୟ ସ୍ଥାନ
୩ ଇଣ୍ଡୋନେସିଆ
୪ ମିନିଷ୍ଟ୍ରି ଅଫ୍ ରୋଡ୍ ଟ୍ରାନ୍ସପୋର୍ଟ ଆଣ୍ଡ ହାଇୱେ
୫ କ୍ରୋଏସିଆ

### ଉତ୍ତରଦାତା



ମାନସ କୁମାର କର, କୋଣାର୍କ



ଜିଜ୍ଞାସୁ ଶେଖର ନାୟକ, ଜଗତ୍‌ସିଂହପୁର



ଶେଖ୍ ୟାକୁବ୍, ଗୋପ

### ଟପ୍ ୧୦

**ସବୁଠୁ ଲୋକପ୍ରିୟ ଡିଜାଇନର ଜୁଏଲେରି ବ୍ରାଣ୍ଡ ୨୦୨୫**




୧................................................ ଟିଫାନି ଆଣ୍ଡ କୋ.
୨................................................ ହ୍ୟାରୀ ୱିନ୍‌ଷ୍ଟନ୍
୩................................................ କାର୍ଟିଅର୍
୪................................................ ଚୋପାର୍ଡ
୫................................................ ଭ୍ୟାନ୍ କ୍ଲିଫ୍ ଆଣ୍ଡ ଆର୍ପେଲ୍ସ
୬................................................ ଗ୍ରାଫ୍
୭................................................ ଡ୍ୟାଭିଡ୍ ୟର୍‌ମ୍ୟାନ୍
୮................................................ ବୁସେଲାଟି
୯................................................ ବିଭିଲ୍‌ଜାରି
୧୦................................................ ବାଉଚେରନ୍

**ୟୁଥ୍ ଫ୍ୟାଶନ୍**

## ଆଇକ୍ୟାଚି ଲୁକ୍ ଦେବ ଡିଜାଇନର କଲାର

ବିଭିନ୍ନ ଡିଜାଇନ୍‌ର କଲାର୍ ଥିବା ଡ୍ରେସ୍ ଏବେ ମାର୍କେଟ୍‌ରେ ଟ୍ରେଣ୍ଡ କରୁଛି। ଆଉ ଯାହାକୁ ପିନ୍ଧି ଆଇକ୍ୟାଚି ଲୁକ୍ ପାଇବାକୁ ଯୁବପିଢ଼ିଙ୍କ ଭିତରେ କ୍ରେଜ୍ ସବୁଠୁ ଅଧିକ। ଯଦି ଏଭଳି ଲାଟେଷ୍ଟ ଡିଜାଇନ୍‌ର କଲାର୍ ଥିବା ଡ୍ରେସ୍ ପିନ୍ଧି ଫ୍ୟାଶନେବୁଲ୍ ଲାଗିବାକୁ ଚାହୁଁଛନ୍ତି, ତେବେ ଜାଣିରଖନ୍ତୁ କେତୋଟି ଟିପ୍ସ...



⏭ ଅଫିସ୍ କିମ୍ବା ଇଣ୍ଟରଭ୍ୟୁ ଟାଇମ୍‌ରେ କ୍ଲାସିକ୍ କଲାର୍ ଥିବା ଫର୍ମାଲ୍ ଶାର୍ଟ ପିନ୍ଧିଲେ ଭଲ ଲାଗିବେ। ମନେରଖନ୍ତୁ, ଏହି କଲାର ଥିବା ଶାର୍ଟ ପିନ୍ଧିବା ବେଳେ ବେକରେ କୌଣସି ଆସେସରିଜ୍ କ୍ୟାରି ନ କରିଲେ ସ୍ମାର୍ଟ ଲାଗିବେ।

⏭ ପଏଣ୍ଟ କଲାର୍ ସବୁଠୁ ପୁରୁଣା କଲାର୍ ଷ୍ଟାଇଲ୍, ଯେଉଁଥିରେ ଟାଏ ପିନ୍ଧିଲେ ସୋଭର ଲୁକ୍ ଏବଂ ଆଟ୍ରାକ୍ଟିଭ୍ ଲୁକ୍ ମିଳିଥାଏ। ଏହାକୁ ଉଭୟ ଯୁବତୀ ଏବଂ ଯୁବକ ଫର୍ମାଲ୍ ଆଉଟ୍‌ଫିଟ୍ ଭାବେ ବ୍ୟବହାର କଲେ ଭଲ ଲାଗିଥାଏ।

⏭ ପାଖୁଡ଼ା ପରି ଦେଖାଯାଉଥିବା ପିଟର୍ ପ୍ୟାନ୍ କଲାର୍ ୧୯୦୦ ମସିହାର ଏକ ଉପନ୍ୟାସ କ୍ଲାଉଡାଇନ୍‌ରୁ ଆସିଥିଲା। ଏହି ଉପନ୍ୟାସର ମୁଖ୍ୟ ଚରିତ୍ର କୋଲେଟ୍ ଏହି କଲାର୍‌ର ପୋଷାକ ପିନ୍ଧିଥିଲେ, ଯାହାକୁ ସେତେବେଳେ କ୍ଲାଉଡାଇନ୍ କଲାର୍ କୁହାଯାଉଥିଲା। ଏହି କଲାର୍‌କୁ ଯୁବତୀମାନେ କ୍ୟାରି କରିବାକୁ ବେଶି ପସନ୍ଦ କରିଥାନ୍ତି। ଏହି କଲାର୍ ଯୁବତୀମାନଙ୍କ ପାଇଁ ଶାର୍ଟ, ୱାନ୍ ପିସ୍ କିମ୍ବା ଟପ୍‌ରେ ମଧ୍ୟ ଉପଲବ୍ଧ ହୋଇଥାଏ। ଏହା ଦେଖିବାକୁ ଖୁବ୍ ସୁନ୍ଦର ଓ ଆକର୍ଷଣୀୟ ଲାଗିଥାଏ।

⏭ ଚାରିକୋଣିଆ ଭାବେ କାନ୍ଧଯାଏଁ ପଡିଥିବା କଲାର୍ ଡିଜାଇନ୍‌କୁ କୁହାଯାଏ ପୁରିଟାନ୍ କଲାର୍। ଏହା ଦେଖିବାକୁ ଷ୍ଟାଇଲିଶ୍ ଲାଗୁଥିବାରୁ ଏହି କଲାର୍ ଥିବା ଡ୍ରେସ୍‌କୁ ପାର୍ଟି ଫଙ୍କସନ୍‌ରେ ମଧ୍ୟ ପିନ୍ଧିପାରିବେ। ପୁରିଟାନ୍ କଲାର୍‌ଥିବା ଡ୍ରେସ୍ ଫ୍ୟାଶନେବୁଲ ଲାଗିବା ସହ ଆପଣ ଏହାଦ୍ୱାରା ଏଲିଗାଣ୍ଟ ଲୁକ୍ ମଧ୍ୟ ପାଇଥାନ୍ତି।





4-Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ

ଧରିତ୍ରୀ 51 Years
ପୃଷ୍ଠା-୧୨+୮
ଧରିତ୍ରୀ
DHARITRI
ଭୁବନେଶ୍ୱର, ରବିବାର, ଜାନୁଆରୀ ୨୬/୨୦୨୫ (୧୨+୮=୨୦ ପୃଷ୍ଠା+ଛୁଟିଦିନ) Bhubaneswar, Sunday, January 26/2025 Page 20 ₹ 7.00 | SAMBALPUR
୫୧ଶ ଭାଗ ୬୪ ସଂଖ୍ୟା www.orissakhabar.com/www.dharitri.com | Printed at Sambalpur, Bhubaneswar, Rayagada & Angul VOLUME 51 ISSUE 64 ମୂଲ୍ୟ₹୭/-

# ୪ ଓଡ଼ିଆଙ୍କୁ ପଦ୍ମଶ୍ରୀ

**ନୂଆଦିଲ୍ଲୀ,୨୫।୧(ପି.ଟି.)**

୭୬ତମ ସାଧାରଣତନ୍ତ୍ର ଦିବସ ଅବ୍ୟବହିତ ପୂର୍ବରୁ କେନ୍ଦ୍ର ସରକାର ଶନିବାର ସନ୍ଧ୍ୟାରେ ପଦ୍ମପୁରସ୍କାର ବିଜେତାମାନଙ୍କ ନାମ ଘୋଷଣା କରିଛନ୍ତି। ଲୋକଲୋଚନଠାରୁ ଦୂରରେ ରହିଥିବା ୩୦ ଜଣ ବ୍ୟକ୍ତିଙ୍କୁ ଚଳିତ ବର୍ଷ ପଦ୍ମଶ୍ରୀ ସମ୍ମାନ ପାଇଁ ମନୋନୀତ କରାଯାଇଛି। ସେମାନଙ୍କ ମଧ୍ୟରେ ଓଡ଼ିଶାର ୪ଜଣ ରହିଛନ୍ତି। ସେମାନେ ହେଲେ ସାହିତ୍ୟ ଓ ଶିକ୍ଷା କ୍ଷେତ୍ରରେ ପ୍ରତିଭା ଶତପଥୀ, କଳା କ୍ଷେତ୍ରରେ ଦୁର୍ଗାଚରଣ ରଣବୀର ଓ ଅଦ୍ୱୈତ ଚରଣ ଗଡ଼ନାୟକ ଏବଂ ମେଡିସିନ କ୍ଷେତ୍ରରେ ଡା. ଅଶୋକ କୁମାର ମହାପାତ୍ର। ସେହିପରି ଗୋଆର ଶତାୟୁ ସ୍ୱାଧୀନତା ସଂଗ୍ରାମୀ, ପଶ୍ଚିମବଙ୍ଗର ଧାକ୍ ବାଦକ ଏବଂ ଭାରତର ପ୍ରଥମ ମହିଳା କଣ୍ଢେଇ ନୃତ୍ୟ କାରିଗର ରହିଛନ୍ତି।

ଗୋଆର ସ୍ୱାଧୀନତା ସଂଗ୍ରାମରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନେଇଥଲେ ଲିବିଆ ଲୋବୋ ସର୍ଦେଶାଇ। ସେ ୧୯୫୫ରେ ଜଙ୍ଗଲ ମଧ୍ୟରେ ଭୋଜ୍ ଡା ଲିଭେରଡାବେ (ସ୍ୱାଧୀନତାର ସ୍ୱର) ନାମରେ ଏକ ଭୂତଳ ରେଡିଓ ଷ୍ଟେଶନ ସ୍ଥାପନ କରିଥିଲେ, ଯାହା ପର୍ତ୍ତୁଗିଜ ଶାସନ ବିରୋଧରେ ସ୍ୱର ଉତ୍ତୋଳନ କରୁଥିଲା। ସର୍ଦେଶାଇଙ୍କୁ ପଦ୍ମଶ୍ରୀ ପୁରସ୍କାର ପାଇଁ ମନୋନୀତ କରାଯାଇଛି। ସେହିପରି ପଶ୍ଚିମବଙ୍ଗର ଢାକ୍ ବାଦକ ☞ପୃଷ୍ଠା-୨


ପ୍ରତିଭା ଶତପଥୀ


ଦୁର୍ଗାଚରଣ ରଣବୀର


ଅଦ୍ୱୈତ ଚରଣ ଗଡ଼ନାୟକ


ଡା. ଅଶୋକ କୁମାର ମହାପାତ୍ର

## ୭ ପଦ୍ମବିଭୂଷଣ, ୧୯ ପଦ୍ମଭୂଷଣ

ସାଧାରଣତନ୍ତ୍ର ଦିବସ ଅବ୍ୟବହିତ ପୂର୍ବରୁ ପଦ୍ମ ପୁରସ୍କାର ପାଇଁ ମନୋନୀତ ୧୩୯ ଖ୍ୟାତନାମା ବ୍ୟକ୍ତିଙ୍କ ମଧ୍ୟରୁ ୧୧୯ ଜଣ ପଦ୍ମଶ୍ରୀ ପାଇବାକୁ ଥିବାବେଳେ ୭ ଜଣ ବିଶିଷ୍ଟ ବ୍ୟକ୍ତିଙ୍କୁ ଦେଶର ଦ୍ୱିତୀୟ ସର୍ବୋଚ୍ଚ ବେସାମରିକ ସମ୍ମାନ ପଦ୍ମବିଭୂଷଣ, ୧୯ ଜଣଙ୍କୁ ତୃତୀୟ ସର୍ବୋଚ୍ଚ ସମ୍ମାନ ପଦ୍ମଭୂଷଣ ପୁରସ୍କାର ଦିଆଯିବ। ପୁରସ୍କାର ବିଜେତାଙ୍କ ମଧ୍ୟରେ ପୂର୍ବତନ ପ୍ରଧାନ ବିଚାରପତି ଜଗଦୀଶ ସିଂ ଖେହର, ସୁଜୁକି ମୁଖ୍ୟ ଓସାମୁ ସୁଜୁକି, ଲୋକଗୀତ ଗାୟକ ଶାରଦା ସିହ୍ନା ଏବଂ ପୂର୍ବତନ କ୍ରିକେଟର ଆର୍. ଅଶ୍ୱିନ ପ୍ରମୁଖ ରହିଛନ୍ତି। ତେବେ ପଦ୍ମଭୂଷଣ ଓ ପଦ୍ମବିଭୂଷଣ ବର୍ଗରେ କେହି ଜଣେ ହେଲେ ଓଡ଼ିଆ ମନୋନୀତ ହୋଇନାହାନ୍ତି।

# ଭାରତକୁ ପ୍ରତ୍ୟର୍ପିତ ହେବେ ତହଉର ରାଣା

**ୱାଶିଂଟନ୍/ନୂଆଦିଲ୍ଲୀ,୨୫।୧**

### ୨୬/୧୧ ଅଭିଯୁକ୍ତଙ୍କୁ ଆଣିବା ଆବେଦନକୁ ଆମେରିକା ସୁପ୍ରିମକୋର୍ଟଙ୍କ ମଞ୍ଜୁରୀ



୨୦୦୮ ନଭେମ୍ବର ୨୬ରେ ମୁମ୍ବାଇରେ ହୋଇଥିବା ଆତଙ୍କବାଦୀ ଆକ୍ରମଣର ଅନ୍ୟତମ ଅଭିଯୁକ୍ତ ତହଉର ହୁସେନ୍ ରାଣାଙ୍କୁ ଭାରତ ପ୍ରତ୍ୟର୍ପଣ ନେଇ ପଥ ପରିଷ୍କାର ହୋଇଯାଇଛି। ପ୍ରତ୍ୟର୍ପଣ ଆବେଦନକୁ ଆମେରିକା ସୁପ୍ରିମକୋର୍ଟ ଶନିବାର ଅନୁମୋଦନ କରିଛନ୍ତି। ଡୋନାଲ୍ଡ ଟ୍ରମ୍ପ୍ ଆମେରିକା ରାଷ୍ଟ୍ରପତି ଭାବେ ଦାୟିତ୍ୱ ଗ୍ରହଣ କରିବା ପରେ ଗତବର୍ଷ ନଭେମ୍ବରରେ ରାଣା ଦାଏର କରିଥିବା ରିଟ୍ ପିଟିଶନ୍‌କୁ ସୁପ୍ରିମକୋର୍ଟ ଖାରଜ କରିଦେଇଛନ୍ତି। ଭାରତର ପ୍ରତ୍ୟର୍ପଣ ଆବେଦନକୁ ଆମେରିକା ସରକାର ସମର୍ଥନ ଜଣାଇବା ସହ ରାଣାଙ୍କ ରିଟ୍ ପିଟିଶନକୁ ଖାରଜ କରିଦେବା ପାଇଁ ସର୍ବୋଚ୍ଚ ଅଦାଲତଙ୍କୁ ନିବେଦନ କରିଥିଲେ। ରାଣାଙ୍କ ପ୍ରତ୍ୟର୍ପଣକୁ ଅଟକାଇବା ପାଇଁ ତାଙ୍କ ଓକିଲ ନିବେଦନ କରି ରିଟ୍ ପିଟିଶନ ଦାଏର କରିଥିଲେ। ପୂର୍ବରୁ ରାଣା ଆମେରିକାର କେତେକ ତଳକୋର୍ଟରେ ଆବେଦନ କରିଥିଲେ ମଧ୍ୟ ତାହା ଖାରଜ ହୋଇଯାଇଥିଲା।

୨୬/୧୧ ମୁମ୍ବାଇ ଆକ୍ରମଣର ମୁଖ୍ୟ ଷଡ଼ଯନ୍ତ୍ରକାରୀ ପାକିସ୍ତାନୀ-ଆମେରିକୀୟ ଆତଙ୍କବାଦୀ ଡାଭିଡ୍ କୋଲେମାନ୍ ହେଡ୍‌ଲିଙ୍କ ସହ ରାଣାଙ୍କର ଘନିଷ୍ଠ ସମ୍ପର୍କ ରହିଛି। ୨୦୦୮ରେ ୧୦ ପାକିସ୍ତାନୀ ଆତଙ୍କବାଦୀ ସମୁଦ୍ରପଥରେ ଆସି ଭାରତର ଅର୍ଥନୈତିକ ରାଜଧାନୀ ମୁମ୍ବାଇରେ ପ୍ରବେଶ କରିବା ପରେ ଜୋର୍‌ଦାର ଆକ୍ରମଣ କରିଥିଲେ। ସେମାନଙ୍କ ଆକ୍ରମଣରେ ୬ ଆମେରିକୀୟଙ୍କ ସମେତ ୧୬୬ ଜଣଙ୍କ ମୃତ୍ୟୁ ଘଟିଥିଲା। ସୁରକ୍ଷା କର୍ମୀଙ୍କ ଗୁଳିରେ ୯ ଜଣ ଆତଙ୍କବାଦୀ ନିହତ ହୋଇଥିବାବେଳେ ବଞ୍ଚିଯାଇଥିବା ଆକ୍ରମଣକାରୀ ଅଜମଲ କସବଙ୍କୁ ଦୀର୍ଘଦିନର ବିଚାର ପ୍ରକ୍ରିୟା ପରେ ୨୦୧୨ ନଭେମ୍ବରରେ ଫାଶୀ ଦିଆଯାଇଥିଲା।

# ଡାଇରେକ୍ଟ ଟୁ ମୋବାଇଲ ସେବା ଯୋଗାଇବ ଷ୍ଟାର୍‌ଲିଙ୍କ୍

**୨୭ରୁ ପରୀକ୍ଷା**

**ନୂଆଦିଲ୍ଲୀ,୨୫।୧**

ଷ୍ଟାର୍‌ଲିଙ୍କ୍‌ର ଡାଇରେକ୍ଟ-ଟୁ-ସେଲ୍ ସାଟେଲାଇଟ୍ ସେବା ଆସନ୍ତା ୨୭ରୁ ଏହାର ବେଟା ଟେଷ୍ଟିଂ ପର୍ଯ୍ୟାୟ ଆରମ୍ଭ କରିବାକୁ ଯାଉଛି। ବିଶ୍ୱସ୍ତରରେ ମୋବାଇଲ ସଂଯୋଗ କ୍ଷେତ୍ରରେ ଏହା ଏକ ବଡ଼ ପଦକ୍ଷେପ ଯାହା ଯୋଗାଯୋଗ କ୍ଷେତ୍ରରେ କ୍ରାନ୍ତିକାରୀ ପରିବର୍ତ୍ତନ ଆଣିବାକୁ ଯାଉଛି। ମୋବାଇଲ ସଂଯୋଗ ପାଇଁ ପାରମ୍ପରିକ ଟାୱାର ଉପରେ ଆଉ ନିର୍ଭର କରିବାକୁ ପଡ଼ିବ ନାହିଁ। ସିଧାସଳଖ ସାଟେଲାଇଟ୍‌ରୁ ସେଲ୍‌ଫୋନ୍‌କୁ ମୋବାଇଲ ☞ପୃଷ୍ଠା-୨

# ବଢ଼ିପାରେ ପ୍ରତାପଙ୍କ ଅଡୁଆ

**ନିଶ୍ଚିନ୍ତକୋଇଲି,୨୫।୧**
**(ଅଶୋକ କୁମାର ମହାପାତ୍ର)**

### ସୁପ୍ରିମ କୋର୍ଟରେ ମାହାଙ୍ଗା ଡବଲ ମର୍ଡର ମାମଲା

### ୪ ସପ୍ତାହରେ ରିପୋର୍ଟ ଦାଖଲ ନିର୍ଦ୍ଦେଶ

ମାହାଙ୍ଗା ଡବଲ ମର୍ଡର ଘଟଣା ଏବେ ସୁପ୍ରିମକୋର୍ଟରେ। ଫଳରେ ଉଚ୍ଚ ନ୍ୟାୟାଳୟରୁ ଆଶ୍ୱସ୍ତି ପାଇଥିବା ପୂର୍ବତନ ମନ୍ତ୍ରୀ ପ୍ରତାପ ଜେନାଙ୍କ ପାଇଁ ସୁପ୍ରିମ କୋର୍ଟଙ୍କ ନିର୍ଦ୍ଦେଶ ଅଡୁଆ ବଢ଼ିପାରେ। ଏହି ମାମଲାରେ ମୃତ କୁଳମଣି ବରାଳଙ୍କ ପୁଅ ରଞ୍ଜିତ ବରାଳ ସୁପ୍ରିମ କୋର୍ଟରେ ଆବେଦନ କରିଥିଲେ। କୋର୍ଟ ଉକ୍ତ ମାମଲାକୁ ଗମ୍ଭୀରତାର ସହ ଗ୍ରହଣ କରିଛନ୍ତି। ୪ସପ୍ତାହ ମଧ୍ୟରେ ଜବାବ ଦାଖଲ କରିବାକୁ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେଇଥିବାବେଳେ ମାମଲାର ପରବର୍ତ୍ତୀ ଶୁଣାଣି ୪ ସପ୍ତାହ ପରେ କରାଯିବ ବୋଲି ସର୍ବୋଚ୍ଚ ଅଦାଲତ କୋର୍ଟ ଆଦେଶ ଦେଇଛନ୍ତି। ଏପରିକି ଏହି ସମୟ ମଧ୍ୟରେ ଅପରପକ୍ଷ କାଉଣ୍ଟର ସତ୍ୟପାଠ ଦାଖଲ କରିପାରିବେ। ଏଥି ସହ କୋର୍ଟରେ ସାକ୍ଷୀମାନେ ଦେଇଥିବା ବୟାନକୁ ଦାଖଲ କରିବାକୁ ସର୍ବୋଚ୍ଚ ଅଦାଲତଙ୍କ ନିର୍ଦ୍ଦେଶ ଦେଇଛନ୍ତି। ଏଭଳି ଆଦେଶ ଆସିବା ପରେ ମାହାଙ୍ଗା ରାଜନୀତିରେ ପୁଣି ହଟଚମଟ ଆରମ୍ଭ ହୋଇଛି।

ସୂଚନା ଅନୁଯାୟୀ, କଟକ ଜିଲା ମାହାଙ୍ଗା ଥାନା ଅଧୀନ ନୃତାଙ୍ଗ ପଞ୍ଚାୟତ କୁଳମଣି ବରାଳ ଓ ତାଙ୍କ ସହଯୋଗୀ ଦିବ୍ୟସିଂହ ବରାଳଙ୍କୁ ୨୦୨୧ଜାନୁଆରୀ ୨ତାରିଖରେ ବୀଭତ୍ସ ଭାବେ ଆକ୍ରମଣ କରାଯାଇଥିଲା। ଘଟଣାସ୍ଥଳରେ କୁଳମଣିଙ୍କ ମୃତ୍ୟୁ ଘଟିଥିବାବେଳେ ଗୁରୁତର ଅବସ୍ଥାରେ ଦିବ୍ୟସିଂହଙ୍କୁ କଟକ ବଡ଼ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏହି ଘଟଣାରେ ତତ୍କାଳୀନ ଆଇନ ମନ୍ତ୍ରୀ ପ୍ରତାପ ଜେନାଙ୍କ ସମେତ ୧୩ଜଣଙ୍କ ନାମରେ ମାହାଙ୍ଗା ଥାନାରେ କୁଳମଣିଙ୍କ ପୁଅ ରମାକାନ୍ତ ଅଭିଯୋଗ କରିଥିଲେ। ଏହାକୁ ଭିତ୍ତି କରି ମାମଲା (ନଂ୫/୨୧) ରୁଜୁ କରାଯାଇଥିଲା। ☞ପୃଷ୍ଠା-୨

# ପାଣିରେ ୧୨୦ ଦିନ ରହି ବିଶ୍ୱ ରେକର୍ଡ

**ପ୍ୟୋର୍ଟୋ ଲିଣ୍ଡୋ,୨୫।୧**



ଜର୍ମାନ ଏରୋସ୍ପେସ୍ ଇଞ୍ଜିନିୟର ରୁଡିଗର କୋଚ୍ (୫୯) ପାଣି ଭିତରେ ୧୨୦ ଦିନ ବିତାଇ ନୂତନ ଗିନିଜ୍ ୱାର୍ଲ୍ଡ ରେକର୍ଡ୍ସ (ଜିଡବ୍ଲ୍ୟୁଆର୍) ସ୍ଥାପନ କରିଛନ୍ତି। ପାନାମା ଉପକୂଳସ୍ଥିତ ସମୁଦ୍ର ମଧ୍ୟରେ ଏକ ୩୦ ବର୍ଗ ମିଟରର (୩୨୦ ବର୍ଗ ଫୁଟ) କ୍ୟାପସୁଲରେ ରୁଡିଗର ୧୨୦ ଦିନ ରହି ରେକର୍ଡ ସୃଷ୍ଟି କରିଛନ୍ତି। ଶନିବର ସେ ଗିନିଜ୍ ଅଧିକାରୀ ସୁସାନା ରେୟେସଲଙ୍କ ଉପସ୍ଥିତିରେ ସମୁଦ୍ର ଭିତରୁ ବାହାରିଥିଲେ। ପୂର୍ବରୁ ଏହି ରେକର୍ଡ ଆମେରିକୀୟ ଜୋସେଫ ଡେଟୁରିଙ୍କ ନାମରେ ରହିଥିଲା। ସେ ଫ୍ଲୋରିଡାର ଏକ ହ୍ରଦରେ ଥିବା ଅଣ୍ଡର ୱାଟର ଲଜ୍‌ରେ ୧୦୦ ଦିନ ପର୍ଯ୍ୟନ୍ତ ବିତାଇଥିଲେ ବୋଲି ସୁସାନା କହିଛନ୍ତି।

ସମୁଦ୍ରର ୧୧ ମିଟର (ପ୍ରାୟ ୩୬ ଫୁଟ) ତଳେ ଏତେ ଲମ୍ବା ସମୟ ଧରି ରହିବା ପରେ ବାହାରକୁ ଆସି ରୁଡିଗର କହିଛନ୍ତି, ଏହା ଏକ ରୋମାଞ୍ଚକର ଯାତ୍ରା ଥିଲା। ସେ ଏହି ଦୁଃସାହସିକ ଅନୁଭୂତିକୁ ଖୁବ୍ ଉପଭୋଗ କରିଥିଲେ। କ୍ୟାପ୍‌ସୁଲର ଝରକାରୁ ଅତ୍ୟନ୍ତ ଶାନ୍ତ ପରିବେଶ ମଧ୍ୟରେ ସମୁଦ୍ରରେ ଉଜ୍ଜ୍ୱଳତକୁ ଦେଖିବା ଅତ୍ୟନ୍ତ ଆନନ୍ଦଦାୟକ ଥିଲା। ବାସ୍ତବରେ ସାମୁଦ୍ରିକ ପରିବେଶ ମାନବ ପାଇଁ ବ୍ୟବହାରଯୋଗ୍ୟ, ଏହାକୁ ପ୍ରମାଣ କରି ଦେଖାଇବା ଉଦ୍ଦେଶ୍ୟରେ ସେ ପାଣି ଭିତରେ ଦୀର୍ଘ ୪ ମାସ ଧରି ରହିଥିବା ରୁଡିଗର କହିଛନ୍ତି। ତେବେ ରୁଡିଗର ଥିବା କ୍ୟାପ୍‌ସୁଲ ମଧ୍ୟରେ ୪ଟି କ୍ୟାମେରା ତାଙ୍କ ଗତିବିଧି ଉପରେ ଭିଡିଓ ଗ୍ରାଫି କରୁଥିଲେ। ଏହାଫଳରେ ତାଙ୍କର ଦିନଚର୍ଯ୍ୟା, ମାନସିକ ସ୍ୱାସ୍ଥ୍ୟ ଉପରେ ନଜର ରଖାଯିବା ସହ ୪ ମାସ ଧରି ରୁଡିଗର ସମୁଦ୍ରରୁ ବାହାରକୁ ଆସିନାହାନ୍ତି ବୋଲି ପ୍ରମାଣ ରହିଥିଲା। ସେହିପରି ଉକ୍ତ କ୍ୟାପ୍‌ସୁଲରେ ଏକ ବେଡ୍, ଶୌଚାଳୟ, ଟିଭି, କମ୍ପ୍ୟୁଟର, ଇଣ୍ଟରନେଟ୍, ବ୍ୟାୟାମ ସୁବିଧା ଆଦିର ବ୍ୟବସ୍ଥା ମଧ୍ୟ ରହିଥିଲା।






# ଉତ୍କର୍ଷ ଓଡ଼ିଶା ୨୦୨୫ :ସ୍ୱପ୍ନ ସାକାର ପାଇଁ ପ୍ରବେଶପଥ

ପ୍ରାକୃତିକ ସମ୍ପଦରେ ପରିପୂର୍ଣ୍ଣ ଓଡ଼ିଶାର ସାମଗ୍ରିକ ବିକାଶରେ ଆରମ୍ଭ ହେବାକୁଯାଉଛି ଏକ ସମ୍ପୂର୍ଣ୍ଣ ନୂଆ ଯୁଗ । ବିକଶିତ ଓଡ଼ିଶାର ସ୍ୱପ୍ନ ସାକାର ପାଇଁ ରାଜ୍ୟ ସରକାର ବଦ୍ଧପରିକର । ଓଡ଼ିଶାକୁ ଏକ ସମୃଦ୍ଧ ଓ ଶିଳ୍ପୋନ୍ନତ ରାଜ୍ୟ ଭାବେ ଗଢ଼ିତୋଳିବାକୁ ଡବଲ ଇଞ୍ଜିନ ସରକାରଙ୍କ ଉଦ୍ୟମରେ ଆୟୋଜିତ ହେବାକୁଯାଉଛି ଉତ୍କର୍ଷ ଓଡ଼ିଶା ମେକ୍ ଇନ୍ ଓଡ଼ିଶା କନ୍‌କ୍ଲେଭ୍-୨୦୨୫ । ଭୁବନେଶ୍ୱରର ଜନତା ମଇଦାନରେ ତିନିଦିନ ଧରି ଆୟୋଜିତ ହେବ ଉତ୍କର୍ଷ ଓଡ଼ିଶା ପୁଞ୍ଜିନିବେଶ ଶିଖର ସମ୍ମିଳନୀ । ୨୦୨୫ ଜାନୁଆରୀ ୨୮ରୁ ୩୦ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବାକୁ ଯାଉଥିବା ଉତ୍କର୍ଷ ଓଡ଼ିଶା କନ୍‌କ୍ଲେଭ୍ ଓଡ଼ିଶାରେ ପୁଞ୍ଜିନିବେଶ ପାଇଁ ଏକ ମାଇଲଖୁଣ୍ଟ ତଥା ଐତିହାସିକ କାର୍ଯ୍ୟକ୍ରମ ହେବାକୁ ଯାଉଛି । ଏହା ଓଡ଼ିଶା ଶିଳ୍ପକ୍ଷେତ୍ରର ଭବିଷ୍ୟତକୁ ନୂତନ ଓ ବ୍ୟାପକ କରିବାରେ ସହାୟକ ହେବ । ଓଡ଼ିଶାକୁ ଏକ ବୈଶ୍ୱିକ ଶିଳ୍ପକେନ୍ଦ୍ରରେ ପରିଣତ କରିବା ସହ ଭାରତର ଏକ ଅଗ୍ରଣୀ ଅର୍ଥନୈତିକ ଶକ୍ତିଶାଳୀ ରାଜ୍ୟର ଆକାଂକ୍ଷାକୁ ସାକାର କରିବା ଦିଗରେ ଏହା ମହତ୍ତ୍ୱପୂର୍ଣ୍ଣ ଯୋଗଦାନ ଦେଇପାରିବ ।

ଭାରତର ଯଶସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଜୀଙ୍କ ଦୂରଦୃଷ୍ଟିସମ୍ପନ୍ନ ନେତୃତ୍ୱ ଏବଂ ପୂର୍ବୋଦୟ ମିଶନ୍ ସହିତ ମାନ୍ୟବର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ପ୍ରେରଣାଦାୟୀ ମାର୍ଗଦର୍ଶନରେ ଉତ୍କର୍ଷ ଓଡ଼ିଶା କନ୍‌କ୍ଲେଭ୍ ଓଡ଼ିଶାର ସାମଗ୍ରିକ ଓ ଦୀର୍ଘସ୍ଥାୟୀ ଆର୍ଥିକ ଅଭିବୃଦ୍ଧିକୁ ତ୍ୱରାନ୍ୱିତ କରିପାରିବ । ଆମ ସରକାର ରାଜ୍ୟରେ ପୁଞ୍ଜିନିବେଶ, ଶିଳ୍ପ ଅଭିବୃଦ୍ଧି ତଥା ନୂତନ ନିଯୁକ୍ତି ସୃଷ୍ଟି ପାଇଁ ଅନୁକୂଳ ବାତାବରଣ ସୃଷ୍ଟି କରିବାକୁ ପ୍ରତିଶ୍ରୁତିବଦ୍ଧ ।

ଉତ୍କର୍ଷ ଓଡ଼ିଶା କନ୍‌କ୍ଲେଭ୍‌ର ପ୍ରାଥମିକ ଲକ୍ଷ୍ୟ ହେଉଛି ଉଭୟ ପାରମ୍ପରିକ ଏବଂ ଯୁଗୋପଯୋଗୀ ବିଭିନ୍ନ ଶିଳ୍ପକ୍ଷେତ୍ରରେ ଓଡ଼ିଶାର ଅଗ୍ରଣୀ ଭୂମିକାକୁ ଏହି ସମ୍ମିଳନୀ ମାଧ୍ୟମରେ ଗୁରୁତ୍ୱ ଦେବା । ଭିନ୍ନ ଭିନ୍ନ କ୍ଷେତ୍ରଗତ ଶିଳ୍ପରେ ଦୃଷ୍ଟିନିବଦ୍ଧ କରିବା ହିଁ ଶିଳ୍ପ ଅଭିବୃଦ୍ଧିର ଇଞ୍ଜିନ ହୋଇପାରିବ ବୋଲି ଆମ ସରକାର ବିଶ୍ୱାସ କରନ୍ତି । ତେଣୁ ଏହି ଶିଖର ସମ୍ମିଳନୀ ଅବସରରେ ବିଭିନ୍ନ ପ୍ରମୁଖ ଶିଳ୍ପକ୍ଷେତ୍ରରେ ପୁଞ୍ଜିନିବେଶ ଉପରେ ବିଶେଷ ଧ୍ୟାନ ଦିଆଯିବ । ଖଣି, ରସାୟନ ଶିଳ୍ପ, ଧାତୁ ଶିଳ୍ପ, ବୟନ ଶିଳ୍ପ, ଅକ୍ଷୟ ଶକ୍ତି, ସବୁଜ ଶକ୍ତି ଏବଂ ଆଇଟି ଭଳି କ୍ଷେତ୍ରରେ ପୁଞ୍ଜିନିବେଶ ପାଇଁ ବିଶେଷ ଧ୍ୟାନ ଦିଆଯିବ । ଏହି ସମ୍ମିଳନୀ ମାଧ୍ୟମରେ ଏସବୁ କ୍ଷେତ୍ରରେ ଅଧିକରୁ ଅଧିକ ପୁଞ୍ଜି ବିନିଯୋଗ ଓ ସହଭାଗିତା ବଢ଼ାଇବା ଉପରେ ଗୁରୁତ୍ୱ ଦିଆଯିବ ।

ଏଥିପାଇଁ ଓଡ଼ିଶା ସରକାର ରୋଡ୍ ଶୋ', କ୍ଷେତ୍ରୀୟ ରାଉଣ୍ଡଟେବୁଲ୍ ତଥା ବୃହତ୍‌ଶିଳ୍ପ ପ୍ରତିନିଧିମାନଙ୍କ ସହ ସିଧାସଳଖ ଆଲୋଚନା ସମେତ ଏକ ଦୃଢ଼ ରଣନୀତି କାର୍ଯ୍ୟକାରୀ କରିଛନ୍ତି । ଆମ ରାଜ୍ୟର ନିବେଶ ଅନୁକୂଳ ନୀତି, ଅତ୍ୟାଧୁନିକ ଶିଳ୍ପ ଭିତ୍ତିଭୂମି ଓ ଅର୍ଥନୀତି, ଜନସଂଖ୍ୟା ଏବଂ ଭୌଗୋଳିକ ଅବସ୍ଥିତି ବିଷୟରେ ମଧ୍ୟ ନିବେଶକମାନଙ୍କୁ ଅବଗତ କରୁଛୁ । ଉଭୟ ଜାତୀୟ ଓ ଅନ୍ତର୍ଜାତୀୟ ନିବେଶକଙ୍କ ପାଇଁ ରାଜ୍ୟ ନିଜକୁ ଏକ ପ୍ରମୁଖ ପୁଞ୍ଜି ବିନିଯୋଗ ସ୍ଥଳ ଭାବେ ସ୍ଥାନିତ କରିବା ସହ ଏହି ପ୍ରୟାସରେ ଆଶାଜନକ ଫଳାଫଳ ହାସଲ କରିବାକୁ ଲକ୍ଷ୍ୟ ରଖିଛି ।

ଆମ ସରକାରଙ୍କ ଲକ୍ଷ୍ୟ ସ୍ପଷ୍ଟ । ୨୦୩୬ ସୁଦ୍ଧା ଓଡ଼ିଶାକୁ ଏକ ସମୃଦ୍ଧ, ଶିଳ୍ପୋନ୍ନତ ତଥା ଅନ୍ତର୍ଭୁକ୍ତୀକରଣ ରାଜ୍ୟରେ ପରିଣତ କରିବା । ଦୀର୍ଘସ୍ଥାୟୀ ଅଭିବୃଦ୍ଧି, ନୂତନ ନିଯୁକ୍ତି ସୃଷ୍ଟି ଏବଂ ଆର୍ଥିକ ଲାଭ ଯେପରି ରାଜ୍ୟର କୋଣ ଅନୁକୋଣରେ ପହଞ୍ଚିପାରିବ ତାହା ସୁନିଶ୍ଚିତ କରିବା ଉପରେ ଆମେ ଗୁରୁତ୍ୱ ଦେଉଛୁ । ଶିଳ୍ପାୟନକୁ ପ୍ରୋତ୍ସାହିତ କରିବା, ନିବେଶକଙ୍କ ଆତ୍ମବିଶ୍ୱାସ ବୃଦ୍ଧି କରିବା ସହ ଇଜ୍ ଅଫ୍ ଡୁଇଙ୍ଗ୍ ବିଜନେସ୍ (ବ୍ୟବସାୟ କରିବାରେ ସହଜତା ଆଣିବା) ଭଳି ଦୃଷ୍ଟିକୋଣ ସହ ଉତ୍କର୍ଷ ଓଡ଼ିଶା କନ୍‌କ୍ଲେଭ୍ ଯୋଡ଼ିହୋଇଛି । ଡବଲ ଇଞ୍ଜିନ ସରକାରଙ୍କ ଆଭିମୁଖ୍ୟ ଦ୍ରୁତ ଅନୁମୋଦନ, ପ୍ରଶାସନିକ ସ୍ୱଚ୍ଛତା ଏବଂ ବ୍ୟବସାୟ ଅନୁକୂଳ ପରିବେଶର ପ୍ରତିଶ୍ରୁତି ମାଧ୍ୟମରେ ଓଡ଼ିଶାକୁ ବୈଶ୍ୱିକ ପୁଞ୍ଜିନିବେଶ ପାଇଁ ଏକ ଆକର୍ଷଣୀୟ ସ୍ଥାନରେ ପରିଣତ କରିବା ।

ଉତ୍କର୍ଷ ଓଡ଼ିଶା କନ୍‌କ୍ଲେଭ୍‌ରେ ଆମେ ଯେଉଁ କ୍ଷେତ୍ରଗୁଡ଼ିକୁ ପ୍ରାଥମିକତା ଦେଉଛୁ ତାହା ଦୀର୍ଘକାଳୀନ ଶିଳ୍ପ ଅଭିବୃଦ୍ଧି ଏବଂ ନୂତନ ନିଯୁକ୍ତି ସୃଷ୍ଟିକୁ ପ୍ରୋତ୍ସାହିତ କରିବ । ବୟନ ଶିଳ୍ପ, ପୋଷାକ ନିର୍ମାଣ, ଆଇଟି/ଆଇଟିଇଏସ୍, କେମିକାଲ୍ସ ଓ ପେଟ୍ରୋକେମିକାଲ୍ସ ସହ ଖାଦ୍ୟ ପ୍ରକ୍ରିୟାକରଣ ଭଳି ନିଯୁକ୍ତିଭିତ୍ତିକ କ୍ଷେତ୍ର ଉପରେ ଆମେ ବିଶେଷ ଗୁରୁତ୍ୱ ଦେଉଛୁ । ଓଡ଼ିଶାର ଶିଳ୍ପ ଭିତ୍ତିଭୂମି ନିର୍ମାଣ ଏବଂ ଯୁବବର୍ଗଙ୍କ ପାଇଁ ନିଯୁକ୍ତି ସୃଷ୍ଟି କରିବାରେ ଏହି ଶିଳ୍ପକ୍ଷେତ୍ରଗୁଡ଼ିକ ମହତ୍ତ୍ୱପୂର୍ଣ୍ଣ ଯୋଗଦାନ ଦେଇପାରିବେ ।

ଏଥିସହିତ ଇଲେକ୍ଟ୍ରୋନିକ୍ସ ଉତ୍ପାଦ, ଅକ୍ଷୟ ଶକ୍ତି, ବାୟୋଟେକ୍ନୋଲୋଜି ଏବଂ ସବୁଜ ଇନ୍ଧନ ଭଳି ଉଦୀୟମାନ କ୍ଷେତ୍ରରେ ପୁଞ୍ଜିନିବେଶ ପାଇଁ ମଧ୍ୟ ଆମେ ଜୋର୍ ଦେଉଛୁ । ଓଡ଼ିଶାର ଭବିଷ୍ୟତ ହେଉଛି ଏହାର ଶିଳ୍ପ ଭିତ୍ତିଭୂମିରେ ବିବିଧତା ଆଣିବା । କେବଳ ଉଚ୍ଚ ଅଭିବୃଦ୍ଧି ନୁହେଁ ବରଂ ଭବିଷ୍ୟତ ପାଇଁ ପ୍ରସ୍ତୁତ ହେଉଥିବା ଶିଳ୍ପର ଉପଯୋଗ କରିବା । ଗ୍ରୀନ୍ ହାଇଡ୍ରୋଜେନ୍, ଗ୍ରୀନ୍ ଆମୋନିଆ ଏବଂ ବର୍ଜ୍ୟବସ୍ତୁରୁ ଶକ୍ତି ପ୍ରକଳ୍ପ କ୍ଷେତ୍ରରେ ଆଗୁଆ ପଦକ୍ଷେପ ନେଇ ରାଜ୍ୟ ସବୁଜ ଶକ୍ତି ଏବଂ ସ୍ଥାୟୀ ଜ୍ଞାନକୌଶଳ କ୍ଷେତ୍ରରେ ଅଗ୍ରଣୀ ଭୂମିକା ଗ୍ରହଣ କରୁଛି ।

ଶିଳ୍ପ ଅଭିବୃଦ୍ଧିର ଏକ ପ୍ରମୁଖ କାରଣ ହେଉଛି ଭିତ୍ତିଭୂମି । ଆମ ସରକାର ଏହି ଦିଗରେ ଅନେକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଗ୍ରହଣ କରିଛନ୍ତି । ପୁଞ୍ଜି ନିବେଶକୁ ସମର୍ଥନ କରିବା ପାଇଁ ଆମେ ଉଭୟ ବିଦ୍ୟମାନ ଭିତ୍ତିଭୂମିର ଉନ୍ନତୀକରଣ ସହ ନୂତନ ଭିତ୍ତିଭୂମି ନିର୍ମାଣ ଉପରେ ଧ୍ୟାନ ଦେଉଛୁ । ଓଡ଼ିଶାର ତିନୋଟି ପ୍ରମୁଖ ବନ୍ଦର ପାରାଦୀପ, ଧାମରା ଓ ଗୋପାଳପୁରକୁ ବିଶ୍ୱସ୍ତରୀୟ ବନ୍ଦରରେ ପରିଣତ କରାଯିବା ସହ ଇଞ୍ଚୁଡ଼ି, ବାହୁଦା ଏବଂ ସୁବର୍ଣ୍ଣରେଖା ଭଳି ସ୍ଥାନରେ ନୂତନ ବନ୍ଦରର ବିକାଶ କରାଯାଉଛି । ଏହି ବନ୍ଦରଗୁଡ଼ିକର ବିକାଶ ମାଧ୍ୟମରେ ବୈଶ୍ୱିକ ଯୋଗାଣ ଶୃଙ୍ଖଳାରେ ଓଡ଼ିଶାକୁ ଏକ ଗୁରୁତ୍ୱପୂର୍ଣ୍ଣ କେନ୍ଦ୍ର ଭାବରେ ପରିଣତ କରିବା ପାଇଁ ଯୋଜନା ପ୍ରସ୍ତୁତ କରାଯାଇଛି ।

ଏହାବ୍ୟତୀତ ଆମେ ଇଲେକ୍ଟ୍ରୋନିକ୍ସ, ଖାଦ୍ୟ ପ୍ରକ୍ରିୟାକରଣ ଏବଂ ବୟନଶିଳ୍ପ ଭଳି କ୍ଷେତ୍ର ପାଇଁ ଶିଳ୍ପ କରିଡର, ଉତ୍ସର୍ଗୀକୃତ ଶିଳ୍ପ ପାର୍କ ଏବଂ କ୍ଷେତ୍ର ନିର୍ଦ୍ଦିଷ୍ଟ କ୍ଲଷ୍ଟର ବିକଶିତ କରୁଛୁ । ବନ୍ଦର ସଂଯୋଗ ଏବଂ ଆଭ୍ୟନ୍ତରୀଣ ଜଳପଥ ସମେତ ଲଜିଷ୍ଟିକ୍ ଭିତ୍ତିଭୂମିର ସମ୍ପ୍ରସାରଣ ମଧ୍ୟ ଆମ ସରକାରଙ୍କ ସବୁଠାରୁ ବଡ଼ ପ୍ରାଥମିକତା । ଶିଳ୍ପଗୁଡ଼ିକ ପାଇଁ ନିରବଚ୍ଛିନ୍ନ କାର୍ଯ୍ୟକୁ ସମର୍ଥନ କରିବା ଲାଗି ରାଜ୍ୟରେ ଏକ ଡୁଆଲ୍ ଫିଡ୍ ନାଫଥା କ୍ରାକର ପ୍ରକଳ୍ପ ମଧ୍ୟ ଆରମ୍ଭ କରାଯାଉଛି ।

ଭାରତ ସରକାରଙ୍କ ଡିପିଆଇଆଇଟି ଦ୍ୱାରା ବ୍ୟବସାୟ ସଂସ୍କାର ଆକ୍ସନ୍ ପ୍ଲାନ୍ ର‌୍ୟାଙ୍କିଙ୍ଗ୍‌ରେ ଓଡ଼ିଶା ଅନ୍ୟତମ ଶ୍ରେଷ୍ଠ ଆଚିଭର୍ସ ମାନ୍ୟତା ପାଇଛି । ଦ୍ରୁତ ଅନୁମୋଦନ ସୁନିଶ୍ଚିତ କରିବା ପାଇଁ ଆମର ସିଙ୍ଗଲ ୱିଣ୍ଡୋ ମଞ୍ଜୁରୀ ବ୍ୟବସ୍ଥା ଗୋ-ସୁଇଫ୍ଟକୁ ଆହୁରି ସୁବ୍ୟବସ୍ଥିତ କରାଯାଇଛି । ସରକାର ଜମି ଆବଣ୍ଟନ ପ୍ରକ୍ରିୟାକୁ ଡିଜିଟାଇଜ୍ କରିବା ସହ ଶିଳ୍ପଗୁଡ଼ିକ ପାଇଁ ପ୍ରାକ୍ ଅନୁମୋଦିତ ସ୍ଥାନ ପ୍ରଦାନ କରୁଛନ୍ତି । ରାଜ୍ୟ ନିୟାମକ ପ୍ରତିବନ୍ଧକକୁ ହ୍ରାସ କରିବା ସହ ସରକାରୀ ଲାଲ୍ ଫିତା ପ୍ରତିବନ୍ଧକ ଦୂର କରି ଆମେ ରାଜ୍ୟରେ ନିବେଶକଙ୍କ ପାଇଁ ପ୍ରକଳ୍ପ ଆରମ୍ଭ ପ୍ରକ୍ରିୟାକୁ ସହଜ କରୁଛୁ ।



ସମ୍ପଦ ଚନ୍ଦ୍ର ସ୍ୱାଇଁ

ଏହି କ୍ରମରେ ସ୍ୱଚ୍ଛତା ବୃଦ୍ଧି, ବିଳମ୍ବ ହ୍ରାସ ଏବଂ ଅଧିକ ବ୍ୟବସାୟ ଅନୁକୂଳ ବାତାବରଣ ସୃଷ୍ଟି କରିବା ପାଇଁ ଆମେ ନୂତନ ନୀତି ପ୍ରଣୟନ କରୁଛୁ । ଅଧିକରୁ ଅଧିକ ନିବେଶକଙ୍କୁ ଆକୃଷ୍ଟ କରିବା ଏବଂ ସେମାନେ ଯେପରି ଓଡ଼ିଶାରେ ଦକ୍ଷତାର ସହ କାର୍ଯ୍ୟ କରିପାରିବେ ସେଥିପାଇଁ ଇଜ୍ ଅଫ୍ ଡୁଇଂ ବିଜନେସ୍ ଉପରେ ଗୁରୁତ୍ୱ ଦିଆଯାଉଛି ।

ଓଡ଼ିଶାର ଶିଳ୍ପ ଅଭିବୃଦ୍ଧି ରଣନୀତିର କେନ୍ଦ୍ରବିନ୍ଦୁ ହେଉଛି ସ୍ଥାୟିତ୍ୱ । ଆମେ ସକ୍ରିୟ ଭାବେ ସବୁଜ ଶକ୍ତି, ଅକ୍ଷୟ ଶକ୍ତି ଏବଂ ପରିବେଶ ଅନୁକୂଳ ଜ୍ଞାନକୌଶଳକୁ ପ୍ରୋତ୍ସାହିତ କରୁଛୁ । ଆମର ଶିଳ୍ପନୀତି ଓ ସଂକଳ୍ପ ସ୍ଥାୟୀ ଅଭ୍ୟାସ ଗ୍ରହଣ କରୁଥିବା ଏବଂ ଅକ୍ଷୟ ଶକ୍ତିକୁ ପ୍ରାଥମିକତା ଦେଉଥିବା ଶିଳ୍ପଗୁଡ଼ିକୁ ପ୍ରୋତ୍ସାହିତ କରୁଛି । ବର୍ଜ୍ୟବସ୍ତୁରୁ ଶକ୍ତି ପ୍ରକଳ୍ପ, ସର୍କୁଲାର ଇକୋନୋମି ଭଳି ପଦକ୍ଷେପ ସହ ସବୁଜ ଇନ୍ଧନ ଉତ୍ପାଦନ ଉପରେ ମଧ୍ୟ ଗୁରୁତ୍ୱ ଦିଆଯାଉଛି । ନିରନ୍ତର ବିକାଶ ଲକ୍ଷ୍ୟ ସହ ଶିଳ୍ପ ଅଭିବୃଦ୍ଧିକୁ ସୁନିଶ୍ଚିତ କରିବା ପାଇଁ ଆମ ସରକାର ପ୍ରତିଶ୍ରୁତିବଦ୍ଧ ଏବଂ ଏହି ଆଭିମୁଖ୍ୟ ଆମର ନୀତି, ଯୋଜନା ଓ ବିଭିନ୍ନ ପଦକ୍ଷେପରେ ପ୍ରତିଫଳିତ ହେଉଛି ।

ଉତ୍କର୍ଷ ଓଡ଼ିଶା- ମେକ୍ ଇନ୍ ଓଡ଼ିଶା କନ୍‌କ୍ଲେଭ୍-୨୦୨୫ ବିଶେଷକରି ଉତ୍ପାଦନ, ଆଇଟି ଓ ଲଜିଷ୍ଟିକ୍ କ୍ଷେତ୍ରରେ ନୂତନ ନିଯୁକ୍ତି ସୃଷ୍ଟି ଉପରେ ବିଶେଷ ପ୍ରଭାବ ପକାଇବ ବୋଲି ଆଶା କରାଯାଉଛି । ଶିଳ୍ପ ସହଯୋଗ ମାଧ୍ୟମରେ ବୃହତ୍ ପ୍ରତ୍ୟକ୍ଷ ଓ ପରୋକ୍ଷ ନିଯୁକ୍ତି ସୁଯୋଗ ସୃଷ୍ଟି କରିବାକୁ ଓଡ଼ିଶା ସରକାର ଚାହୁଁଛନ୍ତି । ଏହାବ୍ୟତୀତ ରାଜ୍ୟର ଯୁବପିଢ଼ି ଯେପରି ନୂତନ ଯୁଗୋପଯୋଗୀ ଶିଳ୍ପର ଆବଶ୍ୟକତା ପାଇଁ ପ୍ରସ୍ତୁତ ରହିବେ, ସେଥିଲାଗି ତାଲିମ ଓ ଦକ୍ଷତା ବିକାଶ ଉପରେ ମଧ୍ୟ ଗୁରୁତ୍ୱ ଦିଆଯାଉଛି । 'ସ୍କିଲ୍ଡ ଇନ୍ ଓଡ଼ିଶା' ଭଳି ପଦକ୍ଷେପ ମାଧ୍ୟମରେ ସରକାର ଆଇଟି, ଉନ୍ନତ ଉତ୍ପାଦନ, ସେମିକଣ୍ଡକ୍ଟର୍ ଏବଂ ଅକ୍ଷୟ ଶକ୍ତି ଭଳି କ୍ଷେତ୍ରରେ ଅଭିବୃଦ୍ଧି ଆଣିବାରେ ସକ୍ଷମ ହେବା ସହ ରାଜ୍ୟରେ ଏକ ଦକ୍ଷ ଶ୍ରମଶକ୍ତି ସୃଷ୍ଟି କରିବା ଦିଗରେ କାର୍ଯ୍ୟ କରୁଛନ୍ତି ।

ଉତ୍କର୍ଷ ଓଡ଼ିଶା କନ୍‌କ୍ଲେଭ୍‌ରେ ସିଙ୍ଗାପୁର, ମାଲେସିଆ ଓ ଅଷ୍ଟ୍ରେଲିଆ ଓଡ଼ିଶାର ସହଭାଗୀ ଦେଶ ଭାବେ ଅଂଶଗ୍ରହଣ କରିବେ । ତା'ସହିତ ବ୍ରିଟେନ୍ ଓ ଆମେରିକା ଭଳି ପାଖାପାଖି ୨୦ଟି ଦେଶ ଏହି ଶିଖର ସମ୍ମିଳନୀରେ ଅଂଶଗ୍ରହଣ କରିବେ । ଏହି ସମ୍ମିଳନୀରେ ବିକଶିତ ରାଷ୍ଟ୍ରମାନଙ୍କ ଅଂଶଗ୍ରହଣ ଓଡ଼ିଶାକୁ ପ୍ରଯୁକ୍ତିବିଦ୍ୟା ହସ୍ତାନ୍ତର, ମିଳିତ ଉଦ୍ୟୋଗ ଏବଂ ଜ୍ଞାନ ବିନିମୟ ପାଇଁ ସୁଯୋଗ ପ୍ରଦାନ କରିବ । ଅନ୍ତର୍ଜାତୀୟ ନିବେଶକଙ୍କ ସହ ଉଚ୍ଚମାନର ସହଯୋଗିତା ବୈଶ୍ୱିକ ଶିଳ୍ପକ୍ଷେତ୍ରରେ ଓଡ଼ିଶାର ସ୍ଥିତିକୁ ଆହୁରି ସୁଦୃଢ଼ କରିବ । ଓଡ଼ିଶାର ବଢ଼ୁଥିବା ବୈଶ୍ୱିକ ସହଯୋଗିତାର ଉଦାହରଣ ନିକଟରେ ସିଙ୍ଗାପୁର ସହ ଅନୁଷ୍ଠିତ ଓଡ଼ିଶା ବିଜନେସ୍ ମିଟ୍‌ରୁ ମିଳିସାରିଛି, ଯେଉଁଥିରେ ସବୁଜ ଶକ୍ତି, ଶିଳ୍ପ ଭିତ୍ତିଭୂମି ଏବଂ ଦକ୍ଷତା କ୍ଷେତ୍ରରେ ୮ଟି ଚୁକ୍ତି ସ୍ୱାକ୍ଷରିତ ହୋଇଛି । ଏହି ବୁଝାମଣାପତ୍ର ଆମ ରାଜ୍ୟକୁ ଏକ ବିଶ୍ୱ ବ୍ୟାବସାୟିକ କେନ୍ଦ୍ରରେ ପରିଣତ କରିବାରେ ସହାୟକ ହେବା ସହ ଭାରତର ପୂର୍ବୋଦୟ ନୀତିରେ ଆମ ରାଜ୍ୟର ଭୂମିକାକୁ ସୁଦୃଢ଼ କରିପାରିବ ।

ଅଟୋମେଶନ୍, ଆଇଓଟି ଓ ଏଆଇ ସମେତ ଶିଳ୍ପ ୪.୦ ପ୍ରଯୁକ୍ତିକୁ ଶିଳ୍ପଭିତ୍ତିରେ ପ୍ରୋତ୍ସାହିତ କରିବାକୁ ଆମ ସରକାର ଆଗଭର ଅଛନ୍ତି । ବୈଷୟିକ ଜ୍ଞାନକୌଶଳ ଦ୍ୱାରା ପରିଚାଳିତ ଉଦ୍ଭାବନକୁ ପ୍ରୋତ୍ସାହିତ କରିବା ପାଇଁ ରାଜ୍ୟରେ ଆଇଟି ଏବଂ ଷ୍ଟାର୍ଟଅପ୍ ହବ୍ ପ୍ରତିଷ୍ଠା ହୋଇଛି ଏବଂ ଗବେଷଣା ଓ ବିକାଶରେ ନିବେଶ କରୁଥିବା କମ୍ପାନିଗୁଡ଼ିକୁ ପ୍ରୋତ୍ସାହନ ମଧ୍ୟ ପ୍ରଦାନ କରାଯାଉଛି । ଗୋ-ସ୍ୱିଫ୍ଟ ପୋର୍ଟାଲ ଭଳି ପ୍ରଯୁକ୍ତି ସମର୍ଥିତ ପ୍ଲାଟ୍‌ଫର୍ମ ନିବେଶ ଆକୃଷ୍ଟ କରିବା ସହ ଶିଳ୍ପ ଅଭିବୃଦ୍ଧିରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରୁଛି ।

ଆମ ସରକାରଙ୍କ ଦୀର୍ଘମିଆଦୀ ଲକ୍ଷ୍ୟ ହେଉଛି ରାଜ୍ୟର ଶତବାର୍ଷିକୀ ବର୍ଷ ୨୦୩୬ ସୁଦ୍ଧା ଓଡ଼ିଶାକୁ ସମୃଦ୍ଧ, ଶିଳ୍ପୋନ୍ନତ, ଉଦ୍ଭାବନ ଓ ସାମଗ୍ରିକ ବିକାଶର ଏକ ବିଶ୍ୱସ୍ତରୀୟ କେନ୍ଦ୍ରରେ ପରିଣତ କରିବା । ଏହି ସ୍ୱପ୍ନକୁ ସାକାର କରିବା ଦିଗରେ ଚଳିତବର୍ଷର ଉତ୍କର୍ଷ ଓଡ଼ିଶା-ମେକ୍ ଇନ୍ ଓଡ଼ିଶା କନ୍‌କ୍ଲେଭ୍-୨୦୨୫ ସଂସ୍କରଣ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ । ନିରନ୍ତର ଶିଳ୍ପାୟନ, ସୁଦୃଢ଼ ଭିତ୍ତିଭୂମି ଏବଂ ଦକ୍ଷ ଶ୍ରମଶକ୍ତି ଉପରେ ଗୁରୁତ୍ୱ ଦେଇ ଓଡ଼ିଶା ଶିଳ୍ପ ଅଭିବୃଦ୍ଧିରେ ବିଶ୍ୱସ୍ତରରେ ଅଗ୍ରଣୀ ହେବାକୁ ଯାଉଛି ।

ଉତ୍କର୍ଷ ଓଡ଼ିଶା କନ୍‌କ୍ଲେଭ୍ କେବଳ ପୁଞ୍ଜିନିବେଶକୁ ଆକୃଷ୍ଟ କରିବା ପାଇଁ ନୁହେଁ ବରଂ ଏହା ଓଡ଼ିଶାକୁ ବିଶ୍ୱବ୍ୟାପୀ ବ୍ୟବସାୟ ପାଇଁ ଏକ ଆକାଂକ୍ଷୀ ଗନ୍ତବ୍ୟସ୍ଥଳରେ ପରିଣତ କରିବା ସହ ବ୍ୟବସାୟ କରିବାରେ ସହଜତାର ଉଦାହରଣ ଓ ଦୀର୍ଘସ୍ଥାୟୀ ତଥା ସାମଗ୍ରିକ ଅଭିବୃଦ୍ଧିରେ ଅଗ୍ରଣୀ ରାଜ୍ୟରେ ପରିଣତ କରିବା ପାଇଁ ଉଦ୍ଦିଷ୍ଟ । ବିଶ୍ୱର ନିବେଶକ, ଶିଳ୍ପପତି ଓ ଉଦ୍ଭାବକଙ୍କ ସହଯୋଗରେ ଓଡ଼ିଶା ଅର୍ଥନୈତିକ ସମୃଦ୍ଧି ଓ ନିଯୁକ୍ତି ସୃଷ୍ଟି ଦିଗରେ ଏକ ନୂଆ ମାର୍ଗ ସୃଷ୍ଟି କରିବ ।

ଉତ୍କର୍ଷ ଓଡ଼ିଶା-ମେକ୍ ଇନ୍ ଓଡ଼ିଶା କନ୍‌କ୍ଲେଭ୍-୨୦୨୫ କେବଳ ଏକ ଶିଖର ସମ୍ମିଳନୀ ନୁହେଁ, ଏହା ଓଡ଼ିଶାର ସ୍ୱପ୍ନକୁ ସାକାର କରିବା ଦିଗରେ ଏକ ଅଭିଯାନ । ରାଜ୍ୟର ଭବିଷ୍ୟତକୁ ଗ୍ରହଣ କରିବାକୁ ପ୍ରସ୍ତୁତ ଏବଂ ସମୃଦ୍ଧ ଓଡ଼ିଶା ୨୦୩୬ ଦିଗରେ ଏହି ପରିବର୍ତ୍ତନକାରୀ ଯାତ୍ରାରେ ସାମିଲ ହେବା ପାଇଁ ଆମେ ସମଗ୍ର ବିଶ୍ୱର ନିବେଶକଙ୍କୁ ଆମନ୍ତ୍ରଣ କରୁଛୁ ।

**– ଶିଳ୍ପ ଓ ଦକ୍ଷତା ବିକାଶ ମନ୍ତ୍ରୀ, ଓଡ଼ିଶା ସରକାର**




ଶନିବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗ ଚିତ୍ର ।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ତତଲା ଭାତରେ ଘିଅ**
**ଚିତା କୁଟିଦେବି ମନକୁ ଚାହିଁଲେ।**
**ଝଟକି ଦିଶିବ ଦିହ ।**

ଆଗକାଳରେ ଗାଁ ଗହଳିରେ ଝିଅ ବୋହୂମାନେ ଦେହରେ ଚିତା କୁଟାଉଥିଲେ । ସେତେବେଳେ ଦେହରେ ଚିତା କୁଟେଇବା ଏକପ୍ରକାର ଫ୍ୟାଶନ ଥିଲା କହିଲେ ଅତ୍ୟୁକ୍ତି ହେବ ନାହିଁ । ମନଲାଖି ଦେହରେ ଚିତା କୁଟେଇ ଶରୀରକୁ ଆକର୍ଷଣୀୟ କରିବାର ପ୍ରଲୋଭନ ଦେଖାଇବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି ।

**ତେଲ ନ ଥାଇ ସାତ ସୁନ୍ଥାଣି**
**ସେ ଯେଉଁ ଥୋବରା ଛକେରା,**
**ସବୁବେଳେ ପର ଅନୁସରଣ**
**ଦନାଇ ବୋଲଇ ନାକେରା ।**

କିଛି ନ ଥାଇ ତୁଚ୍ଛାକୁ ଯିଏ ଛଇ ଛଟକ ଦେଖାଇ ହେଉଥାଏ, ତା' ଠାରୁ ଆଉ କେହି ଅଲାଜୁକ ନାହାନ୍ତି । ସେହିପରି ଯିଏ ସଦାସର୍ବଦା ପରର ଅନୁସରଣ କରିଥାଏ, ସିଏ ନିନ୍ଦନୀୟ ବୋଲି ବିବେଚିତ ହେଉଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି ।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ – ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରାଃଲିଃ

# ପାଟାଥନ୍‌ରେ ପାଟଶାଢ଼ୀ ପିନ୍ଧି ଦୌଡ଼ିଲେ ୬ ହଜାର ମହିଳା



ଭୁବନେଶ୍ୱର,୨୫।୧ (ସୁଚିସ୍ମିତା ସାହୁ)

## କିଟ ଓ କିସ୍ ପକ୍ଷରୁ ମିନି ମାରାଥନ

କିଟ୍ ଓ କିସ୍ ପକ୍ଷରୁ ମିନି ମାରାଥନ 'ପାଟାଥନ'ର ଦ୍ୱିତୀୟ ସଂସ୍କରଣ ଶନିବାର ଅନୁଷ୍ଠିତ ହୋଇଯାଇଛି । ଶିଖରଚଣ୍ଡୀ ମନ୍ଦିର ଛକରୁ ମାରାଥନ ବାହାରି କିସ୍ ଆଥ୍‌ଲେଟିକ ଷ୍ଟାଡିୟମ ପର୍ଯ୍ୟନ୍ତ ଯାଇଥିଲା । ଏଥିରେ ୬ହଜାର ମହିଳା ପାଟଶାଢ଼ୀ ପିନ୍ଧି ଦୌଡ଼ିଥିଲେ । 'ମହିଳା ସଶକ୍ତୀକରଣ' ଓ 'ସମସ୍ତଙ୍କ ପାଇଁ ଶିକ୍ଷା' ଲକ୍ଷ୍ୟରେ ଏହି ମାରାଥନ ଓଡିଶାର ୩୭ଟି ସ୍ଥାନ ଓ ଭାରତର ୬୫ରୁ ଅଧିକ ସହରରେ ଆୟୋଜନ କରାଯାଇଥିଲା । କିଟ୍, କିସ୍ ଓ କିମ୍ସର ୫ ହଜାର ମହିଳା କର୍ମଚାରୀ ଏବଂ ରାଜ୍ୟର ବିଭିନ୍ନ ସ୍ଥାନରୁ ଆସିଥିବା ମହିଳାମାନେ ଏହି ଗଣଦୌଡରେ ସାମିଲ ହୋଇଥିଲେ । ତେବେ ରାଉରକେଲାର କିରଣ ମାହାତୋ ପ୍ରଥମ ପୁରସ୍କାର ସହ ୫୦ ହଜାର ଟଙ୍କା ଜିତିଥିଲେ । ସେହିପରି କଟକର ତେଜସ୍ୱିନୀ କିସପଟ୍ଟା ଦ୍ୱିତୀୟ ଓ ସସ୍ମିତା ବେହେରା ତୃତୀୟ ସ୍ଥାନରେ ରହି ଯଥାକ୍ରମେ ୪୦ହଜାର ଓ ୩୦ ହଜାର ଟଙ୍କା ପୁରସ୍କାର ରାଶି ପାଇଥିଲେ । ଏଥିସହ ୭ଜଣ ରନର୍ସଅପ୍‌ଙ୍କୁ ୧୦ ହଜାର ଟଙ୍କା ଲେଖାଏ ପୁରସ୍କାର ପ୍ରଦାନ କରାଯିବା ସହିତ ବିଜୟୀଙ୍କୁ ପାଟଶାଢ଼ୀ ପ୍ରଦାନ କରାଯାଇଥିଲା । କିଟ୍ କେ- ୩ ମହିଳା କ୍ଲବ ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ବାଚସ୍ପତି ସୁରମା ପାଢ଼ୀ, ମେୟର ସୁଲୋଚନା ଦାସ, କର୍ପୋରେଟର ପ୍ରୀତିନନ୍ଦା ରାଉତରାୟ, ଅଲିମ୍ପିଆନ୍ ଦୂତି ଚାନ୍ଦ ଓ ଅନୁରାଧା ବିଶ୍ୱାଳ, କିଟ୍ ଓ କିସ୍ ପ୍ରତିଷ୍ଠାତା ଡ. ଅଚ୍ୟୁତ ସାମନ୍ତ, କିଟ୍ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଶରଣଜିତ ସିଂ, କୁଳସଚିବ ପ୍ରଫେସର ଜ୍ଞାନ ରଞ୍ଜନ ମହାନ୍ତି ପ୍ରମୁଖ ଯୋଗଦେଇ ସମସ୍ତଙ୍କୁ ଉତ୍ସାହିତ କରିଥିଲେ ।

# ୩.୯୧ ଲକ୍ଷ ଏକର ଜମିକୁ ଜଳସେଚନ

ଭୁବନେଶ୍ୱର,୨୫।୧(ଅନିଲ ଦାସ)

**୫ ବର୍ଷରେ ଖର୍ଚ୍ଚ ହେବ ୯୬୫୨.୨୪ କୋଟି**

ରାଜ୍ୟ ସରକାର ଆସନ୍ତା ୫ ବର୍ଷ ମଧ୍ୟରେ ରାଜ୍ୟରେ ୩.୯୧ ଲକ୍ଷ ଏକର ଜମିକୁ ଜଳସେଚନ ସୁବିଧା ଯୋଗାଇ ଦେବାକୁ ଯୋଜନା କରିଛନ୍ତି । ଏଥିପାଇଁ ରାଜ୍ୟ ସରକାର ନିଜସ୍ୱ ପାଣ୍ଠିରୁ ୯୬୫୨.୨୪କୋଟି ଟଙ୍କା ଖର୍ଚ୍ଚ କରିବେ । 'ଜଳକ୍ଷେତ୍ର ଭିତ୍ତିଭୂମି ଉନ୍ନୟନ କାର୍ଯ୍ୟକ୍ରମ' ଯୋଜନାରେ ଏହି ଜଳସେଚନ ଭିତ୍ତିଭୂମି ସୃଷ୍ଟି ହେବ । ଜଳସମ୍ପଦ ବିଭାଗ ପକ୍ଷରୁ ଜାରି ସଙ୍କଳ୍ପ ପତ୍ର ଅନୁ ଯାୟୀ ଏହି ଯୋଜନାରେ ୫ ବର୍ଷ ମଧ୍ୟରେ ଅତିରିକ୍ତ ଭାବେ ୧୫୮୩୧୮ ହେକ୍ଟର ଜମିରେ ସେଚାଞ୍ଚଳ ସୃଷ୍ଟି ସହିତ ୬୪୩୫ ହେକ୍ଟର ସେଚାଞ୍ଚଳର ସୁଦୃଢ଼ୀକରଣ କରାଯିବ । ନୂତନ ଜଳସେଚନ ପ୍ରକଳ୍ପର ଭିତ୍ତିଭୂମି ସ୍ଥାପନ ତଥା ସର୍ଭେ ଓ ଅନୁସନ୍ଧାନ, ନଦୀ ଅବବାହିକାରେ ବନ୍ୟା ଓ ମରୁଡ଼ି ପରିସ୍ଥିତିର ନିୟନ୍ତ୍ରଣ, ପର୍ଯ୍ୟାପ୍ତ ପାଣିର ବ୍ୟବସ୍ଥା ସହିତ ନିର୍ମାଣାଧୀନ ଜଳସେଚନ ପ୍ରକଳ୍ପଗୁଡ଼ିକର ନିର୍ଦ୍ଦିଷ୍ଟ ସମୟ ଅବଧି ମଧ୍ୟରେ ସମ୍ପୂର୍ଣ୍ଣ କରିବା ଏବଂ ପିଏମ୍‌କେଏସ୍‌ୱାଇ ପରି କେନ୍ଦ୍ରୀୟ ଅନୁଦାନ ପାଇବା ନିମନ୍ତେ ପ୍ରକଳ୍ପର ପୂର୍ବ କାର୍ଯ୍ୟକଳାପ ସମାପ୍ତ କରି ନିର୍ମାଣ କାର୍ଯ୍ୟକୁ ଅଗ୍ରୀମ ପର୍ଯ୍ୟାୟକୁ ନେବା ଏହି ଯୋଜନାର ମୁଖ୍ୟ ଉଦ୍ଦେଶ୍ୟ ବୋଲି ବିଭାଗ ପକ୍ଷରୁ କୁହାଯାଇଛି । ଏହି ଯୋଜନାରେ ୫ ବର୍ଷ ମଧ୍ୟରେ ନିର୍ମାଣାଧୀନ ପ୍ରକଳ୍ପ କାର୍ଯ୍ୟ ଶେଷ ପାଇଁ ୬୦୫୭.୬୬କୋଟି ଟଙ୍କା ଓ ନୂଆ ପ୍ରକଳ୍ପ ପାଇଁ ୩୫୯୪.୫୮କୋଟି ଟଙ୍କା ଖର୍ଚ୍ଚ ହେବ ବୋଲି ଜଣାପଡ଼ିଛି । ଅନ୍ୟପକ୍ଷରେ ରାଜ୍ୟରେ ମୋଟ ୬୧.୮୦ଲକ୍ଷ ହେକ୍ଟର ଚାଷଜମି ଥିବାବେଳେ ସେଥିରୁ ୨୦୨୪ ମାର୍ଚ୍ଚ ଶେଷସୁଦ୍ଧା ୪୯.୯୩ ଲକ୍ଷ ହେକ୍ଟର ଚାଷଜମିକୁ ଜଳସେଚନ ସୁବିଧା ଉପଲବ୍ଧ ହୋଇସାରିଛି । ଏବେ ଏହି ଯୋଜନାରେ ଆଉ ୧.୫୮ଲକ୍ଷ ହେକ୍ଟର ଚାଷଜମି (୩.୯୧ଲକ୍ଷ ଏକର)କୁ ଜଳସେଚନ ସୁବିଧା ଯୋଗାଇବାକୁ ରାଜ୍ୟ ସରକାର ବଜେଟରେ ଆବଶ୍ୟକ ବ୍ୟୟବରାଦ କରିଥିବା ଜଣାପଡ଼ିଛି ।

## ପ୍ରଥମ ପୃଷ୍ଠାରୁ...

### ୪ ଓଡ଼ିଆଙ୍କୁ...

୫୭ ବର୍ଷୀୟ ଗୋକୁଳ ଚନ୍ଦ୍ର ଦେ' ପୁରୁଷ ପ୍ରାଧାନ୍ୟ ବାଦ୍ୟସଙ୍ଗୀତ ଜଗତରେ ୧୫୦ ଜଣ ମହିଳାଙ୍କୁ ତାଲିମ ପ୍ରଦାନ କରିଥିଲେ । ସେ ଏକ ହାଲୁକା ଢାକ୍ ବାଦ୍ୟଯନ୍ତ୍ର ନିର୍ମାଣ କରିଥିଲେ ଏବଂ ବିଭିନ୍ନ ଅନ୍ତର୍ଜାତୀୟ ମଞ୍ଚରେ ଭାରତର ପ୍ରତିନିଧିତ୍ୱ କରିଥିଲେ । ମହିଳା ସଶକ୍ତୀକରଣ ପାଇଁ ସ୍ୱର ଉଠାଇ ଆସିଥିବା ୮୨ ବର୍ଷୀୟ ସାଲି ହୋଲକର ମଧ୍ୟ ପଦ୍ମଶ୍ରୀ ବିଜୟୀ ହୋଇଛନ୍ତି । ପଶୁପକ୍ଷୀ ଓ ବୃକ୍ଷ ଉପରେ ଅନନ୍ୟ ଅଭିଧାନ ପ୍ରସ୍ତୁତ କରିଥିବା ବନ୍ୟପ୍ରାଣୀ ଗବେଷକ ତଥା ମରାଠୀ ଲେଖକ ମାରୁତି ଭୁଜଙ୍ଗରାଓ ଚିତାମପାଲ୍ଲି (୯୨), ଜୟପୁରର ୬୮ ବର୍ଷୀୟ ଭଜନ ଗାୟିକା ବାତୁଲ୍ ବେଗମ, ତାମିଲନାଡୁର ତାଳବାଦ୍ୟକାର ଭେଲୁ ଆସାନଙ୍କୁ ପଦ୍ମଶ୍ରୀ ପାଇଁ ମନୋନୀତ କରାଯାଇଛି । ପ୍ରଥମ ମହିଳା କଣ୍ଢେଇ ନୃତ୍ୟ କାରିଗର ଭିମଭା ଡୋଡାବାଲାପ୍ପା ସିଲେକ୍ୟାଥାରା ମଧ୍ୟ ଚଳିତ ବର୍ଷର ପଦ୍ମଶ୍ରୀ ପୁରସ୍କାର ପାଇବେ । ସେହିପରି ମହାରାଷ୍ଟ୍ରରେ ୪୦୦ ଏକର ଜଙ୍ଗଲର ସଂରକ୍ଷଣ କରିଥିବା ଚୌତ୍ରମ୍ ଦେବଚାନ୍ଦ ପାୱାର, ଗରିବ କ୍ୟାନ୍‌ସର ରୋଗୀଙ୍କୁ ମାଗଣା ଚିକିତ୍ସା ଯୋଗାଉଥିବା ଡାକ୍ତର ବିଜୟଲକ୍ଷ୍ମୀ ଦେଶ୍‌ମାନେ ଏବଂ ଡଙ୍ଗାଲିଆ ବୁଣାକାର ଲାଭଜିଭାଇ ନାଗଜିଭାଇଙ୍କୁ ପଦ୍ମଶ୍ରୀ ପୁରସ୍କାର ନିମନ୍ତେ ମନୋନୀତ କରାଯାଇଛି ।

### ବଢ଼ିପାରେ ପ୍ରତାପଙ୍କ...

ଏହି ଘଟଣାରେ ପୋଲିସ ୯ ଜଣଙ୍କୁ ଗିରଫ କରିଥିବାବେଳେ ମୁଖ୍ୟ ଅଭିଯୁକ୍ତ କୁହାଯାଉଥିବା ପ୍ରଫୁଲ୍ଲ ବିଶ୍ୱାଳଙ୍କ ସନ୍ଦେହଜନକ ଭାବେ ମୃତ୍ୟୁ ଘଟିଥିଲା । ଅନ୍ୟଜଣେ ଅଭିଯୁକ୍ତ ବିଜୟ କୁମାର ବରାଳ ଏବେ ବି ଫେରାର ଥିବା କୁହାଯାଉଛି । ଏନେଇ ସମଗ୍ର ରାଜ୍ୟରେ ହଟଚମଟ ସୃଷ୍ଟି ହୋଇଥିଲା । ଭାଜପା ଓ କଂଗ୍ରେସ ପକ୍ଷରୁ ତତ୍କାଳୀନ ମନ୍ତ୍ରୀ ଜେନାଙ୍କ ଗିରଫ ଦାବି କରାଯାଇ ବିକ୍ଷୋଭ ଓ ପ୍ରତିବାଦ ସଭା କରାଯାଇଥିଲା । ପରେ କୋର୍ଟଙ୍କ ଆଦେଶ ବଳରେ ସାଲେପୁର ଏସ୍‌ଡିପିଓ ଘଟଣାର ନିରପେକ୍ଷ ତଦନ୍ତ କରି ରିପୋର୍ଟ ଦାଖଲ କରିଥିଲେ । ଏପରିକି ପୋଲିସ ରୁଜୁ କରିଥିବା ମାମଲାରେ ଜେନାଙ୍କ ନାମ ଅଭିଯୁକ୍ତ ତାଲିକାର ୧୩ ନମ୍ବରରେ ଥିବାବେଳେ ପରବର୍ତ୍ତୀ ସମୟରେ ପୋଲିସ ତାଙ୍କ ନାମକୁ ଚାର୍ଜଶିଟ୍‌ରୁ କାଟି ଦେଇଥିଲା । ଏହାକୁ ବିରୋଧ କରି ମୃତ କୁଳମଣିଙ୍କ ପୁଅ ରମାକାନ୍ତ ବରାଳ ସାଲେପୁର ଜେଏମ୍‌ଏଫ୍‌ସି କୋର୍ଟରେ ୨୧୭/୨୧ରେ ଏକ ପ୍ରୋଟେଷ୍ଟ ପିଟିଶନ ଦାୟର କରିଥିଲେ । ଉକ୍ତ ମାମଲାରେ ଶୁଣାଣି କରି ମାଜିଷ୍ଟ୍ରେଟ ଜେନାଙ୍କ ବିରୋଧରେ ଆସିଥିବା ଅଭିଯୋଗର ପୁଙ୍ଖାନୁପୁଙ୍ଖ ତଦନ୍ତ କରି ରିପୋର୍ଟ ପ୍ରଦାନ କରିବାକୁ ମାହାଙ୍ଗା ଥାନା ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଏପରିକି ଘଟଣାରେ ଜଡ଼ିତ ଥିବା ପୂର୍ବତନ ବିଧାୟକ ଜେନାଙ୍କ ପିଏ ଉମାକାନ୍ତ ବିଶ୍ୱାଳ(ବାପି) ତତ୍କାଳୀନ ମାହାଙ୍ଗା ବ୍ଲକ ଅଧ୍ୟକ୍ଷ ଶରତ ଚନ୍ଦ୍ର ନାୟକ କଲ ରେକର୍ଡ ସମେତ ଘଟଣାରେ ମୁଖ୍ୟ ଅଭିଯୁକ୍ତ କୁହାଯାଉଥିବା ମୃତ ପ୍ରଫୁଲ୍ଲ ବିଶ୍ୱାଳଙ୍କ ସିଡିଆର୍ ଦାଖଲ କରିବା ପାଇଁ କୋର୍ଟ ନିର୍ଦ୍ଦେଶ ଦେଇଥିଲେ । ଇତିମଧ୍ୟରେ କୁଳମଣିଙ୍କ ପୁଅ ରମାକାନ୍ତଙ୍କ ମୃତ୍ୟୁ ହେବା ପରେ ତାଙ୍କ ଭାଇ ରଞ୍ଜିତ କୁମାର ବରାଳ ପୁନର୍ବାର ରିଭ୍ୟୁ ପିଟିଶନ ଦାଖଲ କରିଥିଲେ । ସାକ୍ଷୀପ୍ରମାଣ ଓ ମାମଲାରୁ ପାରିପାର୍ଶ୍ୱିକ ଅବସ୍ଥାକୁ ଆଖି ଆଗରେ ରଖି ସାଲେପୁର ଜେଏମ୍‌ଏଫ୍‌ସି କୋର୍ଟ ୧୫।୯।୨୦୨୩ରିଖରେ ବିଧାୟକ ପ୍ରତାପ ଜେନାଙ୍କ ନାମରେ ଆଇପିସି ଦଫା ୩୦୨, ୫୦୬,୧୦୨(ବି)ରେ ମାମଲା ଚାଲୁ ରଖିବା ପାଇଁ ନିର୍ଦ୍ଦେଶ ଦେଇଥିଲେ । ଏଥିସହ ଏହି ମାମଲାକୁ ସାଲେପୁରରୁ ଭୁବନେଶ୍ୱର ଆଡିଶନାଲ ଡିଷ୍ଟ୍ରିକ ସେସନ୍ସ ଜର୍ଜ କମ୍ ସ୍ପେଶାଲ କୋର୍ଟ ଭୁବନେଶ୍ୱରକୁ ସ୍ଥାନାନ୍ତର କରିବା ପାଇଁ ଆଦେଶ ଦେଇଥିଲେ । ତେବେ ଏହା ବିରୋଧରେ ଜେନା ଉଚ୍ଚ ନ୍ୟାୟାଳୟର ଦ୍ୱାରସ୍ଥ ହୋଇଥିଲେ । ଉଚ୍ଚ ନ୍ୟାୟାଳୟ ଉକ୍ତ ଆବେଦନର ଶୁଣାଣି କରି ଜେନାଙ୍କୁ କ୍ଲିନ ଚିଟ୍ ଦେଇଥିଲେ । ଏହି ମାମଲାରେ ପୂର୍ବରୁ ସାଲେପୁର ଅତିରିକ୍ତ ଦୌରାଜଜ୍ ୯ଜଣଙ୍କୁ ଆଜୀବନ ଦଣ୍ଡାଦେଶ ଶୁଣାଇଥିବାବେଳେ ଜଣକୁ ସାକ୍ଷ୍ୟ ପ୍ରମାଣ ଅଭାବରୁ ନିର୍ଦ୍ଦୋଷରେ ଖଲାସ କରିଛନ୍ତି । ହାଇକୋର୍ଟଙ୍କ ଉକ୍ତ ରାୟ ବିରୋଧରେ ରଞ୍ଜିତ ବରାଳ ସୁପ୍ରିମକୋର୍ଟରେ ଏସ୍‌ଏଲ୍‌ପି ଦାଖଲ କରିଥିଲେ । ଉକ୍ତ ଆବେଦନକୁ ଗ୍ରହଣ କରି ରାଜ୍ୟ ସରକାରଙ୍କୁ ରିପୋର୍ଟ ତଲବ କରିଥିବାରୁ ଜେନାଙ୍କ ପାଇଁ ଏହା ଅଡୁଆ ସ୍ଥିତି ସୃଷ୍ଟି କରିପାରେ ବୋଲି ବୁଦ୍ଧିଜୀବୀ ମତ ପ୍ରକାଶ କରିଛନ୍ତି । ଏନେଇ ଜେନାଙ୍କ ସହ ଯୋଗାଯୋଗ କରାଯାଇଥିଲେ ସୁଦ୍ଧା କୌଣସି ପ୍ରତିକ୍ରିୟା ମିଳିପାରି ନାହିଁ ।

### ଡାଇରେକ୍ଟ ଟୁ ମୋବାଇଲ...

ଇଣ୍ଟରନେଟ୍ ସଂଯୋଗ ମିଳିବ । ମୋବାଇଲ ଟାୱାର ନ ଥିବା ଅଗମ୍ୟ ଅଞ୍ଚଳ ସମେତ ନେଟ୍‌ୱର୍କ ସମସ୍ୟା ଥିବା ଯେକୌଣସି ସ୍ଥାନରୁ ୟୁଜରମାନେ ଇଣ୍ଟରନେଟ୍ ବ୍ରାଉଜ୍ ସମେତ କଲ୍ ଓ ମେସେଜ୍ କରିପାରିବେ । ଆଇବିସି ଗ୍ରୁପ୍‌ର ପ୍ରତିଷ୍ଠାତା ମାରିଓ ନାଫଲ ଏହାକୁ 'ସେଲ୍ ଟାୱାର ଇନ୍ ସ୍ପେସ୍' ବୋଲି କହିଛନ୍ତି । ଏହି ସେବା ପାଇଁ ୟୁଜରମାନଙ୍କୁ ନୂଆ ଫୋନ୍ କିଣିବା କିମ୍ବା ସେବା ପାଇଁ ଅତିରିକ୍ତ ହାର୍ଡୱେର ଆବଶ୍ୟକ ପଡ଼ିବ ନାହିଁ । ବର୍ତ୍ତମାନର ଡିଭାଇସ୍ ଯୋଗେ ଏହି ସେବା ଉପଲବ୍ଧ କରିହେବ ।

ସୋମବାରରୁ ଡାଇରେକ୍ଟ-ଟୁ-ସେଲ୍ ସାଟେଲାଇଟ୍ ସେବା ବେଟା ପରୀକ୍ଷା ହେବ ବୋଲି ସ୍ପେସ୍‌ଏକ୍ସ ସିଇଓ ଏଲନ୍ ମସ୍କ ନିଜ ସୋସିଆଲ ମିଡିଆ ଏକ୍ସ ଯୋଗେ ଘୋଷଣା କରିଛନ୍ତି । ଏହା ସ୍ପେସ୍‌ଏକ୍ସ ପାଇଁ ଏକ ବଡ଼ ସଫଳତା ହେବ ବୋଲି ଆଶା କରାଯାଉଛି । ପରୀକ୍ଷା ସଫଳ ହେଲେ ଯେକୌଣସି ସ୍ଥାନରେ ରହୁଥିବା କିମ୍ବା ଯାତ୍ରା କରୁଥିବା ଲୋକେ ସେଲୁଲାର ସେବା ପାଇପାରିବେ । ଜରୁରୀ ସମୟରେ ପାରମ୍ପରିକ ନେଟ୍‌ୱର୍କ କାମ ନ କଲେ ମଧ୍ୟ ସେବା ପ୍ରଭାବିତ ହେବ ନାହିଁ । ଗ୍ରାମାଞ୍ଚଳ ଓ ଦୁର୍ଗମ ଅଞ୍ଚଳରେ ଦୀର୍ଘଦିନ ହେଲା ରହିଆସିଥିବା ନେଟ୍‌ୱର୍କ ସମସ୍ୟାର ସମାଧାନ କରିବାକୁ ଷ୍ଟାରଲିଙ୍କ୍ ଲକ୍ଷ୍ୟ ରଖିଛି । ପରବର୍ତ୍ତୀ ପିଢ଼ିର ଷ୍ଟାରଲିଙ୍କ୍ ସାଟେଲାଇଟ୍ ଇଣ୍ଟରନେଟ୍ ସଂଯୋଗକୁ ଆହୁରି ଦ୍ରୁତତର କରିବା ଆଶା କରାଯାଉଛି ।

# ଜାମୁଡାଲି ନୃତ୍ୟଗୀତରେ ଝୁମିଲେ ଦର୍ଶକ



ଲୋକ ମହୋତ୍ସବ ଉଦ୍‌ଘାଟନୀ ସନ୍ଧ୍ୟାରେ ମଞ୍ଚାସୀନ ଅତିଥିଗଣ।

## ୨ୟ ଅସୁରଗଡ଼ ଲୋକ ମହୋତ୍ସବ ଉଦ୍‌ଘାଟିତ

ମନମୁଣ୍ଡା,୨୫।୧(ବେଣୁଧର ପ୍ରଧାନ)

ବୌଦ୍ଧ ଜିଲା କନ୍ଧମାଳ ବ୍ଲକ ମନମୁଣ୍ଡାରେ ଦ୍ୱିତୀୟ ଅସୁରଗଡ ଲୋକ ମହୋତ୍ସବ ଶନିବାର ଉଦ୍‌ଘାଟିତ ହୋଇଛି। ଏହି ଉପଲକ୍ଷେ ପୂର୍ବାହ୍ନ ୧୦ଟାରେ ଦେଉଳିସ୍ଥିତ କଙ୍କାଳୀ ବୁଢାପୀଠରୁ ଏକ ବିରାଟ ମଶାଲ ଶୋଭାଯାତ୍ରା ବାହାରି ବାସୁଦେବପାଲିସ୍ଥିତ ମାଉଲି ମନ୍ଦିରରେ ପହଞ୍ଚିବା ପରେ ମହୋତ୍ସବ ସ୍ଥଳକୁ ଅଣାଯାଇଥିଲା। ଶୋଭାଯାତ୍ରାରେ ହଜାର ହଜାର ଅଞ୍ଚଳବାସୀ ସାମିଲ ହୋଇଥିଲେ। ଅପରାହ୍ନ ୪ଟାରେ ବୟନିକା ପ୍ରଦର୍ଶନୀ ଉଦ୍‌ଘାଟିତ ହୋଇଥିଲା। କାର୍ଯ୍ୟକ୍ରମରେ କନ୍ଧମାଳ ବିଧାୟକ କହ୍ନେଇ ଚରଣ ଡାଙ୍ଗ ମୁଖ୍ୟ ଅତିଥି, ଜିଲା ପରିଷଦ ଉପାଧ୍ୟକ୍ଷ ଶଙ୍କର୍ଷଣ ପ୍ରଧାନ, ବ୍ଲକ ଅଧ୍ୟକ୍ଷା ସସ୍ମିତା ସେନାପତି, ସରପଞ୍ଚ ରଞ୍ଜୁ ବେହେରା, ମହୋତ୍ସବ ସଭାପତି ଆଶିଷ ସାହୁ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ। ଏହି ମହୋତ୍ସବ ୨୯ ତାରିଖ ପର୍ଯ୍ୟନ୍ତ ଚାଲିବ। ମହୋତ୍ସବରେ ପ୍ରତ୍ୟେକ ଦିନ ଲୋକକଳା, କଳାସଂସ୍କୃତି, ମିନାବଜାର, ବିଭିନ୍ନ ସାଂସ୍କୃତିକ ଅନୁଷ୍ଠାନ ସହ ନାମୀଦାମୀ କଣ୍ଠଶିଳ୍ପୀ ଓ କଳାକାର ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରବାର କାର୍ଯ୍ୟକ୍ରମ ରହିଛି। ଉଦ୍‌ଘାଟନୀ ସନ୍ଧ୍ୟାରେ ମା' ମାହେଶ୍ୱରୀ ସାଂସ୍କୃତିକ ଅନୁଷ୍ଠାନ, ସୋନପୁରର ସମ୍ବଲପୁରୀ ନୃତ୍ୟ ଅନୁଷ୍ଠାନ ପଏଁରୀ ଏବଂ ବିଶିଷ୍ଟ କଣ୍ଠଶିଳ୍ପୀ ସଞ୍ଜୁ ମହାନ୍ତି ଓ ପ୍ରସେନଜିତଙ୍କ ସାଂସ୍କୃତିକ କାର୍ଯ୍ୟକ୍ରମକୁ ଦର୍ଶକ ଉପଭୋଗ କରିଥିଲେ। ଦେବସ୍ମିତା ସାହୁ ଓ ଅଞ୍ଜନ ପ୍ରଧାନ ମଞ୍ଚ ପରିଚାଳନା କରିଥିଲେ।

# ପ୍ରେମାନନ୍ଦ ମିଶ୍ର ବୌଦ୍ଧ ଜିଲା ଭାଜପା ସଭାପତି

ବୌଦ୍ଧ,୨୫।୧(ଅଜିତ କୁମାର ବାରିକ)

ବୌଦ୍ଧ ଜିଲା ଭାଜପା ସଭାପତି ପଦବୀ ପାଇଁ ଦଳ ମଧ୍ୟରେ ତୁତୁ ମେମେ ଆରମ୍ଭ ହୋଇଥିଲା। ଏହି ରେସ୍‌ରେ ୩ ଜଣଙ୍କ ନାମ ଚର୍ଚ୍ଚାକୁ ଆସିଥିବା ବେଳେ ଏହାକୁ ନେଇ ଆଶାୟୀ ପ୍ରାର୍ଥୀମାନଙ୍କ ଉପରେ ସାମାଜିକ ଗଣମାଧ୍ୟମରେ ଆପିତ୍ତିଜନକ ଟିପ୍ପଣୀ ଘୂରି ବୁଲିଥିଲା। ଏହାକୁ ନେଇ ଦଳ ମଧ୍ୟରେ ରାଜନୀତି ଜୋର ଧରିଥିଲା। ଦଳ କାହାକୁ ସଭାପତି ପଦବୀ ଦେବ ସେ ନେଇ ଏକ ପ୍ରକାର କନ୍ଦଳ ଆରମ୍ଭ ହୋଇଯାଇଥିଲା। ତେବେ ବହୁ ବାଦ ବିବାଦ ପରେ ଶନିବାର ଦଳ ପକ୍ଷରୁ ଜିଲା ସଭାପତିଙ୍କ ନାମ ଘୋଷଣା କରାଯାଇଛି।



ପ୍ରେମାନନ୍ଦ ମିଶ୍ର।

ବୌଦ୍ଧ ଟାଉନହଲରେ ଏକ ସଭା କରି ଜିଲା ସଭାପତିଙ୍କ ନାମ ଘୋଷଣା କରାଯାଇଥିଲା। ଶେଷରେ ଜିଲା ସଭାପତି ଭାବେ ପ୍ରେମାନନ୍ଦ ମିଶ୍ରଙ୍କ ନାଁରେ ମୋହର ବାଜିଥିଲା। ସଭାରେ ଭାଜପା ରାଜ୍ୟ ସହ ନିର୍ବାଚନ ଅଧିକାରୀ ତଥା କନ୍ଧମାଳ ଏମ୍‌ପି ସୁକାନ୍ତ କୁମାର ପାଣିଗ୍ରାହୀ, ପର୍ଯ୍ୟବେକ୍ଷକ ଯଜ୍ଞେଶ୍ୱର ବାବୁ, ବୌଦ୍ଧ ବିଧାୟକ ସରୋଜ ପ୍ରଧାନ, କନ୍ଧମାଳ ବିଧାୟକ କହ୍ନେଇ ଚରଣ ଡାଙ୍ଗ, ଭାଜପା ଜିଲା ନିର୍ବାଚନ ଅଧିକାରୀ ଭଗବାନ ମହାନ୍ତି, ସହ ନିର୍ବାଚନ ଅଧିକାରୀ ମାଗୁଣୀ ଗାଇଗୌରିଆଙ୍କ ଉପସ୍ଥିତିରେ ପ୍ରେମାନନ୍ଦ ମିଶ୍ରଙ୍କ ନାମ ଘୋଷଣା କରାଯାଇଥିଲା। ସେହିପରି ଦଳର ରାଜ୍ୟ ପରିଷଦ ସଦସ୍ୟ ଭାବେ ସଂଯୁକ୍ତା ନାୟକ, ଅନୀଲ ପ୍ରଧାନ, ଯୁଗଳ କିଶୋର ସାମଲ ମନୋନୀତ ହୋଇଛନ୍ତି। ପ୍ରେମାନନ୍ଦ ଦଳ ସଭାପତି ହେବା ପରେ ସମର୍ଥକମାନେ ବାଣ ଫୁଟାଇ ମିଠା ବାଣ୍ଟିଥିଲେ।

# ସମସ୍ତଙ୍କ ପାଇଁ ଶିକ୍ଷା ବାର୍ତ୍ତା ନେଇ ମିନି ମାରାଥନ

ବୌଦ୍ଧ,୨୫।୧(ଅଜିତ କୁମାର ବାରିକ)

ସମସ୍ତଙ୍କ ପାଇଁ ଶିକ୍ଷା ବାର୍ତ୍ତା ନେଇ ଏକ ମିନି ମାରାଥନ ଶନିବାର ସକାଳେ ବୌଦ୍ଧ ଜିଲା ଷ୍ଟାଡିୟମରୁ ବାହାରି ସହର ପରିକ୍ରମା କରିଥିଲା। କିଟ୍ ଓ କିସ୍‌ର ପ୍ରତିଷ୍ଠାତା ଡ. ଅଚ୍ୟୁତ ସାମନ୍ତଙ୍କ ପ୍ରୟାସରେ ଏହି ମାରାଥନ କରାଯାଇଥିଲା। ବୌଦ୍ଧ ଡିଏଫ୍‌ଓ ଦେବପ୍ରିୟ କମ୍ପ, ଜିଲା ଓକିଲ ସଂଘ ସଭାପତି ଧୁରୀଣ କୁମାର ଦେହୁରୀ, ବୌଦ୍ଧ ପଞ୍ଚାୟତ ମହାବିଦ୍ୟାଳୟର ପୂର୍ବତନ ଅଧ୍ୟ ପ୍ରଶାନ୍ତ କୁମାର ମହାପାତ୍ର, ପୂର୍ବତନ ଜିଲା ଓକିଲ ସଂଘ ସଭାପତି ତାରେଣୀ କୁମାର ମହାପାତ୍ର ଅତିଥି ଭାବେ ଯୋଗଦେଇ ସବୁଜ ପତାକା ଦେଖାଇ ମାରାଥନ୍‌ର ଶୁଭାରମ୍ଭ କରିଥିଲେ। ଏଥିରେ ଜେଡି ଉଚ୍ଚ ବିଦ୍ୟାଳୟ ବୌଦ୍ଧ, ଜେବି ଉଚ୍ଚ ବିଦ୍ୟାଳୟ ମାଉଲସିଙ୍ଗା, ପିତାବଳି ଉଚ୍ଚ ବିଦ୍ୟାଳୟ ମର୍ଯ୍ୟାକୁଦ, ଚୁରୁସିଙ୍ଗା ଉଚ୍ଚ ବିଦ୍ୟାଳୟ, ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ବୌଦ୍ଧ, ସରସ୍ୱତୀ ବିଦ୍ୟା ମନ୍ଦିର ବୌଦ୍ଧ, ପଞ୍ଚାୟତ ମହାବିଦ୍ୟାଳୟ, କେବି ହିଷ୍ଟସ୍ କଲେଜ, ମହିଳା ମହାବିଦ୍ୟାଳୟ ଓ ଏଏନ୍‌ଏମ୍ ଟ୍ରେନିଂ ସେଣ୍ଟରର ୩୦୦ରୁ ଅଧିକ ଛାତ୍ରୀଛାତ୍ର ଯୋଗ ଦେଇଥିଲେ। କିସ୍‌ର ସହକାରୀ କାର୍ଯ୍ୟନିର୍ବାହୀ ଅଧିକାରୀ ଲକ୍ଷ୍ମୀଧର ବେହେରା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।







# ଶ୍ରୀବତ୍ସ ବେହେରା ବଲାଙ୍ଗୀର ଭାଜପା ଜିଲା ସଭାପତି


ଶ୍ରୀବତ୍ସ ବେହେରା

**ବଲାଙ୍ଗୀର,୨୫।୧(ବୀରେନ୍ଦ୍ର କୁମାର ଝାଙ୍କର)**

ବଲାଙ୍ଗୀର ଜିଲାର ନୂଆ ଜିଲା ଭାଜପା ସଭାପତି ଭାବେ ଦଳର ପୁରୁଣା କାର୍ଯ୍ୟକର୍ତ୍ତା ତଥା ସଙ୍ଗଠକ ଶ୍ରୀବତ୍ସ ବେହେରାଙ୍କ ନାମ ଘୋଷଣା କରାଯାଇଛି। ଶନିବାର ସ୍ଥାନୀୟ ପଥରଚେପାସ୍ଥିତ ଜିଲା ଭାଜପା କାର୍ଯ୍ୟାଳୟରେ ଅନୁଷ୍ଠିତ ଏକ ସ୍ୱତନ୍ତ୍ର ସଭାରେ ଜିଲାର ନୂଆ ସଭାପତି ଏବଂ ଦଳୀୟ ରାଜ୍ୟ ପରିଷଦ ସଦସ୍ୟଙ୍କ ନାମ ଘୋଷଣା କରାଯାଇଛି। ଏହି ସଭାରେ ମୁଖ୍ୟ ଅତିଥି ଭାବେ ଲୋକ ସଭା ସଦସ୍ୟା ସଙ୍ଗୀତା କୁମାରୀ ସିଂଦେଓ, ଜିଲା ନିର୍ବାଚନ ଅଧିକାରୀ ଭବେନ୍ଦ୍ର ପଣ୍ଡା, ସହ ଜିଲା ନିର୍ବାଚନ ଅଧିକାରୀ ଓମ୍‌ପ୍ରକାଶ ଜୋଷୀ, ଜିଲା ଭାଜପା ପ୍ରଭାରୀ ସୁରେଶ୍ୱର ଶତପଥୀ, ବିଦାୟୀ ଜିଲା ସଭାପତି ଶିବାଜୀ ମହାନ୍ତି, ଭାଜପା ନେତା ଗୋପାଲଜୀ ପାଣିଗ୍ରାହୀ, ପଙ୍କଜିନୀ ପଣ୍ଡା ମଞ୍ଚାସୀନ ଥିଲେ। ଜିଲା ନିର୍ବାଚନ ଅଧିକାରୀ ପଣ୍ଡା ନୂଆ ଜିଲା ସଭାପତି ବେହେରାଙ୍କ ନାମ ଘୋଷଣା କରିଥିଲେ। ଏହାପରେ ଶ୍ରୀବତ୍ସଙ୍କୁ ଦଳୀୟ ନେତା ଓ କର୍ମୀମାନେ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଥିଲେ। ନୂଆ ଜିଲା ସଭାପତି ଘୋଷଣା ପରେ ଶ୍ରୀବତ୍ସ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓ, ଏମ୍‌ପି ସଙ୍ଗୀତା ସିଂଦେଓ, କ୍ୟାବିନେଟ୍ ମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ, କଣ୍ଟାବାଞ୍ଜି ବିଧାୟକ ଲକ୍ଷ୍ମଣ ବାଗ, ଟିଟିଲାଗଡ଼ ବିଧାୟକ ନବୀନ ଜୈନ, ବିଦାୟୀ ଜିଲା ସଭାପତି ମହାନ୍ତିଙ୍କ ସହ ଜିଲାର ୪୦ଟି ମଣ୍ଡଳର କାର୍ଯ୍ୟକର୍ତ୍ତାଙ୍କୁ ଧନ୍ୟବାଦ ଜଣାଇଥିଲେ। ଏହି ଅବସରରେ ସେ କହିଥିଲେ, ଆଗାମୀ ଦିନରେ ଭାଜପାକୁ ବଲାଙ୍ଗୀର ଜିଲାର ତୃଣମୂଳ ସ୍ତରରୁ ଆହୁରି ସୁଦୃଢ଼ ଓ ସଙ୍ଗଠିତ କରାଯିବ ଏବଂ ସାରା ରାଜ୍ୟରେ ସଙ୍ଗଠନ କ୍ଷେତ୍ରରେ ଜିଲାକୁ ଶ୍ରେଷ୍ଠ କରାଯିବ ବୋଲି କହିଥିଲେ। ଆଗାମୀ ପଞ୍ଚାୟତ ନିର୍ବାଚନ ପାଇଁ ମଧ୍ୟ ଦଳୀୟ ମାର୍ଗଦର୍ଶକ, କାର୍ଯ୍ୟକର୍ତ୍ତା ଏବଂ କର୍ମୀଙ୍କ ମଧ୍ୟରେ ଉତ୍ତମ ସମନ୍ୱୟ ରଖି କାର୍ଯ୍ୟ କରି ସଫଳତା ହାସଲ କରିବେ ବୋଲି ସେ କହିଥିଲେ। ୧୯୯୨ରୁ ଧରିତ୍ରୀ ପ୍ରତିନିଧି ଭାବେ କାର୍ଯ୍ୟ କରି ଆସୁଥିବା ବେହେରା ନୂଆ ଭାଜପା ଜିଲା ସଭାପତି ଦାୟିତ୍ୱ ନେଇଛନ୍ତି। ଜଣେ ନିଷ୍ଠାବାନ୍ ଏବଂ ଦକ୍ଷ କାର୍ଯ୍ୟକର୍ତ୍ତା ଭାବେ ମଧ୍ୟ ସେ ଦଳୀୟ ମହଲରେ ପରିଚିତ । ତାଙ୍କ ନେତୃତ୍ୱରେ ଜିଲାରେ ସଙ୍ଗଠନ ଢେର ଆଗକୁ ଯିବ ବୋଲି କର୍ମୀ, କାର୍ଯ୍ୟକର୍ତ୍ତା ଓ ନେତା ଆଶାବାଦୀ ଅଛନ୍ତି। ଶ୍ରୀବତ୍ସଙ୍କୁ ଧରିତ୍ରୀ ଓ ଓଡ଼ିଶାପୋଷ୍ଟ ସମ୍ପାଦକ ତଥାଗତ ସତପଥୀ ଏହି ଅବସରରେ ଶୁଭେଚ୍ଛା ଜଣାଇଛନ୍ତି।



ଦିଲ୍ଲୀ ବିଧାନସଭା ନିର୍ବାଚନ ପୂର୍ବରୁ ନୂଆଦିଲ୍ଲୀଠାରେ ଶନିବାର ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହା, ଦିଲ୍ଲୀ ଭାଜପା ମୁଖ୍ୟ ବୀରେନ୍ଦ୍ର ସଚ୍ଚଦେବା ଏବଂ ଅନ୍ୟ ବରିଷ୍ଠ ନେତାମାନେ ଭାଜପା ମାନିଫେଷ୍ଟୋର ୩ୟ ଭାଗକୁ ଉନ୍ମୋଚନ କରୁଛନ୍ତି।

# ଜିଲା ସଭାପତି ନିଯୁକ୍ତ କଲା ଭାଜପା

**ଭୁବନେଶ୍ୱର,୨୫।୧(ଅନିଲଦାସ)**

ତୃଣମୂଳ ସ୍ତରରେ ସଙ୍ଗଠନକୁ ସୁଦୃଢ଼ କରିବା ପାଇଁ ଭାରତୀୟ ଜନତା ପାର୍ଟି (ଭାଜପା)ର ଓଡ଼ିଶା ଶାଖା ରାଜ୍ୟର ବିଭିନ୍ନ ଜିଲାରେ ସଭାପତିଙ୍କ ନାମ ଘୋଷଣା କରିଛି। ପ୍ରଥମ ଦିବସରେ ୨୩ଟି ସାଙ୍ଗଠନିକ ଜିଲାର ଜିଲା ସଭାପତିଙ୍କ ନାମ ଘୋଷଣା କରିଛି। ଅବଶିଷ୍ଟ ୧୪ଟି ଜିଲା ସଭାପତିଙ୍କ ନାଁ ଦ୍ୱିତୀୟ ପର୍ଯ୍ୟାୟରେ ଘୋଷଣା କରାଯିବ ବୋଲି ଜଣାପଡ଼ିଛି।

| ଜିଲା | ସଭାପତିଙ୍କ ନାମ |
|---|---|
| ଜଗତ୍‌ସିଂହପୁର | ପ୍ରତାପ ମିଶ୍ର |
| କେନ୍ଦ୍ରାପଡ଼ା | ଶଶାଙ୍କ ଶେଖର ସେଠୀ |
| ପୁରୀ | ଡ. ଦେବେନ୍ଦ୍ରନାଥ ତରାଇ |
| କଟକ | ସୁକାନ୍ତ ବିଶ୍ୱାଳ |
| କଟକ(ଗ୍ରାମୀଣ) | ରାମନାରାୟଣ ମହାନ୍ତି |
| ବାଲେଶ୍ୱର | ଈଶ୍ୱର ଚନ୍ଦ୍ର ବେହେରା |
| ବାଲେଶ୍ୱର(ଉତ୍ତର) | ପ୍ରଦୀପ କୁମାର ପଣ୍ଡା |
| ଢେଙ୍କାନାଳ | ରାସବିହାରୀ ବେହେରା |
| ଗଞ୍ଜାମ | ସରୋଜ ସାବତ |
| ବଲାଙ୍ଗୀର | ଶ୍ରୀବତ୍ସ ବେହେରା |
| ସୁନ୍ଦରଗଡ଼ | ଗିରିଶ ସାହୁ |
| କଳାହାଣ୍ଡି | ଯୁଗଳ ପୋଢ଼ |
| ବରଗଡ଼ | ଡ. ଅରୂପାନନ୍ଦ ସାହୁ |
| ଦେବଗଡ଼ | ଅରୁଣ କୁମାର ସାହୁ |
| ଘୁମୁସର ଆସ୍କା | ବିଜୟ ସ୍ୱାଇଁ |
| ନବରଙ୍ଗପୁର | କୁଞ୍ଜବିହାରୀ ଦାସ |
| ବୌଦ୍ଧ | ପ୍ରେମାନନ୍ଦ ମିଶ୍ର |
| କେନ୍ଦୁଝର | ଶୁକଦେବ ମହାନ୍ତ |
| ମାଲକାନଗିରି | ଅଶୋକ କୁମାର ପରିଡ଼ା |
| ଘୁମୁସର(ଭଞ୍ଜନଗର) | ନୀଳମାଧବ ପାତ୍ର |
| ପଶ୍ଚିମ ମୟୂରଭଞ୍ଜ(ରାଇରଙ୍ଗପୁର) | ଝୁରୀଲାଲ ମହାନ୍ତ |
| ପୂର୍ବ ମୟୂରଭଞ୍ଜ | ନୀହାର ମୋଦି |
| ନୂଆପଡ଼ା | କମଲେଶ ଦୀକ୍ଷିତ |

# ସରକାରଙ୍କ ଅବହେଳା ଯୋଗୁ ମହାମାରୀ ରୂପନେଲା ଝାଡ଼ାବାନ୍ତି : କଂଗ୍ରେସ

## କଣାସ ଝାଡ଼ାବାନ୍ତି ଅଞ୍ଚଳ ପରିଦର୍ଶନ କଲା ପିସିସି ତଥ୍ୟ ଅନୁସନ୍ଧାନକାରୀ ଦଳ

**ଭୁବନେଶ୍ୱର,୨୫।୧(ଅନିଲ ଦାସ)**

ସରକାର ବିଶେଷକରି ପୁରୀ ଜିଲା ପ୍ରଶାସନର ଅବହେଳା ଯୋଗୁ କଣାସ ଅଞ୍ଚଳରେ ଝାଡ଼ାବାନ୍ତି ମହାମାରୀର ରୂପ ନେଇଛି ବୋଲି ପିସିସି ତଥ୍ୟ ଅନୁସନ୍ଧାନକାରୀ ଦଳ ମୁଖ୍ୟ ତଥା କଂଗ୍ରେସ ବିଧାୟକ ଦଳର ନେତା ରାମଚନ୍ଦ୍ର କାଡାମ କହିଛନ୍ତି। କଂଗ୍ରେସ ଭବନରେ ଶନିବାର ଏକ ଖବରଦାତା ସମ୍ମିଳନୀରେ ସେ ସେଠାକାର ସ୍ଥିତିର ଗମ୍ଭୀରତା ବିଷୟରେ ଉଲ୍ଲେଖ କରିବା ସହିତ ଜିଲା ପ୍ରଶାସନ ଅଧିକାରୀ ଓ ସରକାରଙ୍କ ଚରମ ଅବହେଳା ଏଭଳି ଘଟଣା ପାଇଁ ଦାୟୀ ବୋଲି କହିଛନ୍ତି । ଏଥିସହିତ ସରକାର ମୃତକଙ୍କ ପରିବାରକୁ ୧୫ ଲକ୍ଷ ଟଙ୍କା ଲେଖାଏଁ କ୍ଷତିପୂରଣ ଦିଅନ୍ତୁ ବୋଲି କାଡାମ ଦାବି କରିଛନ୍ତି।

ଦୟାନଦୀର ପ୍ରଦୂଷିତ ପାଣି ବ୍ୟବହାର କରି ଝାଡ଼ାବାନ୍ତିରେ ୪ ଜଣଙ୍କ ମୃତ୍ୟୁ ଘଟିଥିବା ଓ ଶତାଧିକ ଆକ୍ରାନ୍ତ ହୋଇଥିବା ପୁରୀର କଣାସ ଅଞ୍ଚଳକୁ ଶୁକ୍ରବାର ଓଡ଼ିଶା ପ୍ରଦେଶ କଂଗ୍ରେସ ପକ୍ଷରୁ ଏକ ତଥ୍ୟ ଅନୁସନ୍ଧାନକାରୀ ଦଳ ଗସ୍ତ କରି ସ୍ଥିତି ଅନୁଧ୍ୟାନ କରିଛି। କାଡାମଙ୍କ ନେତୃତ୍ୱରେ ଯାଇଥିବା ଏହି ତଥ୍ୟ ଅନୁସନ୍ଧାନକାରୀ ଦଳରେ ପୂର୍ବତନ ମନ୍ତ୍ରୀ ତଥା ପୂର୍ବତନ ପିସିସି ସଭାପତି ପ୍ରସାଦ ହରିଚନ୍ଦନ, ମହାନଦୀ ବଞ୍ଚାଅ ଆନ୍ଦୋଳନର ଆବାହକ ସୁଦର୍ଶନ ଦାସ, ଓଡ଼ିଶା ମେଡିକାଲ ଆସୋସିଏଶନର ପୂର୍ବତନ ସଭାପତି ଡାକ୍ତର ମଧୁସୂଦନ ମିଶ୍ର, ଓଡ଼ିଶା ହାଇକୋର୍ଟର ଓକିଲ ଜିଆଉଲ୍ ହକ୍, କଂଗ୍ରେସ ଏସ୍‌ସି ସେଲ୍‌ର ପୂର୍ବତନ ଅଧ୍ୟକ୍ଷ ବାଙ୍କବିହାରୀ ବେହେରା, ପଛୁଆ ବର୍ଗ ବିଭାଗର ପୂର୍ବତନ ଅଧ୍ୟକ୍ଷ ବିଜୟାନନ୍ଦ ଚାଉଳିଆ ପ୍ରମୁଖ ସାମିଲ ଥିଲେ । ସେମାନେ କଣାସ ବ୍ଲକ ଅଧୀନ ଗଡ଼ିଶାଗଦା ପଞ୍ଚାୟତର ନୂଆଗାଁ ଓ ନଈପାଟଣା ଗାଁକୁ ଗସ୍ତ କରି ମୃତକ ପରିବାର ଲୋକଙ୍କୁ ଭେଟିବା ସହିତ ଗ୍ରାମବାସୀ, ସ୍ଥାନୀୟ ସରପଞ୍ଚ, କାର୍ଯ୍ୟରତ ସ୍ୱାସ୍ଥ୍ୟ କର୍ମୀ ଓ ଡାକ୍ତରଙ୍କୁ ଭେଟି ତଥ୍ୟ ସଂଗ୍ରହ କରିଛନ୍ତି। ନଈ କୂଳପାଟଣାର ଗୁରେଇ ସେଠୀ, ନୂଆଗାଁର ସଚଳା ସାହୁ, ସାରଥି ପ୍ରଧାନ ଓ ମାଗି ଦଳେଇଙ୍କର ଝାଡ଼ାବାନ୍ତିରେ ମୃତ୍ୟୁ ଘଟିଥିବା ବେଳେ ଶତାଧିକ ଆକ୍ରାନ୍ତ ହୋଇ ଡାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି । ଖବରଦାତା ସମ୍ମିଳନୀରେ ପ୍ରସାଦ ହରିଚନ୍ଦନ କହିଛନ୍ତି ଯେ, ସ୍ଥିତିର ଗମ୍ଭୀରତା ଦୃଷ୍ଟିରୁ ସରକାର ତୁରନ୍ତ ଏହାକୁ ମହାମାରୀ ଘୋଷଣା କରନ୍ତୁ ଏବଂ ଏହାକୁ ଆୟତ୍ତ କରିବା ଦିଗରେ ବିହିତ ପଦକ୍ଷେପ ନିଅନ୍ତୁ ବୋଲି ଦାବି କରିଛନ୍ତି। ଏଥିରେ ଅନ୍ୟମାନଙ୍କ ମଧ୍ୟରେ ସୁଦର୍ଶନ ଦାସ, ବାଙ୍କବିହାରୀ ବେହେରା ଓ ବିଜୟାନନ୍ଦ ଚାଉଳିଆ ଉପସ୍ଥିତ ଥିଲେ ।



ଖବରଦାତା ସମ୍ମିଳନୀରେ ପିସିସି ତଥ୍ୟ ଅନୁସନ୍ଧାନକାରୀ ଦଳ ମୁଖ୍ୟ ରାମଚନ୍ଦ୍ର କାଡାମ (ମଝି), ପୂର୍ବତନ ପିସିସି ସଭାପତି ପ୍ରସାଦ ହରିଚନ୍ଦନ (ଡାହାଣ) ଓ ବରିଷ୍ଠ ନେତା ସୁଦର୍ଶନ ଦାସ।

# ରାଜ୍ୟର ସଫଳତା ନବୀନଙ୍କ ସୁଶାସନର ପ୍ରତିଫଳନ: ବିଜେଡି

## ନୀତି ଆୟୋଗଙ୍କ ବିତ୍ତୀୟ ସ୍ୱାସ୍ଥ୍ୟସୂଚୀରେ ଓଡ଼ିଶା ପ୍ରଥମ

**ଭୁବନେଶ୍ୱର,୨୫।୧ (ଅନିଲଦାସ)**

ନୀତି ଆୟୋଗଙ୍କ ଦ୍ୱାରା ପ୍ରକାଶିତ ୨୦୨୫ର ବିତ୍ତୀୟ ସ୍ୱାସ୍ଥ୍ୟସୂଚୀରେ, ଓଡ଼ିଶା ଦେଶର ସମସ୍ତ ରାଜ୍ୟକୁ ପଛରେ ପକାଇ ଶୀର୍ଷସ୍ଥାନରେ ରହିଛି। ଏହି ରିପୋର୍ଟକୁ ନେଇ ଶନିବାର ବିଜୁ ଜନତା ଦଳ ଭାଜପାକୁ ଘେରିଛି। ଶନିବାର ଶଙ୍ଖଭବନରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଦଳର ବରିଷ୍ଠନେତା ତଥା ଦଳର ସଭାପତି ନବୀନ ପଟ୍ଟନାୟକଙ୍କ ରାଜନୈତିକ ସଚିବ ସଂତୃପ୍ତ ମିଶ୍ର କହିଛନ୍ତି , ଭାଜପା ନେତା ଓ ମନ୍ତ୍ରୀମାନଙ୍କ ଦ୍ୱାରା ବାରମ୍ବାର ନବୀନଙ୍କ ଶାସନ କାଳରେ କିଛି ହୋଇନାହିଁ ବୋଲି କରୁଥିବା ପ୍ରଚାରକୁ କେନ୍ଦ୍ର ସରକାରଙ୍କ ସଂସ୍ଥା ନୀତି ଆୟୋଗ ରିପୋର୍ଟରେ ଭୁଲ୍ ପ୍ରମାଣିତ ହୋଇଛି। ସେ କହିଛନ୍ତି, ୨୦୨୨-୨୩ ଆର୍ଥିକବର୍ଷ ପାଇଁ ଏହି ସୂଚୀ ଜାରି କରାଯାଇଛି, ଯେଉଁଥିରେ ଓଡ଼ିଶା ପ୍ରଥମ ସ୍ଥାନ ହାସଲ କରି ଆଚିଭର୍ ବର୍ଗରେ ରହିଛି। ନୀତି ଆୟୋଗର ଏହି ରିପୋର୍ଟ ଅନୁଯାୟୀ, ୨୦୧୪-୧୫ରୁ ୨୦୨୧-୨୨ ପର୍ଯ୍ୟନ୍ତ ଲଗାତର ଭାବେ ଓଡ଼ିଶା ପ୍ରଥମ ସ୍ଥାନ ହାସଲ କରିଆସୁଛି। ତେଣୁ ଦୀର୍ଘସମୟ ଧରି ବିତ୍ତୀୟ ଶୃଙ୍ଖଳା ପ୍ରଦର୍ଶନ କରିବାରେ ଓଡ଼ିଶା ଉଦାହରଣ ସୃଷ୍ଟି କରିଛି। ନୀତି ଆୟୋଗଙ୍କ ଏହି ରିପୋର୍ଟ ଅନୁଯାୟୀ ସାମଗ୍ରିକ ୬୭.୮ ପଏଣ୍ଟ ପାଇ ଓଡ଼ିଶା ପ୍ରଥମ ସ୍ଥାନରେ ରହିଥିବା ବେଳେ ୫୫.୨ ପଏଣ୍ଟ ପାଇ ଛତିଶଗଡ଼ ଦ୍ୱିତୀୟ ଓ ୫୩.୬ ପଏଣ୍ଟ ପାଇ ଗୋଆ ତୃତୀୟ ସ୍ଥାନରେ ରହିଛି। ଏହି ରିପୋର୍ଟ ଅନୁଯାୟୀ, ଓଡ଼ିଶା ଋଣ ସୂଚକାଙ୍କରେ ୯୯.୦ ଓ ନିୟମିତ ଋଣ ପୈଠ ଓ ଉନ୍ନତ ଋଣ ସ୍ଥିତିରେ ୬୪.୦ ସହିତ ପ୍ରଥମ ସ୍ଥାନରେ ରହିଛି। ସେହିପରି ଆର୍ଥିକଶୃଙ୍ଖଳା କ୍ଷେତ୍ରରେ ଓଡ଼ିଶା ୫୪, ବ୍ୟୟର ଗୁଣାତ୍ମକମାନରେ ୫୨ ଓ ରାଜସ୍ୱ ସଂଗ୍ରହରେ ୬୯.୯ ରହିଛି। ଓଡ଼ିଶାର ବିତ୍ତୀୟ ନିଅଣ୍ଟ ଦେଶର ଅନ୍ୟ ରାଜ୍ୟମାନଙ୍କ ତୁଳନାରେ ସର୍ବନିମ୍ନ ରହିଛି। ୨୦୦୦-୦୧ରେ ରାଜ୍ୟର ବିତ୍ତୀୟ ନିଅଣ୍ଟ ରାଜ୍ୟର ମୋଟ ଘରୋଇ ଉତ୍ପାଦ (ଜିଏସ୍‌ଡିପି)ର ୬.୯ ଭଳି ଉଚ୍ଚ ସ୍ତରରେ ଥିଲା, ଯାହା ୨୦୨୨-୨୩ ବେଳକୁ ମାତ୍ର ୨ପ୍ରତିଶତକୁ ଖସିଆସିଛି। ୨୦୧୯-୨୦ ପରଠାରୁ ଲଗାତର ଭାବେ ଓଡ଼ିଶାର ଋଣ ଭାର ହ୍ରାସ ପାଇବାରେ ଲାଗିଛି। ଏହି ରିପୋର୍ଟରେ ଓଡ଼ିଶାର ରାଜସ୍ୱ ସଂଗ୍ରହ ବୃଦ୍ଧି ହାର ମଧ୍ୟ ଉଲ୍ଲେଖନୀୟ ଭାବେ ଅଗ୍ରଗତି କରିଥିବା ଦର୍ଶାଯାଇଛି। ୨୦୦୦ରେ ନବୀନ ପଟ୍ଟନାୟକ ରାଜ୍ୟର ଶାସନ ଭାର ଗ୍ରହଣ କରିବା ସମୟରେ ରାଜ୍ୟର ଆର୍ଥିକ ସ୍ଥିତି ଏତେ ଦୟନୀୟ ଥିଲା ଯେ ସରକାରୀ କର୍ମଚାରୀଙ୍କୁ ଦରମା ଦେବାକୁ ଓଭରଡ୍ରାଫ୍ଟର ସହାୟତା ନେବାକୁ ପଡୁଥିଲା ଓ ପରେ ରିଜର୍ଭ ବ୍ୟାଙ୍କ ଓଭରଡ୍ରାଫ୍ଟ ଦେବାକୁ ମନାକରି ଦେଇଥିଲା। ନବୀନଙ୍କ ଦୂରଦର୍ଶୀ ନେତୃତ୍ୱ ଯୋଗୁ ଓଡ଼ିଶାକୁ ନୀତି ଆୟୋଗ ଭଳି କେନ୍ଦ୍ରୀୟ ସଂସ୍ଥାରୁ ପ୍ରଶଂସା ମିଳୁଛି। ନବୀନ ସରକାରଙ୍କ ୨୪ବର୍ଷର ଶାସନ କାଳରେ ଓଡ଼ିଶାର କିଛି ବିକାଶ ହୋଇନାହିଁ ବୋଲି ଦାବିକରି ଆସୁଥିବା ଭାଜପା ଓ ନବୀନ ସରକାରଙ୍କ କାମକୁ କେବଳ ନାମ ଓ ରଙ୍ଗ ପରିବର୍ତ୍ତନ କରୁଥିବା ଭାଜପା ସରକାର ଆଜିର ଏହି ଉପଲବ୍ଧିକୁ ଓଡ଼ିଶାବାସୀଙ୍କ ସମ୍ମୁଖରେ ସ୍ୱୀକାର କରିବାର ଆବଶ୍ୟକତା ଅଛି ବୋଲି ସଂତୃପ୍ତ କହିଛନ୍ତି।


**OFFICE OF THE SUPERINTENDING ENGINEER, RURAL WORKS DIVISION, PURI**
Tel. No.06752222092, e-mail id-eerwpuri@gmail.com
**AUCTION SALE NOTICE NO.-01 OF 2024-25**
No. 488/Dt. 18.01.2025
No. O-1339:- The Superintending Engineer, Rural Works Division, Puri on behalf of Government of Odisha invites auction sale notice for disposal of unserviceable store materials
1. Date & time of auction sale & opening is as follows:-

| Procurement Officer | Auction Sale Notice | Date & Time of Auction: From | Date & Time of Auction: To | Date, time & venue of opening of Auction |
|---|---|---|---|---|
| 1 | 2 | 3 | 4 | 5 |
| Superintending Engineer, Rural Works Division, Puri. | 01 of 2024-25 | 27.01.2025 at 11.00 A.M. | 05.02.2025 up to 3.00 P.M. | 06.02.2025 at 11.00 A.M. Office of the S.E., R.W. Division, Puri. |

Sd./- Superintending Engineer, R.W. Division, Puri
OIPR-25065/11/0013/2425

**OFFICE OF THE JOINT DIRECTOR OF AGRICULTURE (INFORMATION), ODISHA, BHUBANESWAR**
No. 223 Dated: 24.01.2025
**CORRIGENDUM NOTICE**
with reference to the RFP No. 137 Dt.17.01.2025 "Documentation of Comprehensive Project on Rice Fallow Management 2024-25"
No. L-: The details of information relating to the Corrigendum & Pre-Bid Clarifications with reference to the RFP No. 137 Dt.17.01.2025 can be downloaded from **www.agri.odisha.gov.in from Dt.24.01.2025**. Other terms and conditions as mentioned in the RFP document remains unchanged.
Sd./- Joint Director of Agriculture (Information), Odisha, Bhubaneswar
OIPR-01510/11/0037/2425

**e-Procurement Notice for Road and Building Works Identification No. 09/SERW/BLS/2024-25**
**No.O-1341:**1.Name of the Work: Roads and Buildings, 2.Total No.of Works: 12 Nos. 3. Estimated Cost: Estimated Cost Rs.5.38 to Rs.40.89 Lakh. 4.Class of Contractor: 'D' 'C' & 'B' Class. 5. Time of Completion: 1 & 6 Month (One and Six Calendar Month), 6. Other details:

| Procurement Officer | Bid Identification No. | Availability of tender Online for bidding: From | Availability of tender Online for bidding: To | Last date & time of seeking tender clarification | Date & time of opening of tender in the Office of the Addl. Chief Engineer, R.W.Division, Balasore |
|---|---|---|---|---|---|
| 1 | 2 | 3 | 4 | 5 | 6 |
| Addl. Chief Engineer, Rural Works Division: Balasore | 09/SERW/ BLS/ 2024-25 | 28.01.2025 at 11.00 A.M. | 04.02.2025 upto 5.00 P.M. | 04.02.2025 upto 1.00 P.M. | 04.02.2025 at 5.30 P.M. |

Further details can be seen from the website-**www.tendersodisha.gov.in.**
OIPR-25108/11/0008/2425 Sd./-Addl. Chief Engineer, R.W.Division, Balasore

**PANCHAYAT SAMITI OFFICE, JHARSUGUDA**
**Tender Call Notice**
No. - 509 / Date - 22.01.25
**No.i-** : The Block Development Officer, Jharsuguda invites sealed tenders on percentage rate basis for 01 (one) No. of projects. The sale of bid documents will be available in website of Jharsuguda https://jharsuguda.odisha.gov.in from dt-24.01.2025 to dt.10.02.2025 and receipt of the bid documents starts from dt-24.01.2025 to dt.10.02.2025 up to 5.00 P.M. on all working days in the Office of the Panchayat Samiti, Jharsuguda. The bid will be opened on dt-11.02.2025 at 11.00 A.M. Intending class "B" and "C" Class contractors may visit website of Jharsuguda https://jharsuguda.odisha.gov.in for details information.
Sd./- Block Development Officer Jharsuguda
OIPR-19363/11/0004/2425

**OFFICE OF THE BIRAMITRAPUR MUNICIPALITY, BIRAMITRAPUR**
No.184, Dt.24.01.2025
**No.C-1540:**Sealed tenders are invited from the Registered Govt. contractors of 'D' & 'C' Class for execution of the following works conformity the prescribed Proforma. The sale & receipt of tender papers shall start from dt.27.01.25 to dt.06.02.25 upto 1.00 PM in the Office of the Biramitrapur Municipality & will be opened on dt.07.02.25 at 11.00 AM in the presence of the tenderers or their authorized agents. In case however the tenderers or their authorized agents do not appear at the time of opening of the tender, it will be opened by the authority in their absence.

| Sl. No. | Name of the Work | Estimated Cost in Rs. | EMD in Rs.(2%) | Cost of Tender Paper in Rs. | Time of Completion |
|---|---|---|---|---|---|
| 1 | Repair of Council Hall of Biramitrapur Municipality | 199500.00 | 3990.00 | 600.00 | 30 days |

The details of information will be available at the Office of the Biramitrapur Municipality, Paper cost is to be deposited in shape of Banker's Cheque/DD (Non-refundable) in favour of Executive Officer, Biramitrapur Municipality. The required EMD/Paper Cost should be deposited in shape of D.D./Bankers Cheque in favour of Executive Officer, Biramitrapur Municipality and same should be enclosed with the tender alongwith all necessary documents (Valid License copy, PAN Card, GSTIN etc.). Failing which the tender will be liable for rejection. The authority reserves the right either to accept or reject any tender without assigning any reason thereof.
OIPR-13139/11/0005/2425 Sd./- Executive Officer, Biramitrapur Municipality

**OFFICE OF THE EXECUTIVE ENGINEER (AGRIL.), AGRICULTURE ENGINEERING DIVISION, KENDRAPARA**
E-mail ID : eeag-kendrapara@gov.in
**Govt. of Odisha "e" procurement Notice**
Bid Identification No. : E.E.(A), Kendrapara Division - 05/2024-25
**No.L-** : The Executive Engineer (Agril.), Agriculture Engineering Division, Kendrapara on behalf of Governor of Odisha, invites percentage rate bids in single cover system in ONLINE MODE, for **01 Numbers of Projects for Development of Grow out Test Field at STL Barchana.**

| | | |
|---|---|---|
| 1. | Estimated Cost | : Rs. 13,82,732.00 |
| 2. | Bid Cost | : Rs. 6,000/- as Mentioned against each in Column - 04 |
| 3. | Period of completion | : Calendar Months Mentioned in Column - 06 |
| 4. | No. of works (Tender) | : 01 nos. |
| 5. | Class of Contractor | : As Mentioned in Column - 05 |
| 6. | Date & Time of availability of bid document in the portal | : From Dt.24.01.2025 at 10.00 A.M. to Dt.03.02.2025 at 5.00 P.M. |
| 7. | Last date/Time for receipt of bids in the portal | : Dt.03.02.2025 at 5.00 P.M. |
| 8. | Date of submission of documents | : Dt.24.01.2025 at 10.00 A.M. to Dt.04.02.2025 at 5.00 P.M. (Except Holidays) |
| 9. | Date & time of opening of online bids | : Dt.05.02.2025 at 02.00 P.M. & onwards |
| 10. | Name and address of the officer inviting Bid | : Executive Engineer (Agril.), Agriculture Engineering Division, Kendrapara |

Further details can be seen from the e-procurement portal **http://tendersodisha.gov.in.**
A. All the volumes/documents shall be uploaded in the portal by the Procurement Officer Administrator and published by Procurement Officer Publisher (Officer Inviting tender)
B. The Tender documents published by the Tender inviting Officer (Procurement Officer Publisher) in the website **"http://tendersodisha.gov.in"** will appear in the Latest.
C. The Bidders have to participate in ONLINE bidding only. Further details can be seen from the website **"http://tendersodisha.gov.in"**. Any addendum/ corrigendum / cancellation of tender can also be seen in the said website.
Sd./- Executive Engineer (Agril.) Agriculture Engineering Division, Kendrapara
OIPR-01471/11/0005/2425

**Government of Odisha**
**OFFICE OF THE BLOCK DEVELOPMENT OFFICER, PANCHAYAT SAMITI, SANAKHEMUNDI**
**Tender Call Notice No.DPS-02/2024-25**
**No.i-:**1. Name of the Scheme: Mission Shakti Scheme for the F.Y. 2024-25. 2. Total No.of Works: 6 (Six) No's of individual works. 3. Estimated Cost: Rs.23,06,731/- Lakhs. 4. Period of Completion: 6 (Six) Calendar Months. 5. Other details as follows:

| Sl. No. | Place of availability of Tender Document | Bid Identification No. | Period of availability of Tender | Period of submission of Tender | Date and Place of opening of BID |
|---|---|---|---|---|---|
| 1 | 2 | 3 | 4 | 5 | 6 |
| 1 to 6 | Block Development Officer, Sanakhemundi, Panchayat Samiti, Sanakhemundi | 02/2024-25 | From 27.01.2025 (11.00 A.M.) To 10.02.2025 (5.00 P.M.) | From 27.01.2025 (11.00 A.M.) To 10.02.2025 (5.00 P.M.) | 12.02.2025 (11.00 A.M.) in the Office Chamber of the Block Development Officer, Sanakhemundi |

Bidder is to participate in bidding through Register/ Speed Post only. Any addendum/corrigendum/cancellation of the tender can be seen in the notice of the Panchayat Samiti, Sanakhemundi.
OIPR-19422/11/0002/2425 Sd./- Block Development Officer, Sanakhemundi

## ଜନ୍ମଦିନର ଶୁଭେଚ୍ଛା

ନାମ: ....................................
ବୟସ:...................................
ଜନ୍ମ ତାରିଖ: ..............................


ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

## ଶୁଭ ବିବାହ ଉତ୍ସବ ଶୁଭେଚ୍ଛା



**ଅଭିପ୍ସା ସହିତ ଆଶୁତୋଷ**

ଶୁଭ ବିବାହ ୨୬ ଜାନୁୟାରୀ ୨୦୨୫

ବିବାହ ଦିବସରେ ଅନେକ ଶୁଭେଚ୍ଛା ଓ ଶୁଭ କାମନା। ଉଭୟଙ୍କ ଚଲାପଥ କୁସୁମିତ ହେଉ, ସାଂସାରିକ ଜୀବନ ଶୁଖମୟ ହେଉ, ଏତିକି ପ୍ରଭୁ ଜଗତର ନାଥ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା ।

ଶୁଭେଚ୍ଛା ସହ- ବନ୍ଧୁବାନ୍ଧବ ଓ ପରିବାରବର୍ଗ ।

ଧ-୭୪୫୭୩

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/- ରେ। ରଙ୍ଗୀନ ଟ୪୨୦/- ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।


# ତଟରକ୍ଷୀ ବାହିନୀର 'ସମୁଦ୍ର ପ୍ରହରୀ: ସୀମାଠାରୁ ସମୁଦ୍ର ପର୍ଯ୍ୟନ୍ତ' ଅଭିଯାନ ଶୁଭାରମ୍ଭ

ଭୁବନେଶ୍ୱର,୨୫।୧
(ଅନୁରାଧା ମହାରଣା)

ଭାରତୀୟ ତଟରକ୍ଷା ବାହିନୀର ୪୯ତମ ସ୍ଥାପନା ଦିବସ ଅବସରରେ 'ସମୁଦ୍ର ପ୍ରହରୀ- ସୀମାଠାରୁ ସମୁଦ୍ର ପର୍ଯ୍ୟନ୍ତ' ମୋଟରସାଇକେଲ ଅଭିଯାନର ଶୁଭାରମ୍ଭ କରାଯାଇଛି। ପଞ୍ଜାବର ଅଟାରୀ ବର୍ଡରଠାରେ ଶୁକ୍ରବାର ଅମୋଘ ଡିଭିଜନର ଜେନେରାଲ ଅଫିସରଙ୍କ ଦ୍ୱାରା ଉଦ୍‌ଘାଟିତ ହେବା ପରେ ଏହି ଶୋଭାଯାତ୍ରା ବିକାନେର୍, ଶ୍ରୀ ଗଙ୍ଗାନଗର, ରାଜସ୍ଥାନ ଆଦି ସ୍ଥାନରେ ପହଞ୍ଚିଛି। ଏହି ଅବସରରେ ଶ୍ରୀଗଙ୍ଗାନଗରର ଏମ୍‌ଏସ୍‌ଏମ୍ ସୈନିକ ସ୍କୁଲର ଛାତ୍ରଙ୍କ ସହ ଏକ ମତବିନିମୟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଦେଶର ବିଭିନ୍ନ ଅଞ୍ଚଳ ବିଶେଷକରି ଗ୍ରାମାଞ୍ଚଳରେ ସରକାରୀ ସଚେତନତାମୂଳକ କାର୍ଯ୍ୟକ୍ରମ ସମ୍ପର୍କରେ ଅବଗତ କରାଇବା ପାଇଁ ଏହି ଅଭିଯାନ ଜାରି ରହିଛି। 'ଏକ୍ ପେଡ୍ ମା କେ ନାମ୍', 'ବେଟି ବଚାଓ ବେଟି ପଢ଼ାଓ', 'ସ୍ୱଚ୍ଛ ଭାରତ ଅଭିଯାନ' ଆଦିର ପ୍ରଚାର ପ୍ରସାର କରାଯାଉଛି। ବିଭିନ୍ନ ପର୍ଯ୍ୟାୟରେ ମତ ବିନିମୟ କାର୍ଯ୍ୟକ୍ରମରେ ଉଭୟ ମହିଳା ଓ ପୁରୁଷଙ୍କୁ ସେନାବାହିନୀରେ ଯୋଗଦେବାକୁ ପ୍ରୋତ୍ସାହିତ କରାଯିବ ବୋଲି ସୂଚନା ଦିଆଯାଇଛି।




## ମନେ ପଡ଼ନ୍ତି

**ପ୍ରଥମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



**ଡା. ଶଙ୍କର୍ଷଣ ପଣ୍ଡା**
Retd. Joint Director, Veterinary Department
ଟାଉନପ୍ଲାନିଂ କଲୋନି, HIG-2, ଢେଙ୍କାନାଳ ଟାଉନ
ଆବିର୍ଭାବ: ୧୨।୦୧।୧୯୪୫
ତିରୋଧାନ: ୦୭।୦୨।୨୦୨୪
ଆପଣଙ୍କ ଅବର୍ତ୍ତମାନ ଆମପାଇଁ ଅପୂରଣୀୟ ଶୂନ୍ୟସ୍ଥାନ ସୃଷ୍ଟି କରିଛି । ଆପଣଙ୍କର ସ୍ନେହ, ଶ୍ରଦ୍ଧା ଓ ଭଲପାଇବା ଚିର ସ୍ମରଣୀୟ ହୋଇ ରହିବ । ଆପଣଙ୍କ ଅମରାତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା ।
ଶୋକସନ୍ତପ୍ତ: ପୁତ୍ର- ଲଳିତ, ଜୟପ୍ରକାଶ, ତପନ, ତମସା, କାବ୍ୟମ୍, ବନ୍ଧୁ, ପରିବାରବର୍ଗ ଓ ଆତ୍ମୀୟସ୍ୱଜନ ।
ଧ-୭୫୪୮୪

**ସପ୍ତମ ଶ୍ରାଦ୍ଧବାର୍ଷିକୀ**



**ରଜନୀକାନ୍ତ ମହାନ୍ତି**
ଗଙ୍ଗୋତ୍ରୀନଗର, Lane-3, ଶିଶୁପାଳଗଡ଼, ଭୁବନେଶ୍ୱର
ଆବିର୍ଭାବ: ମାଘ ଶୁକ୍ଳ ନବମୀ ୧୯୫୭ ମସିହା
ତିରୋଧାନ: ମାଘ କୃଷ୍ଣ ଦ୍ୱାଦଶୀ ୨୦୧୮ ମସିହା
ଆଜିର ଏ ପୁଣ୍ୟତିଥିରେ ପରିବାର ତରଫରୁ ଆପଣଙ୍କୁ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି । ପ୍ରଭୁ ଶ୍ରୀଜଗନ୍ନାଥ ଆପଣଙ୍କ ଅମର ଆତ୍ମାକୁ ଶାନ୍ତିରେ ରଖନ୍ତୁ ।
ଧ-୭୬୪୦୯

**ପ୍ରଥମ ଶ୍ରାଦ୍ଧବାର୍ଷିକୀ**



**ଉଷାରାଣୀ ପୋଥାଳ**
ଠିକଣା: ରାମଚଣ୍ଡିସାହି, ଶନି ମନ୍ଦିର ପାଖ, ପୁରୀ
ଆବିର୍ଭାବ: ୧୦।୦୩।୧୯୫୬
ତିରୋଧାନ: ୧୯।୦୧।୨୦୨୩
ତୁମର ଅମର ଆତ୍ମାର ସଦ୍‌ଗତି ଓ ଚିର ଶାନ୍ତି ପାଇଁ ପ୍ରଭୁ ଶ୍ରୀଶ୍ରୀ ଜଗନ୍ନାଥଙ୍କ ଚରଣରେ ବିନମ୍ର ପ୍ରାର୍ଥନା ।
ସ୍ୱାମୀ: ନାରାୟଣ ଚନ୍ଦ୍ର ପୋଥାଳ
ଧ-୨୭୦୬

# Classified Everyday
0674-2580101, 9692975378



## MATRIMONIAL

### BRIDE WANTED

Beautiful MUSLIM GIRL age 29 years, height 5'5", fair colour, M.Com/Met qualified invites suitable proposal for marriage. Contact- 9101897985 D-2635

### GROOM WANTED

Wanted suitable service groom for beautiful Brahmin Girl 1993, 5'4", MA (TTM). Only daughter "SUNASANSAR". 9937512659. D-76233



## REAL ESTATE

### SALE

**0.86 Acre Prime Plot for Sale [5.3km from Balasore Station] just 800 meters from Nexa Jyote Motors on Chennai-Kolkata Highway. Ideal for Factory, Showroom, or Godown. For more details. Contact: +91 9122721444.** D-2707

**4BHK Luxurious flat for sale at Unit-3, Kharavelanagar, back side of Ram Mandir, Handover within 2 months. Please contact- 9438632399.** D-2670

For sale- Balianta Bainchua Duplex, Nakhara 5BHK House. Contact- 7326963978. D-2692

**Ready to move new 4BHK flat 2049sqft. SBA @1Cr 36 Lakh including all, Saubhagya Nagar, near OUAT. Contact- 7978584549.** D-75590

**G+2 residential building Mukunda Prasad Housing Board near Industrial Police Station, Barunei Bypass Road, Khorda. Contact- 9337371391, 7978836746.** D-2653

**1BHK Ready to move in flats available in Hi-Tech Brundaban Project near Batamangala Temple, Puri Town. 9861463011, 9777154964.** D-2703

Duplex at Retang Medical, Station near C.V. Raman, 4BHK Apartment near Sum Hospital, Kalinganagar, DAV, KV, Bhubaneswar- 7008459987. D-76232

**(A) Commercial Plot, facing to NH Road, Nakhara to Niali NH 10,000 Sq.ft., 3 Sides Road, (B) Residential Plot Near Petal English Medium School 1250 Sq.ft. with Boundarywall at Brahmanjharilo, Cuttack, 11 Km. to BBSR. Personal Plots, No Builders. 7809525452.** D-76411

## PURCHASE

Bhubaneswarରେ ଘରବାଡ଼ି Plot (1500-2400)sqft. ଦରକାର। ଜମି ମାଲିକମାନେ 9101897985 ରେ ଯୋଗାଯୋଗ କରନ୍ତୁ । D-2634

## CONSTRUCTION

**Construct your Dream home @ 460/-, 850/-, 1325/- with Branded material along with 3Years AMC & 50 years structural guarantee. We provide plan approval, Boring, Bank Estimate. Contact The Engineering Pvt. Ltd. 9439856856.** D-2630

## TO LET

A four storied building (on Patia-Infocity main road) with Six Halls & five bedrooms with Toilet and another building in same plot with Five rooms and Toilets to be rented. Suitable for Nursing Home/ Office/ Coaching Center. 9078630318, 9435193999. D-2673

## HEALTH CARE

Newly open health benefits SPA special Offer @ 799 Bapujinagar. 8018429809. D-76189

Newly open health benefits spa by experience lady therapist. 7750040475 D-76188

## LOST

I Sudhir Chandra Tripathy, S/o- Hrudananda Tripathy have a property in the Mouza- Chandrasekharpur my ROR(Patta) bearing Khata No- 611/180, Plot No- 209/2208, has been lost somewhere, I could not traced the same for that I have lodged an FIR in Mancheswar Police Station. I have not created any charge, mortgage, lien with any financial institutions by depositing original, I am going to sale the property to Mrs Sinita Choudhury & Mr Rajiv Ranjan Choudhury they are taking a Housing Loan from SBI by mortgaging this property. If anyone gets this ROR, request to hand over in SBI RACPC, Bhubaneswar, Ph. No- 7978560206 D-2708

## AFFIDAVIT

I, Nilagiri Chudamani, R/o. At. Gaudpada, P.O./P.S.- Dhanupali, Dist. Sambalpur, Odisha- 768005 declare that my name has been wrongly mentioned as Chudamani Choudhury instead of Nilagiri Chudamani in my Aadhaar Card. By this affidavit No.789 dt.24.01.2025 before the Notary public, Sambalpur I wants to change my name as Nilagiri Chudamani for all purposes. D-2711

By an affidavit before the Executive Magistrate, Sambalpur, I, Kalyani Nayak, W/o- Mahammad Jilani, R/o- Kirba, At/P.O./P.S.- Burla, Tahasil/Dist.- Sambalpur, Odisha declare by this affidavit CF No.189, dated 24.01.2025 that now onwards I shall be known as Rubina Khatun for all future purposes. D-2712

## LEGAL NOTICE

IN THE COURT OF THE 1st ADDITIONAL CIVIL JUDGE SENIOR DIVISION BHUBANESWAR

C.S. No.-890/2019

Smt. Namita@Nanita Satapathy ......Plaintiff

Vrs

Gouramani@Gourimani Satapathy & others .... Defendants

NOTICE UNDER ORDER-5, RULE-20 OF C.P.C.

To,

1. Gouramani@Gourimani Satapathy, aged about 70 years, W/o-Dinabandhu Sathapathy, resident of A/MI-1 Housing Board Colony, Bhimatangi, Bhubaneswar, Dist.- Khurda, 2. Shantilata Sathapathy, aged about 54 years (dead), W/o -Jagabandhu Sathapathy, resident of Brahmansualo, P.S.-Balianta, Dist.-Khurda, 2a. Jagabandhu Satapathy, aged about 73 years, S/o- Late Pravakar Satapathy, 2b. Manas Kumar Satapathy, aged about 49 years, S/o- Jagabandhu Satapathy, 2c. Sachidananda Satapathy, aged about 46 years, S/o Jagabandhu Satapathy, 2d. Nandini Satapathy, aged about 44 years, D/o Jagabandhu Satapathy, Serial No.- 2a to 2d are Village Brahmansualo, P.S.-Balianta, Dist.-Khurda. ....... Defendants

Whereas the above plaintiff has filed the above suit for partition and despite issuance of the summons you are keeping yourself out of the way of receiving summons and this court has sufficient reason to belief that you are avoiding the service. You are hereby noticed to appear in this Court on 14.02.25 at 10.30A.M. in person or through pleader to answer the claim. In default of your absence on the above date the case will be decided in your absence.

SCHEDULE -A

Dist.-Khorda, Tahasil-Balianta, Mouza -Brahmansualo, Khata No.- 68, Plot No.-514, Area- A0.260 decimals and Plot No.-513, Area- A0.040 decimals, Kisam-Gharabari, total one mouza, one Khata, two plots and total area A0.300 decimals.

Bounded by (Plot No.-514), W-Plot No.-513, S-Road, N-Pond.

Bounded by (Plot No-.513) E- Plot No.-514, W-Village road, S-Road, N-Pond.

Given under my hand seal of this Court 19th this the day of Dec. 2024.

Sd./- 1st Additional Civil Judge, Senior Division, Bhubaneswar, Dt.- 19.12.24

D-2693

IN THE COURT OF THE HON'BLE SENIOR CIVIL JUDGE, BRAHMAPUR, DIST: GANJAM

C.S. No- 374/2023, I.A. No- 98/2023

Lili Subudhi & other .... Plaintiffs/Petitioners

Verus

Satyabrata Sahu & anothers .... Defendants/ Respondents

[Notice U/o.-5, Rule- 20 of C.P.C.]

To,

Defendant/ Respondent No- 02

Smt. Sujata Rani Sahoo, W/o- Sri Pradeep Kumar Sahoo, residing at Kabi Samrat Palli, Sector-5, P.O/P.S.- Rourkela-2, Dist.- Sundergarh, Odisha, PIN- 769002, Mob. No- 7008957813 and 7735588191

Take notice that the above suit has been filed by the above plaintiff against the respondent. After admission of the case, the notice in that aforesaid suit could not be served inspite of sereval attempts. You are hereby directed to appear before the Hon'ble Court at 10.30 A.M. on 17.02.25 in person or through your pleader in this case and in case of failure to appear on that day and time fixed, it will be heard and decided exparte in your absence according to law.

Singed and Sealed by order of the Hon'ble Court, this 10.01.25 day of 2025.

By the order of the senior Civil Judge, Berhampur, Ganjam

D-2714

In, the Court of Principal Judge, Family Court at Seraikella.

Original maintenance case No.- 26/2023

Molina Mishra ... Petitioner

Versus:-

Somnath Mishra ... Opp. Party.

To,

Opp. Party.

Somnath Mishra, a/a-40 years,(husband of the complairant) S/o- Late Mohini Kanta Mishra, resident of Kakumal, P.O.-Industrial Estate, P.S.- Jharsuguda, District- Jharsuguda (Odisha) at present posted in the Electrical section office(Pahari) near Arabindo School, At & P.O.-Kali Mandir road, P.S.- Jharsuguda, District- Jharsuguda (Odisha)- 768201

Whereas, the petitioner has brought the suit for maintenance against you.

And after admission of the suit notice through Registered post and summons already issued against you, but you have avoiding service of notice upon you and not cause you appearance in the suit. Hence notice of the suit is hereby given to you by substituted service to be published in local newspaper circulating in your area. The suit is fixed on 30th day of January 2025 before this court and you are hereby directed to appear before this court on the date fixed at about 10.30 O'clock eighter personally or through your pleader, failing of which the suit will be heard and decided in your absence .

Given under my hand and seal of the court on this the 15th day of January 2025 at Seraikella.

Sd./- Principal Judge, Family Court, Seraikella- Kharsawan at Seraikella. D-2713

ଧରିତ୍ରୀ DHARITRI
**Scan & Pay**
ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ **QR Code** ସ୍କାନ୍ କରି ଯେକୌଣସି **UPI App** ମାଧ୍ୟମରେ ସହଜରେ ପୈଠ କରନ୍ତୁ ।
Q199723846@ybl | T&C Apply
BHIM | UPI
ଦେୟ ପୈଠ ହେଲାପରେ ରସିଦ୍‌ର Screenshotକୁ **classifieddharitri@gmail.com** ରେ ଇମେଲ୍ କରନ୍ତୁ ।


### ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।


**Email** ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣାଃ-
classifieddharitri@gmail.com

# ପାଠପଢ଼ି ସୁନାମ ଅର୍ଜନ କରନ୍ତୁ ଛାତ୍ରୀଛାତ୍ର



ବାର୍ଷିକ ଉତ୍ସବରେ ମଞ୍ଚାସୀନ ଅତିଥି ବୃନ୍ଦ।

## ଶ୍ରୀରାମ ମହାବିଦ୍ୟାଳୟର ୪୬ତମ ବାର୍ଷିକ ଉତ୍ସବ

**ଡୁଙ୍ଗୁରିପାଲି, ୨୫।୧(ଦୀନବନ୍ଧୁ ସୁନା)**

ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲି ବ୍ଲକ ଶ୍ରୀରାମ ମହାବିଦ୍ୟାଳୟର ୪୬ତମ ବାର୍ଷିକଉତ୍ସବ ମହାବିଦ୍ୟାଳୟ ଅଧକ୍ଷ ତରଣୀସେନ ବେହେରାଙ୍କ ସଭାପତିତ୍ୱରେ ଶନିବାର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥିଭାବେ ଉପଜିଲାପାଳ ତଥା ମହାବିଦ୍ୟାଳୟ ପରିଚାଳନା ପରିଷଦ ସଭାପତି ଡ଼ ସୌମ୍ୟରୂପା ରଥ ଯୋଗଦେଇଥିଲେ। ସମ୍ମାନିତ ଅତିଥିଭାବେ ଡୁଙ୍ଗୁରିପାଲି ବିଡ଼ିଓ ଦିଲୀପ କୁମାର ବାଡା ଯୋଗଦେଇଥିଲେ। ସଭା ପରିଚାଳନା ଅଧ୍ୟାପକ ଟିକେଚାନ୍ଦ ବାଗ କରିଥିଲେ। ଛାତ୍ରସଂସଦ ଉପଦେଷ୍ଟା ଅଧ୍ୟାପକ ମିନକେତନ ପାତ୍ର ବାର୍ଷିକ ବିବରଣୀ ପଠନ କରିଥିଲେ। ମୁଖ୍ୟଅତିଥି ଉପ ଜିଲାପାଳ ରଥ ତାଙ୍କ ବକ୍ତ୍ୟବରେ, ଛାତ୍ରୀଛାତ୍ରମାନେ କଠିନ ପରିଶ୍ରମ କଲେ ନିଜ ଲକ୍ଷ୍ୟସ୍ଥଳରେ ପହଞ୍ଚି ପାରବେ ବୋଲି କହିଥିଲେ। ଏହି ଅବସରରେ ମଞ୍ଚରେ ବିଭିନ୍ନ ସମୟରେ ମହାବିଦ୍ୟାଳୟ ପ୍ରତି ସହଯୋଗ ରଖି ଆସୁଥିବା ଚଉବର୍ଗ ପଧାନ, ହଳଧର ମେହେର, ଭାରତଭୂଷଣ ପୂଜାରୀ, ଦୀନବନ୍ଧୁ ସୁନା ଓ ପ୍ରଶାନ୍ତ ସେଠଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ମୁଖ୍ୟବକ୍ତାଭାବେ ବରଗଡ ଜିଲା ଟ୍ରଷ୍ଟଫଣ୍ଡ ମହାବିଦ୍ୟାଳୟ ଅଧକ୍ଷ ଡ଼ ସରୋଜ କୁମାର ଦେବତା ଯୋଗଦେଇ ସମାନୁବର୍ତ୍ତିତା ହୋଇ ପାଠପଢିଲେ ବିଦ୍ୟାର୍ଥୀମାନେ ଭଲମଣିଷ ହୋଇପାରିବେ। ପାଠପଢା ସହିତ ଓ ମାତାପିତାଙ୍କ ସେବା କଲେ ଦୁନିଆରେ ଭଲମଣିଷରେ ଗଣ୍ୟ ହୋଇପାରିବେ ବୋଲି କହିଥିଲେ। ବାର୍ଷିକ କ୍ରୀଡାରେ ଯୁକ୍ତ ୨ବାଳକ ବିଭାଗରୁ ଶୁଭମ ଭୋଇ, ଯୁକ୍ତ ୩ ବିଭାଗର ହରିଶ ମହାନନ୍ଦ ଓ ବିଭିନ୍ନ ପ୍ରତିଯୋଗିତାର କ୍ରୀଡାରେ କୃତିତ୍ୱ ଅର୍ଜନ କରିଥିବା ପ୍ରତିଯୋଗୀମାନଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ଏହି ପରିପେକ୍ଷୀରେ ବିଶ୍ୱ ବିଶ ଭୋଟଦାନ ଦିବସ ଥିବାରୁ ସଭାରେ ସମସ୍ତେ ନିରପେକ୍ଷ ମତଦାନ ପାଇଁ ଶପଥ ନେଇଥିଲେ। ଦ୍ୱିତୀୟ ଅଧିବେଶନରେ ସାଂସ୍କୃତିକ କାର୍ଯ୍ୟକ୍ରମ ଛାତ୍ରୀଛାତ୍ର ଦ୍ୱାରା ପରିବେଷଣ ହୋଇଥିଲା। ଏହାକୁ ଡ଼ ଦିଲୀପ ସାହୁ ପରିଚାଳନା କରିଥିଲେ।

# ଶିବତୁଲାରେ ବୃହତ ସ୍ୱାସ୍ଥ୍ୟ ସେବା ଶିବିର


ଶିବିର ଉଦ୍‌ଘାଟନ ଅବସରରେ ଟ୍ରଷ୍ଟର କର୍ମକର୍ତ୍ତା, ବିଶେଷଜ୍ଞଙ୍କ ସହ ମୁଖ୍ୟ ଅତିଥି ଗୌରିଶଙ୍କର ଶତପଥୀ।

## ଚିକିତ୍ସିତ ହେଲେ ୧୧୩୬ ରୋଗୀ

**ସୋନପୁର/ତରଭା, ୨୫।୧୨**
**(ମୃତ୍ୟୁଞ୍ଜୟ ଶତପଥୀ/ମାନଭଞ୍ଜନ ମିଶ୍ର)**

ସୁବର୍ଣ୍ଣପୁର ଜିଲା ତରଭା ବ୍ଲକ ଶିବତୁଲା ଅନ୍ଧ, ମୂକ ଓ ବଧିର ବିଦ୍ୟାଳୟ ପରିସରରେ ବୃହତ ସ୍ୱାସ୍ଥ୍ୟ ସେବା ଶିବିର ଶନିବାର ଅନୁଷ୍ଠିତ ହୋଇଯାଇଛି। କଟକ ସାମନ୍ତସାହି ସ୍ଥିତ ଚିତ୍ତଜ୍ଞାନୀ ଚାରିଟେବୁଲ ଟ୍ରଷ୍ଟ ଆନୁକୂଲ୍ୟରେ ୫୩ତମ ସ୍ୱାସ୍ଥ୍ୟ ଶିବିର ଶିବତୁଲା ଭଳି ଉପାନ୍ତ ଅଞ୍ଚଳରେ ଆୟୋଜିତ ହୋଇଥିଲା। ଓଡିଶା ଉଚ୍ଚ ନ୍ୟାୟାଳୟ ବିଚାରପତି ଗୌରିଶଙ୍କର ଶତପଥୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଶିବିରକୁ ଉଦ୍‌ଘାଟନ କରିଥିଲେ। ଟ୍ରଷ୍ଟ ଅଧକ୍ଷ ଗୋଧନେଶ୍ୱର ହୋତା, ସୁବର୍ଣ୍ଣପୁର ବନଖଣ୍ଡ ଅଧିକାରୀ ମଦନଲାଲ ଶର୍ମା ଓ ସୁବର୍ଣ୍ଣପୁର ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡାକ୍ତର ପ୍ରଦୀପ କୁମାର ଗୁରୁ ସମ୍ମାନିତ ଅତିଥିଭାବେ ଯୋଗଦାନ କରିଥିଲେ। ଏହି ଅବସରରେ ବୁର୍ଲା ବୀର ସୁରେନ୍ଦ୍ର ସାଏ ଚିକିତ୍ସା ମହାବିଦ୍ୟାଳୟର ଅବସରପ୍ରାପ୍ତ ଅଧକ୍ଷ ପ୍ରଫେସର ଡାକ୍ତର ରାଧେଶ୍ୟାମ ପଣ୍ଡାଙ୍କୁ ସମ୍ମାନିତ କରା ଯାଇଥିଲା। ଶିବିରରେ ମୋଟ ୧୧୩୬ଜଣ ରୋଗୀଙ୍କୁ ଚିକିତ୍ସା ଓ ପରାମର୍ଶ ଦିଆଯାଇଥିଲା। ରାଜ୍ୟର ବିଭିନ୍ନ ସ୍ପେସିଆଲିଟି ଓ ସୁପର ସ୍ପେସିଆଲିଟିର ସୁନାମଧନ୍ୟ ଡାକ୍ତର ନିଃଶୁଳ୍କ ସ୍ୱାସ୍ଥ୍ୟସେବା ଯୋଗାଇ ଦେଇଥିଲେ। ଆବଶ୍ୟକସ୍ଥଳେ ରୋଗୀମାନଙ୍କର ରକ୍ତ ପରୀକ୍ଷା, ଏକ୍ସରେ, ୟୁରୋଫ୍ଲୋମେଟ୍ରି, ପଲ୍‌ମୋନାରୀ ଫଙ୍ଗସନ ଟେଷ୍ଟ, ଇସିଜି ଆଦି କରାଯାଇଥିଲା। ଚିକିତ୍ସା ପାଇଁ ଆସିଥିବା ରୋଗୀମାନଙ୍କୁ ବିନା ମୂଲ୍ୟରେ ଔଷଧ ଏବଂ ଖାଦ୍ୟ ପ୍ରଦାନ କରାଯାଇଥିଲା। ଏହି ଶିବିରକୁ ଟ୍ରଷ୍ଟର ମ୍ୟାନେଜିଂ ଟ୍ରଷ୍ଟି ଡାକ୍ତର ଦଣ୍ଡେଶ୍ୱର ହୋତା ଓ ଟ୍ରଷ୍ଟ ସମ୍ପାଦକ ରାଜେଶ୍ୱର ହୋତା ପ୍ରତ୍ୟକ୍ଷ ଭାବେ ପରିଚାଳନା କରିଥିଲେ। ୭୦ରୁ ଉର୍ଦ୍ଧ ରୋଗୀଙ୍କ ଚକ୍ଷୁ ପରୀକ୍ଷା କରାଯାଇ ମାଗଣାରେ ଚଷମା ଓ ଔଷଧ ବିତରଣ କରାଯାଇଥିଲା। ସେହିପରି ଲୁମ୍ବର, ବେଲ୍ଟ, ସର୍‌ଭାଇକାଲ୍ କୋଲାର ଓ ନି–କ୍ୟାପ୍ ପ୍ରଦାନ ସହ ବିଶେଷଜ୍ଞମାନଙ୍କ ଦ୍ୱାରା ଫିଜିଓଥେରାପି ତାଲିମ ଦିଆଯାଇଥିଲା। ଦନ୍ତ, ଶିଶୁ, ଚର୍ମ, ହୃଦରୋଗ, ଯକ୍ଷ୍ମା, ପାଥୋଲୋଜି, ଅସ୍ଥିଶଲ୍ୟ, ଇଏନ୍‌ଟି, ଭେଷଜ, ନେପ୍ରୋଲୋଜି, ସ୍ତ୍ରୀ ଓ ପ୍ରସୂତି ରୋଗ ଭଳି ୨୦ଟି ବିଭାଗର ୨୦ଜଣ ବିଶେଷଜ୍ଞ ଡାକ୍ତର ରୋଗୀଙ୍କର ଚିକିତ୍ସା କରିଥିଲେ। ଶିବିର ପରିଚାଳନାରେ ୬୦ ଜଣ ପାରାମେଡିକାଲ ଓ ଅନ୍ୟ ସହାୟକ କର୍ମଚାରୀ ସହାୟତା ପ୍ରଦାନ କରିଥିଲେ। ରୋଗୀମାନଙ୍କର ମାଗଣାରେ ଛାତି, ମଳ, ମୂତ୍ର, କଫ ଓ ଅନ୍ୟାନ୍ୟ ପରୀକ୍ଷା କରାଯାଇଥିଲା।






ଧରିତ୍ରୀ 51 Years
ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୮ Press Regd. No. R.N. 21326/74 Postal Regd. No. BN/42/24-26. ଭୁବନେଶ୍ୱର, ରବିବାର, ୨୬ ଜାନୁଆରୀ, ୨୦୨୫ Bhubaneswar, Sunday, 26 January, 2025




# କିଜ୍‌ଙ୍କୁ ପ୍ରଥମ ଗ୍ରାଣ୍ଡସ୍ଲାମ ଟାଇଟଲ

## ଅଷ୍ଟ୍ରେଲିଆନ ଓପନ ଟେନିସ୍


ଟ୍ରଫି ସହ ମାଡିସନ କିଜ୍।

**ମେଲବୋର୍ନ, ୨୫।୧ (ଏପି)**

ଆମେରିକାର ମାଡିସନ କିଜ୍ ତାଙ୍କର ପ୍ରଥମ ଗ୍ରାଣ୍ଡସ୍ଲାମ ଟାଇଟଲ ହାସଲ କରିଛନ୍ତି। ଏଠାରେ ଅଷ୍ଟ୍ରେଲିଆନ ଓପନ ଟେନିସ ମହିଳା ସିଙ୍ଗଲ୍ସ ଫାଇନାଲରେ ଏହି ୨୯ ବର୍ଷୀୟା ଗତ ଦୁଇଥର ଚାମ୍ପିୟନ ଆରିନା ସାବାଲେଙ୍କାଙ୍କୁ ୬-୩, ୨-୬, ୭-୫ରେ ହରାଇ ବିପର୍ଯ୍ୟୟ ଘଟାଇଛନ୍ତି। କିଜ୍ ଗୁରୁବାର ସେମିଫାଇନାଲରେ ୨ ନମ୍ବର ଖେଳାଳି ଇଗା ସ୍ୱିଟେକ୍‌ଙ୍କୁ ପରାସ୍ତ କରିଥିବା ବେଳେ ଶନିବାର ନମ୍ବର ୱାନ ର୍‍ୟାଙ୍କିଙ୍ଗପ୍ରାପ୍ତ ସାବାଲେଙ୍କାଙ୍କୁ ପରାସ୍ତ କରିଛନ୍ତି। ଫଳରେ ୨୦୦୫ରେ ସେରେନା ୱିଲିୟମ୍ସଙ୍କ ପଛକୁ ପ୍ରଥମ ମହିଳା ଭାବେ ମେଲବୋର୍ନ ପାର୍କରେ ଉଭୟ ଦୁଇ ଟପ୍ଟିଏ ଖେଳାଳିଙ୍କୁ ପରାସ୍ତ କରିବାର ଗୌରବ ଅର୍ଜନ କରିଛନ୍ତି। ୧୪ତମ ର୍‍ୟାଙ୍କିଙ୍ଗପ୍ରାପ୍ତ କିଜ୍‌ଙ୍କୁ ଏଠାରେ ୧୯ତମ ସିଡ୍ ମାନ୍ୟତା ମିଳିଥିଲା। ୨୦୧୭ ୟୁ.ଏସ୍. ଓପନରେ ରନରଅପ୍ ଅପରେ ଏହାଥିଲା ତାଙ୍କର ଦ୍ୱିତୀୟ ଗ୍ରାଣ୍ଡସ୍ଲାମ ଫାଇନାଲ। ଟାଇଟଲ ଜିତିବା ଦ୍ୱାରା ସେ ସାବାଲେଙ୍କାଙ୍କୁ ଏଠାରେ କ୍ରମାଗତ ତୃତୀୟ ଥର ଟ୍ରଫି ହାସଲରୁ ବଞ୍ଚିତ କରିଛନ୍ତି। ଏହା ପୂର୍ବରୁ ୧୯୯୭ରୁ ୯୯ ମାର୍ଟିନା ହିଙ୍ଗିସ ଏଠାରେ କ୍ରମାଗତ ତୃତୀୟ ଏବଂ ମୋଟ ଉପରେ ଚତୁର୍ଥ ଟାଇଟଲ ହାସଲ କରିଥିଲେ। ମ୍ୟାଚ ଜିତିବା ପରେ କିଜ୍ ମ୍ୟାଚବେଳେ ଉପସ୍ଥିତ ଥିବା ତାଙ୍କ ସ୍ୱାମୀ ବିୟର୍ନ ଫ୍ରାଟାନଗେଲୋଙ୍କୁ ଆଲିଙ୍ଗନ କରିଥିଲେ, ଯିଏ କି ୨୦୨୩ରୁ ତାଙ୍କ କୋଚ୍ ରହିଛନ୍ତି।




### ଆଇସିସିର ଟି୨୦ ଅଲ୍‌ଷ୍ଟାର ଏକାଦଶ

## ଭାରତରୁ ରୋହିତ, ବୁମ୍‌ରା, ପାଣ୍ଡ୍ୟା ଓ ଅର୍ଶଦୀପ

**ଦୁବାଇ, ୨୫।୧ (ପି.ଟି.)**

ଅନ୍ତର୍ଜାତୀୟ କ୍ରିକେଟ ପରିଷଦ (ଆଇସିସି) ତରଫରୁ ଶନିବାର ୨୦୨୪ ବର୍ଷର ଅନ୍ତର୍ଜାତୀୟ ଟି୨୦ ଟିମ୍ ଅଫ୍ ଦି ଇୟର ଘୋଷଣା କରାଯାଇଛି। ଭାରତର ରୋହିତ ଶର୍ମାଙ୍କୁ ଏହାର ଅଧିନାୟକ ମନୋନୀତ କରାଯାଇଛି। ଏହି ଦଳରେ ଭାରତର ଅନ୍ୟ ଦୁଇ ଜଣ ଖେଳାଳି ଅଲରାଉଣ୍ଡର ହାର୍ଦ୍ଦିକ ପାଣ୍ଡ୍ୟା ଓ ବାମହାତୀ ସିମର ଅର୍ଶଦୀପ ସିଂ ସ୍ଥାନ ପାଇଛନ୍ତି। ଗତବର୍ଷ ପ୍ରଭାବୀ ପ୍ରଦର୍ଶନ ପାଇଁ ଏଥିରେ ସ୍ଥାନ ପାଇଥିବା ଅନ୍ୟ ଖେଳାଳିମାନଙ୍କ ମଧ୍ୟରେ ଅଛନ୍ତି ଅଷ୍ଟ୍ରେଲିଆର ଟ୍ରାଭିସ୍ ହେଡ୍, ଇଂଲଣ୍ଡର ଫିଲ୍ ସଲ୍ଟ, ପାକିସ୍ତାନର ବାବର ଆଜାମ, ୱେଷ୍ଟଇଣ୍ଡିଜର ନିକୋଲାସ ପୁରନ, ଜିମ୍ବାୱେର ସିକନ୍ଦର ରାଜା, ଆଫଗାନିସ୍ତାନର ରଶିଦ ଖାନ୍ ଏବଂ ଶ୍ରୀଲଙ୍କାର ୱାନିନ୍ଦୁ ହସରଙ୍ଗା। ସୂଚନାଯୋଗ୍ୟ, କିଛି ମାସ ହେଲା ଭାରତର ସିରିଜ ଖରାପ ପ୍ରଦର୍ଶନ ସାଙ୍ଗକୁ ବ୍ୟକ୍ତିଗତ ଫର୍ମରେ ନ ଥିବାରୁ ଟେଷ୍ଟ ଅଧିନାୟକ ଓ ଟେଷ୍ଟ ବ୍ୟାଟର ରୋହିତ ଚାପରେ ରହିଛନ୍ତି। କିନ୍ତୁ ଏହା ସତ୍ତ୍ୱେ ଏହି ୩୭ ବର୍ଷୀୟ ଖେଳାଳିଙ୍କର ଖେଳର ଶର୍ଟର ଫର୍ମାଟରେ ପ୍ରଭାବ ରହିଛି।

# ଭାରତକୁ ଜିତାଇଲେ ତିଳକ ବର୍ମା

**ଚେନ୍ନାଇ, ୨୫।୧(ପି.ଟି.)**


ଲଢୁଆ ଇନିଂସ ଅବସରରେ ତିଳକ ବର୍ମା।

ପ୍ରଥମ ଡାଉନ୍‌ରେ ବ୍ୟାଟିଂ କରିବାକୁ ଆସିଥିବା ତିଳକ ବର୍ମାଙ୍କ ଅପରାଜିତ ୭୨ ରନ (୫୫ ବଲ୍, ୪ ଚୌକା, ୫ ଛକା) ବଳରେ ଭାରତ ସ୍ଥାନୀୟ ଏମ୍.ଏ. ଚିଦାମ୍ବରମ ଷ୍ଟାଡିୟମରେ ଶନିବାର ଖେଳାଯାଇଥିବା ଦ୍ୱିତୀୟ ଅନ୍ତର୍ଜାତୀୟ ଟି୨୦ କ୍ରିକେଟ ମ୍ୟାଚରେ ଇଂଲଣ୍ଡକୁ ୨ ଉଇକେଟରେ ପରାସ୍ତ କରିଛି। ଏଥି ସହ ଦଳ ୫ ମ୍ୟାଚ ବିଶିଷ୍ଟ ସିରିଜ ୨-୦ରେ ଅଗ୍ରଣୀ ଲାଭ କରିଛି। ଟସ୍ ହାରି ପ୍ରଥମେ ବ୍ୟାଟିଂ କରିଥିବା ଭ୍ରମଣକାରୀ ଦଳ ଭାରତ ପାଇଁ ୧୬୬ ରନର ବିଜୟ ଲକ୍ଷ୍ୟ ଧାର୍ଯ୍ୟ କରିଥିଲା। ଭାରତ ୧୯.୨ ଓଭରରେ ୮ ଉଇକେଟ ବିନିମୟରେ ବିଜୟ ଲକ୍ଷ୍ୟ ହାସଲ କରିନେଇଥିଲା। ଇଂଲଣ୍ଡ ତରଫରୁ ଶ୍ରେଷ୍ଠ ବୋଲିଂ କରିଥିବା ବ୍ରାଇଡନ କାର୍ସ ୨୯ରନ ବିନିମୟରେ ୩ ଉଇକେଟ ଅକ୍ତିଆର କରିଥିଲେ।

ପୂର୍ବରୁ ଜୋସ୍ ବଟଲରଙ୍କ ଲଢୁଆ ୪୫ ରନ ସତ୍ତ୍ୱେ ଭାରତୀୟ ସ୍ପିନରଙ୍କ ପ୍ରଭାବୀ ବୋଲିଂ ଯୋଗୁ ଇଂଲଣ୍ଡ ସ୍କୋର ୧୬୫/୯ରେ ସୀମିତ ହୋଇଯାଇଛି। ବଟଲର ତାଙ୍କ ୩୦ବଲ୍‌ର ଇନିଂସରେ ୨ଚୌକା ଓ ୩ ଛକା ଲଗାଇଥିଲେ। ସେ ଅର୍ଶଦୀପ ସିଂଙ୍କ ଗୋଟିଏ ଓଭରରେ ଚୌକା, ଛକା ଓ ଗୋଟିଏ ଚୌକା ଲଗାଇଥିଲେ, ଯିଏକି ତାଙ୍କ ପ୍ରଥମ ଓଭରରେ ଓପନି ଫିଲ୍ ସଲ୍ଟ (୪ରନ)ଙ୍କୁ ଆଉଟ କରିଦେଇଥିଲେ। ବଟଲରଙ୍କ ବ୍ୟତୀତ ଅନ୍ୟମାନଙ୍କ ମଧ୍ୟରେ ବ୍ରାଇଡନ କାର୍ସ ୩୧, ଜେମି ସ୍ମିଥ୍ ୨୨ ରନ କରିଥିଲେ। ଭାରତ ତରଫରୁ ଅକ୍ଷର ପଟେଲ ଓ ବରୁଣ ଚକ୍ରବର୍ତ୍ତୀ ଦୁଇଟି ଲେଖାଏଁ ଉଇକେଟ ନେଇଥିବା ବେଳେ ଅର୍ଶଦୀପ, ହାର୍ଦ୍ଦିକ ପାଣ୍ଡ୍ୟା, ୱାଶିଂଟନ ସୁନ୍ଦର, ଓ ଅଭିଷେକ ଶର୍ମା ଗୋଟିଏ ଲେଖାଏଁ ଉଇକେଟ ସଫଳତା ପାଇଥିଲେ।

**ସଂକ୍ଷିପ୍ତ ସ୍କୋର**

ଇଂଲଣ୍ଡ ଇନିଂସ: ୨୦ ଓଭରରେ ୧୬୫/୯ (ଜୋସ ବଟଲର-୪୫, ବ୍ରାଇଡନ କାର୍ସ-୩୧; ଅକ୍ଷର ପଟେଲ-୨/୩୨, ବରୁଣ ଚକ୍ରବର୍ତ୍ତୀ-୨/୩୮, ହାର୍ଦ୍ଦିକପାଣ୍ଡ୍ୟା-୧/୬, ୱାଶିଂଟନ ସୁନ୍ଦର-୧/୯)। ଭାରତ ଇନିଂସ: ୧୯.୨ ଓଭରରେ ୧୬୬/୮ (ତିଳକ ବର୍ମା-୭୨*, ୱାଶିଂଟନ ସୁନ୍ଦର-୨୬; ବ୍ରାଇଡନ କାର୍ସ-୩/୨୯)।

### ୨୮ରୁ ଜାତୀୟ କ୍ରୀଡ଼ା

## ଓଡ଼ିଶାରୁ ଭାଗନେବେ ୩୦୨ କ୍ରୀଡ଼ାବିତ୍

**ଭୁବନେଶ୍ୱର, ୨୫।୧ (ବିଜୟ ରଣା)**

ଆସନ୍ତା ୨୮ରୁ ଫେବୃଆରୀ ୧୪ ପର୍ଯ୍ୟନ୍ତ ଉତ୍ତରାଖଣ୍ଡଠାରେ ୩୮ତମ ନ୍ୟାଶନାଲ ଗେମ୍ସ (୩୮ତମ ଜାତୀୟ କ୍ରୀଡ଼ା ପ୍ରତିଯୋଗିତା) ଅନୁଷ୍ଠିତ ହେବ। ଏହି ପ୍ରତିଯୋଗିତାରେ ଓଡ଼ିଶାରୁ ୩୦୨ କ୍ରୀଡ଼ାବିତ୍ ଏବଂ ତାଙ୍କ ସହିତ ୭୫ ସପୋର୍ଟ ଷ୍ଟାଫ ଯୋଗଦେବେ। ଏହି ଅବସରରେ ଶୁକ୍ରବାର କଳିଙ୍ଗଷ୍ଟାଡିୟମରେ କ୍ରୀଡ଼ାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ କ୍ରୀଡ଼ାବିତ୍ ଓ ସପୋର୍ଟ ଷ୍ଟାଫ୍‌ଙ୍କ ସହ ସାକ୍ଷାତ କରି ସେମାନଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଥିଲେ। କ୍ରୀଡ଼ାମନ୍ତ୍ରୀ ସୂରଜ କହିଥିଲେ, ଆମ କ୍ରୀଡ଼ାବିତ୍‌ମାନେ ହେଲେ ଆମ ଗର୍ବ ଓ ଗୌରବ। ଜାତୀୟ କ୍ରୀଡ଼ାରେ ବିଗତ ସଂସ୍କରଣରେ ଓଡ଼ିଶାକୁ ସର୍ବମୋଟ ୫୮ଟି ପଦକ ଏବଂ ୧୦ଟି ସ୍ୱର୍ଣ୍ଣ ପଦକ ମିଳିଥିଲା। ଏଥର ଆମ କ୍ରୀଡ଼ାବିତ୍‌ମାନେ ଆହୁରି ଅଧିକ ପଦକ ଜିତିବେ ବୋଲି ମୁଁ ଆଶା କରୁଛି। ଏଥିସହ ଜାତୀୟ କ୍ରୀଡ଼ାରେ ଆମ କ୍ରୀଡ଼ାବିତ୍‌ମାନେ ନିଜର ଉତ୍କୃଷ୍ଟ ପ୍ରଦର୍ଶନ ମାଧ୍ୟମରେ ଓଡ଼ିଶା ପାଇଁ ଗର୍ବ ଓ ଗୌରବ ଅର୍ଜନ କରିବେ ବୋଲି କ୍ରୀଡ଼ାମନ୍ତ୍ରୀ ସୂରଜ ମତପ୍ରକାଶ କରିଛନ୍ତି।

# ଓଡ଼ିଶାଠାରୁ ମେଘାଳୟ ଆହୁରି ୧୨୯ ରନ ପଛୁଆ

**ଶିଲଂ (ମେଘାଳୟ), ୨୫।୧**

ଏଠାରେ ଚାଲିଥିବା ଏଲିଟ୍ ଗ୍ରୁପ୍ 'ଏ'ର ଏକ ରଣ୍‌ଜୀ ଟ୍ରଫି ମ୍ୟାଚରେ ଓଡ଼ିଶା ପ୍ରଥମ ଇନିଂସ ସ୍କୋରଠାରୁ ମେଘାଳୟ ଆହୁରି ୧୨୯ରନ ପଛରେ ରହିଛି। ଏହି ମ୍ୟାଚରେ ମେଘାଳୟର ପ୍ରଥମ ଇନିଂସ ସ୍କୋର ୧୯୮ ରନ ଜବାବରେ ଶୁକ୍ରବାର ଦ୍ୱିତୀୟ ଦିବସ ଖେଳ ଶେଷସୁଦ୍ଧା ୫୨୩/୭ ରନ କରିଥିବା ଓଡ଼ିଶା ଶନିବାର ଏହାର ପ୍ରଥମ ଇନିଂସ ୫୪୮/୭ରେ ଘୋଷଣା କରିଥିଲା। ଜବାବରେ ମେଘାଳୟ ତୃତୀୟ ଦିବସ ଖେଳ ଶେଷସୁଦ୍ଧା ୬ ଉଇକେଟ ବିନିମୟରେ ୨୨୧ ରନ କରିଛି। ଯଶକିରଟ ସିଂ ସଚଦେବା ୫୩ ରନ ଏବଂ ୱାନ୍‌ଲାମ୍ବକ ନଙ୍ଗ୍‌ଖ୍ଲ ୧୯ ରନ କରି କ୍ରିଜ୍‌ରେ ଅଛନ୍ତି। ଓଡ଼ିଶା ପକ୍ଷରୁ ରାଜେଶ ମହାନ୍ତି (୩/୪୯) ଓ ସୁନୀଲ ରାଉଲ (୩/୪୮) ଦୁଇଟି ଲେଖାଏ ଉଇକେଟ ଅକ୍ତିଆର କରିଥିଲେ। ରବିବାର ହେଉଛି ମ୍ୟାଚର ଅନ୍ତିମ ଦିବସ।

**ସଂକ୍ଷିପ୍ତ ସ୍କୋର**

ମେଘାଳୟ: ୧୯୮ ଓ ୨୨୧ (ସୁମିତ କୁମାର-୫୧, ଯଶକିରଟ-୫୩*; ରାଜେଶ ମହାନ୍ତି ୩/୪୯, ସୁନୀଲ ରାଉଲ-୩/୪୮)।
ଓଡ଼ିଶା: ୫୪୮/୭ (ଗୋବିନ୍ଦ ପୋଦ୍ଦାର-୧୨୧, ନାଫିସ ସିଦ୍ଦିକ-୩/୯୧)।

# ଟିମ୍ ଗୋନାସିକା ୪-୨ ଗୋଲ୍‌ରେ ବିଜୟୀ

**ଭୁବନେଶ୍ୱର, ୨୫।୧ (ବିଜୟ ରଣା)**


ଟିମ୍ ଗୋନାସିକା ଓ ତାମିଲନାଡୁ ଡ୍ରାଗନ୍ସ ମଧ୍ୟରେ ଅନୁଷ୍ଠିତ ମ୍ୟାଚ୍।

ପୁରୁଷ ହକି ଇଣ୍ଡିଆ ଲିଗ୍ (ଏଚ୍‌ଆଇଏଲ୍)ଗ୍ରୁପ୍ 'ବି'ର ଶନିବାର ଖେଳାଯାଇଥିବା ଏକ ମ୍ୟାଚରେ ଟିମ୍ ଗୋନାସିକା ୪-୨ ଗୋଲ୍‌ରେ ତାମିଲନାଡୁ ଡ୍ରାଗନ୍ସକୁ ପରାସ୍ତ କରିଛି। ରାଉରକେଲାସ୍ଥିତ ବିର୍ସା ମୁଣ୍ଡା ଷ୍ଟାଡିୟମରେ ଶନିବାର ଖେଳାଯାଇଥିବା ଏହି ମ୍ୟାଚରେ ଗୋନାସିକା ତରଫରୁ ରାଇଜିତ ସିଂ ହୁଣ୍ଡାଲ (୧୪ତମ ମିନିଟ), ଜ୍ୟାକ୍ ୱାଲର (୪୫ତମ), ଟିମ୍ ହାୱାର୍ଡ (୫୦ତମ) ଓ ଚାନଦାଣ୍ଡା ନିକ୍କିନ ଥିମାୟା (୫୧ତମ) ପ୍ରମୁଖ ଗୋଲ ସ୍କୋର କରିଥିବା ବେଳେ ଡ୍ରାଗନ୍ସ ତରଫରୁ ଅମିତ ରୋହିଦା (୮ମ) ଓ ଟମ୍ କ୍ରେଗ୍ (୫୬ତମ) ଗୋଲ ଦେଇଥିଲେ। ଏହି ପରାଜୟ ସତ୍ତ୍ୱେ ତାମିଲ ନାଡୁ ୯ଟି ଗେମ୍‌ରୁ ୧୭ ପଏଣ୍ଟ ସହ ପଏଣ୍ଟ ଟେବୁଲର ଶୀର୍ଷରେ ରହିଛି। ଅନ୍ୟପକ୍ଷରେ ଟିମ୍ ଗୋନାସିକା ୯ଟି ମ୍ୟାଚରୁ ୧୦ ପଏଣ୍ଟ ଅର୍ଜନ କରି ପୂର୍ବଭଳି ୭ମ ସ୍ଥାନରେ ରହିଛି।

# ଅର୍ଶଦୀପ ଟି୨୦ କ୍ରିକେଟର ଅଫ୍ ଦି ଇୟର

**ଦୁବାଇ, ୨୫।୧ (ପି.ଟି.)**

ଭାରତର ବାମହାତୀ ପେସର ଅର୍ଶଦୀପ ସିଂ ଶନିବାର ୨୦୨୪ ବର୍ଷ ପାଇଁ ଆଇସିସି ପୁରୁଷ ଟି୨୦ କ୍ରିକେଟର ଅଫ୍ ଦି ଇୟର ବିବେଚିତ ହୋଇଛନ୍ତି। ବର୍ତ୍ତମାନ କ୍ରିକେଟର ଶର୍ଟ ଫର୍ମାଟରେ ସେ ଅନ୍ୟତମ ଅଗ୍ରଣୀ ବୋଲର ଭାବେ ବିବେଚିତ ହେଉଛନ୍ତି। ୨୫ ବର୍ଷୀୟ ଏହି କ୍ରିକେଟର ୨୦୨୪ରେ ୧୮ଟି ମ୍ୟାଚ ଖେଳି ୩୬ ଉଇକେଟ ନେଇଛନ୍ତି। ଶନିବାର ଏହା ପୂର୍ବରୁ ସେ ରୋହିତ ଶର୍ମା, ଯଶପ୍ରୀତ୍ ବୁମ୍‌ରା ଓ ହାର୍ଦ୍ଦିକ ପାଣ୍ଡ୍ୟାଙ୍କ ସହିତ ୨୦୨୪ ବର୍ଷର ଆଇସିସି ଅନ୍ତର୍ଜାତୀୟ ଟି୨୦ ଟିମ୍ ଅଫ୍ ଦି ଇୟରରେ ସ୍ଥାନ ପାଇଛନ୍ତି। ୨୫ ବର୍ଷୀୟ ଅର୍ଶଦୀପ ଭାରତର ଟି୨୦ ବିଶ୍ୱକପ୍ ଟାଇଟଲ ସଫଳତାରେ ବଡ଼ ଭୂମିକା ରହିଥିଲା। ଆମେରିକାରେ ଅନୁଷ୍ଠିତ ଏହି ଟୁର୍ଣ୍ଣାମେଣ୍ଟରେ ସେ ଉଭୟ ପାୱାରପ୍ଲେ ଓ ଡେଥ୍ ଓଭରରେ ଚମତ୍କାର ବୋଲିଂ କରିଥିଲେ। ସେ ୮ଟି ମ୍ୟାଚରେ ୧୨.୬୪ ଆଭରେଜରେ ୧୭ ଉଇକେଟ ନେଇଥିଲେ। ଫଳରେ ସେ ଆଫଗାନିସ୍ତାନର ଫଜଲହକ୍ ଫାରୁକିଙ୍କ ସହ ଟୁର୍ଣ୍ଣାମେଣ୍ଟର ମିଳିତ ସର୍ବାଧିକ ଉଇକେଟ ହାସଲକାରୀ ବୋଲର ବିବେଚିତ ହୋଇଥିଲେ। ବାର୍ବାଡୋସରେ ଅନୁଷ୍ଠିତ ଫାଇନାଲରେ ଦକ୍ଷିଣ ଆଫ୍ରିକା ବିପକ୍ଷରେ ୭ ଉଇକେଟ ବିଜୟରେ ମଧ୍ୟ ତାଙ୍କର ପ୍ରମୁଖ ଭୂମିକା ରହିଥିଲା। ଏଥବରେ ସେ ୨୦ରନ ବିନିମୟରେ ୨ ଉଇକେଟ ନେଇଥିଲେ। ସେ ଦକ୍ଷିଣ ଆଫ୍ରିକା ଅଧିନାୟକ ଏଡେନ ମାରାକ୍ରମଙ୍କୁ ଆଉଟ କରିଥିବା ବେଳେ ମିଡ୍‌ଲ ଓଭରରେ କ୍ୱିଣ୍ଟନ ଡି'କକ୍‌ଙ୍କୁ ଆଉଟ କରି ବିପଜ୍ଜନକ ମନେ ହେଉଥିବା ପାର୍ଟନରଶିପ୍‌କୁ ଭଙ୍ଗ କରି ଦେଇଥିଲେ। ୧୯ତମ ଓଭରରେ ଅର୍ଶଦୀପ ମାତ୍ର ୪ ରନ ଦେଇଥିଲେ, ଯାହଫଳରେ ମ୍ୟାଚ ଜିତାଇବା ଲାଗି ହାର୍ଦ୍ଦିକ ପାଣ୍ଡ୍ୟାଙ୍କ ପାଇଁ କ୍ଷେତ୍ର ପ୍ରସ୍ତୁତ ହୋଇଯାଇଥିଲା। ଅନ୍ତର୍ଜାତୀୟ ଟି୨୦ରେ ଗୋଟିଏ କ୍ୟାଲେଣ୍ଡର ବର୍ଷରେ ସର୍ବାଧିକ ଉଇକେଟ ହାସଲ କରିବାରେ ଅର୍ଶଦୀପଙ୍କ ଆଗରେ ମାତ୍ର ୪ଜଣ ଖେଳାଳି ରହିଛନ୍ତି। ସେମାନେ ହେଲେ ସଉଦି ଆରବର ଉସ୍‌ମାନ ନଜିବ (୩୮), ଶ୍ରୀଲଙ୍କାର ୱାନିନ୍ଦୁ ହସରଙ୍ଗା (୩୮), ୟୁଏଇର ଜୁନେଦ ସିଦ୍ଦିକି (୪୦ ଓ ହଂକଂର ଏହେସାନ ଖାନ୍ (୪୬)।


ଅର୍ଶଦୀପ ସିଂ

### ସର୍ବଭାରତୀୟ ଲାଲମନି କ୍ରିକେଟ

# ନବଜୀବନ, ବାପୁଜୀ କ୍ଲବ ଫାଇନାଲରେ

**ସୋନପୁର,୨୫।୧(ମୃତ୍ୟୁଞ୍ଜୟ ଶତପଥୀ)**

ସୁନ୍ଦରଗଡ଼ର ନବଜୀବନ କ୍ରିକେଟ୍ କ୍ଲବ ଓ ଭୁବନେଶ୍ୱରର ବାପୁଜୀ କ୍ଲବ ସୁବର୍ଣ୍ଣପୁର ଗାନ୍ଧୀ ପଡିଆରେ ଚାଲିଥିବା ୩୬ତମ ସର୍ବଭାରତୀୟ ଲାଲମନି କ୍ରିକେଟ୍ ଟୁର୍ଣ୍ଣାମେଣ୍ଟର ଫାଇନାଲରେ ପ୍ରବେଶ କରିଛନ୍ତି। ସୁବର୍ଣ୍ଣପୁର ଜିଲା କ୍ରିକେଟ୍ ସଂଘ ଆନୁକୂଲ୍ୟରେ ଚାଲିଥିବା ଏହି ଟୁର୍ଣ୍ଣାମେଣ୍ଟର ଫାଇନାଲ ୨୬ତାରିଖ ରବିବାର ଅନୁଷ୍ଠିତ ହେବ। ଶନିବାର ଟୁର୍ଣ୍ଣାମେଣ୍ଟର ୨ୟ ସେମିଫାଇନାଲରେ ବାପୁଜୀ କ୍ଲବ ଏନସିଏ ଭାଇଜାଗ୍‌କୁ ପରାସ୍ତ କରି ଫାଇନାଲରେ ପ୍ରବେଶ କରିଛି। ଟି ୨୦ ମ୍ୟାଚ୍‌ରେ ଭାଇଜାଗ ଦଳ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିବାକୁ ନିଷ୍ପତ୍ତି ନେଇଥିଲା। ଦଳ ନିର୍ଦ୍ଧାରିତ ଓଭର ଶେଷ ସୁଦ୍ଧା ୬ ଉଇକେଟ୍ ବିନିମୟରେ ୧୭୪ ରନ ସଂଗ୍ରହ କରିଥିଲା। କେ.ଏ.ଏସ୍. ପ୍ରସାଦ ୪୬ ରନ, ମୋହନ ରିଷି ୩୧ରନ, ଟି ସାଇ ୨୫ ରନ, ଭାସନ୍ତ କ୍ରିଷ୍ଣା ୧୯ ରନ ଓ ଏନ୍ ଭିନିଲ୍ ସାଗର ୧୫ ରନ ସଂଗ୍ରହ କରିଥିଲେ। ଜବାବରେ ବାପୁଜୀ କ୍ଲବ ୧୫.୨ ଓଭରରେ ୪ ଉଇକେଟ୍ ହରାଇ ୧୭୫ ରନ କରିଥିଲା। କ୍ଷମାସାଗର ବଳ ୬୩ ରନ, ଶ୍ରେଷ୍ଠ ସାଗର ୪୪ରନ, ସୟଦ୍ ଜାକି ୨୪ ରନ ଓ ରାକେଶ ପଟ୍ଟନାୟକ ୧୬ ରନ ସଂଗ୍ରହ କରିଥିଲେ। ଟି୧୦ ମ୍ୟାଚ୍‌ରେ ଭାଇଜାଗ୍ ଦଳ କେ.ଏ.ଏସ୍ ପ୍ରସାଦଙ୍କ ୩୬ ରନ ସହାୟତାରେ ୧୦ ଉଇକେଟ୍ ବିନିମୟରେ ୭.୫ ଓଭରରେ ୫୯ ରନ କରିଥିଲା। ବାପୁଜୀ କ୍ଲବର ରାକେଶ ପଟ୍ଟନାୟକ ୫ଟି ଓ ଦେବବ୍ରତ ପ୍ରଧାନ ୩ଟି ଉଇକେଟ୍ ଅକ୍ତିଆର କରିଥିଲେ। ବାପୁଜୀ କ୍ଲବ ୬.୪ ଓଭରରେ ୨ଉଇକେଟ୍ ବିନିମୟରେ ୬୨ରନ ସଂଗ୍ରହ କରିଥିଲା। ସିଦ୍ଧାନ୍ତ ଜେନା ୨୩ରନ ଓ ରାକେଶ ପଟ୍ଟନାୟକ ୧୪ରନ ସଂଗ୍ରହ କରିଥିଲେ। ଭାଇଜାଗର ଏମ୍. କାର୍ତ୍ତିକେୟ ଓ କେ ନବୀନ ୨ଟି କରି ଉଇକେଟ୍ ଅକ୍ତିଆର କରିଥିଲେ। ଉଭୟ ମ୍ୟାଚ୍‌ରେ ବାପୁଜୀ କ୍ଲବ ବିଜୟୀ ହୋଇଥିଲା। ବାପୁଜୀ କ୍ଲବର ରାକେଶ ପଟ୍ଟନାୟକଙ୍କୁ ମ୍ୟାନ୍ ଅଫ ଦି ମ୍ୟାଚ୍ ପୁରସ୍କାର ପ୍ରଦାନ କରାଯାଇଥିଲା। ପ୍ଲାବନ ମହାପାତ୍ର, ରମଣ ପ୍ରଧାନ ଓ ଶୈଳରଞ୍ଜନ ବାଦୀ ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ।


ବାପୁଜୀ କ୍ଲବର ରାକେଶ ପଟ୍ଟନାୟକଙ୍କୁ ମ୍ୟାନ୍ ଅଫ ଦି ମ୍ୟାଚ୍ ପୁରସ୍କାର ପ୍ରଦାନ କରାଯାଉଛି।

Printed and Published by Adyasha Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ-ତଥାଗତ ସତପଥୀ